# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧/୨୦୨୪ (୨୦ ପୃଷ୍ଠା) | Bhubaneswar, Tuesday, October 1/2024 | Page 20 | ₹ 7.00

୫୦ଶ ଭାଗ ୩୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 308 | ମୂଲ୍ୟ ₹୭/-




## କୋହଲି ବିଶ୍ୱର ଚତୁର୍ଥ

ଟେଷ୍ଟ କ୍ରିକେଟରେ ୨୭,୦୦୦ ରନ ପୂରଣ କରିବାରେ ବିଶ୍ୱର ୪ର୍ଥ ଖେଳାଳି ହୋଇପାରିଛନ୍ତି ଭାରତୀୟ ବ୍ୟାଟର ବିରାଟ କୋହଲି।

୧୮

୧୩

## ପ୍ରଥମ ପ୍ରଯୋଜିତ ଫିଲ୍ମକୁ ନେଇ ଆଶାବାଦୀ କ୍ରିତି

ଅଭିନେତ୍ରୀ କ୍ରିତି ସାନନଙ୍କ ପ୍ରଡକ୍ସନ ହାଉସ୍‌ର ପ୍ରଥମ ଫିଲ୍ମ 'ଦୋ ପତି'କୁ ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି।





କୋଲକାତାରେ ଏକ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ଏକ ଅଭିନବ ତୋରଣ।

# ଭଗବାନ୍‌ଙ୍କୁ ରାଜନୀତିରୁ ଦୂରେଇ ରଖ

## ତିରୁପତି ଲଡ୍ଡୁ ବିବାଦରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୩୦।୯(ପି.ଟି.)

ତିରୁପତି ଲଡ୍ଡୁ ବିବାଦ ମାମଲାରେ ସୁପ୍ରିମକୋର୍ଟ ସୋମବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଅଭିଯୋଗ ଉପରେ ପ୍ରଶ୍ନ ଉଠାଇଛନ୍ତି। ଲଡ୍ଡୁ ପ୍ରସ୍ତୁତିରେ ପ୍ରାଣୀ ଚର୍ବି ବ୍ୟବହାର ହେଉଥିବା ଅଭିଯୋଗ ଉପରେ ସର୍ବୋଚ୍ଚ ଅଦାଲତ ପ୍ରମାଣ ମାଗିବା ସହ ଅନ୍ତତଃ ଭଗବାନଙ୍କୁ ରାଜନୀତିଠାରୁ ଦୂରେଇ ରଖିବା ଉଚିତ ବୋଲି କହିଛନ୍ତି।

ଜଗନମୋହନ ରେଡ୍ଡୀଙ୍କ ସରକାର ଅମଳରେ ତିରୁପତି ଲଡ୍ଡୁ ପାଇଁ ବ୍ୟବହୃତ ଘିଅରେ ଗୋରୁ ଚର୍ବି, ମାଛ ତେଲ ଆଦି ଅପମିଶ୍ରଣ ହେଉଥିବା ନେଇ ଚନ୍ଦ୍ରବାବୁ ସେପ୍ଟେମ୍ବର ୧୮ରେ ଅଭିଯୋଗ ଆଣିଥିବାବେଳେ ୨୫ରେ ଏତଲା ଦାଏର ହୋଇଥିଲା ଓ ଏହାର ତଦନ୍ତ ପାଇଁ ୨୬ରେ ଏସ୍‌ଆଇଟି ଗଠନ କରାଯାଇଥିଲା। ଏହାକୁ ନେଇ ରାଜନୈତିକ ବିବାଦ ଜୋର ଧରିଥିବାବେଳେ ନିଜର ଫାଇଦା ପାଇଁ ଚନ୍ଦ୍ରବାବୁ ଏଭଳି ଜଘନ୍ୟ ଅଭିଯୋଗ ଅଣିଥିବା ଜଗନ କହିଥିଲେ। ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବା ଜଣେ ବ୍ୟକ୍ତିଙ୍କ ପକ୍ଷେ ବିନା ପ୍ରମାଣରେ ଅନେକ କୋଟି ଲୋକଙ୍କ ଭାବାବେଗକୁ ପ୍ରଭାବିତ କଲାଭଳି ମନ୍ତବ୍ୟ ସର୍ବସାଧାରଣରେ ଦେବା ଉଚିତ ନ ଥିଲା ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି। ଉକ୍ତ ମାମଲା ରାଜ୍ୟ ସରକାରଙ୍କ ନିଯୁକ୍ତ ଏସ୍‌ଆଇଟି ଦ୍ୱାରା ଜାରି ରହିବା ଉଚିତ ନା ନିରପେକ୍ଷ ସଂସ୍ଥା ଦ୍ୱାରା କରାଯିବ, ସେନେଇ ନିଷ୍ପତ୍ତି ନେବାରେ ସହଯୋଗ କରିବାକୁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପଚାରିଛନ୍ତି। ଲଡ୍ଡୁ ତିଆରିରେ ପ୍ରାଣୀ ଚର୍ବି ବ୍ୟବହାର ଅଭିଯୋଗର ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଇବା ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ଏକାଧିକ ପିଟିଶନ ସୁପ୍ରିମକୋର୍ଟରେ ଦାଏର ହୋଇଥିଲା। ଶୁଣାଣି ବେଳେ ଖଣ୍ଡପୀଠ ଲଡ୍ଡୁରେ ବ୍ୟବହୃତ ଅପମିଶ୍ରିତ ଘିଅର ପ୍ରମାଣ ମାଗିଛନ୍ତି।

ମେହେଟ୍ଟା କହିଥିଲେ, ଏହା ବିଶ୍ୱାସର ପ୍ରସଙ୍ଗ। ତିରୁପତି ଲଡ୍ଡୁ ପ୍ରସ୍ତୁତିରେ ଯଦି ଅପମିଶ୍ରିତ ଘିଅ ବ୍ୟବହାର ହେଉଥାଏ, ତାହା ଗ୍ରହଣୀୟ ନୁହେଁ। ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩କୁ ଧାର୍ଯ୍ୟ କରାଯାଇଛି।

### ଆଜିର ମନ୍ତବ୍ୟ

"ଗରିବଙ୍କଠାରୁ ଟଙ୍କା ଛଡ଼ାଇନେଇ କେତେଜଣ ବିଲିଅନେୟାରଙ୍କୁ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାଭାରତ ଭଳି 'ଚକ୍ରବ୍ୟୂହ' ନିର୍ମାଣ କରିଛନ୍ତି।

– ରାହୁଲ ଗାନ୍ଧୀ, ଲୋକସଭାର ବିରୋଧୀ ଦଳ ନେତା

**୪୮୯ କଇଁଛ ଜବତ, ୨ ଗିରଫ**

**ସେବାୟତଙ୍କ ଘର ଖାଟିତଳୁ ମିଳିଲା ସୁନା ମୂର୍ତ୍ତି, ଅଳଙ୍କାର**

ପୃଷ୍ଠା–୩






### ଆଜିର ସମ୍ପାଦକୀୟ

ଏକ ନମ୍ବର ପଛରେ

# ସୁକିନ୍ଦାରେ ଅନରକିଲିଂ

## ଅନ୍ୟ ଜାତିର ଝିଅକୁ ବାହାହେବାରୁ ପୁଅକୁ ହତ୍ୟା

**ଅନ୍ୟ ଜାତିର ଝିଅକୁ ଭଲ ପାଇବସିଲେ। ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ପ୍ରେମିକାଙ୍କୁ ବାହାହେଲେ। ଫଳରେ ସମ୍ମାନହାନିଜନିତ ଗ୍ଲାନିରେ ଜର୍ଜରିତ ପରିବାରବର୍ଗ ପୁଅକୁ ଘରୁ ବାହାର କରିଦେଲେ। ହେଲେ ବାହାଘରର ପ୍ରାୟ ୫ ବର୍ଷ ପରେ ମଧ୍ୟ ପୁଅ ପ୍ରତି ସେମାନଙ୍କ ଘୃଣା କମି ନ ଥିଲା। ଶେଷରେ ଦେଇଥିବା ଟଙ୍କା ବାପାଙ୍କୁ ଫେରସ୍ତ ମାଗିବାରୁ ପୁଅକୁ ପରିବାର ଲୋକେ ହତ୍ୟା କରିଦେଇଥିବା ଯାଜପୁର ଜିଲା ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକଙ୍କ ସ୍ତ୍ରୀ ଗତ ୧୯ ତାରିଖରେ ଏଭଳି ଅନରକିଲିଂ ଅଭିଯୋଗ ଆଣିଛନ୍ତି। ଘଟଣାକୁ ଚାପିଦେବାକୁ ଉଦ୍ୟମ ହୋଇଥିବାବେଳେ ଏବେ ଏ ବିଷୟ ଜଣାପଡ଼ିଛି।**



ସୁଶୀଲ ଓ ବିଜୟଲକ୍ଷ୍ମୀ

ଯାଜପୁର/କଳିଙ୍ଗନଗର (ହର୍ଷବର୍ଦ୍ଧନ ବେହେରା/ ଶୁଭାଶିଷ ରାଉତ),୩୦।୯

ସୁକିନ୍ଦା ଗାଁର ଦେବରଞ୍ଜନ ସିଂ ସାମନ୍ତଙ୍କ ପୁଅ ସୁଶୀଲମୟ ସିଂ ସାମନ୍ତ କଳିଙ୍ଗନଗର ଥାନା ତୁବୁରୀ ଅଞ୍ଚଳର ନୀଳମଣି ସାହୁଙ୍କ ଝିଅ ବିଜୟଲକ୍ଷ୍ମୀ ସାହୁଙ୍କୁ ପ୍ରେମ ବିବାହ କରିଥିଲେ। ବିଜୟଲକ୍ଷ୍ମୀ ଓବିସି ଏବଂ ସୁଶୀଲ କ୍ଷତ୍ରିୟ ଜାତିର। ତେଣୁ ସୁଶୀଲଙ୍କ ପରିବାର ଲୋକେ ସେମାନଙ୍କୁ ଘରୁ ବାହାର କରି ଦେଇଥିଲେ। ଫଳରେ ସୁଶୀଲ ଓ ବିଜୟଲକ୍ଷ୍ମୀ ସୁକିନ୍ଦା ଅଞ୍ଚଳର ଏକ ଭଡ଼ା ଘରେ ରହି ଆସୁଥିଲେ। ତାଙ୍କର ୪ ବର୍ଷର ଶିଶୁପୁତ୍ର ମଧ୍ୟ ରହିଛି। ସୁଶୀଲ ବାଙ୍ଗାଲୋରରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଥିବାବେଳେ କିଛି ମାସ ହେବ ଘରକୁ ଆସିଥିଲେ। ବିଜୟଲକ୍ଷ୍ମୀଙ୍କ ଅଭିଯୋଗ ଅନୁଯାୟୀ, ପରିବାର ଲୋକେ ପୂର୍ବରୁ ବିଭିନ୍ନ ସମୟରେ ସୁଶୀଲଙ୍କଠାରୁ ଉଧାର ଆକାରରେ ଲକ୍ଷାଧିକ ଟଙ୍କା ନେଇଥିଲେ। ଘର ତିଆରି କରିବାକୁ ଟଙ୍କା ଆବଶ୍ୟକ ପଡ଼ିବାରୁ ସୁଶୀଲ ତାଙ୍କ ବାପାଙ୍କୁ ଦେଇଥିବା ଟଙ୍କା ଫେରସ୍ତ ମାଗିଥିଲେ। ତାହାକୁ ନେଇ ମତଭେଦ ଆରମ୍ଭ ହୋଇଥିଲା। ଟଙ୍କା ନ ଦେଇ ବିଭିନ୍ନ ଆଳ ଦେଖାଉଥିଲେ ପରିବାର ଲୋକେ। ତେବେ ସୁଶୀଲ ପୁଣି ବାଙ୍ଗାଲୋର ଯିବା ପାଇଁ ଟଙ୍କା ଆବଶ୍ୟକ ପଡ଼ିବାରୁ ଗତ ୧୬ ତାରିଖରେ ☞ପୃଷ୍ଠା–୪

ଭରତପୁର ଥାନାରେ ନିର୍ଯାତନା ଘଟଣା

# ବିଚାରବିଭାଗୀୟ ତଦନ୍ତ ଆରମ୍ଭ

ଭୁବନେଶ୍ୱର,୩୦।୯(ସତ୍ୟଜିତ୍ ରାଉତ)

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ସୋମବାର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଏନେଇ କମିଶନ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସର୍କିଟ୍ ହାଉସରେ ପ୍ରଥମ ବୈଠକ ବସିଛି। ବୈଠକରେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ, ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ, ଏସ୍‌ସିଆର୍‌ବି ଓ ଏସ୍‌ଏଫ୍‌ଏସ୍‌ଏଲ୍‌ର ନିର୍ଦ୍ଦେଶକ ସନ୍ତୋଷ ବାଲା, କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର, କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମ୍ମଦଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ☞ପୃଷ୍ଠା–୪

### ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କଲେ ନିଲମ୍ବିତ ୫ ଅଧିକାରୀ

କଟକ,୩୦।୯(କାର୍ତ୍ତିକ ସାହୁ)

ଭୁବନେଶ୍ୱର ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କ ସହ ଘଟିଥିବା ପୋଲିସ ନିର୍ଯାତନା ଘଟଣାରେ ନିଲମ୍ବିତ ୫ ପୋଲିସ ଅଧିକାରୀଙ୍କୁ ଗିରଫଦାରୀ ଭୟ ଘାରିଛି। ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଯେକୌଣସି ସମୟରେ ନିଲମ୍ବିତ ପୋଲିସ ଅଧିକାରୀମାନଙ୍କୁ ଗିରଫ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଯଦ୍ୱାରା ☞ପୃଷ୍ଠା–୪

# ମିଥୁନ୍ ଚକ୍ରବର୍ତ୍ତୀଙ୍କୁ ଦାଦାସାହେବ ଫାଲ୍‌କେ

ନୂଆଦିଲ୍ଲୀ,୩୦।୯(ପି.ଟି.)

ବର୍ଷୀୟାନ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ ପାଇଁ ସୋମବାର ମନୋନୀତ କରାଯାଇଛି। ଏହି ସମ୍ମାନ ସିନେମା କ୍ଷେତ୍ରରେ ସରକାରଙ୍କ ସର୍ବୋଚ୍ଚ ସ୍ୱୀକୃତି। ମିଥୁନ୍‌ଙ୍କୁ ଦାଦାସାହେବ ଫାଲ୍‌କେ ମିଳିବା ସମ୍ପର୍କରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ୍ସ ଯୋଗେ ଘୋଷଣା କରିଛନ୍ତି। ତାଙ୍କ ଅଭିନୟ ବହୁ ପିଢ଼ିଙ୍କୁ ଅନୁପ୍ରାଣିତ କରିବ। ଭାରତୀୟ ସିନେମାକୁ ଅନନ୍ୟ ଅବଦାନ ପାଇଁ କିମ୍ବଦନ୍ତୀ ଅଭିନେତା ମିଥୁନ୍‌ଙ୍କୁ ଦାଦାସାହେବ ଫାଲ୍‌କେରେ ପୁରସ୍କୃତ କରିବା ନିମନ୍ତେ ଜୁରି ନିଷ୍ପତ୍ତି ନେଇଥିବା ବୈଷ୍ଣବ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ☞ପୃଷ୍ଠା–୪



### ମୃଗୟା ମିଥୁନ୍‌ଙ୍କ ପ୍ରଥମ ଚଳଚ୍ଚିତ୍ର

୧୯୭୬ରେ ମୃଣାଳ ସେନ୍‌ଙ୍କ ନିର୍ଦ୍ଦେଶିତ ହିନ୍ଦୀ ଚଳଚ୍ଚିତ୍ର 'ମୃଗୟା' ମିଥୁନ୍‌ଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା। ଏଥିପାଇଁ ସେ ଶ୍ରେଷ୍ଠ ଅଭିନେତା ଭାବେ ପ୍ରଥମ ଜାତୀୟ ପୁରସ୍କାର ପାଇଥିଲେ। କେ. ରାଜେଶ୍ୱର ରାଓ ଉକ୍ତ ଚଳଚ୍ଚିତ୍ରର ନିର୍ମାତା। ସ୍ୱନାମଧନ୍ୟ ଓଡ଼ିଆ ଗାଳ୍ପିକ ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର' ଗଳ୍ପ ଆଧାରରେ ମୃଗୟା ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା। ☞ପୃଷ୍ଠା–୪




# କଶ୍ମୀର ନିର୍ବାଚନରେ ହେଜ୍‌ବୋଲ୍ଲା ତାତି

**ଆଜି ୪୦ ଆସନରେ ଭୋଟ**



ଶ୍ରୀନଗରରେ କଶ୍ମୀରୀ ଶିୟା ମୁସଲମାନ ଇସ୍ରାଏଲ ଓ ଆମେରିକା ବିରୋଧରେ ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି।



ହେଜ୍‌ବୋଲାର ମୃତ ନେତା ହସନ୍ ନସ୍‌ରଲ୍ଲାଙ୍କୁ ସମର୍ଥନ କରିଥିବାରୁ ପିଡିପି ମୁଖ୍ୟ ମେହବୁବା ମୁଫ୍‌ତିଙ୍କ ବିରୋଧରେ ଅମୃତସରରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଛି।

**ଜମ୍ମୁ/ଶ୍ରୀନଗର,୩୦।୯**

ଜମ୍ମୁ-କଶ୍ମୀର ବିଧାନସଭାର ୯୦ ଆସନ ମଧ୍ୟରୁ ପ୍ରଥମ ୨ଟି ପର୍ଯ୍ୟାୟରେ ୫୦ ଆସନରେ ନିର୍ବାଚନ ଶେଷ ହୋଇଥିବାବେଳେ ମଙ୍ଗଳବାର ଅବଶିଷ୍ଟ ୪୦ ଆସନରେ ଭୋଟ ଗ୍ରହଣ କରାଯିବ। ରବିବାର ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହୋଇଥିଲେ ହେଁ ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରୁଲ୍ଲାଙ୍କ ହତ୍ୟାକୁ ନେଇ ଉପତ୍ୟକାରେ ଉତ୍ତେଜନା ଲାଗିରହିଛି। ଏହାକୁ ନେଇ ପୋଲିସ ପ୍ରଶାସନ ଓ ସେନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ଦିନକ ପରେ ୭ ଜିଲାର ୪୦ ଆସନରେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଥିବାରୁ ୨୦,୦୦୦ ପୋଲିଂ ଷ୍ଟାଫ୍‌ଙ୍କୁ ସୋମବାର ନିୟୋଜିତ କରାଯାଇଛି। ୩୯.୧୮ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ମଇଦାନରେ ଥିବା ୨ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରା ଚାନ୍ଦ ଓ ମୁଜାଫର ବେଇଗ୍‌ଙ୍କ ସମେତ ୪୧୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିପାଇଁ ଜମ୍ମୁ ଅଞ୍ଚଳର ଜମ୍ମୁ, ଉଧମପୁର, ସାମ୍ବା ଓ କଠୁଆ ଏବଂ କଶ୍ମୀର ଅଞ୍ଚଳର ବାରାମୁଲା, ବାନ୍ଦିପୋରା, କୁପ୍‌ୱାରା ଓ ଉତ୍ତର କଶ୍ମୀରର ୫,୦୬୦ ମତଦାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଆତଙ୍କବାଦମୁକ୍ତ ଓ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା ଅତିରିକ୍ତ ପୋଲିସ ଡିଜି (ଜମ୍ମୁ) ଆନନ୍ଦ ଜୈନ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୧୮ ଏବଂ ୨୬ରେ ଅନୁଷ୍ଠିତ ପ୍ରଥମ ଦୁଇଟି ପର୍ଯ୍ୟାୟରେ ଯଥାକ୍ରମେ ୬୧.୩୮% ଓ ୫୭.୩୧% ମତଦାନ ହୋଇଥିଲା।



ଜମ୍ମୁ-କଶ୍ମୀରରେ ଅନ୍ତିମ ପର୍ଯ୍ୟାୟ ଭୋଟ ଗ୍ରହଣର ଅବ୍ୟବହିତ ପୂର୍ବରୁ ଏକ ଇଭିଏମ୍ ବଣ୍ଟନ କେନ୍ଦ୍ର ବାହାରେ ସୁରକ୍ଷା ବଳର କଡ଼ା ପ୍ରହରା।

## ନେତାନ୍ୟାହୁ ହିଟ୍‌ଲରଙ୍କ ପରେ ସବୁଠୁ ବଡ଼ ଆତଙ୍କବାଦୀ: ମେହବୁବା



ଲେବାନନ୍‌ରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରଲ୍ଲା ନିହତ ହେବା ପରେ ଜମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନରେ ତୃତୀୟ ଦିନ ଧରି ବିକ୍ଷୋଭ ଜାରି ରହିଛି। ବହୁ ସଂଖ୍ୟକ ମହିଳା, ପୁରୁଷ ଓ ଛୋଟ ପିଲା ରାସ୍ତାକୁ ଓହ୍ଲାଇ କଳା ପତାକା ଓ ନସ୍‌ରଲ୍ଲାଙ୍କ ଫଟୋ ଥିବା ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଇସ୍ରାଏଲ୍ ତଥା ଆମେରିକା ବିରୋଧୀ ସ୍ଲୋଗାନ ଦେଉଛନ୍ତି। ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି ଓ ଶ୍ରୀନଗର ଏମ୍‌ପି ଆଗା ରୁହୁଲ୍ଲା ଇସ୍ରାଏଲ୍‌ର ଆକ୍ରମଣକୁ ନିନ୍ଦା କରିଛନ୍ତି। ଶ୍ରୀନଗରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା କହିଛନ୍ତି, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଡୋଲ୍ଫ ହିଟ୍‌ଲରଙ୍କ ପରେ ସବୁଠୁ ବଡ଼ ଆତଙ୍କବାଦୀ। ଏହି ଇହୁଦୀ ନେତା ପାଲେଷ୍ଟାଇନ୍ ଓ ଲେବାନନ୍‌କୁ ଗ୍ୟାସ୍ ଚ୍ୟାମ୍ବରରେ ପରିଣତ କରିଦେଲେଣି। ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ ନେତାନ୍ୟାହୁଙ୍କ ବିରୋଧରେ ରାୟ ଦେଇଛନ୍ତି। ଲେବାନନ୍ ଆକ୍ରମଣ ପ୍ରମାଣିତ କରିଛି ଯେ, ସେ ପ୍ରକୃତରେ ଜଣେ ଆତଙ୍କବାଦୀ, ଯିଏକି ପାଲେଷ୍ଟାଇନ୍‌ରେ ଅନେକ ହଜାର ନିରୀହଙ୍କୁ ହତ୍ୟା କରିବା ପରେ ଏବେ ଲେବାନନ୍‌ରେ ସମାନ କାର୍ଯ୍ୟ ଦୋହରାଉଛନ୍ତି। ତାଙ୍କୁ ଯେତେ ନିନ୍ଦା କଲେ ମଧ୍ୟ କମ୍ ହେବ ବୋଲି ପିଡିପି ଅଧ୍ୟକ୍ଷା କହିଛନ୍ତି। ଶେଷ ମୁହୂର୍ତ୍ତରେ ମୁସଲମାନ ଭୋଟରଙ୍କୁ ନିଜ ସପକ୍ଷକୁ ଟାଣିବା ପାଇଁ ମେହବୁବା ଧ୍ରୁବୀକରଣ ରାଜନୀତି କରୁଥିବା ଭାଜପା ଅଭିଯୋଗ ଆଣିଛି।

**ଲେବାନନ୍‌ରେ ଇସ୍ରାଏଲ୍‌ର ଆକ୍ରମଣ: ୧୩୬ ମୃତ**

## ସିରିଆକୁ ଲକ୍ଷାଧିକ ବିସ୍ଥାପିତଙ୍କ ପଳାୟନ

**ବେରୁଟ୍/ଜେରୁଜେଲମ୍,୩୦।୯**

ଇସ୍ରାଏଲ୍‌ର ହେଜ୍‌ବୋଲ୍ଲା ଦମନ ଅଭିଯାନ 'ଅପରେଶନ୍ ନ୍ୟୁ ଅର୍ଡର' ଲେବାନନ୍‌କୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଆକାଶମାର୍ଗରୁ ଘନ ଘନ ରକେଟ ମାଡ଼ ଯୋଗୁ ବହୁ ଲୋକଙ୍କ ଘରଦ୍ୱାର ଭାଙ୍ଗିଯାଇଛି। ଲୋକେ ପ୍ରାଣ ବିକଳରେ ପଡ଼ୋଶୀ ସିରିଆକୁ ପଳାୟନ କରିବାରେ ଲାଗିଛନ୍ତି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷରୁ ଅଧିକ ଲେବାନନ୍ ବାସିନ୍ଦା ସିରିଆକୁ ଯାଇ ଆଶ୍ରୟ ନେଇଥିବା ଜାତିସଂଘ ଶରଣାର୍ଥୀ ସଂସ୍ଥା (ୟୁଏନ୍‌ଏଚ୍‌ସିଆର୍) ପକ୍ଷରୁ ସୂଚନା ଦିଆଯାଇଛି। ଲେବାନନ୍ ଓ ସିରିଆ ନାଗରିକଙ୍କ ପଳାୟନ ଜାରି ରହିଥିବା ୟୁଏନ୍‌ଏଚ୍‌ସିଆର୍ ମୁଖ୍ୟ ଫିଲିପ୍ପୋ ଗ୍ରାଣ୍ଡି ସୋମବାର ଏକ୍ସ'ରେ କହିଛନ୍ତି। ଜାତିସଂଘ ଅଧିକାରୀଙ୍କ ତଥ୍ୟ ମୁତାବକ ବିସ୍ଥାପିତଙ୍କ ମଧ୍ୟରୁ ଗଣପଳାୟନ କରିଥିବା ଲୋକଙ୍କ ସଂଖ୍ୟା ଗତ ୨ ଦିନ ମଧ୍ୟରେ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ୪ଟି କ୍ରସିଂ ପଏଣ୍ଟରେ ୟୁଏନ୍‌ଏଚ୍‌ସିଆର୍ ଅଧିକାରୀମାନେ ନିୟୋଜିତ ରହିଛନ୍ତି। ପିଲାଛୁଆଙ୍କୁ ଧରି ସୀମା ଅତିକ୍ରମ କରୁଥିବା ମହିଳାଙ୍କ ପଳାୟନ ଦୃଶ୍ୟ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ସିରିଆ ୧୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ହିଂସା ଓ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ଲେବାନନ୍‌ବାସୀଙ୍କ ସେଠାକୁ ମଧ୍ୟ ପଳାୟନ କରିବାକୁ ବାଧ ହେବା ସମ୍ପୃକ୍ତ ଅଞ୍ଚଳରେ ଯୁଦ୍ଧର ଭୟାବହତାକୁ ଦର୍ଶାଉଛି।

ସେପ୍ଟେମ୍ବର ୨୩ରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ ଗାଜାରୁ ଲେବାନନ୍‌କୁ ମୁହାଁଇବା ପରେ ଯୁଦ୍ଧ ପ୍ରଭାବିତ ସିରିଆକୁ ଗଣପଳାୟନ ଆରମ୍ଭ ହୋଇଥିଲା। ଶୁକ୍ରବାର ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରୁଲ୍ଲା ଓ ତାଙ୍କ ଅନେକ କମାଣ୍ଡର ନିହତ ହେବା ପରେ ଇରାନ୍ ସମର୍ଥିତ ଏହି ସଶସ୍ତ୍ର ଗୋଷ୍ଠୀର ଅଣ୍ଟା ଭାଙ୍ଗିଯାଇଛି। ଲେବାନନ୍ ଆକାଶରେ ଇସ୍ରାଏଲୀ ସେନାର ଯୁଦ୍ଧବିମାନ ଉଡ଼ୁଛି। ଆକ୍ରମଣରେ ୨୪ ଘଣ୍ଟା ମଧ୍ୟରେ ୧୩୬ ଜଣ ନିହତ ହୋଇଥିବା ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜଧାନୀ ବେରୁଟ୍ ଉପରେ ଇସ୍ରାଏଲ୍ ପ୍ରଥମ ଥର ପାଇଁ ଆକ୍ରମଣ କରିଛି। କୋଲା ଅଞ୍ଚଳରେ ଏୟାରଷ୍ଟ୍ରାଇକ୍‌ରେ ଲିବରେଶନ୍ ଅଫ୍ ପାଲେଷ୍ଟାଇନ୍ ଗ୍ରୁପ୍ ଅଧୀନ ପପୁଲାର ଫ୍ରଣ୍ଟର ୩ ସଦସ୍ୟ ନିହତ ହୋଇଛନ୍ତି। ସପ୍ତାହକ ମଧ୍ୟରେ କେବଳ ଲେବାନନ୍‌ରେ ୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରେ ୧୪ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି। ସେପଟେ ୟେମେନ୍‌ର ବନ୍ଦର ସହର ହୋଦେଇଦା ଓ ରାସ୍ ଆଇସାରେ ଇସ୍ରାଏଲୀ ଏୟାର ଫୋର୍ସର ରକେଟ ମାଡ଼ରେ ଅନ୍ୟୂନ ୪ ଜଣ ନିହତ ହୋଇଛନ୍ତି। ହମାସ୍‌ର ସହଯୋଗୀ ହୁତି ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଇସ୍ରାଏଲ୍ ଏହି ଏୟାରଷ୍ଟ୍ରାଇକ୍ କରିଛି। ଇତିମଧ୍ୟରେ ଇସ୍ରାଏଲ୍ ଓ ଅନ୍ୟ ପକ୍ଷମାନଙ୍କୁ ବ୍ରିଟେନ୍ ଅସ୍ତ୍ରବିରତି ପ୍ରସ୍ତାବ ଦେଇଛି। ସୋମବାର ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମରଙ୍କ ଜଣେ ମୁଖପାତ୍ର କହିଛନ୍ତି, ଇସ୍ରାଏଲ୍‌କୁ ଆତ୍ମରକ୍ଷା ପାଇଁ ସମର୍ଥନ ଦେବାରେ ଆମେ ଦୃଢ଼ ନିଶ୍ଚିତ। କିନ୍ତୁ ବର୍ତ୍ତମାନ ସମସ୍ତ ପକ୍ଷଙ୍କୁ ସଂଯମ ହେବାକୁ ସ୍ପଷ୍ଟ ସନ୍ଦେଶ ଦେଉଛୁ। ଅସ୍ତ୍ରବିରତି ଜରିଆରେ ରାଜନୈତିକ ସମାଧାନ ହୋଇପାରିବ। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳକୁ ଶାନ୍ତି ଓ ସ୍ଥିରତା ଫେରାଇ ଅଣାଯାଇପାରିବ। ଷ୍ଟର୍ମର ଓ ତାଙ୍କ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ବ୍ରିଟିଶ୍ ନାଗରିକଙ୍କୁ ତୁରନ୍ତ ଲେବାନନ୍ ଛାଡ଼ି କମର୍ସିଆଲ ଫ୍ଲାଇଟ୍‌ରେ ସ୍ୱଦେଶକୁ ଫେରିଆସିବା ପାଇଁ ପରାମର୍ଶ ଦେଇଛନ୍ତି।



ଇସ୍ରାଏଲୀ ଏୟାରଫୋର୍ସ ସୋମବାର ଦକ୍ଷିଣ ଲେବାନନ୍‌ର ଗ୍ରାମଗୁଡ଼ିକୁ ଟାର୍ଗେଟ କରି ରକେଟ ମାଡ଼ କରିଛି।

## ସ୍ଥଳଭାଗ ଯୁଦ୍ଧ ପାଇଁ ପ୍ରସ୍ତୁତ: ହେଜ୍‌ବୋଲ୍ଲା

ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରଲ୍ଲାଙ୍କ ମୃତ୍ୟୁ ପରେ ସୋମବାର ସଙ୍ଗଠନର ଉପମୁଖ୍ୟ ନଇମ୍ କାସିମ୍ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ଇସ୍ରାଏଲ୍ ସ୍ଥଳଭାଗରେ ଆକ୍ରମଣ କଲେ ଏହା ସହ ଯୁଦ୍ଧ ପାଇଁ ପ୍ରସ୍ତୁତ। ନିହତ କମାଣ୍ଡରମାନଙ୍କ ସ୍ଥାନରେ ନୂଆ ଫାଇଟର୍ସଙ୍କୁ ନିଯୁକ୍ତ କରାଯାଇଛି। ପ୍ରଚଳିତ ବ୍ୟବସ୍ଥା ଅନୁସାରେ ଖୁବ୍‌ଶୀଘ୍ର ସଙ୍ଗଠନର ନୂଆ ମୁଖ୍ୟଙ୍କୁ ବଛାଯିବ ବୋଲି କାସିମ୍ ଏକ ଅଜ୍ଞାତ ସ୍ଥାନରୁ ସମ୍ବୋଧିତ କରି କହିଛନ୍ତି। ଟେଲିଭିଜନ୍ ବାର୍ତ୍ତାରେ ସେ ଆହୁରି କହିଛନ୍ତି, ଇସ୍ରାଏଲ୍ ଆମର ସାମରିକ ସାମର୍ଥ୍ୟକୁ ପ୍ରଭାବିତ କରିପାରି ନାହିଁ। ତେବେ ସ୍ଥଳଭାଗରେ ଯୁଦ୍ଧ ଆରମ୍ଭ କଲେ ଏହା ଅନେକ ଦିନ ଧରି ଚାଲିବ।

ପ୍ରକାଶ ଯେ, ପେଜର, ୱାକିଟକି ବିସ୍ଫୋରଣରେ ଲେବାନନ୍‌ରେ ଅନେକେ ପ୍ରାଣ ହରାଇବା ସହ ରକେଟ ମାଡ଼ରେ ନସ୍‌ରଲ୍ଲା ଓ ତାଙ୍କ ବରିଷ୍ଠ କମାଣ୍ଡରମାନଙ୍କ ମୃତ୍ୟୁ ସଙ୍ଗଠନକୁ ଦୋହଲାଇ ଦେଇଛି। ୧୯୮୨ରେ ଇରାନ୍ ଇସ୍ରାଏଲ୍ ବିରୋଧରେ ହେଜ୍‌ବୋଲ୍ଲାକୁ ସୃଷ୍ଟି କରିବା ପରଠୁ ଏହା ହେଉଛି ସଙ୍ଗଠନକୁ ସବୁଠୁ ବଡ଼ ଝଟକା। ଇତିମଧ୍ୟରେ ନସ୍‌ରଲ୍ଲାଙ୍କ କାକାପୁଅ ଭାଇ ତଥା ସଙ୍ଗଠନର ରାଜନୈତିକ ବ୍ୟାପାର ବୁଝୁଥିବା ହାଶେମ୍ ସଫିଏଦ୍ଦିନ୍‌ଙ୍କୁ ନୂଆ ମୁଖ୍ୟ କରାଯିବା ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି।



ନଇମ୍ କାସିମ୍



ହାଶେମ୍ ସଫିଏଦ୍ଦିନ୍

### ବର୍ଷେ ପୂରିବ ଗାଜା ଆକ୍ରମଣ

ସପ୍ତାହେ ପରେ ଇସ୍ରାଏଲ୍‌ର ଗାଜା ଆକ୍ରମଣକୁ ବର୍ଷେ ପୂରିବାକୁ ଯାଉଛି। ୨୦୨୩ ଅକ୍ଟୋବର ୮ରୁ ଅଦ୍ୟାବଧି ଗାଜାରେ ୪୧,୬୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯୬,୩୫୯ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ଏହାର ଦିନକ ପୂର୍ବରୁ ହମାସ୍ ଦ୍ୱାରା କରାଯାଇଥିବା ରକେଟ ମାଡ଼ରେ ୧,୧୩୯ ଇସ୍ରାଏଲୀ ନିହତ ହୋଇଥିଲେ। ହମାସ୍ ୨୦୦ରୁ ଅଧିକ ଲୋକଙ୍କୁ ଅପହରଣ କରିନେଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଛାଡ଼ିଦେଇଛି। ଇସ୍ରାଏଲ୍‌ର ରକେଟ୍ ମାଡ଼ରେ ଗାଜା ଷ୍ଟ୍ରିପ୍‌ରେ ରବିବାର ୨୮ ଓ ସୋମବାର ଅନେକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ପୂର୍ବର ଲିକୁଡ୍ କ୍ୟାବିନେଟ୍‌ରେ ସଦସ୍ୟ ଥିବା ନିଜ ସମାଲୋଚକ ଗିଡେଓନ୍ ସାର୍‌ଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି।

## ମହାରାଷ୍ଟ୍ରରେ ଦେଶୀଗାଈଙ୍କୁ ରାଜ୍ୟମାତା ମାନ୍ୟତା

**ମୁମ୍ବାଇ,୩୦।୯**

ମହାରାଷ୍ଟ୍ର ସରକାର ଦେଶୀଗାଈଙ୍କୁ ରାଜ୍ୟମାତା-ଗୋମାତା ମାନ୍ୟତା ପ୍ରଦାନ କରିଛନ୍ତି। ବୈଦିକ ଯୁଗରୁ ଗୋମାତାଙ୍କର ଉଲ୍ଲେଖନୀୟ ଅବଦାନ ରହଆସିଛି। ଦେଶୀଗାଈ କ୍ଷୀର ମାନବ ପୌଷ୍ଟିକତା, ଆୟୁର୍ବେଦ ଏବଂ ପଞ୍ଚଗବ୍ୟ ଚିକିତ୍ସା ପାଇଁ ଗୁରୁତ୍ୱପୂର୍ଣ୍ଣ। ଜୈବିକ କୃଷିରେ ଗୋବରକୁ ଖତ ଭାବେ ବ୍ୟବହାର କରାଯାଇଥାଏ। ଏସବୁକୁ ବିଚାରକୁ ନେଇ ଗାଈଙ୍କ କଲ୍ୟାଣ ନିମନ୍ତେ ମହାରାଷ୍ଟ୍ର କ୍ୟାବିନେଟ ରାଜ୍ୟମାତା ମାନ୍ୟତା ପ୍ରଦାନ ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିବା ସରକାରୀ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏକ ସବ୍‌ସିଡି ଯୋଜନା କାର୍ଯ୍ୟକାରୀ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଯୋଜନା ଅନୁଯାୟୀ ଗୋଶାଳାଗୁଡ଼ିକରେ ଗାଈମାନଙ୍କ ଲାଳନପାଳନ ପାଇଁ ଦୈନିକ ୫୦ ଟଙ୍କା ଦିଆଯିବ। ମହାରାଷ୍ଟ୍ର ଗୋସେବା କମିଶନ ଏହାର ପରିଚାଳନା କରିବେ। ଗୋଶାଳାଗୁଡ଼ିକର ସମସ୍ୟା ଦୂର କରିବା ଏବଂ ଦେଶୀଗାଈ ପାଳନ ପ୍ରତି ବିମୁଖ ଲୋକମାନଙ୍କ ମଧ୍ୟରେ ପୁଣିଥରେ ଆଗ୍ରହ ସୃଷ୍ଟି କରିବା ଏହି ଯୋଜନାର ଲକ୍ଷ୍ୟ।



## ହେଲେନ୍ ବାତ୍ୟାରେ ଶତାଧିକ ମୃତ

**ନର୍ଥ କାରୋଲିନା,୩୦।୯**

ଆମେରିକାରେ ବାତ୍ୟା ହେଲେନ୍ ତାଣ୍ଡବ ରଚିଛି। ବାତ୍ୟାଜନିତ ମୃତ୍ୟୁସଂଖ୍ୟା ୧୦୦ ଟପିଛି। ନର୍ଥ କାରୋଲିନାରେ ସର୍ବାଧିକ ୩୭ ଜଣ ପ୍ରାଣ ହରାଇଥିବାବେଳେ ସାଉଥ୍ କାରୋଲିନାରେ ୨୭ ଜୀବନ ଯାଇଛି। ୱେଷ୍ଟର୍ନ ନର୍ଥ କାରୋଲିନା ଅନ୍ତର୍ଗତ ବୁନ୍‌କୋମ୍ବେ କାଉଣ୍ଟିରେ ୩୦ ଜଣଙ୍କ ମୃତ୍ୟୁ ଘଟିବା ସହ ୫୦୦ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଯାଇଛନ୍ତି। କ୍ଷୟକ୍ଷତି ପରିମାଣ ୧୫ରୁ ୧୦୦ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଶନିବାର ଫ୍ଲୋରିଡାରେ ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ହେଲେନ୍ ନର୍ଥ ଓ ସାଉଥ୍ କାରୋଲିନା, ଜର୍ଜିଆ, ଟେନିସି ଏବଂ ଭର୍ଜିନିଆ ଦେଇ ଅତିକ୍ରମ କରିଥିଲା। ଏଥିରେ ଅନେକ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ରାସ୍ତା ଓ ବ୍ରିଜ୍ କ୍ଷତିଗ୍ରସ୍ତ ହେବାରୁ ପରିବହନ ବାଧାପ୍ରାପ୍ତ ହୋଇଛି। ବହୁ ମୋବାଇଲ ଟାୱାର ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଛି। ବହୁ ଅଞ୍ଚଳ ଅନ୍ଧକାରରେ ରହିଛି। ପ୍ରବଳ ବର୍ଷା ଯୋଗୁ ଫ୍ଲୋରିଡା ଏବଂ ଭର୍ଜିନିଆରେ ବନ୍ୟା ହୋଇଛି। ରାଷ୍ଟ୍ରପତି ଜୋ ବାଇଡେନ୍ ଏହାକୁ ସବୁଠୁ ବଡ଼ ବିପର୍ଯ୍ୟୟ ବୋଲି କହିଛନ୍ତି।



## ଆସାମ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦।୯(ପି.ଟି.)**

ବିନା ଅନୁମତିରେ ଲୋକଙ୍କ ଘର ନ ଭାଙ୍ଗିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆସାମ ସମେତ ବିଭିନ୍ନ ରାଜ୍ୟରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେଣୁ ଉକ୍ତ ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚଳାଇବା ପାଇଁ ଦାଏର ପିଟିଶନ୍‌ର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ସୋମବାର ଆସାମ ସରକାର ଓ ଅନ୍ୟମାନଙ୍କୁ ଜବାବ ମାଗିଛନ୍ତି। ଏହି ପ୍ରସଙ୍ଗରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଜଷ୍ଟିସ୍ ବି.ଆର. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନକୁ ନେଇ ଅଦାଲତ ଅବମାନନା ପିଟିଶନ**

ଅକ୍ଟୋବର ୧ ପର୍ଯ୍ୟନ୍ତ ଅଦାଲତଙ୍କ ବିନା ଅନୁମତିରେ ଘର ନ ଭାଙ୍ଗିବାକୁ ସେପ୍ଟେମ୍ବର ୧୭ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଜଣେ ଅପରାଧରେ ଅଭିଯୁକ୍ତ ହୋଇଥିଲେ ମଧ୍ୟ ତାଙ୍କ ଘର ଭଙ୍ଗାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ତେବେ ଆସାମର ସୋନପୁରରେ ପ୍ରସ୍ତାବିତ ଉଚ୍ଛେଦ ଅଭିଯାନକୁ ନେଇ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ ହୋଇଥିଲା।




# ବିବାଦୀୟ ପୋଷ୍ଟକୁ ନେଇ ଉତ୍ତେଜନା ଘଟଣା

# ୨୭ରେ ପହଞ୍ଚିଲା ଗିରଫ ସଂଖ୍ୟା

**ଭଦ୍ରକ/ ଧାମନଗର,୩୦ା୯ (ସନାତନ ରାଉତ/ ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)**

ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟକୁ ନେଇ ଭଦ୍ରକ ଓ ଧାମନଗରରେ ଉତ୍ତେଜନା ଘଟଣାରେ ଆଉ ୧୨ଜଣଙ୍କୁ ରବିବାର ରାତିରେ ପୋଲିସ ଗିରଫ କରିଛି। ଏପର୍ଯ୍ୟନ୍ତ ପୁରୁଣାବଜାର ଓ ଧାମନଗର ଥାନାରେ ହୋଇଥିବା ମାମଲାରେ ମୋଟ ଗିରଫ ସଂଖ୍ୟା ୨୭ରେ ପହଞ୍ଚିଛି। ପୋଲିସକୁ ଆକ୍ରମଣ ନେଇ ପୁରୁଣାବଜାର ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୨୭୦/୨୪)ରେ ପୂର୍ବରୁ ୭ଜଣ ଗିରଫ ହୋଇଥିଲେ। ରବିବାର ରାତିରେ ଆଉ ୨ଜଣଙ୍କୁ ଗିରଫ କରାଯାଇଛି। ସେହିପରି ମାମଲା (ନଂ.୨୬୯/୨୪)ରେ ବିବାଦୀୟ ପୋଷ୍ଟ କରିଥିବା ଯୁବକଙ୍କୁ ଗିରଫ କରାଯାଇଥିଲା ବୋଲି ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ସୂଚନା ଦେଇଛନ୍ତି। ଜିଲାରେ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ଭଦ୍ରକ ପୁରୁଣାବଜାର ଅଞ୍ଚଳରେ ୧୨ ପ୍ଲାଟୁନ ଫୋର୍ସ ମୁତୟନ ରହିଛି। ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ସକାଳେ ଓ ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି। ପୋଲିସକୁ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି ବୋଲି ଡିଆଇଜି କହିଥିଲେ।

## ଧାମନଗରରେ ସକାଳ ୬ରୁ ରାତି ୮ଟା ଯାଏ ଖୋଲିବ ଦୋକାନ


ଖବରଦାତା ସମ୍ମିଳନୀରେ ଡିଆଇଜି ସତ୍ୟଜିତ୍ ନାୟକ, ଏସ୍‌ପି ବରୁଣ ଗୁଣ୍ଟୁପାଲି ଓ ଅନ୍ୟ ଅଧିକାରୀ।

ଧାମନଗର ବଜାରରେ ରାସ୍ତାରୋକୋ ମାମଲାରେ ପୂର୍ବରୁ ୭ଜଣଙ୍କୁ ଗିରଫ କରାଯାଇଥିବା ବେଳେ ରବିବାର ରାତିରେ ୫ ଓ ସୋମବାର ଆଉ ୫ଜଣ ଗିରଫ ହୋଇଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସନ୍ଧ୍ୟାରେ ଧାମନଗର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଆଇଜି କହିଛନ୍ତି। ଧାମନଗର ଓ ଦୋବଲ ଅଞ୍ଚଳରେ ୬ ପ୍ଲାଟୁନ ଫୋର୍ସ ସହ ରାପିଡ୍ ଆକ୍ସନ ଫୋର୍ସ ମୁତୟନ କରାଯାଇଛି। କେବଳ ବ୍ୟାଙ୍କ ଓ ଅଫିସିଆଲ କାର୍ଯ୍ୟରେ ଇଣ୍ଟରନେଟ ସେବା ଜାରି ରହିବ। ଏବେ ସୁଦ୍ଧା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ସବୁଆଡ଼େ ପୋଲିସ ପକ୍ଷରୁ ଚେକିଂ କରାଯାଉଛି। ସୋମବଠାରୁ ଏସବୁ ଅଞ୍ଚଳରେ ଦୋକାନ ବଜାର ସକାଳ ୬ରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ଦୋକାନରେ ୩ରୁ ଅଧିକ ଲୋକ ରହିପାରିବେ ନାହିଁ ଏବଂ ଏସବୁ ଅଞ୍ଚଳରେ ୧୬୩ ଧାରା ବଳବତ୍ତର ରହିଥିବା ପର୍ଯ୍ୟନ୍ତ ସାପ୍ତାହିକ ହାଟ ବନ୍ଦ ରହିବ। ପରିସ୍ଥିତିକୁ ଲକ୍ଷ୍ୟ କରି ଇଣ୍ଟରନେଟ ସେବା ବନ୍ଦ ଓ ୧୬୩ ଧାରା ଲାଗୁ ବଢ଼ାଇ ଦିଆଯିବା ସହ ଆଗକୁ ଗିରଫ ସଂଖ୍ୟା ମଧ୍ୟ ବଢ଼ିପାରେ ବୋଲି ଡିଆଇଜି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ତହସିଲଦାର ଦୀପକ କୁମାର ଦାସ ଓ ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାୟକ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ


ଶ୍ୟାମସୁନ୍ଦର ବେହେରା

**ଭଦ୍ରକ,୩୦ା୯(ସନାତନ ରାଉତ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଦମପୁର ବାଲିଚଉରୀ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା(୧୦୨)ଙ୍କ ରବିବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। କିଛିଦିନ ତଳେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଉପଜିଲାପାଳ ମନୋଜ ପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ ନାୟକ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ତାଙ୍କ ବଡ଼ପୁଅ ଅଶୋକ ବେହେରା ମୁଖାଗ୍ନି ଦେଇଥିଲେ। ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ସମୟରେ ଭଣ୍ଡାରିପୋଖରୀ ଥାନାପୋଡ଼ି ଘଟଣାରେ ସେ ସାମିଲ ଥିଲେ। ସେଥିପାଇଁ ସେ ଗିରଫ ହୋଇ ୮ ମାସ ଜେଲରେ ରହିଥିଲେ। ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସାଧାରଣ ସମ୍ପାଦକ ଓ ରାଜ୍ୟ ସମିତିର ସମ୍ପାଦକ ପଦରେ ରହିଥିଲେ।

# ସେବାୟତଙ୍କ ଘର ମାଟିତଳୁ ମିଳିଲା ସୁନା ମୂର୍ତ୍ତି, ଅଳଙ୍କାର

**ଅସୁରାଳି,୩୦ା୯(ସନ୍ତୋଷ ପ୍ରଧାନ)**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିର ନିକଟ ଜଣେ ସେବାୟତଙ୍କ ଘର ଭିତର ମାଟି ତଳୁ ବିରଳ ସୁନା ମୂର୍ତ୍ତି ସହ ଅଳଙ୍କାର ଉଦ୍ଧାର ହୋଇଛି। ଘଟଣାକୁ ଲୋକଲୋଚନକୁ ନ ଆଣି ଚପାଇ ଦେବାକୁ ଉଦ୍ୟମ ଚାଲୁଥିବା ବେଳେ ଉଦ୍ଧାର କରିଥିବା ବେଦଚାର୍ଯ୍ୟ ଭୂତତ୍ତ୍ୱ ପଣ୍ଡିତ ନରୋତ୍ତମ ମିଶ୍ର ମୁହଁ ଖୋଲିଛନ୍ତି। ମିଳିଥିବା ମୂର୍ତ୍ତି ଓ ଅଳଙ୍କାରର ମୂଲ୍ୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ସେ ପ୍ରକାଶ କରିଛନ୍ତି।

ପଣ୍ଡିତ ନରୋତ୍ତମଙ୍କ କହିବା ଅନୁଯାୟୀ, ଆଖଣ୍ଡଳମଣି ମନ୍ଦିର ନିକଟ ଜଣେ ସେବାୟତଙ୍କ ଘରେ କିଛିଦିନ ପୂର୍ବରୁ କିଛି ଅଲୌକିକ ଘଟଣା ଘଟିବାରୁ ସେ ତାଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ପରାମର୍ଶକ୍ରମେ ଉକ୍ତ ସେବାୟତଙ୍କ ଘରେ ପୂଜାପାଠ ଓ ହୋମଯଜ୍ଞ କରାଯାଇଥିଲା। ଘର ଭିତରେ ୬ ଫୁଟ୍ ଲମ୍ୱ ଓ ୬ ଫୁଟ୍ ଓସାର ବିଶିଷ୍ଟ ୧୫ ଫୁଟ୍ ଗଭୀରର ଏକ ଗାତ ଖୋଳା ଯାଇଥିଲା। ଗାତ ଭିତରୁ ଏକ ପିତ୍ତଳ ହଣ୍ଡା ଭିତରୁ ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ସହ ଶିବ, ପାର୍ବତୀ, ଗଣେଶ, କାର୍ତ୍ତିକ, ବୃଷଭଙ୍କ ବିରଳ ମୂର୍ତ୍ତି ଉଦ୍ଧାର କରାଯାଇଛି। ପଣ୍ଡିତ ନରୋତ୍ତମ ଉଦ୍ଧାର ହୋଇଥିବା ସମସ୍ତ ଅଳଙ୍କାର ଓ ମୂର୍ତ୍ତି ସୁନା ବୋଲି ଦାବି କରିବା ସହ ଏହା ବାବା ଆଖଣ୍ଡଳମଣିଙ୍କ ସମ୍ପତ୍ତି ହୋଇପାରେ ବୋଲି ଅନୁମାନ କରିଛନ୍ତି। ଅନ୍ୟପକ୍ଷେ ସେବାୟତ ଜଣକ ଅଳଙ୍କାର କଥା ଅସ୍ୱୀକାର କରିବା ସହ ମୂର୍ତ୍ତିଗୁଡ଼ିକ ପିତ୍ତଳ ବୋଲି କହିଛନ୍ତି। ପ୍ରଶାସନ ଏଥିରେ ହସ୍ତକ୍ଷେପ କଲେ ପ୍ରକୃତ ସତ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି।


ଉଦ୍ଧାର ମୂର୍ତ୍ତି

# ୪୮୯ କଇଁଛ ଜବତ, ୨ ଗିରଫ

**ମାଲକାନଗିରି/ଚିତ୍ରକୋଣ୍ଡା, ୩୦ା୯(ଦୁର୍ଯ୍ୟୋଧନ ପାତ୍ର/ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବନ ବିଭାଗ ପକ୍ଷରୁ ୪୮୯ କଇଁଛ ଜବତ ସହ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସୋମବାର ସକାଳେ ଚିତ୍ରକୋଣ୍ଡା ବନ ବିଭାଗ ପକ୍ଷରୁ ଚିତ୍ରକୋଣ୍ଡା ସୀମାନ୍ତ ଆନ୍ଧ୍ରପ୍ରଦେଶ ରାଜୁଲକୋଣ୍ଡା ଗ୍ରାମ ନିକଟରେ ପାଟ୍ରୋଲିଂ ବେଳେ ଗାଡ଼ି ଯାଞ୍ଚ କରାଯାଉଥିଲା। ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସୁଥିବା ଦେଖି ଉକ୍ତଗାଡ଼ିକୁ ଅଟକାଇ ବନ କର୍ମଚାରୀମାନେ ଯାଞ୍ଚ କରିଥିଲେ। ସେଥିରେ କିଛି ବସ୍ତାରେ କଇଁଛ ଥିବା ଦେଖି ଗାଡ଼ି ଓ କଇଁଛ ଜବତ କରିବା ସହ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ଗିରଫମାନେ ହେଲେ ମାଲକାନଗିରି ବ୍ଲକ ଏମ୍‌ଭି ୯୬ ଗ୍ରାମର ପ୍ରସନ୍ନଜିତ ଘରାମୀ ଓ ସନ୍ଦିପ ବେପାରୀ।

ଏହି କଇଁଛଗୁଡ଼ିକ ଆନ୍ଧ୍ରପ୍ରଦେଶରୁ ଚୋରାଚାଲାଣକରି ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭୨, ଏମ୍‌ଭି ୮୮ ଆଦି ଗ୍ରାମରେ ବିକ୍ରି କରିବାକୁ ନେଉଥିବା ଗିରଫ ବ୍ୟକ୍ତି କହିଛନ୍ତି। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ଚଢ଼ାଉରେ ଚିତ୍ରକୋଣ୍ଡା ରେଞ୍ଜ ଅଧିକାରୀ ବଳରାମ ନାୟକ, ଫରେଷ୍ଟର ନିରନ ସରକାର, ହରି ହନ୍ତାଳ, ସରୋଜ କୁମାର ଘଡ଼େଇ, ବନରକ୍ଷୀ ରାଜୁ ମାଡକାମି, ଶଶାଙ୍କ ଦାସ ଓ ରାମଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।


ଜବତ କଇଁଛ ଓ ଗିରଫ ଅଭିଯୁକ୍ତ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରକ୍ତଦାନ ଶିବିର ଓ ସଚେତନତା ଶୋଭାଯାତ୍ରା, ସ୍ଥାନ: ବ୍ଲକ ବ୍ୟାଙ୍କ, କ୍ୟାପିଟାଲ ହସ୍ପିଟାଲ, ସମୟ: ସକାଳ ୭ଟା ୩୦।
- ବିଏମ୍‌ସି ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ, ସ୍ଥାନ: ବିନ୍ଦୁସାଗର ଏବଂ ଲିଙ୍ଗରାଜ ମନ୍ଦିର, ସମୟ: ସକାଳ ୭ଟା ୪୫।
- ଓଡ଼ିଶା ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆଲୋଚନା 'ଏକ ଭାରତ ଶ୍ରେଷ୍ଠ ଭାରତ', ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ୧୫ତମ ଶ୍ରୀଶ୍ରୀ ମହାବୀର ପୂଜା ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପ୍ରାଙ୍ଗଣ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ସିଏସ୍‌ଆଇଆର୍‌ର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସିଏସ୍‌ଆଇଆର୍– ଆଇଏମ୍‌ଏମ୍‌ଟି ଅଡିଟୋରିୟମ୍, ସମୟ: ଅପରାହ୍ନ ୨ଟା ୩୦।
- ବିଏମ୍‌ଟି ଟ୍ରଷ୍ଟ ପକ୍ଷରୁ ସମାଜବାଦୀ ତଥା ସାହିତ୍ୟିକ ବିଦ୍ୟାଧର ବାରିକ୍‌ଙ୍କ ୬ଷ୍ଠତମ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।

## କଟକ

- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବିକାଶ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ପ୍ରଦାନ, ସ୍ଥାନ: ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ପାଞ୍ଚଗାଁ, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କଂଗ୍ରେସ ପକ୍ଷରୁ ଆର୍‌ଆଣ୍ଡବି –୨ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଆର୍‌ଆଣ୍ଡବି–୨ କାର୍ଯ୍ୟାଳୟ, ଓଏମ୍‌ପି, କଟକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ଉଦ୍‌ଯାପନୀ, ସ୍ଥାନ: ପ୍ରତିଷ୍ଠାନ ପରିସର, ସମୟ: ଅପରାହ୍ନ ୩ଟା ୩୦।
- ପାକ୍ଷିକ ଖବରକାଗଜ ବିଶ୍ୱାସର ଏକବିଂଶ ସ୍ୱନକ୍ଷତ୍ର ସମାରୋହ, ସ୍ଥାନ: ରାଇସିନା ପ୍ୟାଲେସ, ସିଡିଏ ସେକ୍ଟର–୯, ସମୟ: ସନ୍ଧ୍ୟା ୬ଟା ୧୫।

## ପୁରୀ

- ଆପଣଙ୍କ ସେବାରେ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ମଦରସ ପବ୍ଲିକ ସ୍କୁଲ ପକ୍ଷରୁ ବେଳାଭୂମି ସଫେଇ, ସ୍ଥାନ: ପୁରୀ ହୋଟେଲ ସମ୍ମୁଖ ବେଳାଭୂମି, ସମୟ: ସକାଳ ୯ଟା ୩୦।
- ଷ୍ଟାଣ୍ଡି କମିଟିର ରିଭ୍ୟୁ ବୈଠକ, ସ୍ଥାନ: ଶ୍ରୀମନ୍ଦିର କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଯୁଥ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି', ସ୍ଥାନ: ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଆରିକମା, ବୋଲଗଡ଼, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: କଲ୍ୟାଣ ମଣ୍ଡପ, ପିଚୁକୁଳି, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ସ୍ୱଚ୍ଛତା ହିଁ ସେବା, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଇଣ୍ଟରନ୍ୟାଶନାଲ ଡେ' ଫର ଓଲ୍ଡରପର୍ସନ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର ଉଦଯାପନୀ ଉତ୍ସବ, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବାଲିକୁଟି ନୋଡ଼ାଲ ସ୍କୁଲ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଗୁଜୁରାଟୀ ଭବନ, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ମହୁରା ହାଇସ୍କୁଲ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ସୁରଭି ମହୋତ୍ସବ, ସ୍ଥାନ: ଆଲିଆ ହାଇସ୍କୁଲ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ନରହରି ବେହେରା ଟ୍ରଷ୍ଟର ତୃତୀୟ ବାର୍ଷିକୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର, ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୪ଟା ୩୦।
- ଗଜାନନ କମିଟି ପକ୍ଷରୁ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କୁଆଁସ, କଦମବେଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀଙ୍କ ଚତୁର୍ଦ୍ଦଶୀ ପୂଜା ଏବଂ ହୋମ, ସ୍ଥାନ: ସୁନ୍ଦରାପାଳ, ହାଟଡିହୀ, ସମୟ: ସକାଳ ୭ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ମଙ୍ଗଳ ଚତୁର୍ଦ୍ଦଶୀ ଏବଂ ମାନସିକ ପୂଜା, ସ୍ଥାନ: ଭୂଇଁପୁର, ହାଟଡ଼ିହୀ, ସମୟ : ସକାଳ ୮ ଟା।
- ପଞ୍ଚାୟତସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ: ଅପରାହ୍ନ ୪ ଟା।
- ମା' ତାରିଣୀଙ୍କ ମନ୍ଦିରରେ ପୂଜା, ଭଜନ ସମାରୋହ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ଇଂଚୋଳ, ଛେନାପଦୀ, ମରେଇଗାଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା ୩୦।

## ମୟୂରଭଞ୍ଜ

- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ସକାଳ ୮ଟା।
- ମହିଳା ମହାବିଦ୍ୟାଳୟ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ,ସ୍ଥାନ: ଉଦଳା ଟାଉନ କ୍ଲବଠାରୁ ଥାନା ରାସ୍ତା, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁ, ଚିତ୍ରଡ଼ା ଓ ହଳଦୀପାଳ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ବ୍ଲକସ୍ତରୀୟ ସୁରଭି,ସ୍ଥାନ: ମାଣିତରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଆସିକା ଉପଖଣ୍ଡ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡିଏଲ୍‌ଏସଏ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଫୁଲବାଣୀ କାରମେଲ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦର ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଅନୁସାରେ ବେଳାଭୂମିରେ ସମୂହ ସଫେଇ, ସ୍ଥାନ: ବତିଘର ପାଖବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ସକାଳ ୭ଟା।
- ସିପିଆଇ ପକ୍ଷରୁ ବ୍ଲକ ଘେରାଉ, ସ୍ଥାନ: ଏରସମା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସାହାଣୀ କପ ଫୁଟ୍‌ବଲ ଟୁର୍ନାମେଣ୍ଟରେ କଟକ ବନାମ କେନ୍ଦ୍ରାପଡା ମ୍ୟାଚ, ସ୍ଥାନ: ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ବୟସ୍କ ବ୍ୟକ୍ତିଙ୍କ ଦିବସ ପାଳନ, ସ୍ଥାନ: ଟାଉନହଲ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଜାତୀୟ ରକ୍ତଦାନ ଦିବସ ପାଳନ, ସ୍ଥାନ: ଡିଆର୍‌ଡିଏ କନଫରେନ୍ସ ହଲ୍, ସମୟ: ସକାଳ ୯ଟା୩୦।
- ଇଣ୍ଟରନ୍ୟାଶନାଲ ଡେ ଅଫ୍ ଓଲଡର ପର୍ସନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶୋଡ଼ଷ ଦିବସୀୟ ପୂଜାର ଅଷ୍ଟମ ଦିବସ, ସ୍ଥାନ: କନକଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟି ପାଖ, କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଆଇନ ସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ: ଅପରାହ୍ନ ୨ଟା୩୦।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଖଣ୍ଡପଡ଼ା ପଠାଣି ସାମନ୍ତ ଶୁଭ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ଶୋଡ଼ଷ ଦିବସୀୟ ପୂଜାର ଅଷ୍ଟମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଏସ୍‌ବିଆଇ ସଞ୍ଜୀବନୀ ମୋବାଇଲ ଗାଡ଼ି ଉଦଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: କୋଲନରା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଡାବୁଗାଁ, ସମୟ: ସକାଳ ୮ଟା।
- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ମିଶନ ଶକ୍ତି ବୈଠକ ଗୃହ, ସମୟ: ସକାଳ ୯ଟା।

## କୋରାପୁଟ

- ବିଶ୍ୱ କଫି ଦିବସ ପାଳନ, ସ୍ଥାନ: କଫି ବୋର୍ଡ, କୋରାପୁଟ, ସମୟ : ସକାଳ ୯ଟା ୩୦।

## ସମ୍ବଲପୁର

- ପଶ୍ଚିମ ଓଡ଼ିଶା ପ୍ରାଥମିକ ଏବଂ ବହୁମୁଖୀ କୃଷି ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ଡ.ରାଧାନାଥ ରଥ କମ୍ୟୁନିଟି ସେଣ୍ଟର, ସମୟ : ପୂର୍ବାହ୍ନ ୧୦ଟା।
- ଗୀତାଞ୍ଜଳି ଷଡଙ୍ଗୀ ଟ୍ରଷ୍ଟ ପକ୍ଷରୁ ସାରସ୍ୱତ ସମାରୋହ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଟୁର୍ନାମେଣ୍ଟର କୋଲକାତା ବନାମ କଟକ ପୁଲ –ବି ମ୍ୟାଚ , ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ସାଂସ୍କୃତିକ ଅନୁଷ୍ଠାନ ଉକିଆ ପକ୍ଷରୁ ସମ୍ବଲପୁରୀ ଲୋକକଳା ଓ ଲୋକ ସଂସ୍କୃତି ପ୍ରଚାର ଏବଂ ପ୍ରସାର ଶୀର୍ଷକ ଆଲୋଚନା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: କେଉଁଟପାଲି ଆଦିବାସୀ ହରିଜନ ହାଇସ୍କୁଲ, ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର

- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ଯୋଗ ଶିବିର, ସ୍ଥାନ: ସୁବର୍ଣ୍ଣପୁର ଫରେଷ୍ଟ ସ୍ମାର୍ଟ ପାର୍କ, ସମୟ: ସକାଳ ୬ଟା।
- ସୁରେଶ୍ୱରୀଙ୍କ ଯଜ୍ଞ ମଣ୍ଡପରେ ଚଣ୍ଡୀଯଜ୍ଞ ଉପଲକ୍ଷେ ଅଷ୍ଟ ହନୁମାନ ନିମନ୍ତ୍ରଣ, ସ୍ଥାନ: ସୁରେଶ୍ୱରୀ ଯଜ୍ଞ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଦେବୀବୁଢ଼ୀଙ୍କ ସ୍ୱତନ୍ତ୍ର ପୂଜା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ସମ୍ବର୍ଦ୍ଧନା ସଭା, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମ: ସନ୍ଧ୍ୟା ୬ଟା ୪୫।
- ତୁଳସୀ ରାମାୟଣ ପଠନ, ସ୍ଥାନ: ଲୁତୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଦୁର୍ଗା ମନ୍ଦିରରେ ସନ୍ଧ୍ୟା ଆଳତୀ, ସ୍ଥାନ: ତ୍ରିବେଣୀ ଛକ ,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୯ଟା।
- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଶାନ୍ତି ତପୋବନ ଆଶ୍ରମ, ଚକରକେନ୍ଦ, ବରଗଡ଼, ସମୟ: ପୂର୍ବାହ୍ନ ୯ଟା ୩୦।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ବେହେରାମାଲ ତାରିଣୀ ମନ୍ଦିର, ସମୟ: ପ୍ରାତଃ ୫ଟା ୩୦।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ହୋମୋଯଜ୍ଞ, ସ୍ଥାନ: ସହରସ୍ଥିତ ଝାଡେଶ୍ୱର୍ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଅନ୍ତର୍ଜାତୀୟ ବୃଦ୍ଧା ଦିବସ ପାଳିତ, ସ୍ଥାନ: ସହରସ୍ଥିତ ବେହେରାମାଲ ନବ ଦାସ ଅଡିଟୋରିୟମ, ସମୟ: ସକାଳ ୭ଟା।

## ରାଉରକେଲା

- ମହିଳା ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା, ସ୍ଥାନ: ସୁଶୀଳାବତୀ ମହିଳା ସରକାରୀ କଲେଜ, ରାଉରକେଲା, ସମୟ: ମଧ୍ୟାହ୍ନ ୧୨ଟା।
- ଟିପିଡବ୍ଲ୍ୟୁଓଡିଏଲର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଆଇଟିଆଇ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ବୟୋଜ୍ୟେଷ୍ଠ ଦିବସ ପାଳନ, ସ୍ଥାନ: କୋଏଲନଗର ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହିନ୍ଦ୍ ମଜଦୁର ସଭା ପକ୍ଷରୁ ଠିକା କର୍ମଚାରୀଙ୍କ ବୋନସ ଦାବିରେ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ନ ୧ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଯୋଗ ଶିବିର, ସ୍ଥାନ: ଡାଇମଣ୍ଡ ଭବନ, ବାସନ୍ତୀ କଲୋନୀ, ସମୟ: ସକାଳ ୭ଟା ୩୦।
- ସବ୍ ଜୁନିୟର ମହିଳା ପ୍ରୋଲିଗ୍ ସେମିଫାଇନାଲ, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ସକାଳ ୮ଟା।

## ଦେବଗଡ଼

- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ସକାଳ ୯ଟା ୩୦।
- ଇଂଲିଶ ବିଭାଗ ପକ୍ଷରୁ ନୂତନ ପ୍ରଫେସର ଓ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ମୋଡେଲ କଲେଜ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ମାସିକ ସମନ୍ୱୟ ସଭା, ସ୍ଥାନ: ତିଲେଇବଣି ବ୍ଲକ, କଂସର ଗ୍ରାମପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଟାଉନହଲ ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବୟସ୍କ ବ୍ୟକ୍ତିଙ୍କ ପାଇଁ ଆନ୍ତର୍ଜାତୀୟ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟାନାୟକ ଇଣ୍ଡୋର ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୭ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଡଗଡ ପଞ୍ଚାୟତ ବାଲିପାଟି ପ୍ରାଥମିକ ଓ ପଲସିପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅସୁରକ୍ଷିତ ଆଦିବାସୀ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ, ସ୍ଥାନ: କୋମନା ବ୍ଲକ ସୁନାବେଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ

- ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ରାଶିର ସନ୍ତାନ ଭାବରେ ରହିଥିବାରୁ ସନ୍ତାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ବିଭିନ୍ନ ସମସ୍ୟା ସାଙ୍ଗକୁ ଆତ୍ମୀୟଙ୍କ ହତାଦର ମାନସିକ ସ୍ଥିତିକୁ କଳୁଷିତ କରିଦେବ। ଶତ୍ରୁତା କରୁଥିବା ବ୍ୟକ୍ତି ଅସୁବିଧାରେ ପକାଇବାକୁ ଚେଷ୍ଟାକରି ବିଫଳ ହେବେ। ରଚନାତ୍ମକ କାମ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭରୁ ଆଶ୍ୱସ୍ତି ଲାଭ କରିବେ।

**ବୃଷ** ପାପଗ୍ରହ ଯୁକ୍ତ ରବିଙ୍କ କୁପ୍ରଭାବରେ ପାରିବାରିକ ଅଶାନ୍ତି ଓ ଅର୍ଥାଭାବ ପରିସ୍ଥିତିର ସାମ୍ନା କରିବେ। ବନ୍ଧୁମାନେ ସାମୟିକ ସୁଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣାରୁ ଭାଇ କିମ୍ବା ଭଉଣୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଯାତ୍ରା, ପ୍ରକାଶନ, ବ୍ୟବସାୟ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** ଆଜି କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ ରହିବା କାରଣରୁ କଳହ ଲାଗିପାରେ। ଧନାଧିପ ତୃତୀୟସ୍ଥ ଯୋଗୁ ଅର୍ଥ ସମ୍ବନ୍ଧୀୟ କଥା, ଚୁକ୍ତିପତ୍ର, ଜମିଜମା କାରବାର ସକାଶେ ଦିନଟି ଭଲ। ଆନୁଷ୍ଠାନିକ କାମରେ ବ୍ୟତିକ୍ରମ ଦେଖି ମାନସିକ ଆଘାତ ଲାଗିପାରେ। ସମ୍ପର୍କୀୟ ଜଣେ ସାହାଯ୍ୟ ପାଇଁ ଅନୁରୋଧ କରିପାରନ୍ତି।

**କର୍କଟ** ସୁଖ ଭାବସ୍ଥ ଚନ୍ଦ୍ର ହେତୁ ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଅର୍ଥଲାଭର ସୁବିଧା ପ୍ରଦାନ କରିବ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ, କିନ୍ତୁ କିଛି କରିବାର ଉପାୟ ପାଇବେ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା, ଅଭିମାନ କରିଥିବା ସନ୍ତାନ, ପଡ଼ୋଶୀଙ୍କ ଅଭିଯୋଗରୁ ଭାବାନ୍ତର ସୃଷ୍ଟି ହୋଇପାରେ। ବ୍ୟବସାୟ ଓ ପରିବହନ ସମସ୍ୟା ଦୂରହେବ।

**ସିଂହ** ମାନସିକ ଅସ୍ଥିରତାଜନିତ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି ପାଣିଫୋଟକା ପରି ମିଳାଇଯିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିବ। ରାଜନୈତିକ କିମ୍ବା ପ୍ରଶାସନିକ ସ୍ତରରେ ପରିସ୍ଥିତି ଭଲ ରହି ନ ପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ନବମସ୍ଥ ଗୁରୁଙ୍କ କୃପାରୁ ସାମୂହିକ କାମରେ କିମ୍ବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ କାର୍ଯ୍ୟଦକ୍ଷତା ଓ କଥନଶୈଳୀରୁ ସଭାସମିତିରେ ପ୍ରଶଂସିତ ହେବେ। ଶତ୍ରୁତା କରୁଥିବା ବ୍ୟକ୍ତି ନାନାଦି କଥା କହିପାରନ୍ତି।

**ତୁଳା** ତୃତୀୟାଧିପତିଙ୍କ ଶୁଭତ୍ୱରୁ ଆତ୍ମୀୟଙ୍କ ସହଯୋଗ ସମାଧାନର ସୂତ୍ର ବାହାର କରିବାରେ ସାହାଯ୍ୟ କରିବ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ମାଲିମକଦ୍ଦମା, ଜମିଜମା ସମସ୍ୟା ସମାଧାନ ଦିଗକୁ ମୁହାଁଇପାରେ।

**ବିଛା** ଚନ୍ଦ୍ରଙ୍କ ସ୍ଥିତିଜନିତ ମାନସିକ ଅସ୍ଥିରତା କାରଣରୁ ଯାହା ଭାବୁଥିବେ ତାହାର ଠିକ୍ ଓଲଟା ହୋଇଯିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** ଦୈନନ୍ଦିନର ଜୀବନଚର୍ଯ୍ୟାରେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବୈବାହିକ କର୍ମ ସମ୍ପାଦନ ପାଇଁ ବନ୍ଧୁପ୍ରସ୍ତାବ ସମ୍ପର୍କୀୟ ଆଲୋଚନାର ମଉକା ଜୁଟିବ। କର୍ମକ୍ଷେତ୍ରରେ ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ମୂଳା ନକ୍ଷତ୍ର ଦୀର୍ଘଦିନ ପରେ ଆଜି ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର** ସପ୍ତମାଧିପତି ଦୁଃସ୍ଥାନସ୍ଥ ଯୋଗୁ ପ୍ରତିବନ୍ଧକକୁ ଏଡ଼ି କାମ ହାସଲ କରିବାକୁ ପଡ଼ିବ। ସ୍ତ୍ରୀଙ୍କ ସହ ମତାନ୍ତର ଆଶଙ୍କା ରହିଛି। ସମ୍ପର୍କ ଭଲ ଥିଲେ ମଧ୍ୟ ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯାଇପାରେ

**କୁମ୍ଭ** ଅନ୍ୟମନସ୍କ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ସୃଷ୍ଟିହେବ। ଅଭିମାନକରି ରହିଥିବା ବନ୍ଧୁଙ୍କୁ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳିନେବେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା କୌଣସି କାଗଜପତ୍ର ସମ୍ପର୍କିତ ଶୁଭ ସୂଚନା ପାଇବେ। ଧନିଷ୍ଠା ନକ୍ଷତ୍ରର ବାକି ପଡ଼ିଥିବା ଟଙ୍କା ଆଜି ଚେଷ୍ଟାକଲେ ଫେରିପାରିବେ।

**ମୀନ** ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ବ୍ୟବସାୟ, ପରିବହନ, ଲେଖାପଢ଼ା, ଯାତ୍ରା ଓ ଆଲୋଚନା କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

ଆଜି ଅକ୍ଟୋବର ୧ ତାରିଖ, ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ, ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ ମଙ୍ଗଳବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର–ପୂର୍ବାଫାଲ୍‌ଗୁନୀ/ସିଂହ, ଦିବା ଘ.୦୯।୧୬ ଗତେ, ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୧ ଗତେ, ଘ,୦୬।୨୮ ମଧ୍ୟେ, ଘ.୦୮। ୩୮ ଗତେ, ଘ. ୧୧।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୨।୩୩ ଗତେ, ଘ. ୦୪। ୦୨ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ସୁକିନ୍ଦାରେ ଅନରକିଲିଂ...

ନିଜ ଘରକୁ ଟଙ୍କା ମାଗିବାକୁ ଯାଇଥିଲେ। ହେଲେ ଆଉ ଫେରି ନ ଥିଲେ। ପରଦିନ ଘର ନିକଟ କୂଅରୁ ତାଙ୍କ ମୃତଦେହ ମିଳିଥିଲା। ୧୭ ତାରିଖରେ ଅଗ୍ନିଶମ ବାହିନୀ ଉକ୍ତ କୂଅରୁ ସୁଶୀଲଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ସୁକିନ୍ଦା ଥାନା ପୋଲିସ ୩୨/୨୦୨୪ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗତ ୧୮ ତାରିଖରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ବିଜୟଲକ୍ଷ୍ମୀ ଘଟଣାର ୨ ଦିନ ପରେ ୧୯ ତାରିଖରେ ସୁକିନ୍ଦା ଥାନାରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ସୁଶୀଲଙ୍କ ବାପା, ମା', ୫ ଭଉଣୀ ଓ ଜଣେ ମାମୁ ସମ୍ପୃକ୍ତ ଥିବା ଦର୍ଶାଇଛନ୍ତି। ଘଟଣାକୁ ପ୍ରାୟ ୧୩ ଦିନ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ପୋଲିସର ତଦନ୍ତ ସେତେଟା ଫଳପ୍ରଦ ହୋଇପାରିନାହିଁ। ଏଯାଏ ସୁଶୀଲଙ୍କ ମୃତ୍ୟୁ ଘଟଣାର ରହସ୍ୟ ପର୍ଦ୍ଦାଫାଶ କରିବାରେ ପୋଲିସ ବିଫଳ ହୋଇଛି। ଅନ୍ୟପକ୍ଷରେ ଥାନାରେ ଅଭିଯୋଗ ହେବା ପରେ ସୁଶୀଲଙ୍କ ପରିବାର ଲୋକେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ତଦନ୍ତ ଅଧିକାରୀ ମଦନମୋହନ ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ତଦନ୍ତ ଆଧାରରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଚାର ବିଭାଗୀୟ...

ତେବେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ତଦନ୍ତ ଜାରି ରଖିଥିବା ବେଳେ ତଦନ୍ତର ଅଗ୍ରଗତି ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ କମିଶନ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ ତଦନ୍ତର ବିଭିନ୍ନ ଦିଗ ସଂକ୍ରାନ୍ତରେ ଅବଗତ କରାଯାଇଥିଲା। ଏହି ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ କମିଶନଙ୍କ ସଚିବ ଭାବେ ଅବସରପ୍ରାପ୍ତ ଜିଲାଜଜ୍ ଶୁଭେନ୍ଦୁ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ବୈଠକରେ ଶୁଭେନ୍ଦୁ ମଧ୍ୟ ଉପସ୍ଥିତ ଥିଲେ। ଶୁଭେନ୍ଦୁ କହିଛନ୍ତି, ସତ୍ୟପାଠ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇବ। ସତ୍ୟପାଠ ଦାଖଲ ପାଇଁ ୨୧ଦିନ ସମୟ ଦିଆଯିବ। ଏହି ମାମଲାରେ ଯେଉଁମାନେ ପୀଡ଼ିତ ଓ ଅଭିଯୁକ୍ତ ରହିଛନ୍ତି, ସେମାନେ ସତ୍ୟପାଠ ଦାଖଲ କରିବେ। ଆର୍ମି ଅଫିସର, ବାନ୍ଧବୀ ଓ ପୋଲିସ ଅଧିକାରୀମାନଙ୍କ ବ୍ୟତୀତ ଏହି ଘଟଣା ବିଷୟରେ ଜାଣିଥିବା ସର୍ବସାଧାରଣ ଲୋକ ମଧ୍ୟ ସତ୍ୟପାଠ ଦାଖଲ କରିପାରିବେ। ସ୍ପେଶାଲ ସର୍କିଟ୍ ହାଉସ୍ ଅଫିସ୍‌ରେ ସତ୍ୟପାଠ ଦାଖଲ କରାଯିବ। ପରେ ସତ୍ୟପାଠଗୁଡ଼ିକୁ ଯାଞ୍ଚ କରାଯାଇ ସେମାନଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ କମିଶନ ଯେଉଁମାନଙ୍କୁ ଚାହିଁବେ ସେମାନଙ୍କୁ ସମନ୍ କରାଯାଇ ଡକାଯିବ ବୋଲି ଶୁଭେନ୍ଦୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେପ୍ଟେମ୍ବର ୨୧ ବିଳମ୍ବିତ ରାତିରେ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ୨୨ ତାରିଖରେ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇ ଜଷ୍ଟିସ୍ ଦାସଙ୍କ ଅଧ୍ୟକ୍ଷତାରେ ବିଚାର ବିଭାଗୀୟ ତଦନ୍ତ କରାଯିବ ବୋଲି କୁହାଯାଇଥିଲା। ମୁଖ୍ୟତଃ ୩ଟି ଦିଗ ଉପରେ ତଦନ୍ତ ଆଗେଇବା ନେଇ ବିଜ୍ଞପ୍ତିରେ ସୂଚନା ଦିଆଯାଇଥିଲା। କିଭଳି ଓ କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସମ୍ପୂର୍ଣ୍ଣ ଘଟଣାକ୍ରମ କ'ଣ ଥିଲା, କେଉଁ ପରିସ୍ଥିତିରେ ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର ଏବଂ ମାଡ଼ମରା ଭଳି ଘଟଣା ଘଟିଲା, ଏହିସବୁ ଘଟଣାର ତଦନ୍ତ କରାଯିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଥିଲା।

**୫ ପୋଲିସ ଅଧିକାରୀଙ୍କ ମିଛଧରା ପରୀକ୍ଷା ଆରମ୍ଭ**

ଭରତପୁର ଥାନାରେ ନିର୍ଯାତନା ଘଟଣାରେ ସୋମବାର ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫୋରେନ୍‌ସିକ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ରେ ୫ ପୋଲିସ ଅଧିକାରୀଙ୍କ ମିଛଧରା ପରୀକ୍ଷା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କର ପଲିଗ୍ରାଫ ଟେଷ୍ଟ, ନାର୍କୋ–ଆନାଲିସିସ୍ ଓ ବ୍ରେନ୍ ଫିଙ୍ଗର ପ୍ରିଣ୍ଟିଙ୍ଗ୍ ଟେଷ୍ଟ ହୋଇଥିବାବେଳେ ଅନ୍ୟ ୪ ପୋଲିସ ଅଧିକାରୀଙ୍କ କେବଳ ପଲିଗ୍ରାଫ୍ ଟେଷ୍ଟ ହେବ। ଜଣଙ୍କ ପରେ ଜଣଙ୍କୁ ଏସବୁ ଟେଷ୍ଟ କରାଯିବ ବୋଲି ସୂଚନା ମିଳିଛି।

## ହାଇକୋର୍ଟରେ ଆଗୁଆ...

ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ୫ ନିଲମ୍ବିତ ପୋଲିସ ଅଧିକାରୀ ସୋମବାର ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମାନସ ଚାନ୍ଦ ମାମଲା ପରିଚାଳନା କରୁଛନ୍ତି।

## ମିଥୁନ୍ ଚକ୍ରବର୍ତ୍ତୀଙ୍କୁ...

ନରେନ୍ଦ୍ର ମୋଦି ଅଭିନେତା ମିଥୁନ୍‌ଙ୍କୁ ସାଂସ୍କୃତିକ ଆଇକନ୍ କହିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି। ମିଥୁନ୍‌ଜୀ ଦାଦାସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ସେ ଖୁସି ବୋଲି ଏକ୍ସ'ରେ ଲେଖିଛନ୍ତି। ୭୪ ବର୍ଷୀୟ ମିଥୁନ୍ ଏହି ସମ୍ମାନକୁ ତାଙ୍କ ପରିବାର, ଶୁଭେଚ୍ଛୁ ଓ ପ୍ରଶଂସକଙ୍କୁ ସମର୍ପିତ କରୁଥିବା କହିଛନ୍ତି। ସେ ଯଦି ଏହି ପୁରସ୍କାର ପାଇପାରିଲେ, କଳାକାରମାନେ ତ୍ୟାଗ ଓ କଠିନ ପରିଶ୍ରମ ମନୋଭାବ ରଖିଲେ ଏହା ହାସଲ କରିପାରିବେ ବୋଲି 'ମୃଗୟା', 'ଡିସ୍କୋ ଡ୍ୟାନ୍ସର' ଏବଂ 'ପ୍ରେମ୍ ପ୍ରତିଜ୍ଞା' ଭଳି ଲୋକପ୍ରିୟ ଚଳଚ୍ଚିତ୍ରର ତାରକା କହିଛନ୍ତି। ମିଥୁନ୍ ଅନେକ ହିନ୍ଦୀ ଏବଂ ବଙ୍ଗଳା ଚଳଚ୍ଚିତ୍ରରେ କାମ କରିଛନ୍ତି। ସେ ରାଜନୀତିରେ ପ୍ରବେଶ କରି ରାଜ୍ୟ ସଭା ସଦସ୍ୟ ରହିଥିଲେ। ସେ ୩ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୨ଟି ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ। କିଛିମାସ ପୂର୍ବରୁ ତାଙ୍କୁ ଭାରତର ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା। ୧୯୮୯ରେ ସେ ରେକର୍ଡ ୧୯ଟି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରି ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିଲେ, ଯାହାକୁ ବଲିଉଡ୍‌ରେ ଅନ୍ୟ କେହି ଏପର୍ଯ୍ୟନ୍ତ ଭାଙ୍ଗିପାରି ନାହାନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନେତା ମିଥୁନ୍ ଚକ୍ରବର୍ତ୍ତୀଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯିବା ନେଇ ଘୋଷଣା ପରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମୃଗୟା ମିଥୁନ୍‌ଙ୍କ...

ଏଥିରେ ମିଥୁନ୍‌ଙ୍କ ସହ ମମତା ଶଙ୍କର ଅଭିନୟ କରିଥିଲେ। ମମତାଙ୍କର ମଧ୍ୟ ଏହା ପ୍ରଥମ ଚଳଚ୍ଚିତ୍ର ଥିଲା। ୨୪ତମ ଜାତୀୟ ପୁରସ୍କାର ଉତ୍ସବରେ ମୃଗୟାକୁ ଶ୍ରେଷ୍ଠ ଫିଚର ଫିଲ୍ମ ଏବଂ ମିଥୁନ୍‌ଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ କରାଯାଇଥିଲା। ୩୦ ଦଶକରେ ଓଡ଼ିଶାର ଏକ ଛୋଟିଆ ଗାଁର ଆଦିବାସୀମାନଙ୍କ ଜୀବନୀକୁ ନେଇ ମୃଗୟା ଚଳଚ୍ଚିତ୍ର ନିର୍ମିତ। ସେତେବେଳେ ଗାଁକୁ ବାଘ, ବାରହା ଆଦି ବନ୍ୟଜନ୍ତୁ ପଶିଆସି ଆକ୍ରମଣ କରିବା ସହ ଫସଲ ନଷ୍ଟ କରୁଥିଲେ। ଲୋଭୀ ସାହୁକାର ଏବଂ ପୋଲିସ ସୂଚନାଦାତାଙ୍କ ଦ୍ୱାରା ଗ୍ରାମବାସୀ ନିର୍ଯାତିତ ହେଉଥିଲେ। ଏହି ସମୟରେ ଜଣେ ବ୍ରିଟିଶ ପ୍ରଶାସନିକ ଅଧିକାରୀ ଉକ୍ତ ଗାଁକୁ ଆସିଥିଲେ। ଶିକାର କରିବା ତାଙ୍କର ସଉକ ଥିଲା। ସେ ଘିନୁଆ ନାମକ ଆଦିବାସୀ ଯୁବକଙ୍କ ସହ ସମ୍ପର୍କ କରିଥିଲେ। ଘିନୁଆ ବଡ଼ ଶିକାର ଆଣିଲେ ତାଙ୍କୁ ପୁରସ୍କୃତ କରାଯିବ ବୋଲି ବ୍ରିଟିଶ ଅଧିକାରୀ କହିଥିଲେ। ଘିନୁଆଙ୍କ ସ୍ତ୍ରୀ ଡୁଙ୍ଗ୍ରୀଙ୍କୁ ସାହୁକାର ଅପହରଣ କରିନେଇଥିଲେ। ସ୍ତ୍ରୀଙ୍କୁ ଫେରାଇ ଆଣିବା ପାଇଁ ଘିନୁଆ ସାହୁକାରଙ୍କୁ ହତ୍ୟା କରିଥିଲେ। ଏହା ଏକ ବଡ଼ ଶିକାର ଭାବି ଘିନୁଆ ପୁରସ୍କାର ପାଇବା ଖୁସିରେ ବ୍ରିଟିଶ ସାହେବଙ୍କୁ ଭେଟିଥିଲେ। ତେବେ ସାହୁକାରଙ୍କୁ ହତ୍ୟା କରିଥିବାରୁ ତାଙ୍କୁ ଫାଶୀ ଦିଆଯାଇଥିଲା। ତେବେ ପୂର୍ବରୁ ଶିକାର କରି ପୁରସ୍କାର ପାଇଆସୁଥିବାବେଳେ ଏଥର ଫାଶୀ ଦିଆଗଲା କାହିଁକି, ତାହା ଘିନୁଆ ମୃତ୍ୟୁ ପର୍ଯ୍ୟନ୍ତ ବୁଝିପାରି ନ ଥିଲା।

## କନିଷ୍ଠ ଯନ୍ତ୍ରୀଙ୍କ ଘରୁ ସ୍ୱାମୀଙ୍କ ମୃତଦେହ ଜବତ

**ଅନୁଗୋଳ,୩୦।୯ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଣତି ମାଝୀଙ୍କ ଶିକ୍ଷକପଡ଼ାସ୍ଥିତ ଘରୁ ତାଙ୍କ ସ୍ୱାମୀ କିଶୋରନଗର ଥାନା ଧଉରାପାଲି ଅଞ୍ଚଳର ରଶ୍ମିରଞ୍ଜନ ବିଶ୍ୱାଳଙ୍କ ଝୁଲନ୍ତା ମୃତଦେହ ସୋମବାର ଅନୁଗୋଳ ପୋଲିସ ଜବତ କରିଛି। ଶ୍ୱଶୁର ଘର ଗୋଦାମ ଘର ଭିତରେ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବାବେଳେ କନିଷ୍ଠ ଯନ୍ତ୍ରୀଙ୍କ ପରିବାର ଲୋକେ ଏହାକୁ ଆତ୍ମହତ୍ୟା ବୋଲି କହୁଛନ୍ତି। ହେଲେ ମୃତକଙ୍କ ପରିବାର ଲୋକେ ଏହା ହତ୍ୟା ଘଟଣା ବୋଲି ଅଭିଯୋଗ କରିଛନ୍ତି। ଫଳରେ ପୋଲିସ ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ରାତି ପ୍ରାୟ ୯ଟାରେ ଜବତ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। କନିଷ୍ଠ ଯନ୍ତ୍ରୀଙ୍କ ବାପା ମଧୁସୂଦନ ମାଝୀ କହିଛନ୍ତି, ଝିଅ ପୂର୍ବରୁ ବିବାହ କରିଥିଲେ। ଅକସ୍ମାତ ଜାଇଁଙ୍କ ମୃତ୍ୟୁ ପରେ ସେବେଠାରୁ ତାଙ୍କ ଘରେ ରହୁଥିଲେ। ରଶ୍ମିରଞ୍ଜନଙ୍କ ସହ ପରିଚୟ ପରେ ରଶ୍ମିରଞ୍ଜନ ଆସି ପ୍ରଣତୀଙ୍କ ସହ ଘରେ ରହୁଥିଲେ। କିଛି କାମଧନ୍ଦା କରୁ ନ ଥିବାରୁ ପ୍ରଣତିଙ୍କ ଆର୍ଥିକ ସହାୟତାରେ ରଶ୍ମିରଞ୍ଜନ ଔଷଧ ବ୍ୟବସାୟ କରୁଥିଲେ। ଅନେକ ସମୟରେ ମଦ୍ୟପାନ କରି ରଶ୍ମିରଞ୍ଜନ ଘରେ ଅଶାନ୍ତି ସୃଷ୍ଟି କରୁଥିଲେ। ଅନ୍ୟପକ୍ଷରେ ରଶ୍ମିରଞ୍ଜନଙ୍କ ମା' କହିଛନ୍ତି, ପୁଅ କନିଷ୍ଠ ଯନ୍ତ୍ରୀଙ୍କୁ ବିବାହ ପରେ ଶ୍ୱଶୁର ଘରେ ଘରଜ୍ୱାଇଁ ହିସାବରେ ରହୁଥିଲେ। ରୋଜଗାର କରୁ ନ ଥିବାରୁ ଶ୍ୱଶୁର ଘର ଲୋକେ ମାନସିକ ନିର୍ଯାତନା ଦେଉଥିଲେ। ଏହି କାରଣରୁ ରଶ୍ମିରଞ୍ଜନଙ୍କୁ ମାରିଦେଇ ଆତ୍ମହତ୍ୟାର ରୂପ ଦିଆଯାଇଛି।

# ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତା ପୋଷଣ ଅଭିଯାନର ଯୋଦ୍ଧା

## ପୋଷଣ ମାସ ପାଳନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର,୩୦।୯ (ବନ୍ଦନା ସେଠୀ)

ଓଡ଼ିଶାକୁ କୁପୋଷଣମୁକ୍ତ କରିବା ପାଇଁ ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତାମାନଙ୍କୁ ଗାଁ ଗାଁରେ ଜନସଚେତନତା ସୃଷ୍ଟି କରିବାକୁ ପଡିବ। ଏଥିସହ ପୋଷଣ ଅଭିଯାନରେ ସେମାନଙ୍କୁ ଆତ୍ମୀୟତା ସହ କାର୍ଯ୍ୟ କରିବାକୁ ପଡିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସୋମବାର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନଠାରେ ରାଜ୍ୟସ୍ତରୀୟ ପୋଷଣ ମାସ-୨୦୨୪ ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଲେ, ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତା ହେଉଛନ୍ତି ପୋଷଣ ଅଭିଯାନର ଯୋଦ୍ଧା। ସେମାନେ ଜିଲାସ୍ତରୀୟ ଅପପୁଷ୍ଟି ସମସ୍ୟାର କାରଣ ଓ ନିରାକରଣ ଉପରେ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ମଧ୍ୟମ ପୁଷ୍ଟିହୀନତାକୁ ଓଡିଶାରୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ ଲକ୍ଷ୍ୟରେ ଜିଲାସ୍ତରୀୟ ଢାଞ୍ଚା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପୋଷଣ ପାଇଁ ଆଞ୍ଚଳିକ ଖାଦ୍ୟ ସହ ଖାଦ୍ୟ ବିବିଧତାକୁ ପ୍ରାଧାନ୍ୟ ଦେବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ମହିଳା ଓ ଶିଶୁ ବିକାଶ ଏବଂ ସମାଜ କଲ୍ୟାଣ ବୋର୍ଡ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ ଯୋଗଦେଇ, ଶିଶୁ ପୋଷଣରେ ମା' ସହ ପରିବାରର ଅନ୍ୟ ସଦସ୍ୟମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ଆମେ ଓଡ଼ିଶାକୁ ଏକ କୁପୋଷଣମୁକ୍ତ ରାଜ୍ୟ ଭାବେ ପ୍ରତିଷ୍ଠିତ କରିପାରିବା ବୋଲି ସେ କହିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରତିଷ୍ଠାନ ପରିସରରେ ପିଜୁଳି ଗଛ ଲଗାଇ 'ଏକ ପେଡ୍ ମା କେ ନାମ୍' ଅଭିଯାନକୁ ସ୍ୱାଗତ କରିଥିଲେ। ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଦ୍ୱାରା ପୋଷଣ ସଂକ୍ରାନ୍ତ ମଡେଲ, ଶିକ୍ଷା ଓ ମନୋରଞ୍ଜନଧର୍ମୀ ସାମଗ୍ରୀ, ଖେଳଣା ଏବଂ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଖୋର୍ଦ୍ଧା ଜିଲା ବାଲିପାଟଣା ପ୍ରକଳ୍ପର ତୁରିନତିରା ଅଙ୍ଗନୱାଡ଼ି କର୍ମୀ ହରପ୍ରିୟା ହୋତା, ନିମାପଡ଼ା ସେକ୍ଟରର ମହିଳା ସୁପରଭାଇଜର ସଙ୍ଗୀତା ଗୌତମୀ ଜେନା, ମାଲକାନଗିରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନୀହାରବାଳା ସାହୁ ଓ ନୂଆପଡ଼ା ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର କ୍ଷେତ୍ର ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅର୍ଥ ଉପଦେଷ୍ଟା ଓ ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନାୟକ ଏବଂ ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ଜିଲାରୁ ଆସିଥିବା ଅଙ୍ଗନୱାଡି କର୍ମୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଯୋଗଦେଇଥିଲେ। ବିଭାଗୀୟ ଅତିରିକ୍ତ ସଚିବ ଏନ୍.ସି. ଜ୍ୟୋତିରଞ୍ଜନ ନାୟକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।



ପୋଷଣ ମାସ ପାଳନ ଉତ୍ସବରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟମାନେ ଅଙ୍ଗନୱାଡି କର୍ମୀଙ୍କ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି। (ଫଟୋ- ବିକାଶ ନାୟକ)

# ଶିଶୁପୁତ୍ରକୁ ୭ ହଜାର ଟଙ୍କାରେ ବିକ୍ରି

## ଚାଇଲ୍ଡ ଲାଇନ ଉଦ୍ଧାର କଲା

ଯାଜପୁର ଟାଉନ,୩୦।୯(ପ୍ରଯକ୍ତା ମହାନ୍ତି)

ଅଭାବ ଅନଟନ ପାଇଁ ୭ ହଜାର ଟଙ୍କାରେ ଜଣେ ଶିଶୁପୁତ୍ରକୁ ବିକ୍ରି କରାଯାଇଥିଲା। ଏଥିରେ ମଧ୍ୟସ୍ଥ ସାଜିଥିବା ଜଣେ ମହିଳାଙ୍କୁ ଚାଇଲ୍ଡ ଲାଇନ ଓ ପୋଲିସ ଧରିଛି। ବିକ୍ରି କରାଯାଇଥିବା ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି।

ସୂଚନା ଅନୁଯାୟୀ, ଯାଜପୁର ଟାଉନ ଥାନା ଅନ୍ତର୍ଗତ ଆଙ୍କୁଲା ଗ୍ରାମରେ ରହୁଥିବା ଜଗା ମୁଣ୍ଡାଙ୍କ ଦେଢ଼ ମାସର ଶିଶୁପୁତ୍ରକୁ ଟାଉନ ଥାନା ଅନ୍ତର୍ଗତ ହଳଦୀପଦାର ଜଳିଆ ଜେନାଙ୍କୁ ୨ ଦିନ ତଳେ ୭ ହଜାର ଟଙ୍କା ନେଇ ବିକ୍ରି କରାଯାଇଥିଲା। ହେଲେ ସୋମବାର ଶିଶୁପୁତ୍ରର ମା' ନିଜ ପୁଅକୁ ଫେରେଇ ନେବା ପାଇଁ ଚାଇଲ୍ଡ ଲାଇନର ଦ୍ୱାରସ୍ଥ ହୋଇଥିଲେ। ସମ୍ପୃକ୍ତା ମହିଳାଙ୍କଠାରୁ ସୂଚନା ପାଇବା ପରେ ଘଟଣାସ୍ଥଳକୁ ଟାଉନ ଥାନା ପୋଲିସ ଏବଂ ଚାଇଲ୍ଡ ଲାଇନ ସଦସ୍ୟ ଯାଇଥିଲେ। ସେମାନେ ଆଙ୍କୁଲାରେ ପହଞ୍ଚି ଶିଶୁପୁତ୍ରକୁ ଫେରାଇ ଦେବାକୁ ମଧ୍ୟସ୍ଥ ସାଜିଥିବା ମହିଳାଙ୍କୁ କହିଥିଲେ। ହେଲେ ଶିଶୁପୁତ୍ରକୁ ସେ ହଳଦୀପଦାର ଜଳିଆ ଜେନାଙ୍କୁ ଦେଇ ଦେଇଥିବା କହିଥିଲେ। ପରେ ପୋଲିସ ଓ ଚାଇଲ୍ଡ ଲାଇନ ସଦସ୍ୟ ହଳଦୀପଦାରୁ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ଛୁଆଟିକୁ ବିକ୍ରି କରାଯାଇଥିବା କହିଛନ୍ତି ଚାଇଲ୍ଡ ଲାଇନ ସଦସ୍ୟ।

# ଦ୍ୱାରଶୁଣୀ ଘାଟିରାସ୍ତା ଜାମ୍, ଫସିରହିଲା ଆମ୍ବୁଲାନ୍ସ

ବାଙ୍ଗିରିପୋଷି,୩୦।୯
(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟି ରାସ୍ତା ଜାମ୍ ରହିଥିବା ଯୋଗୁ ଗାଡ଼ି ଚାଳକ ଓ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ଗାଡ଼ି ପାର ହେବା ପାଇଁ ୪ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ୪ ଦିନ ହେଲା ଏପରି ଜଟିଳ ସ୍ଥିତି ଲାଗିରହିଛି। ଏପରିକି ଆମ୍ବୁଲାନ୍ସ ମଧ ଦୀର୍ଘ ସମୟ ଧରି ଜାମରେ ଫସି ରହିଥିବା ଦେଖିବାକୁ ମିଳିଛି। ଅଫିସ କାର୍ଯ୍ୟ ପାଇଁ ଆସୁଥିବା କର୍ମଚାରୀ ଓ ବସ୍‌ଯାତ୍ରୀ ହଇରାଣ ହେଉଛନ୍ତି। ଓଏସ୍‌ଏସ୍‌ସି ପରୀକ୍ଷା ଚାଲିଥିବା ବେଳେ ଘାଟି ରାସ୍ତାରେ ଅନେକ ଯୁବତୀ ଯୁବକ ଫସି ରହି ପରୀକ୍ଷା ଦେବାରୁ ବଞ୍ଚିତ ରହିଥିବା ମଧ ଲକ୍ଷ୍ୟ କରାଯାଇଛି। ଖବର ଲେଖା ହେବା ଶେଷ ସୁଦ୍ଧା ଯାନବାହନ ଚଳାଚଳ ସ୍ୱାଭାବିକ ହୋଇ ନାହିଁ।

ସୂଚନା ଅନୁଯାୟୀ, ଘାଟି ରାସ୍ତା ମଧ୍ୟବର୍ତ୍ତୀ ଅଞ୍ଚଳରେ ଏକ କଣ୍ଟେନର ଆଗକୁ ପଛକୁ ନ ଯାଇପାରି ଅଟକି ରହିଛି। ଯାହା ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଯାତ୍ରୀମାନେ ପାନୀୟ ଜଳ ପାଇଁ ଘାଟି ରାସ୍ତା ମଝିରେ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ପୋଲିସ ପ୍ରଶାସନ ଅଟକି ଥିବା ଗାଡ଼ିକୁ ହଟାଇବା ପାଇଁ କୌଣସି ବ୍ୟବସ୍ଥା କରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି।



ଜାମ୍‌ରେ ଫସି ରହିଥିବା ଗାଡ଼ି।

DSPL-128

ଓଡ଼ିଶା ସରକାର

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ସାରା ଦେଶରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବରେ ପାଳନ କରାଯାଉଛି । ଏହି ଅବସରରେ ସମସ୍ତ ରକ୍ତଦାତା ଏବଂ ଏହି ମହତ କାର୍ଯ୍ୟ ସହ ଜଡ଼ିତ ଅନୁଷ୍ଠାନମାନଙ୍କୁ ମୋର ଧନ୍ୟବାଦ ଜଣାଉଛି ।

ରକ୍ତଦାନ ଏକ ମହତ ଦାନ । ରକ୍ତ ଅଭାବରୁ ଅକାଳରେ ଝରି ପଡୁଥିବା ବହୁମୂଲ୍ୟ ଜୀବନକୁ ରକ୍ତଦାନ ମାଧ୍ୟମରେ ବଞ୍ଚାଯାଇ ପାରୁଛି । ରକ୍ତର ଆବଶ୍ୟକତାକୁ ପୂରଣ କରିବାପାଇଁ ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନକୁ ବ୍ୟାପକ କରାଯିବା ଆବଶ୍ୟକ । ଏଥିପାଇଁ ସବୁ ସ୍ତରରେ ଜନ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ।

ଆସନ୍ତୁ, ଆଜିର ଏହି ପୁଣ୍ୟ ଦିବସରେ ନିୟମିତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରିବା ପାଇଁ ସଂକଳ୍ପ ନେବା ଏବଂ ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

ବାର୍ତ୍ତା



ଅକ୍ଟୋବର ୧ ତାରିଖରେ ଅନୁଷ୍ଠିତ ହେଉଥିବା ଜାତୀୟ ରକ୍ତଦାନ ଦିବସ ଅବସରରେ ଆମ ରାଜ୍ୟର ସମସ୍ତ ରକ୍ତଦାତା ଏବଂ ଏହିଭଳି ଏକ ମହତ କାର୍ଯ୍ୟରେ ସାମିଲ୍ ହୋଇ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଥିବା ସମସ୍ତ ଅନୁଷ୍ଠାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ରକ୍ତଦାନ ଏକ ମହାପୁଣ୍ୟ । ରକ୍ତର ଚାହିଦା ପ୍ରତ୍ୟେକ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ବଢ଼ି ବଢ଼ି ଯାଉଛି । ରକ୍ତର କୌଣସି ବିକଳ୍ପ ଆଧୁନିକ ଚିକିତ୍ସାରେ ବାହାରିନାହିଁ । ଆମ ରାଜ୍ୟରେ ଆବଶ୍ୟକ ପଡୁଥିବା ତିନି ଚତୁର୍ଥାଂଶରୁ ଅଧିକ ରକ୍ତ ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ସଂଗ୍ରହ କରାଯାଇଥାଏ । ୧୮ ରୁ ୬୫ ବର୍ଷର ଯେ କୌଣସି ସୁସ୍ଥ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିପାରିବେ । ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହିତ ଅନ୍ୟର ଜୀବନ ବଞ୍ଚାଇବାରେ ସହାୟକ ହେବେ । ଆଜିର ଦିନରେ ମୁଁ ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଉଛି ।

ଆସନ୍ତୁ, ଆଜି ଆମେ ଶପଥ ନେବା ଯେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ସହିତ, ରକ୍ତର ଆବଶ୍ୟକତାକୁ ପୂରଣ କରିବାପାଇଁ ନିଜର ପରିବାର, ବନ୍ଧୁବାନ୍ଧବ ଏବଂ ଜନସାଧାରଣଙ୍କୁ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ପାଇଁ ପ୍ରବର୍ତ୍ତାଇବା ଓ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଉଦ୍ୟମ କରିବା ।

ଡ଼. ମୁକେଶ ମହାଲିଙ୍ଗ
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର
ବୈଦ୍ୟୁତିକ ଅଣୁ ବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା

OIPR-10080/13/0002/2425

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନିଶ୍ଚିତ ପାଣିପାଗ ସହ ଜଡ଼ିତ ବିପଦକୁ କମ କରିବା ସହିତ ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କ ଆର୍ଥିକ ହିତ ରକ୍ଷା କରିବାରେ ଲଗାତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚାଷୀ ହିତୈଷୀ ବୀମା ଯୋଜନାର ଲାଭ ଆଜି କୋଟି କୋଟି ଚାଷୀଙ୍କୁ ମିଳୁଛି।"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ






ଫସଲ ପାଇଁ ସୁରକ୍ଷାର ବରଦାନ,
ପଲିସି ହାତରେ ପାଇଲା କୃଷକ

ଫସଲ ବୀମା କରାନ୍ତୁ, ସୁରକ୍ଷା କବଚ ପାଆନ୍ତୁ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ
- 19.67 କୋଟି ଚାଷୀ ଭାଇ-ଭଉଣୀଙ୍କୁ ବର୍ତ୍ତମାନ ସୁଦ୍ଧା ମିଳିଛି ଫସଲ ବୀମାର ଲାଭ
- ₹1.65 ଲକ୍ଷ କୋଟି ଟଙ୍କାର ଦାବି ଚାଷୀମାନଙ୍କୁ ପଇଠ କରାଯାଇଛି
- 70 କୋଟିରୁ ଅଧିକ କୃଷକଙ୍କର ଆବେଦନ ପ୍ରାପ୍ତ ହୋଇଛି

ଦେଶବ୍ୟାପୀ ହେଲ୍ପଲାଇନ୍ 14447

ମୋ ପଲିସୀ ମୋ ହାତରେ
ମହା ଅଭିଯାନ
01 ଅକ୍ଟୋବର - 31 ଅକ୍ଟୋବର 2024

ଆପଣଙ୍କ ଗାଁରେ ହେଉଥିବା ଶିବିରରେ ଏହି ବିଷୟ ଉପରେ ସୂଚନା ପାଆନ୍ତୁ:
- ବୀମା ପଲିସୀ, ସରକାରୀ ନୀତି, ଭୂମି ଅଭିଲେଖ ଏବଂ ଦାବି ଓ ଅଭିଯୋଗ ନିବାରଣ
- ଚାଷୀଙ୍କ ପ୍ରଶିକ୍ଷଣ ପାଇଁ ଫସଲ ବୀମା ପାଠଶାଳା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

ବୀମା ଅଂଶୀଦାରୀ AIC | Chola MS | Future Generali | HDFC ERGO | ICICI Lombard | Kshema | Oriental Insurance | Reliance General Insurance | SBI general | Universal Sompo General Insurance

ଯୋଜନା ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ

ଜନସେବା କେନ୍ଦ୍ର | କ୍ରପ୍ ଇନସ୍ୟୁରାନ୍ସ ଆପ୍ https://play.google.com | ପୋଷ୍ଟ ଅଫିସ | ବ୍ୟାଙ୍କ ଶାଖା | @PMFBY

ଯୋଜନା ସମ୍ବନ୍ଧିତ ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କରନ୍ତୁ

# ଏକ ନମ୍ବର ପଛରେ

ଏକ ନମ୍ବରରେ ରହିବା ପାଇଁ ଏବେ ଚାରିଆଡ଼େ କସରତ ହେଉଛି। ପୂର୍ବରୁ ଭାବୁଥିଲୁ ଯେ, ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିବାକୁ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ସବୁଭିତ୍ତି ଉଦ୍ୟମ କରିଥାଆନ୍ତି। ଦରକାର ପଡ଼ିଲେ ପିଲାଙ୍କୁ କପି କରିବା ପାଇଁ ମଧ୍ୟ ଉତ୍ସୁକାଇଥାଆନ୍ତି। ଏବେ ସେହି ଚରିତ୍ରରେ ବୋଧ ସରକାରୀ ସ୍ତରରେ ମଧ୍ୟ କିଛି ବର୍ଷ ହେଲା ଦେଖାଦେଉଛି। ଏକ ନମ୍ବର ରାଜ୍ୟଠାରୁ ଆରମ୍ଭକରି ଏକ ନମ୍ବର ମୁଖ୍ୟମନ୍ତ୍ରୀ ହେବା ପାଇଁ କେବଳ ଓଡ଼ିଶା ନୁହେଁ, ଦେଶର ଅନ୍ୟ କେତେକ ରାଜ୍ୟ ମଧ୍ୟ ସର୍ବଦା ଚେଷ୍ଟିତ। ଏଥିପାଇଁ ଅସତ୍ୟ ନଥିପତ୍ର ସୃଷ୍ଟି କରିବାକୁ ପଡ଼ିଲେ ମଧ୍ୟ ତାହା ଯୋଗାଡ଼ କରି ଦିଆଯାଉଛି। ପୁରସ୍କାର ପାଇବା ହୋଇଯାଉଛି ଯେମିତି ପ୍ରାଥମିକ ଲକ୍ଷ୍ୟ। ସଦ୍ୟ ପ୍ରକାଶିତ ଅର୍ବାନ ଗଭର୍ଣ୍ଣାନ୍ସ ଇଣ୍ଡେକ୍ସ (ୟୁଜିଆଇ) ୨୦୨୪ରୁ ଜଣାପଡ଼ିଛି ଯେ, ସହରାଞ୍ଚଳ ଶାସନ କ୍ଷେତ୍ରରେ କେରଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ଦ୍ୱିତୀୟରେ ରହିଛି। ପ୍ରଜା ଫାଉଣ୍ଡେସନ ପକ୍ଷରୁ ଭାରତର ୨୮ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳର ୩୧ଟି ସହରରେ ଏ ନେଇ ଦୁଇବର୍ଷ ଧରି ଅଧ୍ୟୟନ କରାଯାଇଥିଲା। ଗବେଷକମାନଙ୍କ ଏକ ଟିମ୍ ଏହିସବୁ ସହରରେ ୨,୨୧୩ ପ୍ରମୁଖ ଅଂଶୀଦାରଙ୍କ ସମେତ ନିର୍ବାଚିତ ପ୍ରତିନିଧି, ପ୍ରଶାସକ, ଶିକ୍ଷାବିତ୍, ସିଭିଲ ସୋସାଇଟି, ଗଣମାଧ୍ୟମ ଏବଂ ଅର୍ବାନ ଗଭର୍ଣ୍ଣାନ୍ସ ଓ ନୀତି ବିଶେଷଜ୍ଞଙ୍କ ସହ ଆଲୋଚନା କରି ରିପୋର୍ଟ ପ୍ରସ୍ତୁତ କରିଥିଲେ। ୪୨ଟି ମାପଦଣ୍ଡକୁ ଆଧାର କରି ୧୦୦ରୁ କେରଳକୁ ୫୯.୩୧ ନମ୍ବର ମିଳିଥିବା ବେଳେ ଓଡ଼ିଶା ୫୫.୧୦ ନମ୍ବର ରଖିଛି। ଏଠାରେ ପ୍ରଶ୍ନ ଉଠୁଛି, ଓଡ଼ିଶାର କେଉଁ ଗଣମାଧ୍ୟମ ସହ ଆଲୋଚନା ହୋଇଥିଲା, ତାହା କେହି ଜାଣି ନ ଥିବେ। ସେହିଭଳି ଆମ ରାଜ୍ୟର କେଉଁ ବ୍ୟକ୍ତି ନୀତି ବିଶେଷଜ୍ଞ ଓ ତାଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ କେତେଦୂର ବିଶ୍ୱସନୀୟ ତାହା ଖୋଜି ବାହାର କରାଯିବା ଦରକାର।

ସହରାଞ୍ଚଳ ଶାସନ ବା ପରିଚାଳନା ବ୍ୟବସ୍ଥା ଉତ୍ତମ ରହିଥିବା ନେଇ କାଗଜକଲମରେ କୁହାଯାଉଥିଲେ ମଧ୍ୟ ବାସ୍ତବରେ ତାହା ପ୍ରତିଫଳିତ ହେଉନାହିଁ। ଉଦାହରଣ ଭାବେ ଓଡ଼ିଶାର ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର ଓ ରାଉରକେଲା ଭଳି ସହରକୁ ଦେଖିଲେ ରାସ୍ତା ନାଳ ବାରମ୍ବାର ହେଉଥିବା ସବୁକ ଭିତ୍ତିଭୂମି ସମ୍ପୂର୍ଣ୍ଣ ହୋଇ ପାରିନାହିଁ ବୋଲି କୁହାଯାଇପାରେ। ସେହିଭଳି ରାସ୍ତା, ଆଲୋକ, ବର୍ଷାପାଣି ନିଷ୍କାସନ, ବର୍ଜ୍ୟ ପରିଚାଳନା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶାର କୌଣସି ସହର କୌଣସି ମାପଦଣ୍ଡରେ ଉଚ୍ଚ ସ୍ଥାନ ହାସଲ କରିପାରିବ ନାହିଁ। ରାସ୍ତାର ଦୁରବସ୍ଥା ସହରର ଗମନାଗମନରେ ବିପଦକୁ ସୃଷ୍ଟି କରୁଛି। ସେଥିରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ଓ ଫ୍ଲାଏ ଓଭରର କେତେକାଂଶ ଭାଙ୍ଗି ପଡ଼ିବା ଯୋଗୁ ବାରମ୍ବାର ଦୁର୍ଘଟଣା ଦେଖିବାକୁ ମିଳୁଛି। କୁହାଯାଇଥାଏ, ଏକ ପିଚୁ ରାସ୍ତାର ସ୍ଥାୟିତ୍ୱ ୨ ବର୍ଷ। ହେଲେ କଂକ୍ରିଟ ରାସ୍ତାର ଜୀବନ ପାଖାପାଖି ୨୫ ବର୍ଷ ହୋଇଥାଏ। ଯେତେବେଳେ କୁହାଯାଉଛି ଯେ, ଆମର ରାସ୍ତାଗୁଡ଼ିକ ଅତ୍ୟନ୍ତ ସ୍ମାର୍ଟ ହୋଇଯାଇଛି ସେତେବେଳେ ପିଚୁ ରାସ୍ତା କରିବା ଅପେକ୍ଷା ସେଗୁଡ଼ିକୁ କଂକ୍ରିଟ କରାଯାଇ ପାରିଥାଆନ୍ତା। କିନ୍ତୁ ଏ ଦିଗରେ ଅର୍ଥ ବାଟମାରଣା କରିଦେବାର ଉଦ୍ଦେଶ୍ୟ ରହୁଥିବାରୁ ପ୍ରତିବର୍ଷ ଠିକାଦାରଙ୍କୁ ପୋଷିବା ସାର ହେଉଛି। ସମାନ ଭାବେ ପାନୀୟ ଜଳ କଥା ଦେଖିଲେ ସବୁ ଘରକୁ ଏହା ଯୋଗାଇ ଦିଆଯାଇଛି ବୋଲି ସରକାରୀ ନଥିପତ୍ରରେ ଦର୍ଶାଯାଉଛି। କିନ୍ତୁ ବାସ୍ତବରେ ସହରଠାରୁ ଗାଁ ଯାଏ ଲୋକେ ପାଣି ପାଇଁ ସଂଘର୍ଷ କରୁଛନ୍ତି। ଅନୁରୂପ ଭାବେ ବିଦ୍ୟୁତ୍ ସଂଯୋଗ ଶତ ପ୍ରତିଶତ ହୋଇଥିବା କୁହାଯାଇ ବାହାବା ନିଆଯାଉଛି। ସହରର ସ୍ୱେରେଜ, ସିଉଏଜ୍ ବ୍ୟବସ୍ଥା କିଭଳି ରହିଛି ତାହା ସମସ୍ତେ ଜାଣନ୍ତି। ଏ ଦିଗରେ ଅନେକ କୋଟି ଟଙ୍କା ବରାଦ ହେଉଥିଲେ ମଧ୍ୟ ତାହାର ସୁଫଳ ସାଧାରଣରେ ଦେଖିବାକୁ ମିଳୁନାହିଁ। ବର୍ଷାଦିନରେ କଟକ ଓ ଭୁବନେଶ୍ୱର ଭଳି ସିଟିର ମୁକୁଳା ଡ୍ରେନ୍‌ରେ ବାରମ୍ବାର ପିଲାଙ୍କ ଜୀବନ ଯାଉଛି। ଚଳିତ ବର୍ଷ ଜୁନ୍‌ରେ ଭୁବନେଶ୍ୱର ୟୁନିଟ୍ ୩ରେ ଡ୍ରେନ୍‌ରେ ପଡ଼ି ଜଣେ ୧୦ ବର୍ଷର ବାଳକଙ୍କ ମୃତ୍ୟୁ ହେବା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସହରୀ ବନ୍ୟା କଥା ନ କହିଲେ ଭଲ।

ବିଶେଷକରି ସହରର ବିକାଶ ପାଇଁ ଉପରଲିଖିତ କ୍ଷେତ୍ର ସକାଶେ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦିଆଯାଉଛି। ହେଲେ ଯେତେବେଳେ ପାଣ୍ଠି ଗ୍ରହଣ କରୁଥିବା ସରକାର କିମ୍ବା ନଗର ଶାସନ ବ୍ୟବସ୍ଥା ଭିତ୍ତିଭୂମି ଉନ୍ନତି କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ବିଷୟ ଜଣାଇଥାଆନ୍ତି ଏବଂ ଏସବୁ ଉପରେ ଅନୁଧ୍ୟାନ କରୁଥିବା ସଂସ୍ଥା ସମ୍ପୃକ୍ତ ସହରଗୁଡ଼ିକୁ ଟପ୍ ରେଟିଂ ଦେଇ ଦିଅନ୍ତି, ସେତେବେଳେ ବିକାଶ ସେଇଠି ଅଟକି ଯାଉଛି ବୋଲି ଧରିନେବାକୁ ହେବ। କାରଣ ଅର୍ଥ ଯୋଗାଉଥିବା ସଂସ୍ଥା କିମ୍ବା କେନ୍ଦ୍ର ସରକାରଙ୍କ ରେକର୍ଡରେ ଦର୍ଶାଇ ଦିଆଯାଉଛି ଯେ, ବିଭିନ୍ନ ସହରାଞ୍ଚଳରେ ସବୁ ଉନ୍ନତିମୂଳକ କାର୍ଯ୍ୟ ହାସଲ ହୋଇଗଲାଣି। ଅର୍ଥାତ୍ ସେଥିପାଇଁ ଅଧିକ ପାଣ୍ଠି ଯୋଗାଇବାର ଆବଶ୍ୟକତା ରହୁନାହିଁ। ତେଣୁ ପରବର୍ତ୍ତୀ ସମୟରେ କେବଳ ରକ୍ଷଣାବେକ୍ଷଣ ପାଇଁ କ୍ଷୁଦ୍ର ପରିମାଣର ଅର୍ଥ ଦିଆଯାଉଛି। ଏହାଦ୍ୱାରା ଭବିଷ୍ୟତର ଶାସନ ବ୍ୟବସ୍ଥାରେ ବିରାଟ ବଡ଼ ସମସ୍ୟା ସୃଷ୍ଟି କରିଦିଆଯାଉଛି। ଏଭଳି ପରିସ୍ଥିତି ଓଡ଼ିଶାର ସରକାର ପୂର୍ବରୁ ଅନେକ ଥର କରିଥିବାରୁ ତାହାର କୁଫଳ ଏବେ ଭୋଗିବାକୁ ପଡ଼ିବ।

ଅର୍ଥ ଯୋଗାଉଥିବା ସଂସ୍ଥା କିମ୍ବା କେନ୍ଦ୍ର ସରକାରଙ୍କ ରେକର୍ଡରେ ଦର୍ଶାଇ ଦିଆଯାଉଛି ଯେ, ସହରାଞ୍ଚଳରେ ସବୁ ଉନ୍ନତିମୂଳକ କାର୍ଯ୍ୟ ହାସଲ ହୋଇଗଲାଣି ଅର୍ଥାତ୍ ସେଥିପାଇଁ ଅଧିକ ପାଣ୍ଠିର ଆବଶ୍ୟକତା ରହୁନାହିଁ ତେଣୁ ପରବର୍ତ୍ତୀ ସମୟରେ କେବଳ ରକ୍ଷଣାବେକ୍ଷଣ ପାଇଁ କ୍ଷୁଦ୍ର ପରିମାଣର ଅର୍ଥ ଦିଆଯାଉଛି। ଏହାଦ୍ୱାରା ଭବିଷ୍ୟତର ଶାସନ ବ୍ୟବସ୍ଥାରେ ବିରାଟ ବଡ଼ ସମସ୍ୟା ସୃଷ୍ଟି କରିଦିଆଯାଉଛି।

# ଛାତ୍ର ଶକ୍ତି, ରାଷ୍ଟ୍ରର ଶକ୍ତି



ସୌଭାଗ୍ୟ ସୁନ୍ଦରରାୟ

ନିକଟରେ ଭାରତ ଓ ପଡ଼ୋଶୀ ବାଂଲାଦେଶରେ ଦୁଇଟି ଆନ୍ଦୋଳନାତ୍ମକ ଘଟଣା ଘଟିଯାଇଛି, ଯାହା ଛାତ୍ର ଶକ୍ତିର ପରାକାଷ୍ଠାକୁ ପୁଣି ଥରେ ପ୍ରତିପାଦିତ କରିଛି। ସାଧାରଣ ଜନତା ଯାହା କରିବାରେ ସମର୍ଥ ହୋଇନଥା'ନ୍ତି, ତାହା ଛାତ୍ରଙ୍କ ଦ୍ୱାରା ସମ୍ଭବ ହୋଇପାରିଥାଏ।

ପଶ୍ଚିମବଙ୍ଗରେ ଗତ କିଛିଦିନ ତଳେ ଏକ ଲୋମଟାଙ୍କୁରା ଧର୍ଷଣ ଓ ହତ୍ୟା ଘଟଣା ଘଟିଲା। ରାଜ୍ୟର ଏକ ପୁରୁଣା ଡାକ୍ତରି ପାଠ୍ୟକ୍ରମ ଶିକ୍ଷାନୁଷ୍ଠାନରେ ଜଣେ ସ୍ନାତକୋତ୍ତର ଛାତ୍ରୀଙ୍କୁ ଧର୍ଷଣ ପରେ ହତ୍ୟା କରାଗଲା। ପ୍ରତିଷ୍ଠିତ ଆର.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ହୋଇଥିବା ଏହି ଜଘନ୍ୟ ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏହି ଘଟଣାରେ ନିଜ ଆଡୁ ହସ୍ତକ୍ଷେପ କଲେ। ତେବେ ମୂଳ ଘଟଣାଟି ହେଲା: ଜଣେ ଛାତ୍ରୀଙ୍କ ପ୍ରତି ଏଭଳି ଅମାନୁଷିକ ଆଚରଣ ପ୍ରତି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ଅତି ଖାମଖିଆଲ ମନୋଭାବ ପୋଷଣ କଲେ। ଏହାକୁ ଏକ ସାଧାରଣ ଅପରାଧ ଦୃଷ୍ଟିରେ ଦେଖାଗଲା। ଏତେବଡ଼ ଉଚ୍ଚ ଶିକ୍ଷାନୁଷ୍ଠାନରେ ଜଣେ ତରୁଣୀଙ୍କ ପ୍ରତି ନିରାପତ୍ତା ଦିଗ ସମ୍ପର୍କରେ ବିଚାର କରାନଯାଇ ଘଟଣାକୁ ସାଧାରଣ ଅପରାଧ ଭାବେ ବିବେଚନା କରି ବିଭିନ୍ନ ଆଇନ ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ କରାଯିବାରୁ ଛାତ୍ର ଅସନ୍ତୋଷ ବୃଦ୍ଧି ପାଇଲା। ଫଳରେ ଡାକ୍ତରୀ ଛାତ୍ର ଆନ୍ଦୋଳନ ମାର୍ଗ ଆପଣେଇ ରାଜରାସ୍ତାକୁ ଓହ୍ଲାଇଲେ। ରୋଗୀସେବା ବାଧାପ୍ରାପ୍ତ ହେଲା। ପଶ୍ଚିମବଙ୍ଗ ଡାକ୍ତରଙ୍କ ସହ ସମଗ୍ର ଦେଶର ଡାକ୍ତରୀ ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ହେଲେ। ପଶ୍ଚିମବଙ୍ଗରେ ସାଧାରଣ ଜନତା ମଧ୍ୟ ଛାତ୍ରୀଛାତ୍ରଙ୍କ ସମର୍ଥନରେ ବାହାରିଲେ। ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟରେ ଯୋଗଦେବା ପାଇଁ ସୁପ୍ରିମକୋର୍ଟ ଛାତ୍ରୀଛାତ୍ରଙ୍କୁ କହିଥିଲେ। ସେମାନେ ତାହା ଶୁଣିନଥିଲେ। ଫଳରେ ଆନ୍ଦୋଳନକାରୀ ନିକଟରେ ସରକାର ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଲେ। ରାଜ୍ୟର ତୃଣମୂଳ ସରକାର ଧର୍ଷଣ ନିରୋଧୀ ବିଲ୍ ବିଧାନସଭାରେ ଗୃହୀତ କରାଇଲେ। ଛାତ୍ରଙ୍କ ଦାବି ମୁତାବକ ରାଜ୍ୟର ଏକାଧିକ ବରିଷ୍ଠ ଅଧିକାରୀଙ୍କୁ ବଦଳି କରାଗଲା। ଏହି ଅଧିକାରୀଗଣ ଘଟଣାକୁ ଗୁରୁତ୍ୱ ନ ଦେଇ ନିଜ ଦାୟିତ୍ୱରେ ଅବହେଳା କରିଥିଲେ। ଏଥିସହ କେନ୍ଦ୍ର ସରକାର ନିଜ ଅଧୀନ ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥାରେ ବୃଦ୍ଧି ଆଣିବାକୁ ନିଷ୍ପତ୍ତି ନେଇଥିଲେ। ଦୀର୍ଘ ୪୨ ଦିନର ଛାତ୍ର ଆନ୍ଦୋଳନ ଯୋଗୁ ଏହି ସୁଫଳ ମିଳିପାରିଲା ବୋଲି କୁହାଯାଇପାରେ। ଯଦି ପ୍ରଶାସନ ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା, ତାହାଲେ ହୁଏତ ଆନ୍ଦୋଳନ ଏତେ ଦିନ ଚାଲିନଥା'ନ୍ତା।

ସେହିପରି ପଡ଼ୋଶୀ ବାଂଲାଦେଶରେ ଏକ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ପରିଶେଷରେ ଏକ ଗଣବିପ୍ଳବରେ ପରିଣତ ହୋଇପାରିଲା, ଯାହାର ନେତୃତ୍ୱ ନେଇଥିଲେ ଛାତ୍ରସମାଜ। ପରିସ୍ଥିତି ଏପରି ହେଲା ଯେ, ଏକ ସରକାରର ପତନ ଘଟିଲା ଏବଂ ପ୍ରଧାନମନ୍ତ୍ରୀ ଦେଶ ଛାଡ଼ି ଚାଲିଗଲେ। ବାଂଲାଦେଶରେ ଗତ ୧୫ ବର୍ଷ ଧରି ଶେଖ ହାସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ସରକାର କ୍ଷମତାରେ ରହିଆସିଥିଲା। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ଚାଲିଲେ। ପ୍ରତିପକ୍ଷ ଓ ବିରୋଧୀ ସ୍ୱରକୁ ଦମନ କରିବାକୁ ବିଭିନ୍ନ ପଦକ୍ଷେପ ନେଲେ। ଏହାଦ୍ୱାରା ଦେଶରେ ସାଧାରଣ ଜନତାଙ୍କ ମଧ୍ୟରେ ଏକପ୍ରକାର ଚାପା ଅସନ୍ତୋଷ ଦେଖାଦେଲା। କିନ୍ତୁ ସରକାରୀ କଳର ସାମ୍ନା କରିବାକୁ କେହି ସାହସ ଜୁଟାଇ ପାରୁନଥିଲେ। ଏହି ସମୟରେ ବାଂଲାଦେଶ ମୁକ୍ତି ସଂଗ୍ରାମରେ ଯୋଗ ଦେଇଥିବା ପରିବାର ସଦସ୍ୟଙ୍କ ପାଇଁ ସରକାର ୩୦% ସଂରକ୍ଷଣ ବ୍ୟବସ୍ଥା କଲେ। ଦେଶରେ ସାଧାରଣ ଲୋକଙ୍କ ମଧ୍ୟରେ ବେରୋଜଗାରି ବୃଦ୍ଧି ପାଇଥିବାବେଳେ ଏତେ ପରିମାଣର ସଂରକ୍ଷଣକୁ ଢାକା ବିଶ୍ୱବିଦ୍ୟାଳୟର କିଛି ବିଦ୍ୟାର୍ଥୀ ବିରୋଧ କରିଥିଲେ। ସରକାର ଦମନମୂଳକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ। ଦୀର୍ଘ ଦିନର ସରକାରୀ ମନମାନୀ ବିରୋଧରେ ଥିବା ଜନ ଅସନ୍ତୋଷ ଛାତ୍ରଙ୍କ ନେତୃତ୍ୱରେ ଏକ ରାଷ୍ଟ୍ର ବିପ୍ଳବରେ ପରିଣତ ହୋଇଗଲା। ପ୍ରଧାନମନ୍ତ୍ରୀଙ୍କୁ ଦେଶ ପରିତ୍ୟାଗ କରି ଅନ୍ୟ ରାଷ୍ଟ୍ରରେ ଆଶ୍ରୟ ନେବାକୁ ପଡ଼ିଲା। ଏକ ସରକାରର ପତନ ଘଟିଲା। ଦେଶର ମୁଖ୍ୟ ବିଚାରପତି ଓ ସାମ୍ବିଧାନିକ ପଦପଦବୀରେ ଥିବା ଅନେକ ଅଧିକାରୀଙ୍କୁ ଇସ୍ତଫା ଦେବା ପାଇଁ ବାଧ୍ୟ କରାଗଲା। ଦେଶରେ ଏବେ ମଧ୍ୟବର୍ତ୍ତୀ ସରକାର କାର୍ଯ୍ୟ କରୁଛି।

ଛାତ୍ର ଶକ୍ତିର ପ୍ରଭାବ ଯେ କେତେ ଦୁର୍ବାର ହୋଇପାରେ, ତାହା ଉପରୋକ୍ତ ଦୁଇ ଘଟଣାରୁ ଜଣାପଡୁଛି। ଛାତ୍ରଟିଏ ଦେଶର ଭବିଷ୍ୟତ ବୋଲି କୁହାଯାଇଥାଏ। ଦେଶ ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥାଏ। ରାଷ୍ଟ୍ରଠାରୁ ସେମାନଙ୍କର କିଛି ଆଶା ମଧ୍ୟ ରହିଥାଏ। ସେମାନେ ବାକ୍ ସ୍ୱାଧୀନତାରେ ବିଶ୍ୱାସ କରିଥା'ନ୍ତି। ଅନେକ ନୂତନ ବିଚାରଧାରା, ଦର୍ଶନ ସେମାନଙ୍କ ମନକୁ ଆସିଥାଏ, ଯାହା ଏକ ରାଷ୍ଟ୍ରକୁ ସଶକ୍ତ କରିବାରେ ସହାୟକ ହୋଇଥାଏ। ଛାତ୍ରଙ୍କ ମନରେ ଥାଏ ଅତ୍ୟଧିକ ଆତ୍ମବିଶ୍ୱାସ, ଯାହା ଅମଡ଼ା ମାଡ଼ିବାରେ ସେମାନଙ୍କୁ ଖୋରାକ ଯୋଗାଇଥାଏ। କିନ୍ତୁ ଦେଖାଯାଉଛି, ଛାତ୍ର ଶକ୍ତିକୁ ସଶକ୍ତ କରିବା ପରିବର୍ତ୍ତେ ସରକାର ସେମାନଙ୍କୁ ସ୍ୱର ଚାପିଦେବା ପାଇଁ ବିଭିନ୍ନ ସମୟରେ ଉଦ୍ୟମ କରୁଛନ୍ତି।



୧୯୯୦ ଦଶକରେ ମଣ୍ଡଳ ରିପୋର୍ଟକୁ କେନ୍ଦ୍ର କରି ଭାରତରେ ଦେଖା ଦେଇଥିଲା ବ୍ୟାପକ ଛାତ୍ର ଆନ୍ଦୋଳନ। ବହୁ ଯୁବଛାତ୍ର ରାସ୍ତା ଉପରକୁ ଚାଲିଆସିଥିଲେ। ବିଭିନ୍ନ ସ୍ଥାନରେ ପୋଲିସକୁ ଗୁଳି ଚଳାଇବାକୁ ପଡ଼ିଥିଲା। ଓଡ଼ିଶାରେ ୧୯୫୧ ମସିହାରେ ସରକାରୀ କଲେଜରେ ଦରମା ଓ ହଷ୍ଟେଲ ଦେୟ ବୃଦ୍ଧି ପ୍ରତିବାଦରେ ଦେଖାଦେଇଥିଲା ଏକ ଛାତ୍ର ଆନ୍ଦୋଳନ। ଏହି ସମୟରେ ମୁଖ୍ୟମନ୍ତ୍ରୀ ଥାଆନ୍ତି ନବକୃଷ୍ଣ ଚୌଧୁରୀ। ରେଭେନ୍ସା କଲେଜରେ ଚାଲିଥିବା ବିଧାନସଭା ଘେରାଉ କରିବାକୁ ଯାଇ ଛାତ୍ରମାନେ ସଦସ୍ୟମାନଙ୍କୁ ଭିତରକୁ ଛାଡ଼ିନଥିଲେ। ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ପିଲାମାନଙ୍କୁ ବୁଝାଇବାକୁ ଯାଇ ବିଫଳ ହେଲେ ଓ ବିଧାନସଭାକୁ ଯାଇନପାରି ଫେରିଆସିଥିଲେ। ଏଥିରେ ଅଖିଳ ମୋହନ ପଟ୍ଟନାୟକ, ଦେବୀ ପ୍ରସନ୍ନ ପଟ୍ଟନାୟକ, ନନ୍ଦିନୀ ଶତପଥୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ନନ୍ଦିନୀ ଶତପଥୀ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ଅନ୍ୟମାନେ ସ୍ୱ ସ୍ୱ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିଲେ। ୧୯୬୪ରେ ଓଡ଼ିଶାରେ ଦେଖାଦେଇଥିଲା ଆଉ ଦୁଇଟି ବଡ଼ ଛାତ୍ର ଆନ୍ଦୋଳନ। ଏହି ଛାତ୍ର ଆନ୍ଦୋଳନ ପରିଶେଷରେ ବିରେନ ମିତ୍ର ସରକାର ପତନର କାରଣ ହୋଇଥିଲା। ଦେଖାଯାଏ ଦୁର୍ନୀତି, କୁଶାସନ ବିରୋଧରେ ପ୍ରତିବାଦ ଜଣାଇବା, ଗତିଶୀଳ ରାଷ୍ଟ୍ର ଗଠନ ପାଇଁ ପ୍ରଶାସନ ତଥା ନେତୃବୃନ୍ଦଙ୍କ ଉପରେ ଚାପ ସୃଷ୍ଟି କରିବା ଦିଗରେ ଛାତ୍ର ଓ ଯୁବଗୋଷ୍ଠୀ ଅଗ୍ରଣୀ ଭୂମିକା ନେଇଥାନ୍ତି। ଯୁବବର୍ଗର ମୁକ୍ତ ବିଚାରଧାରା ନୂଆ ସମାଜ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ଏଣୁ ସ୍ୱାଧୀନ ବିଚାରଧାରାର କଣ୍ଠରୋଧ ନବ ଉନ୍ମେଷ ସୃଷ୍ଟିରେ ବାଧକ ହୋଇଥାଏ।

ଦେଶରେ ନାଗରିକତା ସଂଶୋଧନ ଆଇନକୁ ବିରୋଧ କରି ମତ ରଖିବା ଅଭିଯୋଗରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇଛି। ଏହି ମାମଲାଗୁଡ଼ିକ ତର୍ଜମା କରିବା ସମୟରେ ଜଣାପଡ଼ିଥିଲା ଯେ, ସରକାରଙ୍କ ନୀତି ସହ ସାଲିସ କରିପାରୁନଥିବା ସ୍ୱରକୁ ନୀରବ କରିବା ପାଇଁ ପ୍ରଶାସନ ଭାରତୀୟ ପିଙ୍ଗଳ କୋଡ୍ ଧାରା ୧୨୪(କ) (ଦେଶଦ୍ରୋହ)କୁ ଏକ ବଡ଼ ଅସ୍ତ୍ର ଭାବେ ଉପଯୋଗ କରିଆସୁଛି, ଯାହା ଏକ ପରିପକ୍ୱ ଗଣତନ୍ତ୍ର ପାଇଁ ସୁଲକ୍ଷଣ ହୋଇନପାରେ। ଛାତ୍ରସମାଜ ମୁକ୍ତ ମାନସିକତାର ପ୍ରତୀକ। ସମସ୍ତ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସେମାନଙ୍କ ନିକଟରେ ରହିଥାଏ ଶକ୍ତି ଓ ସାହସ। ଅତ୍ୟଧିକ ଅନ୍ୟାୟକୁ ସେମାନେ ବରଦାସ୍ତ କରିପାରନ୍ତି ନାହିଁ , ଯାହା ବାଂଲାଦେଶ ଓ ପଶ୍ଚିମବଙ୍ଗରେ ଦେଖାଦେଲା। ନିଜର ଦାବି ହାସଲ ପାଇଁ ଶେଷ ପର୍ଯ୍ୟନ୍ତ ସଂଗ୍ରାମ ଚଳାଇ ରଖିବାକୁ ସେମାନେ ଅଙ୍ଗୀକାରବଦ୍ଧ ହୋଇଥାନ୍ତି। ରାଷ୍ଟ୍ର ଦିଗହରା ସମୟରେ ଏମାନେ ଆଲୋକବର୍ତ୍ତିକା ସଦୃଶ କାର୍ଯ୍ୟ କରିଥା'ନ୍ତି। ସେମାନେ ନୂଆ ଧାରା ପ୍ରବର୍ତ୍ତନରେ ସହାୟକ ମଧ୍ୟ ହୋଇଥାଆନ୍ତି। ଏଣୁ ଛାତ୍ରଙ୍କ ମନର କଥା ରାଷ୍ଟ୍ର ଶୁଣିବା ଆବଶ୍ୟକ। ଛାତ୍ରସମାଜକୁ ଉପେକ୍ଷା କରି ବା ଦମନ କରି କୌଣସି ରାଷ୍ଟ୍ର ପ୍ରଗତିଶୀଳ ହୋଇପାରିବ ନାହିଁ।

ମୋ: ୯୪୩୭୨୨୯୨୩୩

# ଦେଶ କୁଆଡ଼େ ଯାଉଛି



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଆଜିକାଲି ନିଧିଆ ବାପାଙ୍କୁ ଭୁଲିବା ବେମାର ଧରିଛି। ସେ ଯାହା ବି କହୁଛନ୍ତି , ତାକୁ ପୁନରାବୃତ୍ତି କରୁଛନ୍ତି। ଜ୍ଞାନୀ ଏବଂ ତାଙ୍କ ସଂସ୍ପର୍ଶରେ ଆସୁଥିବା ଲୋକମାନେ ବୁଝିସାରିଛନ୍ତି ଯେ ରୋଗ ଆଳରେ ଏହା ବାର୍ଦ୍ଧକ୍ୟ । ଗତ କିଛି ଦିନ ହେବ ସେ ଦେଶର ଚିନ୍ତାରେ ବୁଡ଼ି ରହିଛନ୍ତି, ଯାହା ବି ହେଉ ନା କାହିଁକି ତାଙ୍କ ପାଖରେ ଆଉ କିଛି କାମ ନାହିଁ। ରାସ୍ତାରେ ଯାଉଥିବା ଲୋକଙ୍କୁ ବାରମ୍ବାର ସମାନ ପ୍ରଶ୍ନ ପଚାରୁଛନ୍ତି, ଏହି ଦେଶ କୁଆଡ଼େ ଯାଉଛି? ଏବେ ଏବେ ଦେଶ ଚନ୍ଦ୍ରକୁ ଯାଇଥିଲା, କିନ୍ତୁ ସେ ଏହାକୁ ଭୁଲି ଯାଇଛନ୍ତି । ଦେଶ ଯୁଆଡେ ବି ଯାଉଛି, ରେଡିଓ, ଟିଭି, ଖବରକାଗଜ ସମସ୍ତଙ୍କୁ ଜଣାଇ ଯାଇଥାଏ। ଏମିତି ଲାଗୁଛି ଯେ ନିଧିଆ ବାପା ସେମାନଙ୍କ କଥାକୁ ବିଶ୍ୱାସ କରୁନାହାନ୍ତି । ଦେଶ ଖୋଜିବା ପାଇଁ ସେ ପ୍ରତିଦିନ ରାସ୍ତାରେ ବାହାରକୁ ଯାଆନ୍ତି, ତାଙ୍କ ସାମ୍ନାରେ ଯିଏ ବି ଆସେ, ଯକ୍ଷ ଙ୍କ ପ୍ରଶ୍ନ ପରି ପଚାରନ୍ତି – ଦେଶ କୁଆଡ଼େ ଯାଉଛି?

ଆଜି ସକାଳେ, ସେ ପ୍ରାତ ଭ୍ରମଣରେ ବୁଲିବାକୁ ଯାଇଥିଲେ। ପିଲାଟିଏ ପିଠିରେ ବ୍ୟାଗ ଧରି ସ୍କୁଲକୁ ଦୌଡୁଥିବା ବେଳେ ଅଟକାଇ ପଚାରିଲେ, ମୋସ୍ୱପ୍ନ ର ଭାରତ – ଏହି ଦେଶ କୁଆଡ଼େ ଯାଉଛି.. ପିଲାଟି ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ଦେଖିବାକୁ ଲାଗିଲା । ଅଙ୍କଲ ! ମୁଁ ଜାଣେ ନାହିଁ ଦେଶ କୁଆଡେ ଯାଉଛି । ସେ କୁଆଡେ ଯାଇଥିବ, ମୋତେ କହିକି ଯାଇନି। ପିତାମାତାଙ୍କ ସ୍ୱପ୍ନର ବୋଝ ମୋ ପିଠିରେ ପଡ଼ିଛି। ଦେଶ ଯୁଆଡେ ଯାଉଛି ଯାଉ, ମୁଁ କୋଚିଂ ନେଇ ଜଣେ ଡାକ୍ତର ବା ଇଞ୍ଜିନିୟର ହେବାକୁ ଯାଉଛି। ଯଦି ମୁଁ କୌଣସି ସ୍ଥାନରେ ଦେଖିବି , ଆପଣଙ୍କୁ ଜଣାଇବି । ପିଲାଟି ଧାଇଁ ପଳାଇଲା । କିଛି ବାଟ ପରେ, ନିଜ ପିଠିରେ ବୋଝ ବୋହି ନେଉଥିବା ଶ୍ରମିକଙ୍କୁ ଦେଖି ନିଧିଆ ବାପା ଭାବିଲେ, ଏହି ବ୍ୟକ୍ତି ଜଣକ କର୍ମଠ ଲାଗୁଛନ୍ତି ଏ ନିଶ୍ଚିତ ଭାବରେ କହିବ ଯେ ଦେଶ କେଉଁଆଡ଼େ ଯାଉଛି। ଭାଇ! ଏ ଦେଶ କୁଆଡେ ଯାଉଛି? ଲୋକଟିର ଆଣ୍ଠୁ ଲୁଚୁନଥିବା ଧୋତି, ଅର୍ଦ୍ଧନଗ୍ନ କଳା ଶରୀରରୁ ଝାଳ ଝରୁଥିଲା। ସେ ଧଇଁସଇଁ ହେଉଥିଲେ, ପାଟିରେ ଭାଷା ନ ଥିଲା। ସେ ସାମାନ୍ୟ ଡରିଗଲେ, କେଉଁ ସରକାରୀ ବାବୁ ତାଙ୍କ ଫସଲ ଉପରେ କଣ କରୁଛନ୍ତି ଟିକସ ଫିକସ ଲଗାଇବାକୁ ଆସିଛନ୍ତି ନା କଣ, କିଏ ଜାଣେ ସରକାର ଶସ୍ୟ ଧରିବାକୁ କାହାକୁ ପଠାଇଥିବେ। ମୁଣ୍ଡରୁ ବୋଝ କାଢି ତଳେ ରଖିବା ମାତ୍ରେ, ଓଜନ ଓ ଝାଳରେ ନିର୍ମିତ ଦେଶର ମାନଚିତ୍ର ଦେଖି ନିଧିଆ ବାପାଙ୍କ ଆଶା ଜାଗ୍ରତ ହେଲା ? । ଏହି ବ୍ୟକ୍ତି ନିଶ୍ଚିତ ଜାଣନ୍ତି, ଦେଶ କୁଆଡେ ଯାଉଛି? ପ୍ରଶ୍ନ ଶୁଣି କର୍ମଚାରୀ ଜଣକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଜଣେ ଗରିବ ଲୋକର ଦେଶ ସହ କ'ଣ ସମ୍ପର୍କ ରହିଛି ? ଆମ ପାଇଁ ଆମ ଗାଁ ହେଉଛି ଆମ ଦେଶ। ଯଦି ଆପଣଙ୍କ ଦେଶ ହଜିଯାଇଛି , ତେବେ ଆଗକୁ ଏକ ପୋଲିସ ଷ୍ଟେସନ ଅଛି, ସେଠାରେ ପଚାରନ୍ତୁ ।



ଆଗକୁ ଯିବା ପରେ ନିଧିଆ ବାପା ଦେଖିଲେ ଯେ କିଛି ଅତ୍ୟାଧୁନିକ ମହିଳା ଓଡ଼ିଆ – ଇଂରାଜୀ– ହିନ୍ଦୀ ମିଶ୍ରଣରେ କଥାବାର୍ତ୍ତା ହେଉଛନ୍ତି । ଅଟକି ଚିନ୍ତା କରି ସମାନ ପ୍ରଶ୍ନ ପଚାରିଲେ: ଦେଶ କୁଆଡ଼େ ଯାଉଛି ? ମଉସା । ପ୍ରତିଦିନ ସକାଳେ ରେଡିଓ ରେ ଦେଶାତ୍ମବୋଧକ ସଂଗୀତ ଶୁଣୁନାହାନ୍ତି କି ? ଗୀତ ଗାଉଥିବା ବ୍ୟକ୍ତି ଙ୍କୁ ଯାଇ ପଚାରନ୍ତୁ। ଯଦି ଆପଣ ସେଠାରେ ଦେଶର ଠିକଣା ପାରିବେନି ତେବେ, ଆପଣ ଆମ ର ଟିଭି ଚ୍ୟାନେଲଗୁଡିକର ବିତର୍କ ପ୍ରସଙ୍ଗରେ ଗୁଡ଼ାଇ ଦେଶକୁ ଫିଙ୍ଗି ଦିଅନ୍ତୁ । ସେମାନେ ଦେଶକୁ ହାତରେ ଧରି ପକାଇବେ। ଆକାଶ ଓ ପାତାଳ ଯେଉଁଠିକି ବି ଯାଇଥିବ, ରସାତଳକୁ ଯାଇଥିଲେବି ତାକୁ ବିତର୍କରେ ପିଛା କରିବେ।

ହଠାତ୍ ମଧ୍ୟରାତ୍ରିରେ ନିଧିଆ ବାପା ନିଦରୁ ଉଠିପଡିଲେ, ସ୍ତ୍ରୀ ଭୟଭୀତ ହୋଇପଡ଼ିଲେ। କଣ ହେଲା, ହୃଦଘାତ ନୁହେଁ ତ? ନିଧିବାପା – ହେ ଭାଗବାନ! ମୁଁ ବିଛଣାରେ ଅଛି ହେ! ବଂଚିଛି ଏଯାଏ। ବୁଝିଲ, ରଙ୍କ ବୋଉ, ବର୍ତ୍ତମାନ ମୁଁ ଦେଶକୁ ନେଇ ଏକ ଦୁଃସ୍ୱପ୍ନ ଦେଖିଲି, ଯେଉଁଥିରେ ଦେଶର ଚେହେରା ବଦଳିଯାଇଥିଲା । ସେ କେଉଁଆଡ଼େ ଯିବାପାଇଁ ତରବରିଆ ମନେ ହେଉଥିଲା, ମୋର ଅଭିଜ୍ଞ ଆଖି ତାଙ୍କୁ ଚିହ୍ନିପାରିଲା । ମୁଁ ଦୌଡ଼ି ତାଙ୍କୁ ପିଛା କଲି ଏବଂ ତାଙ୍କୁ କେଉଁଆଡ଼େ ଯାଉଛନ୍ତି ବୋଲି ପଚାରିବା ପୂର୍ବରୁ ସେ ପଳାଇ ଯାଇଥିଲେ। ସ୍ତ୍ରୀ ତାଙ୍କୁ ଗାଳି କରି କହିଲେ, ଶୁଣ! ଦେଶ କୁଆଡ଼େ ଯାଉନାହିଁ, ଯେଉଁଠି ଥିଲା ସେଇଠି ଅଛି, ସେଠାରୁ ଟିକିଏ ବି ହଟିନାହିଁ। ଆପଣଙ୍କ ଭଳି ଅନେକ ଲୋକ ଆସିଛନ୍ତି ଓ ଚାଲିଯାଇଛନ୍ତି, ଦେଶର ଚିନ୍ତା ଛାଡି ନିଦ ବଟିକା ଖାଇ ଶୋଇପଡ। ପତ୍ନୀ ଲାଇଟ ବନ୍ଦ କରିଦେଲେ, ଏବେ ନିଧିଆ ବାପା ଶୋଇବାକୁ ବିଫଳ ଚେଷ୍ଟା କରୁଛନ୍ତି।

ନୟାଗଡ଼
ମୋ: ୯୪୩୭୬୪୨୯୪୭

## ଏଇ ଭାରତରେ

କର୍ପୋରେଟ ଚାକିରି ଛାଡ଼ି ହିମାଳୟର ଦାର୍ଜିଲିଂ ନିକଟସ୍ଥ ଗାଁଗୁଡ଼ିକୁ ବର୍ଜ୍ୟମୁକ୍ତ କରିବାରେ ଲାଗିଛନ୍ତି ଉତ୍ସ ପ୍ରଧାନ। ସେ ସ୍ଥାନୀୟ ପରମ୍ପରା ଓ ହିମାଳୟର କ୍ଷତିଗ୍ରସ୍ତ ପରିସଂସ୍ଥାର ପୁନରୁଦ୍ଧାର କରିବା ସହ ଗାଁଗୁଡ଼ିକୁ ପରିବେଶ ଉପଯୋଗୀ କରୁଛନ୍ତି। ଉତ୍ସଙ୍କ ବୟସ ଏବେ ୪୩। ସେ ଏଡ୍‌ଟେକ କମ୍ପାନୀରୁ ଚାକିରି ଛାଡ଼ି ୨୦୧୫ରେ ତାଙ୍କ ଗାଁକୁ ଆସିଥିଲେ। ପ୍ରଥମେ ତାଙ୍କ ପୈତୃକ ସମ୍ପତ୍ତିରେ ଠୁଳ ହୋଇଥିବା ପ୍ଲାଷ୍ଟିକ ବର୍ଜ୍ୟ ସଫା କରିବା ପରେ ସେ 'ଟିଡି' ଅର୍ଥାତ୍ 'ଟେକ୍ ଇଟ ଇଜି, ଇଜି ଡଜ୍ ଇଟ୍' ଅଭିଯାନ ଆରମ୍ଭ କରିଥିଲେ। ନିଜ ଗାଁ ରାଜହତାକୁ ବର୍ଜ୍ୟମୁକ୍ତ କରିବା ପରେ ଏବେ ଆଖପାଖ ତିନୋଟି ଗାଁରେ ବର୍ଜ୍ୟ ପରିଚାଳନା କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରତି ଗାଁର ଛକରେ ଡଷ୍ଟବିନ ରଖିଛନ୍ତି। ସବୁ ଗାଁରୁ ବର୍ଜ୍ୟ ସଂଗ୍ରହ କରାଯାଇ ସେଗୁଡ଼ିକୁ ରିସାଇକେଲ ପାଇଁ ପଠାଯାଉଛି। ଏଥିପାଇଁ ସେ ଏକ ଟିମ୍ ଗଠନ କରିଛନ୍ତି। ଉତ୍ସ ଓ ତାଙ୍କ ଟିମ୍ ମଧ୍ୟ ବୃକ୍ଷରୋପଣ କରିବା ସହ ବାଉଁଶ କାରିଗରିର ପୁନରୁଦ୍ଧାର କରୁଛନ୍ତି। ଝରଣାଗୁଡ଼ିକୁ ବର୍ଜ୍ୟମୁକ୍ତ ରଖିବା ଲାଗି ମଧ୍ୟ ପଦକ୍ଷେପ ନେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଅକ୍ଟୋବର ୧୯୭୫

- ପଶ୍ଚିମବଙ୍ଗ ଦାର୍ଜିଲିଂ ଜିଲାର ମାର୍କ୍ସବାଦୀ କମ୍ୟୁନିଷ୍ଟ ଦଳର ୮ ଜଣ ବିଶିଷ୍ଟ ସଦସ୍ୟଙ୍କ ଦଳରୁ ଇସ୍ତଫା ପ୍ରଦାନ।
- ୯ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ହଙ୍ଗେରୀର ଏକ ବିମାନ ବେରୁଟର ୩ କିଲୋମିଟର ଦୂରରେ ସମୁଦ୍ର ମଧ୍ୟରେ ଖସିପଡ଼ିଛି।
- ପର୍ତ୍ତୁଗାଲରେ ଆଇନ ଅମାନ୍ୟ ଆନ୍ଦୋଳନ ଗୁରୁତର ହୋଇଥିବା ପରିପ୍ରେକ୍ଷୀରେ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଛି।

## ଚିରନ୍ତନୀ

ଏ ଗାଥା ବୟାନ ନ କରିବି ତୁମ ପାଶେ
ବିଷାଦର ବାଣୀ ଲୁଚାଇ ଦେବି ମୋ ହାସେ
ତୁମେ ଆସ ଯାଅ ଫେରି ଚାହଁ ଯେବେ ଖୁସି
ଆଲୋକି ନିମେଷେ ଅନ୍ଧ ତମସା ବାସେ।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 6 | | | | | | |
| | 9 | | | | | | 2 | 6 |
| | | | | 6 | 9 | 8 | | |
| | | 5 | | | | | | |
| 3 | 7 | | 1 | | 8 | | 4 | |
| | | | | 7 | 2 | 1 | | |
| | | 4 | | | 1 | | | 8 |
| 2 | | | | | | | 6 | 1 |
| 6 | | | | 2 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 8 | 5 | 9 | 1 | 6 | 4 | 2 |
| 5 | 1 | 6 | 2 | 3 | 4 | 7 | 9 | 8 |
| 4 | 2 | 9 | 8 | 6 | 7 | 1 | 3 | 5 |
| 8 | 5 | 1 | 6 | 2 | 3 | 4 | 7 | 9 |
| 9 | 4 | 2 | 1 | 7 | 5 | 3 | 8 | 6 |
| 6 | 7 | 3 | 4 | 8 | 9 | 5 | 2 | 1 |
| 3 | 6 | 4 | 9 | 1 | 8 | 2 | 5 | 7 |
| 2 | 8 | 5 | 7 | 4 | 6 | 9 | 1 | 3 |
| 1 | 9 | 7 | 3 | 5 | 2 | 8 | 6 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅନ୍ଧାରରେ ସିଡିଏ ୟୁକୋ ବ୍ୟାଙ୍କ

ମହାଶୟ,

ସିଡିଏ ସେକ୍ଟର–୯ସ୍ଥିତ ୟୁକୋ ବ୍ୟାଙ୍କରେ ବହୁ ସମୟରେ ବିଦ୍ୟୁତ୍ ଲାଇନ ରହୁ ନ ଥିବାରୁ ବ୍ୟାଙ୍କିଙ୍ଗ ସେବା ଠପ ହୋଇଯାଇଛି। ଯାହାଦ୍ୱାରା ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁଭଦ୍ରା ଯୋଜନା ପଞ୍ଜୀକରଣ ଓ ଆଧାର ସଂଶୋଧନ କାର୍ଯ୍ୟକ୍ରମ ପାଇଁ ଗ୍ରାହକମାନେ ଆସୁଥିଲେ ମଧ୍ୟ ଫେରି ଯାଉଛନ୍ତି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ମର୍କତ ନଗର ୟୁକୋ ବ୍ୟାଙ୍କ ଶାଖାଟି ଏକ ଭଡ଼ା ଘରେ ଚାଲିଛି। ଗୃହକର୍ତ୍ତା ବ୍ୟାଙ୍କକୁ ଘରୁ ବାହାର କରିବା ନେଇ କୋର୍ଟରେ ମାମଲା କରିଥିବାବେଳେ ସେ ଏହି କେସ୍‌ରେ ହାରି ଯାଇଛନ୍ତି। ବ୍ୟାଙ୍କର ଶାଖା କର୍ତ୍ତୃପକ୍ଷଙ୍କ ଅଭିଯୋଗ ଅନୁଯାୟୀ ସେ ଭଦ୍ରବ୍ୟକ୍ତି ବ୍ୟାଙ୍କକୁ ଭଡ଼ା ଦେବା ଦିନଠାରୁ ଆଜି ପର୍ଯ୍ୟନ୍ତ ବ୍ୟାଙ୍କର ଅଲଗା ମିଟର ଲଗାଇ ନାହାନ୍ତି ଏବଂ କୌଣସି ବିଭାଗୀୟ ବିଧିବଦ୍ଧ ବିଲ୍ ନ ଦେଇ ମନଇଚ୍ଛା ମୋଟା ରାଶି ଦାବି କରୁଛନ୍ତି। ଇଲେକ୍ଟ୍ରି ବିଲ୍ ପ୍ରତି ମାସରେ ନ ଦେଇ ବର୍ଷକୁ ଥରେ ଦେଉଛନ୍ତି। ଶାଖା ପରିଚାଳକ ଉଚ୍ଚକର୍ତ୍ତୃପକ୍ଷଙ୍କ ଅନୁମୋଦନ ଆଣିବା ଭିତରେ ଘର ମାଲିକ ଲାଇନ କାଟି ଦେବା କାରଣରୁ ସାଧାରଣ ଗ୍ରାହକ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଘର ମାଲିକଙ୍କ ବେଆଇନ ଓ ନୀତିହୀନ ଆଚରଣ ଓ ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ପାଇଁ ସାଧାରଣ ଗ୍ରାହକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୟୁକୋ ବ୍ୟାଙ୍କ ପରି ବଡ଼ ବ୍ୟାଙ୍କର ଦ୍ୱିତୀୟ ଶାଖା କାର୍ଯ୍ୟାଳୟ ସିଡିଏରେ ଆଉ ନ ଥିବାରୁ ଗ୍ରାହକମାନେ ବାଧ ହୋଇ ସହରର ଅନ୍ୟ ଶାଖାକୁ ଯିବାକୁ ପ୍ରକାରାନ୍ତରେ ବାଧ ହେଉଛନ୍ତି। ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ଦାବି ହେଉଛି।

–ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ ବନ୍ଧଛକ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଉମ୍‌ରାହ ଯାତ୍ରା କରାଇନେବାକୁ କହି ୧.୨ କୋଟି ଠକେଇ

**ମୁମ୍ବାଇରୁ ଟ୍ରାଭେଲ ଏଜେନ୍‌ସି ପ୍ରୋପ୍ରାଇଟର ଗିରଫ**

- ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଭିଯୁକ୍ତଙ୍କୁ ଓଡ଼ିଶା ଆଣିଲା ଇଓଡବ୍ଲ୍ୟୁ
- ଓଡ଼ିଶାର ୧୮୯ ମୁସ୍‌ଲିମ୍ ଶ୍ରଦ୍ଧାଳୁ ଠକେଇର ଶିକାର
- ଅନ୍ୟ ରାଜ୍ୟରେ ବି ଠକେଇ, ପାକିସ୍ତାନୀ ନାଗରିକଙ୍କ ସହ ଟଙ୍କା କାରବାର

ଭୁବନେଶ୍ୱର, ୩୦।୯ (ସତ୍ୟଜିତ୍ ରାଉତ)

ସାଉଦି ଆରବକୁ ଉମ୍‌ରାହ ଯାତ୍ରା କରାଇନେବା ଆଳରେ ମୁମ୍ବାଇର ଦୁଇ ଟ୍ରାଭେଲ୍ ଏଜେନ୍‌ସି ଓଡ଼ିଶାର ମୁସ୍‌ଲିମ ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କୁ ଠକେଇ କରିଛି। ଓଡ଼ିଶାର ୧୮୯ ଶ୍ରଦ୍ଧାଳୁଙ୍କଠାରୁ ୧.୨ କୋଟି ଠକିବା ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଏକ ଟ୍ରାଭେଲ୍ ଏଜେନ୍‌ସି ସଂସ୍ଥାର ପ୍ରୋପ୍ରାଇଟରଙ୍କୁ ମୁମ୍ବାଇରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନବୀଲ ଅବଦୁଲ୍ ମୁବିନ ଶେଖ୍। ଗିରଫ ପରେ ତାଙ୍କୁ ମୁମ୍ବାଇ ଅନ୍ଧେରୀସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରିଥିଲା। ବିଚାରପତିଙ୍କ ଅନୁମତିକ୍ରମେ ନବୀଲ ଅବଦୁଲ୍‌ଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ସୋମବାର ବାଲେଶ୍ୱର ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଇଓଡବ୍ଲ୍ୟୁ ଟିମ୍ ନବୀଲ ଅବଦୁଲ୍‌ଙ୍କଠୁ ମୋବାଇଲ, ମନି ରିସିପ୍ଟ ଆଦି ଜବତ କରି ଅଧିକ ତଦନ୍ତ ଚଳାଇଛି।

ୱେଷ୍ଟ୍ ମୁମ୍ବାଇସ୍ଥିତ 'ଅଲ୍-ଆଦାମ୍ ଟୁର ଆଣ୍ଡ୍ ଟ୍ରାଭେଲ୍ସ' ପ୍ରୋପ୍ରାଇଟର ଫିର୍‌ଦୋସ ବି.ଅବଦୁଲ ମୁବିନ ଶେଖ୍, ତାଙ୍କ ପୁଅ ନବୀଲ ଅବଦୁଲ ମୁବିନ ଶେଖ୍, ଝିଅ ସାଇମା ଅଞ୍ଜୁମ୍ ଶେଖ୍ ଏବଂ 'ଅଲ-ଇଜ୍‌ମା ଟୁର ଆଣ୍ଡ୍ ଟ୍ରାଭେଲ୍ସ'ର ପ୍ରୋପ୍ରାଇଟର ଏମ୍‌ଡି ବିସମିଲ୍ଲହା ଶେଖ୍‌ଙ୍କ ବିରୋଧରେ ଭଦ୍ରକ ଜିଲା ଧାମନଗରର ମିର ଖୁର୍ସିଦ୍ ଠକେଇର ଶିକାର ହେବା ସମ୍ପର୍କରେ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ଗତ ସେପ୍ଟେମ୍ବର ୧୨ରେ ଇଓଡବ୍ଲ୍ୟୁ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୧୧/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ୨୦୧୯ରୁ ୨୦୨୩ ମଧ୍ୟରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଏବଂ ରାଜ୍ୟର ଅନ୍ୟାନ୍ୟ ଜିଲାର ୧୮୯ ମୁସ୍‌ଲିମ୍ ଶ୍ରଦ୍ଧାଳୁ ଅଭିଯୁକ୍ତଙ୍କ ଦ୍ୱାରା ଠକେଇର ଶିକାର ହୋଇଥିଲେ। ଅଲ୍-ଆଦାମ୍ ଟୁର ଆଣ୍ଡ୍ ଟ୍ରାଭେଲ୍ ଏଜେନ୍‌ସି ଉମ୍‌ରାହ ଯାତ୍ରା ବୁଲାଇନେବାକୁ ବିଭିନ୍ନ ସୋସିଆଲ ମିଡିଆରେ ଲିଫ୍‌ଲେଟ୍ସ ପୋଷ୍ଟ କରିଥିଲା। ଦୁଇ ଟ୍ରାଭେଲ୍ ସଂସ୍ଥା ଦ୍ୱାରା ୪୫ ହଜାର ୭୮୬ ଟଙ୍କା ଓ ୫୦ ହଜାର ୭୮୬ ଟଙ୍କାର ଦୁଇଟି ପ୍ୟାକେଜ୍‌ରେ ଶ୍ରଦ୍ଧାଳୁମାନେ ଆରବ ଦେଶର ମକ୍କା ମଦିନା ଆଦିକୁ ଉମ୍‌ରାହ ଯାତ୍ରା କରିପାରିବେ ବୋଲି ବିଜ୍ଞାପନରେ ଉଲ୍ଲେଖ ରହିଥିଲା। ଏପରିକି ଅଳ୍ପ ଖର୍ଚ୍ଚ ଓ ସୁରକ୍ଷିତ ତୀର୍ଥଯାତ୍ରା କରେଇନେବାକୁ ଅଭିଯୁକ୍ତମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ବିଜ୍ଞାପନରେ ଆକର୍ଷିତ ହୋଇ ମୁସ୍‌ଲିମ୍ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଉମ୍‌ରାହ ଯାତ୍ରା ପାଇଁ ଟ୍ରାଭେଲ ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟକୁ ଆଗୁଆ ଟଙ୍କା ପଠାଇଥିଲେ। ଏହାପରେ ଅଭିଯୁକ୍ତମାନେ ସେମାନଙ୍କ ଫୋନ୍ ସୁଇଚ୍ ଅଫ୍ କରି ଟ୍ରାଭେଲ୍ ଅଫିସକୁ ମଧ୍ୟ ବନ୍ଦ କରିଦେଇଥିଲେ। ଅଭିଯୁକ୍ତମାନେ ଉକ୍ତ ଟଙ୍କାକୁ ନିଜ ଆକାଉଣ୍ଟ ଏବଂ ଅନ୍ୟାନ୍ୟ ଆକାଉଣ୍ଟକୁ ଟ୍ରାନ୍‌ସଫର୍ କରିବା ସହ ଏଟିଏମ୍ ଜରିଆରେ ଟଙ୍କା ଉଠାଇ ନେଇଥିଲେ। ଅଭିଯୁକ୍ତମାନେ ମହାରାଷ୍ଟ୍ର, ଦିଲ୍ଲୀ ଆଦି ରାଜ୍ୟର ମୁସ୍‌ଲିମ୍ ଶ୍ରଦ୍ଧାଳଙ୍କୁ ମଧ୍ୟ ଏଭଳି ଠକେଇ କରିଥିବା ଇଓଡବ୍ଲ୍ୟୁ ପ୍ରମାଣ ପାଇଛି। ଏପରିକି ଏହି ଟୁର୍ ପାକେଜ୍ ଭିତରେ କାଟେରିଂ ପାଇଁ ଅଭିଯୁକ୍ତମାନେ ଏକ ପାକିସ୍ତାନୀ ନାଗରିକଙ୍କ ସହ ଟଙ୍କା କାରବାର କରିଥିବା ବେଳେ ଏନେଇ ଅଧିକ ତଦନ୍ତ କରାଯାଉଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।


ଗିରଫ ଅଭିଯୁକ୍ତ।

# ଏଏସ୍‌ଆଇଙ୍କୁ ନିଲମ୍ବନ କଲେ ଏସ୍‌ପି

**ପୋଲିସ ଆକ୍ରମଣରେ ଦୋକାନୀ ଆହତ ଘଟଣା**

ରାଜନଗର, ୩୦।୯ (ଭାସ୍କର ରାଉତରାୟ)

ବିନା କାରଣରେ ଜଣେ ଦୋକାନୀଙ୍କୁ ଦୋକାନରୁ ଭିଡ଼ି ଆଣି ମାଡ଼ ମାରିବା ଘଟଣା କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନାର ଏଏସ୍‌ଆଇଙ୍କୁ ମହଙ୍ଗା ପଡ଼ିଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ନରେନ୍ଦ୍ର କୁମାର ସିଂଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବାବେଳେ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଛି।

ଅଭିଯୋଗ ମୁତାବକ, ଗତ ୨୮ତାରିଖ ରାତିରେ ଏଏସ୍‌ଆଇ ନରେନ୍ଦ୍ର ସିଂ ପାଟ୍ରୋଲିଂ କରୁଥିଲେ। ପାଟ୍ରୋଲିଂ ଭ୍ୟାନ୍ କଣ୍ଡିରା ପଞ୍ଚାୟତ ଜଳିଛକରେ ପହଞ୍ଚିବା ପରେ ସେଠାରେ ଚା'ପାନ ଦୋକାନ କରିଥିବା ପ୍ରମୋଦ ବିଶ୍ୱାଳଙ୍କୁ ଏଏସ୍‌ଆଇ ନରେନ୍ଦ୍ର ଜଣେ ଯୁବକଙ୍କ ଠିକଣା ପଚାରିଥିଲେ। ତେବେ ଉକ୍ତ ଠିକଣା ଭୁଲ୍ ବୋଲି ନରେନ୍ଦ୍ର ଜାଣିବାକୁ ପାଇଥିଲେ। କାହିଁକି ଠିକଣା ଭୁଲ ଦେଲ ବୋଲି କହି ପ୍ରମୋଦଙ୍କୁ ଏଏସ୍‌ଆଇ ନରେନ୍ଦ୍ର ଦୋକାନ ଭିତରୁ ଟାଣି ଆଣି ନିସ୍ତୁକ ମାଡ଼ ମାରିବା ସହ ରାସ୍ତା ଉପରେ ଫୋପାଡ଼ି ଦେଇ ଚାଲି ଯାଇଥିଲେ। ପୋଲିସ ମାଡ଼ରେ ଗୁରୁତର ପ୍ରମୋଦଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୋଲିସ ଏଏସ୍‌ଆଇଙ୍କ ଏଭଳି ଆକ୍ରମଣ ବିରୋଧରେ ପ୍ରମୋଦ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ। ପ୍ରମୋଦଙ୍କ ଅଭିଯୋଗ ଆଧାରରେ ରବିବାର ରାତିରେ ଏଏସ୍‌ଆଇ ନରେନ୍ଦ୍ରଙ୍କ ନାମରେ ରାଜନଗର ଥାନାରେ ବିଏନ୍‌ଏସ୍ ଦଫା ୨୯୬, ୩୫୧, ୧୧୫(୨)ରେ ଏକ ମାମଲା(ନଂ.୩୭୭/୨୪) ରୁଜୁ ହୋଇଥିଲା। ଘଟଣା ସମ୍ବେଦନଶୀଳ ହୋଇଥିବାରୁ ସୋମବାର ସକାଳେ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା ଓ ଆଇଆଇସି ଅଜୟ କୁମାର ଜେନା ତଦନ୍ତ କରିଥିଲେ। ଏସ୍‌ଡିପିଓ ପଣ୍ଡା ମାଡ଼ ମାରିଥିବା ଏଏସ୍‌ଆଇଙ୍କ ସମେତ ପୋଲିସ ଭ୍ୟାନରେ ଯାଇଥିବା ଅନ୍ୟ କର୍ମଚାରୀଙ୍କୁ ପଚରା ଉଚରା କରିଥିଲେ। ପରେ ଏ ସମ୍ପର୍କିତ ରିପୋର୍ଟ ଏସ୍‌ପିଙ୍କୁ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟକୁ ଆଧାର କରି ଏସ୍‌ପି ସିଦ୍ଧାର୍ଥ କଟରିଆ ଏଏସ୍‌ଆଇ ନରେନ୍ଦ୍ରଙ୍କୁ ନିଲମ୍ବିତ କରିଥିବା ଆଇଆଇସି ଜେନା ସୂଚନା ଦେଇଛନ୍ତି।

# ବାପାଙ୍କୁ ହତ୍ୟା କରିଥିବା ପୁଅଙ୍କୁ ଆଜୀବନ କାରାଦଣ୍ଡ

ଆଠଗଡ,୩୦।୯ (ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ ବ୍ଲକ ବେଣ୍ଟପଦା ଗ୍ରାମରେ ୨୦୨୩ରେ ବାଲୁଙ୍କେଶ୍ୱର ମହାନ୍ତିଙ୍କ ହତ୍ୟାକାଣ୍ଡ ଘଟଣାର ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଆଠଗଡ ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଦାସ ବାପାଙ୍କୁ ହତ୍ୟା କରିଥିବା ପୁଅ ଅପର୍ତ୍ତି ମହାନ୍ତିଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେରେ ଅଧିକ ଏକ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ହତ୍ୟାକାରୀ ଅପର୍ତ୍ତି ଜଣେ ନିଶାଶକ୍ତ ବ୍ୟକ୍ତି। ସେ କୌଣସି କାମଧନ୍ଦା ନ କରି ସର୍ବଦା ବୃଦ୍ଧ ମା'ବାପାଙ୍କୁ ନିଶା ସେବନ ପାଇଁ ଟଙ୍କା ମାଗନ୍ତି। ନ ଦେଲେ ମାର୍‌ପିଟ କରନ୍ତି। ୨୯ ଏପ୍ରିଲ୍ ୨୦୨୩ ରାତିରେ ଅପର୍ତ୍ତି ପୂର୍ବପରି ନିଶା ସେବନ ପାଇଁ ଟଙ୍କା ମାଗିଥିଲେ। ମାତ୍ର ବାଲୁଙ୍କେଶ୍ୱର ତାଙ୍କୁ ଟଙ୍କା ଦେବା ପାଇଁ ମନା କରଦେଇଥିଲେ। ଏଥିରେ ଅପର୍ତ୍ତି ଉତ୍‌କ୍ଷିପ୍ତ ହୋଇଥିଲେ। ରାତି ପ୍ରାୟ ୪ଟା ସମୟରେ ବାଲୁଙ୍କେଶ୍ୱର ନିଜ ଘର ସମ୍ମୁଖ ଟଗର ଗଛରୁ ଫୁଲ ତୋଳୁଥିବାବେଳେ ଏକ ଲୁହା ରଡ୍‌ରେ ଅପର୍ତ୍ତୀ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏହାପରେ ଗ୍ରାମବାସୀଙ୍କ ସହାୟତାରେ ବାଲୁଙ୍କେଶ୍ୱରଙ୍କୁ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଭ୍ରାଇଁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଆଠଗଡ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ଥାନାରେ ମାମଲା (ନଂ.୮୦/୨୩)ରୁଜୁ କରିଥିଲା। ଏଥିସହ ଅପର୍ତ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରିବାର ସଦସ୍ୟ, ଗ୍ରାମବାସୀ ଓ ପୋଲିସର ତଦନ୍ତକୁ ଭିତ୍ତି କରି ଅଦାଲତ ଅପର୍ତ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

# ସନ୍ଦେହ ଘେରରେ ପୋଲିସ କାର୍ଯ୍ୟାନୁଷ୍ଠାନ

**ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ ଘଟଣା**

ଫୁଲବାଣୀ, ୩୦।୯ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା ଡାଙ୍ଗଣାମୁ ଘାଟି ରାସ୍ତାରେ ଗତ ୨୬ ତାରିଖରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ବେହେରାପଡ଼ା ଗ୍ରାମର ଜ୍ୟେଷ୍ଠ ବଣ୍ଡକିଙ୍କୁ ହତ୍ୟା କରାଯିବା ଏବଂ ୨ଦିନ ପରେ ତାଙ୍କ ମୃତଦେହ ରାସ୍ତା ପାର୍ଶ୍ୱରୁ ଜବତ କରାଯିବା ଘଟଣାରେ ପୋଲିସ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହି ଘଟଣାରେ ପୋଲିସର ସମ୍ପୃକ୍ତି ଥିବା ମୃତକଙ୍କ ସ୍ତ୍ରୀ ସୁମନ୍ତି ବଣ୍ଡକି ଅଭିଯୋଗ କରିବା ସତ୍ତ୍ୱେ କୌଣସି ପୋଲିସ ଅଧିକାରୀଙ୍କ ଉପରେ ମଧ୍ୟ ପଦକ୍ଷେପ ନିଆଯାଇନାହିଁ। ବିଭାଗୀୟ କର୍ମଚାରୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ପୋଲିସ ଉଦ୍ୟମ କରୁଥିବା ଇତିମଧ୍ୟରେ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ ହାତରୁ ଖସି ଯାଇଥିବା ଦାଶରଥି ଦିଗାଲଙ୍କ ବୟାନ ରେକର୍ଡ ହୋଇପାରି ନାହିଁ। ତାଙ୍କ ବୟାନ ନେବା ପରେ ଘଟଣାର ତଦନ୍ତ ସରିବ। ଘଟଣାରେ ଯାହାର ସମ୍ପୃକ୍ତି ଥିବ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କହିଛନ୍ତି।

ଜ୍ୟେଷ୍ଠ ତାଙ୍କର ଜଣେ ସହଯୋଗୀ ମାର୍ଡୋଲ ଗ୍ରାମର ଦାଶରଥିଙ୍କ ସହ ଗତ ୨୬ ତାରିଖ ସକାଳ ୭ଟାରେ ଗୋଚ୍ଛାପଡା ଆସିଥିଲେ । ଦିନ ପ୍ରାୟ ସାଢ଼େ ୧୨ଟାରେ ତାଙ୍କ ସ୍ତ୍ରୀ ସୁମନ୍ତି ଫୋନ କରିବାରୁ ମୋତେ ପୋଲିସ ଧରିଛି କହି ଜ୍ୟେଷ୍ଠ ଫୋନ କାଟି ଦେଇଥିଲେ । ସମ୍ପର୍କୀୟମାନେ ଏ ସମ୍ପର୍କରେ ଗୋଚ୍ଛାପଡ଼ା ଥାନାକୁ ପଚାରିବାରୁ ସେମାନେ କାହାରିକୁ ଗିରଫ କରି ନ ଥିବା କହିଥିଲେ । ତେବେ ସନ୍ଧ୍ୟାରେ ଥାନାକୁ ଯିବାରୁ ଗାଡ଼ି ଜବତ କରିଥିବା ପୋଲିସ କହିଥିଲା । ଦାଶରଥିଙ୍କୁ ଧରି ପୋଲିସ ଅଟକାଇଥିବା ସ୍ଥାନକୁ ଯାଇ ଖୋଜାଖୋଜି କରିବାରୁ ଜ୍ୟେଷ୍ଠଙ୍କ ମୃତଦେହ ମିଳିଥିଲା। ପରେ ସ୍ତ୍ରୀ ସୁମନ୍ତି ପୋଲିସ ତାଙ୍କ ସ୍ୱାମୀଙ୍କୁ ମାରି ଦେଇଥିବା ନେଇ ଗୋଚ୍ଛାପଡା ଥାନାରେ ଏତଲା ଦେଇଥିଲେ। ପୋଲିସର ସମ୍ପୃକ୍ତି ଆସିବାରୁ ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, ଡିଏସ୍‌ପି କମଳ ପଣ୍ଡା ପ୍ରମୁଖ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ମଧ୍ୟ ଶନିବାର ରାତିରେ ଗୋଚ୍ଛାପଡା ଥାନାକୁ ଯାଇ ଘଟଣାର ତଦନ୍ତ କରିଥିଲେ । ଏବେ ତଦନ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଖୁବ୍‌ଶୀଘ୍ର ସତ ପଦାକୁ ଆସିବ ବୋଲି ଏସ୍‌ପି ପାତ୍ର କହିଛନ୍ତି।

# ବ୍ୟାଙ୍କ ଆକାଉଣ୍ଟରୁ ୭.୭୮ ଲକ୍ଷ ଗାଏବ

**ସାଇବର ଠକେଇ ଅଭିଯୋଗ**

ପାପଡାହାଣ୍ଡି, ୩୦।୯ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସେମଲା ପଞ୍ଚାୟତ ଅନ୍ତର୍ଗତ ପାଇକ କୋଡ୍ରା ଗ୍ରାମର କିଶୋର ଚନ୍ଦ୍ର ହରିଜନଙ୍କ ୨ଟି ବ୍ୟାଙ୍କ ଆଉଣ୍ଟରୁ ୭ ଲକ୍ଷ ୭୮ ହଜାର ଟଙ୍କା ଗାୟବ ହୋଇଯାଇଛି। ସୋମବାର କିଶୋର ପାପଡାହାଣ୍ଡି ବ୍ୟାଙ୍କକୁ ଯାଇ ଖାତା ଯାଞ୍ଚ କରିବା ପରେ ସାଇବର ଠକେଇର ଶିକାର ହୋଇଥିବା ଜାଣି ମୈଦଲପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଏହା ସାଇବର ସମ୍ବନ୍ଧୀୟ ଘଟଣା ହୋଇଥିବା ଯୋଗୁ କୋରାପୁଟ ଯାଇ ମାମଲା ଦେବାକୁ କହିଥିଲେ। ସେ ମଙ୍ଗଳବାର ସାଇବର ଥାନାରେ ଜଣାଇବେ ବୋଲି କହିଛନ୍ତି। ଅଭିଯୋଗ ପ୍ରକାରେ କିଶୋରଙ୍କ ପାପଡାହାଣ୍ଡି ଏସ୍‌ବିଆଇ ଓ ୟୁନିୟନ ବ୍ୟାଙ୍କରେ ଦୁଇଟି ଆକାଉଣ୍ଟ ରହିଛି ।ଏହି ଦୁଇ ଆକାଉଣ୍ଟରୁ ଚଳିତ ମାସ ୨୨ରୁ ୨୯ ତାରିଖ ଭିତରେ ୭ ଲକ୍ଷ ୭୮ ହଜାର ଟଙ୍କା କଟିଥିବା ଅଭିଯୋଗ ହୋଇଛି । ଏସ୍‌ବିଆଇ ଖାତାରୁ ୪୮୯୭୬୩୧୬ ୨୦୯୧/୯୨/୯୩ ନମ୍ବରରେ ୩ ଲକ୍ଷ ୭୮ ହଜାର ଟଙ୍କା ପ୍ରାୟ ୩୦ ଥର ଉଠାଯାଇଛି ଏବଂ ୟୁନିୟନ ବ୍ୟାଙ୍କ ଖାତାରୁ ୟୁପିଆଇଏଆର/୪୨୭୦୦୪୫୫୭/ଓଆର ନଂରେ ୮ ଥର ପ୍ରାୟ ୪ ଲକ୍ଷ ଟଙ୍କା ଉଠାଯାଇଥିବା ଜଣାପଡ଼ିଛି । ଅନ୍ୟପଟେ ଲକ୍ଷାଧିକ ଟଙ୍କା ସାଇବର ଠକେଇ ହୋଇଥିବାରୁ କିଶୋର ଚିନ୍ତାରେ ରହିଛନ୍ତି ।


ଠକେଇ ଶିକାର ହୋଇଥିବା କିଶୋର ।

**ନାବାଳିକା ବଳାତ୍କାର ମାମଲା**

# ଦୋଷୀଙ୍କୁ ୨୦ବର୍ଷ ଜେଲ

ବ୍ରହ୍ମପୁର,୩୦।୯ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତୀ ପଟ୍ଟନାୟକ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଖଲ୍ଲିକୋଟ ଥାନା କେନ୍ଦୁପାଟ ଗାଁର ପ୍ରଶାନ୍ତ ନାହାକ(୩୦)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡିତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ଖଲ୍ଲିକୋଟ ଅଞ୍ଚଳର ଏକ ପରିବାର ଆନ୍ଧ୍ର ପ୍ରଦେଶରେ କାମ କରି ସେଠାରେ ରହୁଥିଲେ। ସେଠାରେ କେନ୍ଦୁପାଟ ଗ୍ରାମର ଛଇଳ ନାହାକ ଓ ତାଙ୍କ ପୁଅ ପ୍ରଶାନ୍ତ ମଧ୍ୟ ରହୁଥିଲେ। ପ୍ରଶାନ୍ତ ସମ୍ପୃକ୍ତ ପରିବାରର ଜଣେ ନାବାଳିକାଙ୍କ ସହ ସମ୍ପର୍କ ରଖିଥିଲେ। ପୀଡିତାଙ୍କ ପରିବାର ଏହା ଜାଣିପାରି ନ ଥିଲେ। ୨୦୨୨ ମେ ୩ ତାରିଖରେ ଉକ୍ତ ପରିବାର ନିଜ ଗାଁକୁ ଫେରିଥିଲେ। ସେହି ମାସ ୧୪ ତାରିଖରେ ଗାଁରେ ଯଜ୍ଞ ଚାଲିଥିବାବେଳେ ନାବାଳିକା ଜଣକ ଘରେ ଏକାକୀ ଥିଲେ। ପ୍ରଶାନ୍ତ ଘରେ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପରିବାର ଲୋକଙ୍କୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସନ୍ଧ୍ୟାରେ ପରିବାର ଲୋକେ ଘରକୁ ଫେରିଲା ପରେ ପୀଡିତା ସବୁକଥା ତାଙ୍କ ମା'ଙ୍କୁ କହିଥିଲେ। ପରେ ପୀଡିତାଙ୍କ ବାପା ପ୍ରଶାନ୍ତଙ୍କ ଘରକୁ ଯାଇ ତାଙ୍କ ଝିଅକୁ ବିବାହ କରିବାକୁ କହିଥିଲେ। ହେଲେ ସେଠାରେ ପ୍ରଶାନ୍ତ ଓ ପରିବାର ଲୋକ ବିଭିନ୍ନ ଧମକ ଦେଇ ଫେରାଇ ଦେଇଥିଲେ। ପୀଡିତାଙ୍କ ମା' ୨୦୨୨ ଜୁନ ୧ ତାରିଖରେ ଖଲ୍ଲିକୋଟ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କୁ ୨୦, ସାଙ୍ଗଙ୍କୁ ୫ ବର୍ଷ ଜେଲଦଣ୍ଡ

**ନାବାଳିକାଙ୍କୁ ବଳାତ୍କାର ମାମଲା**

ଭୁବନେଶ୍ୱର,୩୦।୯ (ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଞ୍ଚଳରେ ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ମାମଲାରେ ସୋମବାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ୪ର୍ଥ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍ସୋ) କୋର୍ଟ ଏହି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ଅମରେଶ ପ୍ରଧାନ ଓରଫ ବୁଲାଙ୍କୁ ୨୦ବର୍ଷ ଜେଲଦଣ୍ଡ ଏବଂ ତାଙ୍କ ସାଙ୍ଗ ତଥା ଅନ୍ୟତମ ଅଭିଯୁକ୍ତ ସୁକାନ୍ତ ପ୍ରଧାନଙ୍କୁ ୫ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ଦୋଷୀ ବୁଲାଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଦେଇ ନ ପାରିଲେ ବୁଲା ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବେ ବୋଲି ବଚାରପତି ପ୍ରଦୀପ କୁମାର ବେହେରା ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ଅନୁକମ୍ପାମୂଳକ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବୋଲଗଡ଼ ଥାନା ଅଞ୍ଚଳର ଏକ ଗାଁରେ ଉଭୟ ପୀଡ଼ିତା ଓ ଅଭିଯୁକ୍ତଦ୍ୱୟଙ୍କ ଘର। ୨୦୨୩ ଅକ୍ଟୋବର ୧୪ରେ ନାବାଳିକା ଜଣଙ୍କ ତାଙ୍କ ଘରର ଛାତ ଉପରେ ଶୋଇଥିବାବେଳେ ତାଙ୍କୁ ଅପହରଣ କରାଯାଇଥିଲା। ବୁଲା ତାଙ୍କ ସାଙ୍ଗ ସୁକାନ୍ତ ବାଇକରେ ନାବାଳିକାଙ୍କୁ ନେଇଯାଇଥିଲେ। ସେତେବେଳେ ପୀଡ଼ିତାଙ୍କୁ ୧୬ବର୍ଷ ହୋଇଥିଲା। ଏନେଇ ପୀଡ଼ିତାଙ୍କ ମା' ବୋଲଗଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୬୦/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ପୀଡ଼ିତାଙ୍କୁ ବୁଲା ସ୍ଥାନୀୟ ସିଂହପୁର ଗ୍ରାମସ୍ଥିତ ଏକ ଘରେ ବନ୍ଦ କରି ବାରମ୍ବାର ବଳାତ୍କାର କରିଥିଲେ। ପୋଲିସ ଟିମ୍ ୭ଦିନ ପରେ ଉକ୍ତ ଘରୁ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ୨୦୨୩ ଡିସେମ୍ବର ୨୨ରେ ପୋଲିସ ପକ୍ଷରୁ ଏହି ମାମଲାରେ ଚାର୍ଜଶିଟ୍ ଦାଖଲ ହେବା ପରେ କୋର୍ଟରେ ଶୁଣାଣି ଆରମ୍ଭ ହୋଇଥିଲା। ୭ଜଣଙ୍କ ସାକ୍ଷ୍ୟ ଓ ୬୫ଟି ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ମାମଲା ପରିଚାଳନା କରୁଥିଲେ।

# ୨ ଶ୍ରମିକଙ୍କୁ ଉଲଗ୍ନ କରି ମାଡ଼ ଅଭିଯୋଗ

**୩ଦିନ ହେଲା ମାମଲା ରୁଜୁ, ଅଭିଯୁକ୍ତ ଗିରଫ ହେଲେନି**

ଢେଙ୍କାନାଳ,୩୦।୯ (ରତନ ନାୟାର)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଞ୍ଚଳରେ ଥିବା ଏକ କମ୍ପାନୀ ପରିସରରେ ୨ ଜଣ ଶ୍ରମିକଙ୍କୁ ଉଲଗ୍ନ କରି ନିସ୍ତୁକ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ୩ଦିନ ତଳେ ଏ ନେଇ ଥାନାରେ ଅଭିଯୋଗ ଓ ମାମଲା ରୁଜୁ ହୋଇଥିଲେ ହେଁ ଏଯାଏ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନାହିଁ। ଅଭିଯୋଗରୁ ପ୍ରକାଶ, କମ୍ପାନୀର ଜଣେ ସୁରକ୍ଷା କର୍ମଚାରୀ ଓ ଗାଡ଼ି ଚାଳକ ମିଶି ସେଠାରେ କାର୍ଯ୍ୟ କରୁଥିବା ଶ୍ରମିକ ନିମିଧା ଗ୍ରାମର ନିଲୁ ନାଏକ ଓ ଦିଲୁ ନାଏକଙ୍କୁ ପ୍ୟାଣ୍ଟ, ସାର୍ଟ ଖୋଲି ନିସ୍ତୁକ ମାଡ଼ ମାରିଥିଲେ। ଗୁରୁତର ୨ ଶ୍ରମିକ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ସମ୍ପର୍କୀୟ ଅଶେଷ ନାଏକ ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ଅଭିଯୋଗ କରିବା ପରେ ଥାନାରେ ନଂ. ୩୯୦।୨୪ରେ ଏକ ମାମଲା ରୁଜୁ ହୋଇଥିଲା। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ କହିଛନ୍ତି, ୩ଦିନ ତଳେ ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇନି। ମାଡ଼ ମରାଯିବାର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

# ପ୍ଲାଜମା ବିକ୍ରି ଅଭିଯୋଗରେ ଯୁବକ ଗିରଫ

- ୬ ପ୍ୟାକେଟ୍ ପ୍ଲାଜମା ଜବତ
- ଏ-ନେଗେଟିଭ୍ କହି ଦେଇଥିଲେ ଏ-ପଜିଟିଭ୍

କଟକ,୩୦।୯ (କାର୍ତ୍ତିକ ସାହୁ)

କଟକ ସଦର ଥାନା ପୋଲିସ ସୋମବାର ପ୍ଲାଜମା ଦଲାଲି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବିଡ଼ାନାସୀ ଥାନା ଅନ୍ତର୍ଗତ କନିକାଛକ ଅଞ୍ଚଳରେ ରହୁଥିବା ବାଲେଶ୍ୱର ସୋରୋ ଅଞ୍ଚଳର ବାପି ଓରଫ ଅଜୟ କୁମାର ନାୟକ(୪୦)। ତାଙ୍କଠାରୁ ଘରୋଇ ମେଡିକାଲ ରୋଗୀଙ୍କ ପାଇଁ ବେଆଇନ ଭାବେ ବିକ୍ରି ହୋଇଥିବା ୬ ପ୍ୟାକେଟ ଏ-ପଜିଟିଭ ପ୍ଲେଟଲେଟ ପ୍ଲାଜମାକୁ ପୋଲିସ ଜବତ କରିଥିବା ଏଡିସିପି ଅନୀଲ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ନିଆଳି କପିଚନ୍ଦ୍ରପୁର ଅଞ୍ଚଳର ସର୍ବେଶ୍ୱର ନାୟକ ଡେଙ୍ଗୁ ଆକ୍ରାନ୍ତ ହୋଇ ମହାନଦୀ ବିହାରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସର୍ବେଶ୍ୱରଙ୍କୁ ଏ-ନେଗେଟିଭ ପ୍ଲେଟଲେଟ୍ ପ୍ଲାଜ୍‌ମା ଲାଗିବ ବୋଲି ଡାକ୍ତର କହିଥିଲେ। ପ୍ଲାଜ୍‌ମା ଆଣିବାକୁ ଡାକ୍ତର ରିକ୍ୟୁଜିସିନ ଲେଖିଦେଇଥିଲେ। ସର୍ବେଶ୍ୱରଙ୍କ ଦେଖାଶୁଣା କରୁଥିବା ସମ୍ପର୍କୀୟ ଭାଇ ଦୀପ୍ତିରଞ୍ଜନ ନାୟକ ଏସ୍‌ସିବି ରେଡକ୍ରସ ବ୍ଲଡ ବ୍ୟାଙ୍କକୁ ପ୍ଲାଜ୍‌ମା ଆଣିବାକୁ ଯାଇଥିଲେ। ମାତ୍ର ସେଠାରେ ସେହି ପ୍ଲାଜ୍‌ମା ଉପଲବ୍ଧ ନ ଥିଲା। ସେଠାରୁ ନିରାଶ ହୋଇ ଦୀପ୍ତିରଞ୍ଜନଙ୍କ ସହ ଯାଇଥିବା ରୋଗୀଙ୍କ ସମ୍ପର୍କୀୟ ପୁପୁନ ନାୟକ ଅଭିଯୁକ୍ତ ଅଜୟଙ୍କୁ ଯୋଗାଯୋଗ କରିଥିଲେ। ଅଜୟ ଆସି ସମାନ ପଜିଟିଭ୍‌ର ପ୍ଲାଜ୍‌ମା ଯୋଗାଡ଼ କରିଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସେ ୫ ହଜାର ଟଙ୍କା ମଧ୍ୟ ନେଇଥିଲେ। କିଛି ସମୟ ପରେ ଅଜୟ ଏ-ନେଗେଟିଭ ବଦଳରେ ୬ ପ୍ୟାକେଟ (ୟୁନିଟ) ଏ-ପଜିଟିଭ ପ୍ଲାଜ୍‌ମା ଆଣି ଦୀପ୍ତିଙ୍କୁ ଧରାଇଦେଇଥିଲେ। ଏହା ଦେଖି ଦୀପ୍ତି ବିରକ୍ତି ହୋଇ ତୁରନ୍ତ ଏହାକୁ ବଦଳାଇ ଆଣିବାକୁ କହିଲେ। ଭୁଲରେ ପ୍ଲାଜ୍‌ମା ଅଦଳବଦଳ ହୋଇଯାଇଥିବା କହି ଅଜୟ ଆଣିଥିବା ୬ ପ୍ୟାକେଟ ଏ-ପଜିଟିଭ ପ୍ଲାଜ୍‌ମା ନେଇ ଚାଲିଯାଇଥିଲେ। କିଛି ସମୟ ପରେ ସେ ଏ ନେଗେଟିଭ ପ୍ଲାଜ୍‌ମା ୬ ପ୍ୟାକେଟ୍ ଆଣି ଦୀପ୍ତିଙ୍କୁ ଦେଇଥିଲେ। ଦୀପ୍ତି ହସ୍‌ପିଟାଲରେ ପହଞ୍ଚି ପ୍ଲାଜ୍‌ମା ପ୍ୟାକେଟ ଦେବା ପରେ ଡାକ୍ତର ଚକିତ ହୋଇଯାଇଥିଲେ। ଉକ୍ତ ପ୍ଲାଜ୍‌ମା ପ୍ୟାକେଟରେ ଲେଖାଥିବା ସୂଚକାଙ୍କ ଉପରେ କଲମରେ ଗାରା ହୋଇଛି। ପ୍ରକୃତରେ ତାହା ଏ- ପଜିଟିଭ୍ ଥିଲା। କିନ୍ତୁ କଲମରେ ପ୍ୟାକେଟ ଉପରେ ଏ ନେଗେଟିଭ ଲେଖାଯାଇଛି ବୋଲି ପରୀକ୍ଷା ପରେ ଡାକ୍ତର ସ୍ପଷ୍ଟ କରିଥିଲେ। ଏହାପରେ ଦୀପ୍ତି ଉକ୍ତ ପ୍ଲାଜ୍‌ମା ବଦଳାଇବା ପାଇଁ ଅଭିଯୁକ୍ତ ଅଜୟଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ରବିବାର ଦୀପ୍ତି ସଦର ଥାନାରେ ଏତଲା ଦେଇଥିଲେ।



ଜବତ ପ୍ଲାଜ୍‌ମା ଓ ଗିରଫ ଅଭିଯୁକ୍ତ।

# ଆଣ୍ଟି ରାଗିଂ ସେଲ୍, ପୋଲିସର ତଦନ୍ତ ଆରମ୍ଭ

**କଲେଜ ଛାତ୍ରଙ୍କୁ ୩ ମହଲା କୋଠାରୁ ଠେଲିଦେବା ଘଟଣା**

ଭବାନୀପାଟଣା,୩୦।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମେଦିନିପୁର ନିକଟ ବିନାୟକ ଆବାସିକ କଲେଜର ଜଣେ ଛାତ୍ରଙ୍କୁ ୩ମହଲା କୋଠାରୁ ଠେଲିଦେବା ଘଟଣାର ଆଣ୍ଟି ରାଗିଂ ସେଲ୍ ଓ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ରବିବାର ରାତିରେ ଏହି ଘଟଣା ଘଟିଥିବାବେଳେ ଗୁରୁତର ଅବସ୍ଥାରେ ଆହତ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଗୋଡ଼ ଓ ଅଣ୍ଟାରେ ଆଘାତ ଲାଗିଛି। ଛାତ୍ରଙ୍କ ନାମ ଅଙ୍କେଶ ବାଗ ଓ ସେ ଯୁକ୍ତ ୨ ଦ୍ୱିତୀୟ ବର୍ଷର (କଳା) ଛାତ୍ର ବୋଲି ଜଣାପଡ଼ିଛି। ଖବର ପାଇ କଲେଜ କର୍ମଚାରୀ ପହଞ୍ଚିବା ପରେ ଗୁରୁତର ଛାତ୍ରଙ୍କ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ହେବାରୁ ଚିକିତ୍ସାଳୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅଙ୍କେଶଙ୍କ କହିବା ଅନୁଯାୟୀ ସହପାଠୀମାନେ ବିଭିନ୍ନ ସମୟରେ ରାଗିଂ କରି ମାଡ଼ ମାରନ୍ତି। ରବିବାର ରାତିରେ ମଧ୍ୟ ୯ ଜଣ ଛାତ୍ର କ୍ଲାସ୍‌ରେ ମାଡ଼ ମାରି ତିନିମହଲା କୋଠାରୁ ଠେଲି ଦେଇଥିବା ସେ କହିଛନ୍ତି। ସେହିପରି ପୂର୍ବରୁ ମଧ୍ୟ ତାଙ୍କ ପୁଅକୁ ଉକ୍ତ ଛାତ୍ରମାନେ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି ମା' ବିମଳା ବାଗ। ତଦନ୍ତ କରି ସଂପୃକ୍ତ ଛାତ୍ରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏ ନେଇ କଲେଜ ଅଧ୍ୟକ୍ଷ ନଳିନୀ କାନ୍ତ ଦାଶଙ୍କୁ ପଚାରିବାରୁ କଲେଜର ଆଣ୍ଟି ରାଗିଂ ସେଲ ଏହାର ତଦନ୍ତ କରୁଛି। ଏଥିରେ ଦୋଷୀ ଜଣାପଡିଲେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ, ଛାତ୍ରଙ୍କ ବାପା କମଳ ବାଗ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ଏକ ମାମଲା (ନଂ.୪୦୫/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଦର ଥାନା ଆଇଆଇସି ନରେଶ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ବିନାୟକ କଲେଜ ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ତଦନ୍ତ କରିଛି। ଏହି ସମୟରେ କଲେଜ ଛାତ୍ର, କର୍ମଚାରୀଙ୍କ ସହ ଟିମ୍ ଆଲୋଚନା କରିଛି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଙ୍କେଶଙ୍କ ଚିକିତ୍ସା ଚାଲିଛି।

# ୧୧ କି.ମି. ଯିବାକୁ ଟ୍ରେନ୍‌ରେ ୩ ଘଣ୍ଟା ଅପେକ୍ଷା

ତାଳଚେର,୩୦।୯(ମନୋଜ ନନ୍ଦ)

ପୁରୀ-ଅନୁଗୋଳ ମେମୁ ଟ୍ରେନ୍‌ରେ ଭୁବନେଶ୍ୱରରୁ ବୁଢ଼ାପଙ୍କ ଯାଏ ଶହେ କିଲୋମିଟର ଦୂରତାକୁ ମାତ୍ର ୨ ଘଣ୍ଟାରେ ଅତିକ୍ରମ କରୁଥିବା ତାଳଚେରର ଯାତ୍ରୀମାନଙ୍କୁ ଆଉ ମାତ୍ର ୧୧ କିଲୋମିଟର ତାଳଚେର ଷ୍ଟେଶନରେ ପହଞ୍ଚିବାକୁ ଅଧିକ ୩ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଫଳରେ ରାତି ୮ଟା ୨୦ରେ ବୁଢ଼ାପଙ୍କରେ ପହଞ୍ଚୁଥିବା ତାଳଚେର ଯାତ୍ରୀ ରାତି ୧୧ଟା ୨୦ରେ ତାଳଚେର ଷ୍ଟେଶନରେ ଓହ୍ଲାଉଛନ୍ତି। ବୁଢ଼ାପଙ୍କରୁ ତାଳଚେର ମାତ୍ର ୧୧ କିଲୋମିଟର ଯିବାକୁ ଏହି ରେଳଯାତ୍ରୀମାନଙ୍କୁ ଦୀର୍ଘ ୩ ଘଣ୍ଟା ଟ୍ରେନ୍ ଭିତରେ ଅପେକ୍ଷା କରିବାକୁ ପଡୁଥିବାରୁ ସେମାନେ ଶାରୀରିକ ଓ ମାନସିକ ଯନ୍ତ୍ରଣା ପାଉଥିବା ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଛି। ତୁରନ୍ତ ନିର୍ଦ୍ଧାରିତ ସମୟରେ



ଜନ ଅଭିଯୋଗ ଶୁଣାଣିରେ ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନର ଡିଭିଜନାଲ କମାଣ୍ଡର ଓ ଅନ୍ୟମାନେ ଅଭିଯୋଗ କରୁଛନ୍ତି।

- ପୁରୀ-ଅନୁଗୋଳ ମେମୁ ଟ୍ରେନ୍‌ରେ ହନ୍ତସନ୍ତ ହେଉଛନ୍ତି ତାଳଚେରର ଯାତ୍ରୀ
- ବୁଢ଼ାପଙ୍କରେ ରାତି ୮ଟା ୨୦, ତାଳଚେର ଷ୍ଟେଶନରେ ୧୧ଟା ୨୦
- ନିର୍ଦ୍ଧାରିତ ସମୟରେ ଚଳାଇବାକୁ ଜିଲାପାଳଙ୍କୁ ଦାବିପତ୍ର

ଏହି ଟ୍ରେନ୍ ତାଳଚେର ଷ୍ଟେଶନରେ ପହଞ୍ଚାଇବାକୁ ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନର ଡିଭିଜନାଲ କମାଣ୍ଡର ଦୀନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦାବି କରିଛି।

ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ପଞ୍ଚାୟତ ସମିତି ସଭାଘର ଠାରେ ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିରରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଭୁବନେଶ୍ୱରରୁ ସନ୍ଧ୍ୟା ୬ଟା ୨୦ ମିନିଟରେ ବାହାରୁଥିବା ପୁରୀ-ଅନୁଗୋଳ ମେମୁ ଟ୍ରେନ୍ ରାତି ୮ଟା ୨୦ରେ ବୁଢ଼ାପଙ୍କ ଷ୍ଟେଶନରେ ପହଞ୍ଚୁଛି। ହେଲେ ସେଠାରେ ଟ୍ରେନ୍‌ଟି ରାତି ୧୧ଟା ଯାଏ ଅଟକି ରହୁଛି। ଏହାପରେ ରାତି ୧୧ଟାରେ ଟ୍ରେନ୍ ବାହାରି ମାତ୍ର ୧୧ କିଲୋମିଟର ଦୂର ତାଳଚେର ଷ୍ଟେଶନରେ ରାତି ୧୧ଟା ୨୦ରେ ପହଞ୍ଚୁଛି। ଏହାଦ୍ୱାରା ଦୈନିକ ତାଳଚେରଯାତ୍ରୀଙ୍କ ବହୁ ଘଣ୍ଟାର ସମୟ ନଷ୍ଟ କରାଯାଉଛି। ରେଳୱେ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ପାଇଁ ଦୈନିକ ଶତାଧିକ ଯାତ୍ରୀ ମାନସିକ, ଶାରୀରିକ, ଆର୍ଥିକ ଯନ୍ତ୍ରଣାର ଶିକାର ହେଉଛନ୍ତି। ସମୟର ମୂଲ୍ୟକୁ ଆଖି ଆଗରେ ରଖି ଦେଶରେ ବୁଲେଟ ଟ୍ରେନ ଚଳାଚଳ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଉଥିବା ବେଳେ ତାଳଚେରବାସୀଙ୍କୁ ସେମାନଙ୍କ ଅଧିକାରରୁ ଏପରି ବଞ୍ଚିତ କରାଯିବା ଅସନ୍ତୋଷର କାରଣ ହୋଇଛି। ଏହାକୁ ଗୁରୁତ୍ୱର ସହ ବିଚାର କରି ପ୍ରତ୍ୟହ ନିର୍ଦ୍ଧାରିତ ସମୟରେ ମେମୁ ଟ୍ରେନ୍‌କୁ ତାଳଚେର ଷ୍ଟେଶନରେ ପହଞ୍ଚାଇବାର ବ୍ୟବସ୍ଥା କରାଇବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଅରବିନ୍ଦ ପ୍ରଧାନ, ଅକ୍ରମ ବାରିକ, ରାକେଶ କୁମାର ବାରିକ, ସୁଶାନ୍ତ ପାଣି, ବେଣୁଧର ସାହୁ, ଚୈତନ୍ୟ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ଘଣ୍ଟା ପରେ ଗାତରୁ ଉଦ୍ଧାର ହେଲା ହାତୀ



ଗାତ ଭିତରେ ଫସିରହିଥିବା ହାତୀ।

ଭବାନୀପାଟଣା/କେସିଙ୍ଗା, ୩୦।୯
(ଉତ୍ତମ କୁମାର ଦାଶ/ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବନ ବିଭାଗ ରେଞ୍ଜ ଅଫିସ ଅଧୀନସ୍ଥ ସୌରାପଦର ଗ୍ରାମ ନିକଟ କାଜୁ ବଗିଚା ପରିସରରେ ଥିବା ୫ଫୁଟ୍ ଗଭୀର ଏକ ଗାତରେ ସୋମବାର ସକାଳୁ ଏକ ବଣୁଆ ହାତୀ ଫସିରହିଥିବା ଦେଖିବାକୁ ମିଳିଥିଲା। ହାତୀଟି ବାହାରକୁ ଆସିବା ପାଇଁ କସରତ କରୁଥିଲେ ମଧ୍ୟ ଆସିପାରି ନ ଥିଲା। ଏ ବିଷୟରେ ଜାଣିବା ପରେ ସ୍ଥାନୀୟ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ବନ ବିଭାଗର ରେଞ୍ଜର ପ୍ରଭାବତୀ ସେଠଙ୍କ ସମେତ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଉଦ୍ଧାର କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଦୀର୍ଘ ୬ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ହାତୀକୁ ଜେସିବି ଦ୍ୱାରା ଗାତରୁ ଉଦ୍ଧାର କରିଥିଲେ। ହାତୀଟି ଗାତରୁ ବାହାରି ନିକଟସ୍ଥ ବଜ୍ରଗଡ଼ ଜଙ୍ଗଲ ଅଭିମୁଖେ ପଳାଇଛି। ଗତ କିଛିଦିନ ହେବ ଏହି ଅଞ୍ଚଳରେ ଏକ ୩୦ ଟିକିଆ ହାତୀପଲ ବୁଲି ଉପଦ୍ରବ କରୁଥିଲେ। ଏମାନେ ପରଲସିଙ୍ଗା, ପୋଢ଼ଖମ୍ଭ, ଶିରୋଲ, ତୁମେରମୁଣ୍ଡା ଆଦି ଗ୍ରାମର ଚାଷୀଙ୍କ ଧାନ, କପା ଫସଲ ଖାଇ ନଷ୍ଟ କରିଛନ୍ତି। କ୍ଷତିପୂରଣ ପାଇଁ ଚାଷୀମାନେ ବନ ବିଭାଗକୁ ଲିଖିତ ଅଭିଯୋଗ କରିଛନ୍ତି। ବନ ବିଭାଗ ହାତୀମାନଙ୍କୁ ଘଉଡାଇବାରେ ଅସଫଳ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ହାତୀପଲ ଅଞ୍ଚଳରେ ରହୁଥିବାରୁ ରାତିରେ ବାଲସି, ରେଙ୍ଗାଲି, ମଶାଣିବନ୍ଧ, ପରଲସିଙ୍ଗା, ଶିରୋଲ ଆଦି ଗ୍ରାମରେ ବିଦ୍ୟୁତ୍ କାଟି ଦିଆଯାଉଛି। ଫଳରେ ଲୋକମାନେ ଅନ୍ଧାର, ଗରମରେ ବହୁ କଷ୍ଟରେ ରାତି ବିତାଉଛନ୍ତି।

# ବାଇକ୍ ମୁହାଁମୁହିଁ ଧକ୍କା: ଜଳିଗଲେ ୨ ଯୁବକ

କୁଆଁରମୁଣ୍ଡା,୩୦।୯
(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ରାଏବୋଗା ରୋଡ୍ କୁଡ଼ପାନିଟୋଲି ବୁଲାଣି ନିକଟରେ ସୋମବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଆରୋହୀ ଜଳିଯାଇଛନ୍ତି।

ମୃତକ ହେଲେ ହାତୀବାରି ଥାନା କରଡେଗା ଗ୍ରାମର ରାଜେଶ ଡିଗା(୨୨) ଏବଂ ବେଲେନ ବାଡିଂ(୨୧)। ଏହି ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ବୀରମିତ୍ରପୁର ପୋଲିସ ୨ ପୋଡ଼ା ବାଇକ୍‌କୁ ଜବତ କରିଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ, ଅଶୋକ ଅଗ୍ରୱାଲ ଏକ ବାଇକ୍‌ରେ ରାଏବୋଗା ପାର୍ଶ୍ୱରୁ ବୀରମିତ୍ରପୁର ପଟକୁ ଯାଉଥିବା ବେଳେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ରାଜେଶ ଓ ବେଲେନ ଆସୁଥିଲେ। ଏହି ସମୟରେ ରାଏବୋଗା ରୋଡ୍ କୁଡ଼ପାନିଟୋଲି ବୁଲାଣି ନିକଟରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ ବାଇକ୍ ସହ ରାଜେଶ ଓ ବେଲେନ ଜଳି ଯାଇଥିଲେ। ଘଟଣା ସ୍ଥଳରେ ରାଜେଶଙ୍କ ମୃତ୍ୟୁ ଘଟିଥିଲା ବେଳେ ବେଲେନଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଝାଡ଼ଖଣ୍ଡ ରାଜ୍ୟ ସିମ୍‌ଡେଗା ଅଞ୍ଚଳର କପଡ଼ା ବ୍ୟବସାୟୀ ଅଶୋକ ଅଗ୍ରୱାଲଙ୍କ ବର୍ତ୍ତି ଯାଇଥିବା ବେଳେ ତାଙ୍କର ବାମ ଗୋଡ଼ ଭାଙ୍ଗି ଯାଇଥିବାରୁ ସେ ମଧ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଆଁରମୁଣ୍ଡା ସରକାରୀ ଡାକ୍ତରଖାନାରେ ରଖିଛି।

# ଦଶହରାର ଆଭାସଦିଏ 'ଦାସାଇଁ ନାଚ'

କେନ୍ଦୁଝର,୩୦।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାରେ ଦଶହରାକୁ ଆଦିବାସୀମାନେ ନାଚ, ଗୀତ ମାଧ୍ୟମରେ ପାଳନ କରିଥାଆନ୍ତି। ମୁଣ୍ଡା ସମ୍ପ୍ରଦାୟରେ 'ଦାସାଇଁ ନାଚ' ଏକ ଭିନ୍ନ ପରିବେଶ ସୃଷ୍ଟି କରିଥାଏ। ଉକ୍ତ ନାଚ ଗାଁଗୁଡ଼ିକରେ ହେଲେ ଦଶହରାର ଆଭାସ ମିଳିଥାଏ।

ଦଶହରାର ପ୍ରାୟ ୧ ମାସ ପୂର୍ବରୁ ଉକ୍ତ ନାଚ ଆରମ୍ଭ କରିଥାନ୍ତି। ମୁଣ୍ଡା ସମ୍ପ୍ରଦାୟର ଲୋକେ ଦଳ ଦଳ ହୋଇ ଗାଁକୁ ଗାଁ ବୁଲି ନାଚ କରିଥାନ୍ତି। ଯଦିଓ ଅର୍ଥାଭାବରୁ ସେମାନଙ୍କ ପୋଷାକରେ ଭିନ୍ନତା ଥାଏ, ମାତ୍ର ସେମାନଙ୍କ ନୃତ୍ୟଶୈଳୀ ଲୋକଙ୍କୁ ଆମୋଦପ୍ରମୋଦର ଖୋରାକ ଯୋଗାଇଥାଏ। ସେମାନେ 'ସେ ବେରେ ସେ ବେରେ ସେ, ଭୁଁ ସେ ସେ ଭୁଁ ଗୀତ ଗାଇଥାଆନ୍ତି।



ମୁଣ୍ଡା ସମ୍ପ୍ରଦାୟର ଲୋକେ ନୃତ୍ୟ ପରିବେଷଣ କରୁଛନ୍ତି।

ପୁରୁଷମାନେ ନାରୀ, କିନ୍ନର, ପଶୁପକ୍ଷୀ ଆଦି ବେଶରେ ନିଜକୁ ସଜାଇ ଥାଆନ୍ତି। ବିଭିନ୍ନ ପ୍ରକାରର ଶବ୍ଦ କରି, ବାଦ୍ୟ ବଜାଇ ନାଚଗୀତ କରିଥାନ୍ତି। ଏଥିପାଇଁ ଏକପ୍ରକାର ବାଦ୍ୟ ବ୍ୟବହାର କରାଯାଏ, ଯାହାକୁ ଭୁଆଁ ବାଦ୍ୟ କୁହାଯାଏ। ବାଉଁଶ, ଚମଡ଼ା, କଳସରେ ପ୍ରସ୍ତୁତ ବାଦ୍ୟରୁ ଭିନ୍ନ ପ୍ରକାରର ଶବ୍ଦ ବାହାରିଥାଏ। ଏହାଛଡ଼ା ପିତ୍ତଳ ଥାଳି, ଗରା ସାଙ୍ଗକୁ ଆଲୁମିନିୟମ ଗରା, ଥାଳି ଆଦିକୁ ବାଦ୍ୟ ଭାବରେ ବ୍ୟବହାର କରିଥାନ୍ତି। ସେହିପରି ଅଙ୍କାବଙ୍କା ବାଉଁଶକୁ ଧରି ନାଚିଥାନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଯୋଗୀ ବା ବନ୍ୟଜନ୍ତୁର ମୁଖା ପିନ୍ଧି ବିଭିନ୍ନ ଭାବଭଙ୍ଗୀରେ ନାଚ କରି ଲୋକଙ୍କ ମନୋରଞ୍ଜନ କରନ୍ତି। ଘର ଘର ବୁଲି ଲୋକେ ଦେଉଥିବା ଚାଉଳ, ଶସ୍ୟ, ଟଙ୍କାପଇସା ବା ଅନ୍ୟ ସାମଗ୍ରୀକୁ ଗ୍ରହଣ କରିଥାନ୍ତି।

# ଝାଡ଼ଖଣ୍ଡରେ ଓଡ଼ିଆ ଚାଷୀଙ୍କ ଆତ୍ମହତ୍ୟା

## କିଷାନ ମହାପଞ୍ଚାୟତରେ ଯୋଗଦେବାକୁ ଯାଇଥିଲେ

ପାଟଣା,୩୦।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଯମୁନାପଶି ପଞ୍ଚାୟତ ଗୋଡ଼ିପୋଖରୀ ଗ୍ରାମର ଚାଷୀ ଗୁରୁଚରଣ ନାଏକ ଝାଡ଼ଖଣ୍ଡରେ ଆତ୍ମହତ୍ୟା କରିଛନ୍ତି। ସେ ଏକ ଗଛରେ ଗାମୁଛାରେ ଫାଶୀ ଲଗାଇଥିବା ଜଣାପଡ଼ିଛି। ଗୁରୁଚରଣ ଦିଲ୍ଲୀରେ ହୋଇଥିବା କିଷାନ ମହାପଞ୍ଚାୟତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଗତ ୨୧ ତାରିଖରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟଙ୍କ ସହ ଟ୍ରେନ ଯୋଗେ ଯାଇଥିଲେ। ସେଠାରେ ୨୩ ତାରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମାତ୍ର ସୋମବାର ଝାଡ଼ଖଣ୍ଡର ସେରିଆ ଥାନା ଅଞ୍ଚଳରେ ଏକ ଗଛରୁ ତାଙ୍କର ଝୁଲନ୍ତା ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଥିଲା। ଏ ନେଇ ପରିବାର ଲୋକେ ଖବର ପାଇବା ପରେ ପୁଅ କୀର୍ତ୍ତନ ନାଏକ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ସେରିଆ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ହସ୍ତାନ୍ତର କରିଥିଲା। କୀର୍ତ୍ତନଙ୍କ ନିକଟରେ ଟଙ୍କା ନ ଥିବାରୁ ମୃତଦେହ ଗାଁକୁ ଆଣି ନ ପାରି ଗିରିଡ଼ିହି ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିବା କହିଛନ୍ତି।

# ବାୟୁସେନା ଯବାନଙ୍କ ଅକାଳ ମୃତ୍ୟୁ



କାମାକ୍ଷାନଗର,୩୦।୯(ସୁଧୀର ପରିଡ଼ା)

## ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ହେଲା ଶେଷକୃତ୍ୟ

ବାୟୁସେନାରେ କାର୍ଯ୍ୟରତ କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ଗ୍ରାମର ସୁରଜ କୁମାର ହୋତାଙ୍କ ଗତ ୨୭ ତାରିଖରେ ଅକାଳ ବିୟୋଗ ଘଟିଛି। ସୁରଜ ୧୩ ବର୍ଷ ଧରି ଭାରତୀୟ ବାୟୁସେନାରେ କାର୍ଯ୍ୟ କରି ଆସୁଥିଲେ। ବାୟୁସେନାର ଆମ୍ବାଲା କ୍ୟାମ୍ପରେ ଡ୍ୟୁଟି କରୁଥିବା ସମୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଦିଲ୍ଲୀ ସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଉଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୋମବାର ତାଙ୍କ ପାର୍ଥିବ ଶରୀର ଅଁଳାବେରେଣୀ ସ୍ଥିତ ଘରେ ପହଞ୍ଚିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ ବ୍ୟକ୍ତି ଓ ଅଞ୍ଚଳବାସୀ ଶେଷ ଦର୍ଶନ କରିବା ପରେ ସଂକୀର୍ତ୍ତନ ମାଧ୍ୟମରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଶ୍ମଶାନକୁ ନିଆଯାଇଥିଲା। ସେଠାରେ ବାୟୁସେନା ତରଫରୁ ତୋପ ସଲାମି ପ୍ରଦାନ କରାଯିବା ସହ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଶ୍ମଶାନଠାରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଢେଙ୍କାନାଳ ଜିଲା ଭାଜପା ସଭାପତି ନରେଶ ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କ୍ରାଇମବ୍ରାଞ୍ଚ ବିରୋଧରେ ଅଦାଲତ ଅବମାନନା ମାମଲା

କଟକ,୩୦।୯(କାର୍ତ୍ତିକ ସାହୁ)

## ଆନନ୍ଦ ଟପ୍ପୋ ହତ୍ୟା ମାମଲା

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ହାଇକୋର୍ଟଙ୍କୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇନାହିଁ। ଯଦ୍ୱାରା କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ଦାୟର କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ କ୍ରାଇମବ୍ରାଞ୍ଚ ଅଧିକାରୀ କାହିଁକି ତଦନ୍ତ ରିପୋର୍ଟ ଦାଖଲ କରୁନାହାନ୍ତି, ସେନେଇ ନୋଟିସ ଜାରି କରିବାକୁ ଆବେଦନକାରୀଙ୍କ ପକ୍ଷରୁ ପ୍ରାର୍ଥନା କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଆନନ୍ଦ ଟପ୍ପୋ ହତ୍ୟା ମାମଲାର ତଦନ୍ତ କରାଯାଇ ହାଇକୋର୍ଟରେ ରିପୋର୍ଟ ଦାଖଲ କରାଯିବ ବୋଲି ଗତ ଫେବୃଆରୀ ୨୨ରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଅବଗତ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍କାଳୀନ ଆଡ୍‌ଭୋକେଟ ଜେନେରାଲ ଏହି ମାମଲାର ଶୁଣାଣି ସମୟରେ ଉପସ୍ଥିତ ରହି ୬ମାସ ମଧ୍ୟରେ ତଦନ୍ତ ଶେଷ ହେବ ବୋଲି ଦର୍ଶାଇଥିଲେ। ମାତ୍ର ଏହି ସମୟସୀମା ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ କୌଣସି ରିପୋର୍ଟ ଦାଖଲ କରାଯାଇନାହିଁ। ଏପରିକି ମାମଲା ତଦନ୍ତରେ ଅଗ୍ରଗତି ହୋଇନାହିଁ। ଉଲ୍ଲେଖଯୋଗ୍ୟ, ହାଇକୋର୍ଟ ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ୮ମାସ ପୂର୍ବେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ହୋଇଥିବାରୁ ମାମଲାର ତଦନ୍ତ ଡିଆଇଜି ପାହ୍ୟାର ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା କରାଇବାକୁ ହାଇକୋର୍ଟଙ୍କ ଆଦେଶ ଥିଲା। ଆବେଦନକାରୀଙ୍କ ପକ୍ଷରୁ ଶିବଶଙ୍କର ମହାନ୍ତି ଉକ୍ତ ମାମଲା ପରିଚାଳନା କରୁଛନ୍ତି।

**ଇ-ନିଲାମ ମାଧ୍ୟମରେ ସ୍କ୍ରାପ୍ ବିକ୍ରୟ**

ଇ-ନିଲାମ ସୂଚନା ସଂଖ୍ୟା ଏସ୍‌ଆର୍/ଏକ୍ସ୍ୟୁ-ଏସ୍‌ଟିଓଆର୍‌ସେଲ୍(ଡିଏସ୍‌ପିଏଲ୍)/୪/୨୦୨୪-ସେଲ୍/୩। ତାରିଖ: ୩୦।୦୯।୨୦୨୪। ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ମୁଖ୍ୟାଳୟ, ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ପାଇଁ ଅତିରିକ୍ତ ଇ-ନିଲାମ ତାରିଖ ତା୦୪।୧୦।୨୦୨୪ରିଖରେ ଆମନ୍ତ୍ରିତ କରୁଛନ୍ତି । ନୋଟ୍: ଇ-ନିଲାମ କାର୍ଯ୍ୟକ୍ରମ ଓ ସୂଚୀର ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ ।
(PR-664) ବରିଷ୍ଠ ମଣ୍ଡଳ ଆୟୁକ୍ତ ପ୍ରବନ୍ଧକ/ଚକ୍ରଧରପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ସେବାରତ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଲଡେରା, ପୋ: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା, କେନ୍ଦୁଝର ଅଞ୍ଚଳ, କେନ୍ଦୁଝର**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ତା.୦୨.୦୫.୨୦୨୩ରିଖରେ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ପୁଷ୍ଟି ଏଣ୍ଟରପ୍ରାଇଜର୍ସ,** ଲକ୍ଷ୍ମୀବଜାର, ପୋ/ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା - ୭୫୯୦୦୧, **ସ୍ୱତ୍ୱାଧିକାରୀ: ଶ୍ରୀ ସମିର ପୁଷ୍ଟି,** ପିତା: ୰ ପ୍ରାଣବନ୍ଧୁ ପୁଷ୍ଟି, ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା - ୭୫୯୦୧୩ / **ଗ୍ୟାରେଣ୍ଟିଦାତା: ୧) ୰ପ୍ରାଣବନ୍ଧୁ ପୁଷ୍ଟି, ୨) ୰ ସରୋଜ ପୁଷ୍ଟିଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ ଦୁର୍ଗାବତୀ ପୁଷ୍ଟି,** ସ୍ୱାମୀ: ୰ପ୍ରାଣବନ୍ଧୁ ପୁଷ୍ଟି, **୨) ଶ୍ରୀମତୀ କଳ୍ପନା ପୁଷ୍ଟି,** ସ୍ୱାମୀ: ୰ସରୋଜ ପୁଷ୍ଟି, **୩) ଶ୍ରୀ ସଲିଳ ପୁଷ୍ଟି (ଗ୍ୟାରେଣ୍ଟିଦାତା),** ପିତା: ୰ପ୍ରାଣବନ୍ଧୁ ପୁଷ୍ଟି, ସମସ୍ତଙ୍କ ଠିକଣା- ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା - ୭୫୯୦୧୩ | ଟ.୨୫,୧୦,୦୦୦.୬୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୫.୨୦୨୩ / ୨୬.୦୯.୨୦୨୪ | ୰ ପ୍ରାଣବନ୍ଧୁ ପୁଷ୍ଟିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫୭, ପ୍ଲଟ୍ ନଂ.: ୩୫୯ (ମ୍ୟୁଟେସନ୍ କେସ୍), କ୍ଷେତ୍ର: ଏକର ୦.୧୦ ଡିସିମିଲି, କିସମ: ଘରବାରୀ, ମୌଜା: ସିମିଳିଆ, ଥାନା: ସଦର, ଏସ୍‌ଆରଓ: ଢେଙ୍କାନାଳ, ତହସିଲ/ଜିଲ୍ଲା: ଢେଙ୍କାନାଳ, ପଞ୍ଜିକୃତ ଦଲିଲ୍ ନଂ.: ୧୦୫୦୧୨୦୦୮୪୫, ପଞ୍ଜିକୃତ ତାରିଖ: ୧୦.୦୨.୨୦୧୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରଘୁନାଥ ଜୀଉ, ପୂର୍ବ: ଶ୍ରୀ ଅଚ୍ୟୁତାନନ୍ଦ ବେହେରା, ପଶ୍ଚିମ: ଶ୍ରୀ କେଶବ ପାତ୍ର |

ସ୍ଥାନ : କେନ୍ଦୁଝର
ତାରିଖ : ୩୦.୦୯.୨୦୨୪
ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଏବର୍ଷ କେବଳ ଅନ୍‌ଲାଇନରେ ଆବେଦନ ଗ୍ରହଣ

ପୁରୀ,୩୦।୯(ଅଜିତ କୁମାର ମହାନ୍ତି)

## ସରକାରଙ୍କ ହବିଷିଆଳି ଯୋଜନା

ଅକ୍ଟୋବର ୧୮ରୁ ଆରମ୍ଭ ହେବାକୁ ଯାଉଛି ଧର୍ମ ଓ ପୁଣ୍ୟର ମାସ କାର୍ତ୍ତିକ ମାସ। ଦୀର୍ଘ ଏକମାସ ଧରି ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷିଆଳି। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନା କାର୍ଯ୍ୟକାରୀ ହେବ। ତେବେ ଚଳିତ ବର୍ଷ କାର୍ତ୍ତିକ ହବିଷିଆଳି ବ୍ରତ ବା ରାଇଦାମୋଦର ବ୍ରତ ପାଇଁ ଆବେଦନ ପ୍ରକ୍ରିୟା କେବଳ ଅନ୍‌ଲାଇନ ମାଧ୍ୟମରେ ଗ୍ରହଣ କରାଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୋମବାର ସୂଚନା ଦେଇଛନ୍ତି।

ଚଳିତବର୍ଷର ହବିଷିଆଳି ବ୍ରତ ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ହବିଷିଆଳିମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ହବିଷିଆଳିମାନେ ଏକମାସ ଧରି ପୁରୀର ବିଭିନ୍ନ ହବିଷିଆଳି କେନ୍ଦ୍ରରେ ରହିବାକୁ ଥିବାରୁ ସେମାନଙ୍କ ସୁସ୍ଥ ଓ ସୁରକ୍ଷିତ ରହଣି ବ୍ୟବସ୍ଥା, ସ୍ନାନ, ପ୍ରାତଃରୁ ମହାପ୍ରଭୁଙ୍କ ଦର୍ଶନ, ମହାପ୍ରସାଦ ସେବନ, ସନ୍ଧ୍ୟାରେ ଭଜନ କୀର୍ତ୍ତନ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟସେବା, ସ୍ୱେଚ୍ଛାସେବୀ ନିୟୋଜନ, ମହାପ୍ରଭୁଙ୍କ ଦର୍ଶନ ପାଇଁ ଗାଡ଼ି ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ବିଦ୍ୟୁତ ଯୋଗାଣ, ଅଗ୍ନିଶମ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା ଇତ୍ୟାଦି ଅଗ୍ରାଧିକାର ଭିତ୍ତିରେ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ପ୍ରାୟ ୨୫୦୦ ହବିଷିଆଳିଙ୍କ ରହଣି ବ୍ୟବସ୍ଥା କରାଯିବ। ସମସ୍ତ ଆବେଦନ ଅନ୍‌ଲାଇନ ମାଧ୍ୟମରେ ଗ୍ରହଣ କରାଯିବ। ଖୁବ୍‌ଶୀଘ୍ର ଏ ସମ୍ପର୍କିତ ବିଜ୍ଞାପନ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହେବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ଗୋପୀନାଥ କୁଅଁର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ର, ସହକାରୀ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

GOVERNMENT OF ODISHA No.B-344
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID : sepwdsbp@rediffmail.com
**e-Procurement**
**Bid Identification No. CCENC (R AND B)/07/2024-25**
No. 3409 Dtd. : 24.09.2024

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Bridge works** as detailed in the DTCN from the eligible class of contractors.
2. No. of works : **07 NOS. (SEVEN NOS. ROAD WORKS)**
3. Tender Cost : **Rs. 10,000/-**
4. Class of contractor : **"B" Class, "A" Class and "Special"**
5. Date & Time of available in website & receipt of Bids from **03.10.2024 to 17.00 Hours of 18.10.2024**.
6. Date of opening of Technical Bid **19.10.2024 at 11.00 Hours**.
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/Addendum will be displayed in the website www.tendersodisha.gov.in

Sd./- Chief Construction Engineer
Northern (R&B) Circle, Sambalpur
OIPR-34035/11/0008/2425

**OFFICE OF THE PANCHAYAT SAMITI, GAISILET**
AT/PO/PS : Gaisilet, Dist. : Bargarh (Odisha), PIN : 768037
E-Mail ID : ori-gaisilet@nic.in
No. 3909/Dt.26.09.2024
**"e"-procurement Notice**
**Bid Identification No. BDO/Gaisilet/01/2024-25**

**No.i-210** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. website i.e. www.tendersodisha.gov.in

| | | |
|---|---|---|
| 1 | Nature of work | Civil works |
| 2 | No. of works | 2 |
| 3 | Estimated cost | As per NIT |
| 4 | Period of completion | As per NIT |
| 5 | Date and time of availability of the Documents in the Portal | From 01.10.2024, 11.00 A.M. to 15.10.2024, 5.00 P.M. |
| 6 | Last date/time for receipt of Bids in the portal | Dt. 15.10.2024 up to 5.00 P.M. |
| 7 | Bids received online shall be opened on | Dt. 17.10.2024 at 11 A.M. |
| 8 | Name and address of the Officer inviting Bid | Block Development Officer Gaisilet |

Further, the details can be seen from the procurement Portal www.tendersodisha.gov.in

Sd./- Block Development Officer, Gaisilet
OIPR-19191/11/0001/2425

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୩୦।୯।୨୦୨୪

| | |
|---|---|
| ୫,୪୭,୩୮୬ ଟଙ୍କା | |
| ସୁନା | ୧୧.୮୦୦ ଗ୍ରାମ୍ |
| ରୁପା | ୩୯୭.୭୦୦ ଗ୍ରାମ୍ |

**ସଂକ୍ଷେପରେ**

## ଗୁଣାତ୍ମକ ଶିକ୍ଷା ନିମନ୍ତେ ଅଭିଭାବକ, ଶିକ୍ଷକଙ୍କ ମିଳିତ ବୈଠକ

କଣାସ,୩୦।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ସାନପୁଟ ଗ୍ରାମପଞ୍ଚାୟତରେ ଅବସ୍ଥାପିତ ଚଉଦମୌଜା ବିଦ୍ୟୁତ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଗୁଣାତ୍ମକ ଶିକ୍ଷା ନିମନ୍ତେ ଅଭିଭାବକ ଏବଂ ଶିକ୍ଷକଙ୍କ ମିଳିତ ବୈଠକ ମହାବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଦୂର ଦୂରାନ୍ତରେ ଥିବା ଶିକ୍ଷା ଅନୁଷ୍ଠାନକୁ ନ ପଠାଇ ଏହି ବିଦ୍ୟାଳୟରେ ନାମ ଲେଖାଇବାକୁ ଅଧ୍ୟକ୍ଷ ଅଭିଭାବକଙ୍କୁ ଅନୁରୋଧ କରିଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦିଆଯାଉଛି ବୋଲି ପ୍ରକାଶ ପରିଥିଲେ। ବୈଠକରେ ବରିଷ୍ଠ ଓଡ଼ିଆ ଅଧ୍ୟାପକ ରବୀନ୍ଦ୍ର ସୁନ୍ଦରାୟ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଅଭିଭାବକଙ୍କ ମଧ୍ୟ ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ସିଆର୍‌ସିସି ବରିଷ୍ଠ ଅଧ୍ୟାପିକା ଡ. ଦୀପ୍ତିମୟୀ, ଡ. ଲକ୍ଷ୍ମୀପ୍ରିୟା ସାହୁ, ଅଧ୍ୟାପକ ତ୍ରିନାଥ ସାହୁ, ପ୍ରଶ୍ନକୁମାର ପ୍ରହରାଜ, ଡେମୋଷ୍ଟ୍ରେଟର ସଂସଦ ପ୍ରଧାନ, ଜଗନ୍ନାଥ ଅଧିକାରୀ, ଅଧ୍ୟାପିକା ଅଳି ମିଶ୍ର, ସୀମାରାଣୀ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଅଧ୍ୟାପକ ବିଜୟ ପଣ୍ଡା ଏହାର ପରିଚାଳନା କରିଥିଲେ।

## ବ୍ଲକ ଅଧ୍ୟକ୍ଷା- ଉପାଧ୍ୟକ୍ଷଙ୍କ ମଧ୍ୟରେ କଥା କଟାକଟି

ଗୋପ,୩୦।୯
(ଭାରତୀ ଭୂଷଣ ଉପାଧ୍ୟାୟ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଗୋପ ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ କାହିଁକି ବୈଠକ ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରାଗଲା ନାହଁ ବୋଲି ମାଇକ ମାଧ୍ୟମରେ ପଚାରିଥିଲେ। ଏହାକୁ ନେଇ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ସହିତ ତାଙ୍କର କଥା କଟାକଟି ହୋଇଥିଲା। ଏହାଦେଖି ହିତାଧିକାରୀମାନେ ହୋହଲ୍ଲା କରିଥିଲେ। ଏହି ଘଟଣା ବେଳେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏବଂ ବିଡିଓ ଛବିରାଣୀ ସାହୁଙ୍କ ସହିତ ଅନ୍ୟ ଅତିଥିମାନେ ଚୁପ୍ ହୋଇ ବସିଥିବା ଦେଖିବାକୁ ମିଳିଥିଲା।

## ବ୍ଲକସ୍ତରୀୟ ପୋଷଣ ମାସ ପାଳିତ

ସାକ୍ଷୀଗୋପାଳ,୩୦।୯(ଭରତ ରାଉତ)

ସତ୍ୟବାଦୀ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ପୋଷଣ ମାସ ପାଳିତ ହୋଇଯାଇଛି। ମିଶନ ଶକ୍ତି ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ସୁନୀଲ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ଅଙ୍ଗନୱାଡ଼ି କର୍ମୀଙ୍କୁ ଶିଶୁଙ୍କ ଯତ୍ନ ସମ୍ପର୍କରେ କହିଥିଲେ। ସତ୍ୟବାଦୀ ବ୍ଲକର ସିଡିପିଓ ରାଜଲକ୍ଷ୍ମୀ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେବା ସହ ରାଜ୍ୟ ସରକାରଙ୍କ ପୋଷଣ କାର୍ଯ୍ୟକ୍ରମ କରିବା ଦ୍ୱାରା ଗ୍ରାମରେ ମହିଳାମାନେ ସଚେତନତା ହୋଇପାରିଛନ୍ତି ବୋଲି ମତ ପ୍ରକାଶ କରିଥିଲେ। ସମସ୍ତ ସୁପରଭାଇଜରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରୁ ଆସିଥିବା ପିଲାମାନେ ବିଭିନ୍ନ କୌତୁକିଆ ପୋଷଣ ପରିଧାନ କରିବା ସହ ନାଚଗୀତ ପରିବେଷଣ କରିଥିଲେ।

# ପୁରୀ ତଟ, ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

## ପୁରୀ କାରାଗାର ଓ ଚନ୍ଦ୍ରଭାଗା ମେରାଇନ୍ ଥାନା ପରିଦର୍ଶନ କଲେ ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟ

ପୁରୀ,୩୦।୯(ଅଜିତ୍ କୁମାର ମହାନ୍ତି)

ପୁରୀ ସର୍କିଟ ହାଉସରେ ସୋମବାର ବିଧାନସଭା ଷ୍ଟାଣ୍ଡିଂ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ପୁରୀ ଜିଲାପାଳ,ଏସ୍‌ପି, ଜିଲା ମେରାଇନ୍ ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲାର ବିଭିନ୍ନ ପ୍ରସଙ୍ଗ ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ବିଧାନସଭା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମହାପାତ୍ର କହିଥିଲେ, ପୁରୀ ଏକ ଆଧ୍ୟାତ୍ମିକ ସ୍ଥଳ ଓ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ଏହାର ସୁରକ୍ଷା ଓ ତଟ ସୁରକ୍ଷା ଉପରେ କମିଟି ଗୁରୁତ୍ୱ ଦେଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ସହ ତଟ ସୁରକ୍ଷା ଉପରେ ଜିଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ କମିଟି ଅବଗତ ହୋଇଛି। ପୁରୀ ଏସ୍‌ପି, ମେରାଇନ୍ ଥାନା ଅଧିକାରୀଙ୍କ ସହ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ଉପରେ ଏବଂ ବର୍ତ୍ତମାନ ସ୍ଥିତି କ'ଣ ରହିଛି ସେନେଇ ବୈଠକରେ ଆଲୋଚନା ହୋଇଛି। ସମସ୍ତ ଅଧିକାରୀଙ୍କଠାରୁ ମତାମତ ସଂଗ୍ରହ କରି ଷ୍ଟାଣ୍ଡିଂ କମିଟି ଏକ ବିସ୍ତୃତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ପୁରୀ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସୁରକ୍ଷା, ଭିତ୍ତିଭୂମିର ବିକାଶ ଓ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଉପରେ ବୈଠକରେ ଆଲୋଚନା ହୋଇଥିବା ମହାପାତ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ବୈଠକ ପରେ ଷ୍ଟାଣ୍ଡିଂ କମିଟି ପୁରୀ କାରାଗାର ପରିଦର୍ଶନ କରିବା ସହ ଚନ୍ଦ୍ରଭାଗା ମେରାଇନ୍ ଥାନା ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମଙ୍ଗଳବାର ବିଧାନସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମୁଖ୍ୟ ପ୍ରଶାସକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଭକ୍ତଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ ଉପରେ ଏଏସ୍‌ଆଇ ସହ କମିଟି ଆଲୋଚନା କରିବ। ସେହିପରି ରଥରେ ଭକ୍ତଙ୍କୁ ନ ଚଢାଇବା ପାଇଁ ଦଇତାପତିଙ୍କୁ କ୍ଷତିପୂରଣ ରାଶି ଉପରେ ଆଲୋଚନା କରିବ କମିଟି। ମହାପ୍ରଭୁଙ୍କ କୋଠଭୋଗ ଧନ ଯୋଜନାରେ କେତେ ଟଙ୍କା ବିନିଯୋଗ କରାଯାଉଛି, ଶ୍ରୀମନ୍ଦିର ପରିଚାଳନା ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଉଛି ସେନେଇ ଷ୍ଟାଣ୍ଡିଂ କମିଟି ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ବିସ୍ତୃତ ଆଲୋଚନା କରିବ ବୋଲି ସୂଚନା ମିଳିଛି।



ବୈଠକରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏବଂ ଅନ୍ୟମାନେ ।




ପଟ୍ଟା ଦାବିରେ ପୁରୀ ବଳିଆପଣ୍ଡା ମହେଶ୍ୱର ବସ୍ତି ବାସିନ୍ଦା ସୋମବାର ପୌର କାର୍ଯ୍ୟାଳୟ ଘେରାଉ କରିଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଜିଲାରେ ନିଯୁକ୍ତ ହେବେ ୭୩୩ କନିଷ୍ଠ ଶିକ୍ଷକ

ପୁରୀ, ୩୦।୯(ଅଜିତ କୁମାର ମହାନ୍ତି):

ପୁରୀ ଜିଲାରେ ୭୩୩ କନିଷ୍ଠ ଶିକ୍ଷକ (ଯୋଜନାଭିତ୍ତିକ) ନିଯୁକ୍ତ ହେବେ। ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏ ନେଇ ସୋମବାର ଜିଲାପରିଷଦର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ପୁରୀ ଲୋକ ସଭା ସଦସ୍ୟ ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଏ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବା ପରେ ଆଲୋଚନା ହୋଇଥିଲା। ଯୋଜନାଭିତ୍ତିକ କନିଷ୍ଠ ଶିକ୍ଷକ ନିଯୁକ୍ତି ଦ୍ୱାରା ଜିଲାରେ ଶିକ୍ଷା ବ୍ୟବସ୍ଥା ଅଧିକ କ୍ରିୟାଶୀଳ ହେବା ସହ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଥିଲା। ଫଳରେ ନିଯୁକ୍ତି ପ୍ରକ୍ରିୟାକୁ ଜିଲାପରିଷଦ ପକ୍ଷରୁ ଅନୁମୋଦନ କରାଯାଇଛି। ବର୍ଗ-୧ ଅନ୍ତର୍ଭୁକ୍ତ କନିଷ୍ଠ ଶିକ୍ଷକ (ଯୋଜନାଭିତ୍ତିକ)ଙ୍କ ଚୁକ୍ତି ସ୍ୱାକ୍ଷର ନିମନ୍ତେ ଅକ୍ଟୋବର ୧ ଏବଂ ବର୍ଗ -୨ ଅନ୍ତର୍ଭୁକ୍ତ କନିଷ୍ଠ ଶିକ୍ଷକଙ୍କ ପାଇଁ ଅକ୍ଟୋବର ୩ ତାରିଖ ସକାଶେ ବିଜ୍ଞପ୍ତି ଜାରି କରାଯାଇଛି। ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ଅନ୍ୟ ବିଭାଗର ଅଧିକାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବଂ ଜିଲାପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଲେଖକ ସତ୍ୟନାରାୟଣ ମିଶ୍ର ସମ୍ମାନିତ




ପୁରୀ,୩୦।୯(ଅଜିତ କୁମାର ମହାନ୍ତି):

ଉତ୍କଳ ସାହିତ୍ୟ ସମାଜର ୧୨୨ତମ ସମାବର୍ତ୍ତନ ଉତ୍ସବ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଚିତ୍ତରଞ୍ଜନ ଦାଶ ଏବଂ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଲେଖକ ସତ୍ୟ ନାରାୟଣ ମିଶ୍ରଙ୍କୁ ବିକ୍ରମ ଦାସ ଭ୍ରମଣ କାହାଣୀ ଲେଖକ ସମ୍ମାନ ପ୍ରଦାନ କରିଥିଲେ। ମିଶ୍ର ୨୦ଟିରୁ ଅଧିକ ରାଷ୍ଟ୍ର ପରିଭ୍ରମଣ କରି 'ଚାଇନାରେ ଆଠଦିନ', ନେପାଳ ଦର୍ଶନ, ବିଦେଶ ମାଟି, ସ୍ୱପ୍ନର ଆମେରିକା, ତୁଷାର କନ୍ୟା, ଦରିଆ ପାରି, ଚାରିଧାମ, ଜ୍ୟୋତିର୍ଲିଙ୍ଗ ଦର୍ଶନ, ଶ୍ରୀଦାରୁବ୍ରହ୍ମଙ୍କ ନବକଳେବର, ଭୂସ୍ୱର୍ଗ, ବୁଦ୍ଧ ଦର୍ଶନ ସହିତ ଶୀର୍ଷଶ୍ଳୋକ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନୀ 'ଉତ୍କଳ ମଣି' ଭଳି ପୁସ୍ତକ ଲେଖି ଉତ୍କଳ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ମିଶ୍ର ବୃତ୍ତିରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ହେଲେ ମଧ୍ୟ ରୁଚି ତାଙ୍କର ସାହିତ୍ୟ ସାଧନା। ସେ ପୂର୍ବରୁ ରାଜଧାନୀ ପୁସ୍ତକ ମେଳା ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସମେତ ୪୦ରୁ ଊର୍ଦ୍ଧ୍ୱ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଛନ୍ତି। ମିଶ୍ର ସମ୍ପ୍ରତି ପୁରୀ ସର୍ବୋଦୟ ନଗରରେ ଅବସ୍ଥାନ କରିବା ସହ ନିଜ ଅବସର ସମୟକୁ ଦେଶ ବିଦେଶ ପରିଭ୍ରମଣ, ଆଧ୍ୟାତ୍ମିକ ଅନୁଶୀଳନ ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ ବିନିଯୋଗ କରୁଛନ୍ତି। ଓଡ଼ିଆ ଭ୍ରମଣ ସାହିତ୍ୟର ସେ ଜଣେ ଅମ୍ଳାନ ପଥିକ ଓ ଚିର ସବୁଜ ସ୍ରଷ୍ଟା।

# ନରେନ୍ଦ୍ରକୋଣ ବାଣ ବିସ୍ଫୋରଣ ଘଟଣା: ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି

ପୁରୀ,୩୦।୯(ଅଜିତ୍ କୁମାର ମହାନ୍ତି)

## ନ୍ୟାୟ ଦାବିରେ ରାସ୍ତାରେ ବସିଲେ ମୃତକଙ୍କ ପରିବାର ଲୋକେ

ଦୀର୍ଘମାସ ପରେ ତାଜା ହୋଇଛି ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣା। ବାଣ ବିସ୍ଫୋରଣରେ ୧୮ଟି ମୂଲ୍ୟବାନ ଜୀବନ ଲିଭି ଯାଇଥିବାବେଳେ ଅନେକ ଗୁରୁତର ଆହତ ହୋଇଥିଲେ। ଗତ ମେ ୨୯ରେ ଅନୁଷ୍ଠିତ ହୋଇଥିବା ଭଉଁରୀ ଯାତ୍ରା ଦିନ ନରେନ୍ଦ୍ର ପୁଷ୍କରିଣୀଠାରେ ବାଣ ବିସ୍ଫୋରଣ ହୋଇ ୪୦ ଅଧିକ ଲୋକ ଆହତ ହୋଇଥିଲେ। ଆହତମାନଙ୍କୁ କଟକ ଓ ଭୁବନେଶ୍ୱରସ୍ଥିତ ମେଡିକାଲକୁ ପଠାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ୧୮ ଜଣଙ୍କ ଜୀବନ ଚାଲିଯାଇଥିଲା। ପରେ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ଏସ୍‌ଆରସି ଆଲୋଚନା କରି ୪ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିଥିଲେ। କିନ୍ତୁ ଘଟଣାର ମୁଖ୍ୟ ଅଭିଯୁକ୍ତ ଚନ୍ଦନ ଭୋଇଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ଅଭିଯୋଗ କରି ମୃତକଙ୍କ ପରିବାର ଲୋକେ ସୋମବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରିବା ସହ ଧାରଣା ଦେଇଥିଲେ। ଅଭିଯୁକ୍ତଙ୍କୁ ଉପଯୁକ୍ତ ଦଣ୍ଡ ଦେବା ସହ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଏବଂ ପରିବାରର ଜଣକୁ ସରକାରୀ ଚାକିରୀ ଦେବାକୁ ଦାବି କରାଯାଇଛି। ଦୀର୍ଘ ସମୟ ଧରି ମୃତକଙ୍କ ପରିବାର ଲୋକେ ରାସ୍ତା ଅବରୋଧ କରିବାରୁ ଉଭୟ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଲିଖିତ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ସେପଟେ ମୃତକଙ୍କ ପରିବାର ଲୋକଙ୍କ ଦାବିକୁ ସରକାରଙ୍କ ପାଖରେ ଉପସ୍ଥାପନ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ଥିବା ଚନ୍ଦନ ଭୋଇ ମେଡିକାଲରେ ଚିକିତ୍ସିତ ହୋଇ କିଛିଦିନ ତଳେ ଘରକୁ ଆସିଛନ୍ତି। ବର୍ତ୍ତମାନ ମଧ୍ୟ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବାରୁ ତାଙ୍କୁ ଗିରଫ କରାଯାଇ ପାରୁନାହିଁ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି।

# ଶ୍ରୀଲୋକନାଥଙ୍କୁ ଦର୍ଶନ କଲେ ବିଜେଡି କର୍ପୋରେଟର

ପୁରୀଶ,୩୦।୯( ଅଜିତ୍ କୁମାର ମହାନ୍ତି)

ବିଜୁ ଜନତା ଦଳର ଭୁବନେଶ୍ୱର କର୍ପୋରେଟର ସୋମବାର ପୁରୀ ଆସି ରାଜ୍ୟର ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରକୁ ଆସି ବାବା ଶ୍ରୀଲୋକନାଥଙ୍କ ଦର୍ଶନ କରିଛନ୍ତି। ଶ୍ରୀଲୋକନାଥଙ୍କ ପାଖରେ ନିଜ ଭିତରେ ଏକତ୍ୱ ବଜାୟ ରଖିବାକୁ ପ୍ରାର୍ଥନା କରିବା ସହ ନବୀନ ପଟ୍ଟନାୟକ କିପରି ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବେ ସେନେଇ ପ୍ରାର୍ଥନା କରିଛନ୍ତି ବୋଲି ବିଜେଡି କର୍ପୋରେଟରମାନେ କହିଛନ୍ତି। ଏକ ଧଳା ବସ୍ ଯୋଗେ ଭୁବନେଶ୍ୱର ମଧ୍ୟ ଓ ଏକାମ୍ର ନିର୍ବାଚନମଣ୍ଡଳୀର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କର୍ପୋରେଟର ପୁରୀ ଆସିଥିଲେ। ବାବା ଲୋକନାଥଙ୍କ ପାଖରେ ପ୍ରାୟ ଅଧଘଣ୍ଟା ଧରି ପୂଜାର୍ଚ୍ଚନା କରିବା ସହ ବେଲପତ୍ର ଓ କ୍ଷୀର ସମର୍ପଣ କରିଛନ୍ତି। ତେବେ ଏହି ମେଳି ବିଜେଡି କର୍ପୋରେଟରଙ୍କୁ ଏକାଠି ହୋଇ ରହିବା ପାଇଁ ଶପଥ ପାଠ ନେବାକୁ ହୋଇଛି, ସେ ନେଇ ସନ୍ଦେହ ଆହୁରି ଦୃଢ଼ୀଭୂତ ହୋଇଛି। ସୂଚନାଯୋଗ୍ୟ, ବିଜେଡି କଳି ଉଗ୍ର ରୂପ ନେବା ପରେ ବିଜେଡି ସୁପ୍ରିମୋ ଆକ୍ସନ ନେଇଛନ୍ତି। ଏନେଇ ୨ ନେତା ଓ ୨ କର୍ପୋରେଟରଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଛି।

## ୪୮ ଗ୍ରାମ୍‌ର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା,୩୦।୯
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଅବକାରୀ ଥାନା ଅଧିକାରୀ ସ୍ଥାନୀୟ ଥାନା ଅଧୀନ କୁଶଭଦ୍ରା ନଦୀ ବ୍ରିଜ୍ ନିକଟ କାଳୀ ମନ୍ଦିର ନିକଟରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଅଞ୍ଚଳର ଶଙ୍କର ସାହୁ(୪୯)। ପୋଲିସ ଶଙ୍କରଙ୍କଠାରୁ ୪୮ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଯାହାର ମୂଲ୍ୟ ୪ ଲକ୍ଷ ୪୮ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଅଧିକାରୀମାନଙ୍କଠାରୁ ଜଣାପଡ଼ିଛି। ନିମାପଡ଼ା ଅବକାରୀ ଥାନାରେ ପୋଲିସ ୧୦୨/୨୪-୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ଶଙ୍କରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଅବକାରୀ ଅଧିକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲେ। ଚଢ଼ାଉରେ ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ଶରତଚନ୍ଦ୍ର ସାହୁ, ସ୍ୱାଗତିକା ଘଡ଼େଇ ପ୍ରମୁଖ ସାମିଲ ହୋଇଥିଲେ।

# ସାକ୍ଷୀଗୋପାଳ ମୁଖ୍ୟ ବଜାର ରାସ୍ତା ନିମନ୍ତେ ୩୪ ଲକ୍ଷ ୮୯୦ ଟଙ୍କା ବ୍ୟୟ ବରାଦ

ସାକ୍ଷୀଗୋପାଳ,୩୦।୯(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡଠାରୁ ସାକ୍ଷୀଗୋପାଳ ମନ୍ଦିର ରାସ୍ତାର ମରାମତି ନେଇ ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଦାବି କରି ଆସୁଥିଲେ। ରାସ୍ତା ସାରା ଖାଲଖମା ଯୋଗୁ ମନ୍ଦିରକୁ ଆସୁଥିବା ବସ୍, ପଥଚାରୀ, ସାଇକେଲ ଓ ବାଇକ୍ ଆରୋହୀ, ଛାତ୍ରୀଛାତ୍ର ଯିବାଆସିବାବେଳେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ବର୍ଷା ସମୟରେ ରାସ୍ତାରେ ଦୀର୍ଘ ଦିନ ଧରି ପାଣି ଖାଲରେ ଜମି ରହୁଥିଲା। ତେଣୁ ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ଉଦ୍ୟମରେ ଏହି ରାସ୍ତାର ନବୀକରଣ ନିମନ୍ତେ ୩୪ ଲକ୍ଷ ୮୯୦ ଟଙ୍କା ବ୍ୟୟ ବରାଦ ହେଉଥିବା ଜଣାପଡ଼ିଛି। ଏଥି ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ରାସ୍ତା ନିର୍ମାଣ ସମ୍ପର୍କରେ ସାକ୍ଷୀଗୋପାଳ ରାସ୍ତା ଓ ଗୃହ ବିଭାଗ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି, ସାକ୍ଷୀଗୋପାଳ ବଜାର ରାସ୍ତାର ୮୦୦ ମିଟର ରାସ୍ତା ନିର୍ମାଣ କରାଯିବ। ରାସ୍ତାର ଓସାର ୬ ରୁ ୭ ମିଟର ରହିବ। ରାସ୍ତା ନବୀକରଣ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯିବ। ସୂଚନାଥାଉ କି, ସାକ୍ଷୀଗୋପାଳ



ମୁଖ୍ୟ ବଜାର ଏହି ରାସ୍ତାରେ ମରାମତି ନାମରେ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ମାତ୍ର ବର୍ଷ ତମାମ କୌଣସି ନା କୌଣସି ମୋବାଇଲ ନେଟୱର୍କ କମ୍ପାନୀ ଓ ପାନୀୟ ଜଳ ବିଭାଗ ଓ ଅନ୍ୟାନ୍ୟ ବିଭାଗ ପକ୍ଷରୁ ରାସ୍ତାକୁ ବାରମ୍ବାର ଖୋଳାଯାଉଥିବାବେଳେ ମରାମତି କରାଯାଉନାହିଁ। ଯାହାଦ୍ୱାରା ରାସ୍ତା ନଷ୍ଟ ହେବା ସହ ସ୍ଥାନୀୟ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପାଇଁ ଦୃଷ୍ଟି ଦେଉନାହାନ୍ତି। ଆଗାମୀ ଦିନରେ ରାସ୍ତା ଖୋଳା ଯିବା ସମୟରେ ବିଭାଗ ଦୃଷ୍ଟି ଦେବା ସହ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସୁରକ୍ଷା ପ୍ରଶାସକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପୁରୀ,୩୦।୯(ଅଜିତ୍ କୁମାର ମହାନ୍ତି):

ଶ୍ରୀଜଗନ୍ନାଥ ମନ୍ଦିରର ବରିଷ୍ଠ ସୁରକ୍ଷା ପ୍ରଶାସକ ଯତୀନ୍ଦ୍ର କୁମାର ପଣ୍ଡାଙ୍କର ଗଜପତି ଜିଲା ଏସ୍‌ପି ଭାବେ ବଦଳି ହୋଇଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୁରକ୍ଷା ପ୍ରଶାସକ ପଣ୍ଡାଙ୍କୁ ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପାଟ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଣାସ-ଜଙ୍କିଆ ଦୟାନଦୀ ବନ୍ଧ ମୁଖ୍ୟରାସ୍ତା ଶୋଚନୀୟ

କଣାସ,୩୦।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ମୁଖ୍ୟରାସ୍ତା ନୂଆ ଜଗନ୍ନାଥ ସଡ଼କକୁ ସଂଯୋଗ କରୁଥିବା କଣାସ-ଜଙ୍କିଆ ଦୟାନଦୀ ବାମପାର୍ଶ୍ୱ ୫ କି.ମି. ନଦୀବନ୍ଧ ରାସ୍ତାରେ ଛୋଟ ବଡ଼ ଖମା ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ଅସୁବିଧା ହେବା ସହ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ଦୈନନ୍ଦିନ କଣାସ ବ୍ଲକଠାରୁ ବଳୁ, ଗଡ଼ଖାରଦ, ଅଡ଼ାଲ, ଗଡ଼ିଶାଗୋଦା, କରମଳା ପ୍ରଭୃତି ସ୍ଥାନକୁ ବସ୍ ଓ ୨ ଚକିଆ ଯାନ ଜଗନ୍ନାଥ ସଡ଼କକୁ ଯାତାୟାତ କରୁଛି। କଣାସଠାରୁ ନୂଆଜଗନ୍ନାଥ ସଡ଼କକୁ ଯାନବାହନ ଗଲେ ସେଠାରୁ ପୁରୀ, ନିରାକାରପୁର, ବାଲୁଗାଁ, ନୟାଗଡ, ବ୍ରହ୍ମପୁର ପ୍ରଭୃତି ସ୍ଥାନକୁ ଯାତ୍ରା କରେ। ସେହିପରି ଚୁପୁରିଙ୍ଗି, ବଳୁ, ଦିବ୍ୟସିଂହପୁର ଦେଇପୁର, ଗଡ଼ଖାରଦ, ସାହୁପଡ଼ା, ଅଡାଲ, ଦେଓଛିଆଁ, କାଦୁଆ, ଗୋପୀନାଥପୁର, ଗଡ଼ିଶାଗୋଦା, ଯାମଲଗୋଦା, ଆଳିବାଡ଼, ଖଣ୍ଡହତା, ବିନ୍ଧଣ, ଅଣ୍ଡାଳସିଂହ, ଗଡ଼ସାହି ଗ୍ରାମର ଲୋକେ ସେହି ରାସ୍ତା ଦେଇ କଣାସ ଡାକ୍ତରଖାନା, ବିଭିନ୍ନ କାର୍ଯ୍ୟାଳୟକୁ ଯାତାୟାତ କରନ୍ତି। ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ସୁରଭି ଦ୍ୱାରା ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇପାରିବ

ପିପିଲି,୩୦।୯(ଦୁର୍ଗା ମାଧବ ମିଶ୍ର)

ସରକାରଙ୍କ ନିର୍ଦ୍ଦେଶକ୍ରମେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ପ୍ରତିଯୋଗିତା ସୋମବାର ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଚିନ୍ତାମଣି ଓଝା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜଇଶପାଟଣା ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଶାଶ୍ୱତୀ ସୋମ୍ୟା, ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର, ନୀଳକଣ୍ଠ ନୋଡାଲ ୟୁପି ସ୍କୁଲ ପ୍ରଧାନଶିକ୍ଷକ ରବୀନ୍ଦ୍ର ସାହୁ, ହରିଅନ୍ତା ପିୟୁପି ସ୍କୁଲ ପ୍ରଧାନଶିକ୍ଷକ ଶକ୍ତି ପ୍ରସନ୍ନ ମହାନ୍ତି, ଗୋବିନ୍ଦପୁର ହାଇସ୍କୁଲ ସହକାରୀ ଶିକ୍ଷୟିତ୍ରୀ ଇତିଶ୍ରୀ ନାୟକ ଯୋଗଦେଇଥିଲେ। ସୁରଭି ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ, ସାଂସ୍କୃତିକ ପ୍ରତିଯୋଗିତାରେ ଗୋବିନ୍ଦପୁର କ୍ଲଷ୍ଟରର ଆଦର୍ଶ ବିଦ୍ୟାଳୟ ସମେତ ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ୧୩ଟି ବିଦ୍ୟାଳୟର ମୋଟ ୧୮୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏ ବର୍ଷ ନୂତନ କରି ପ୍ରଥମରୁ ତୃତୀୟ ଶ୍ରେଣୀ ପିଲାଙ୍କୁ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ସରକାର ସୁଯୋଗ ଦେଇଥିବାରୁ ସେମାନଙ୍କ ମଧ୍ୟରେ ଆନନ୍ଦ ଭରି ଯାଇଥିଲା। ପ୍ରତିଯୋଗିତାରେ ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୭ ଜଣ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସନ୍ତୋଷ ନାୟକ, ସଞ୍ଜୀବ ରଥ, ଲକ୍ଷ୍ମୀଧର ପ୍ରଧାନ, ସସ୍ମିତା ମିଶ୍ର, ଉମେଶ ଚନ୍ଦ୍ର ନାୟକ, ସୁନୀତା ନାୟକ, ଚିନ୍ମୟୀ ସାହୁ, ସନ୍ଧ୍ୟାରାଣୀ ପାତ୍ର, କନକଲତା ପରିଡ଼ା, ବେବିରାଣୀ ବେହେରା, ମିନତୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଘରୁ ଚୋରି, ଥାନାରେ ଅଭିଯୋଗ

ବାରଙ୍ଗ,୩୦।୯(ଲିଙ୍ଗରାଜ ରାଉତ)

କୁହ୍ନେଇଁପଡ଼ା ଗ୍ରାମରେ ନୂଆକରି ଘର କରି ରହୁଥିବା ଦେବେନ୍ଦ୍ର ନାଥ ମହାନ୍ତିଙ୍କ ଘରୁ ଚୋରି ହୋଇଥିବା ସୋମବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଦେବେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, ସେ ଗୁରୁବାର କଟକସ୍ଥିତ ନିଜ ଶ୍ୱଶୁରଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ରବିବାର ସନ୍ଧ୍ୟାରେ ଘରେ ପହଞ୍ଚି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଘରର କବାଟ ଭଙ୍ଗା ଯାଇ ଆସବାସ ପତ୍ର ଏଣେତେଣେ ଫୋପୋଡ଼ା ଫିଙ୍ଗା ହୋଇଥିଲା। ଏ ବିଷୟରେ ସେ ପ୍ରଥମେ ଥାନାକୁ ଜଣାଇବା ସହ ସୋମବାର ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମକଦ୍ଦମା ରୁଜୁକରି ତଦନ୍ତ କରିବାବେଳେ ଗୋଟିଏ ଚେନ୍, ୫ଟି ମୁଦି, ହଳେ ଚୁଡ଼ି ସହ ପ୍ରାୟ ୫୦ ଗ୍ରାମ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି।

### ଖବରଦାତାଙ୍କ ମାତୃ ବିୟୋଗ

ଯାଁଳା,୩୦।୯(ବୁଲା ବାରିକ)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ଯାଁଳା ଅଞ୍ଚଳର 'ଧରିତ୍ରୀ' ଖବରଦାତା ବୁଲା ବାରିକଙ୍କ ମା' ନୀଳମଣି ବାରିକଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା।



ସେ ଜଣେ ଧର୍ମପରାୟଣା, ମେଳାପୀ ମହିଳା ଥିଲେ। ନୀଳମଣି ଗତ କିଛି ମାସ ହେବ କର୍କଟ ରୋଗରେ ପୀଡ଼ିତ ହୋଇ ସ୍ଥାନୀୟ ଏକ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତେବେ ପୂର୍ବାହ୍ନରେ ତାଙ୍କୁ ଘରକୁ ଅଣାଯାଇଥିବା ବେଳେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ୪ପୁଅ ବୋହୂ, ଦୁଇ ଝିଅ, ଜ୍ୱାଇଁ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ନୃସିଂହ ଚରଣ ବାରିକ ମୁଖାଗ୍ନି ଦେଇଥିଲେ।

### ଭିଙ୍ଗାରପୁର ପଞ୍ଚାୟତରେ ସ୍ୱାସ୍ଥ୍ୟ ସେବାଶିବିର

ବାଲିଅନ୍ତା,୩୦।୯(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର ସୋମବାର ଆୟୁର୍ବେଦ ଉପରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥା ପକ୍ଷରୁ ଏହି ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଥିଲା। ଏଥିରେ ୬୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଆୟୁର୍ବେଦ ଔଷଧ ବଣ୍ଟା ଯାଇଥିଲା। ସ୍ଥାନୀୟ ସରପଞ୍ଚ ହୃଷୀକେଶ ବେହେରା ଅତିଥି ରୂପେ ଯୋଗଦେଇଥିଲେ। ଏହି ଶିବିରକୁ ସସ୍ମିତା ପ୍ରିୟଦର୍ଶିନୀ ଓତାଙ୍କ ତତ୍ତ୍ୱାବଧାନରେ ଡ. ଟିଙ୍କଲ ହଳଧର, ଡ. ଅମରଜିତ୍, ଫାର୍ମାସିଷ୍ଟ ଅଶେଷ ନାୟକ, ଶୁଭଲକ୍ଷ୍ମୀ ଭଟ୍ଟାଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ।

# ଚକ ଫାଟିଯିବାରୁ ଗାଡ଼ି ଛାଡ଼ି ପଳାଇଲେ ଗଞ୍ଜେଇ ବେପାରୀ

ଭୁବନେଶ୍ୱର,୩୦।୯
(ସୂର୍ଯ୍ୟକାନ୍ତ ବେହେରା)




କାର୍ ଡିକିରେ ରହିଥିବା ଗଞ୍ଜେଇ ପ୍ୟାକେଟ ଓ ଫାଟିଯାଇଥିବା କାର୍ ଚକ।

କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗଞ୍ଜେଇ ଚୋରା ଚାଲାଣ ଧରିଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ପିଛା କରିବା ପରେ କାର୍ ଚକ ଫାଟିଯିବାରୁ ଅଭିଯୁକ୍ତମାନେ ଗାଡି ଛାଡ଼ି ଚମ୍ପଟ ମାରିଛନ୍ତି। ଫଳରେ ପୋଲିସ କେବଳ ଗଞ୍ଜେଇ ଭର୍ତ୍ତି କାର୍‌କୁ ଜବତ କରିଛି। ଜାତୀୟ ରାଜପଥ ନଂ. ୧୫ରୁ ତମାଣ୍ଡୋ–କାଇମାଟି ରାସ୍ତାରେ ପୋଲିସ–ଗଞ୍ଜେଇ ବେପାରୀଙ୍କ ମଧ୍ୟରେ ଏଭଳି ଛକାପଞ୍ଝା ଚାଲିଥିଲା। ତେବେ ପୋଲିସ କାର୍ ଡିକିରେ ଥିବା ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଗାଡିର ମାଲିକ ଓ ସମ୍ପୃକ୍ତ ଗଞ୍ଜେଇ ବେପାରୀଙ୍କୁ ଚିହ୍ନଟ କରିଥିବା କହୁଛି।

ସୂଚନାନୁସାରେ, ସୋମବାର ସକାଳେ ଫୁଲବାଣୀରୁ କାର୍ ଯୋଗେ ଭୁବନେଶ୍ୱରକୁ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସ୍ପେଶାଲ କ୍ରାଇମ୍ ୟୁନିଟ ସୂଚନା ପାଇଥିଲା। ଏହାପରେ ସ୍ପେଶାଇ କ୍ରାଇମ ୟୁନିଟ୍‌ର ଏକ ଟିମ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ତମାଣ୍ଡୋ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ.୧୫ ରେ ଜଗି ରହିଥିଲା। ଏକ ସନ୍ଦିଗ୍ଧ କାର୍ ଜାତୀୟ ରାଜପଥରୁ ତମାଣ୍ଡୋ ଓ କାଇମାଟି ରାସ୍ତାରେ ଯାଉଥିବା ଦେଖି ପୋଲିସ ଟିମ୍ ପିଛା କରିଥିଲା। ତେବେ ପୋଲିସ ଗାଡିକୁ ଦେଖି ଅଭିଯୁକ୍ତମାନେ ଗାଡିର ବେଗ ବଢାଇ ଦେଇଥିଲେ। ଏଥିସହ ଏକ ଖେଳ ପଡିଆ ଭିତରକୁ ଗାଡି ପୂରାଇ ଦେଇଥିଲେ। ଏହିସମୟରେ ଗାଡିର ଚକ ଫାଟିଯାଇଥିଲା। ଫଳର ଅଭିଯୁକ୍ତମାନେ ଫଟା ଚକରେ କିଛିବାଟ ଗାଡି ନେଇ ଯାଇଥିଲେ ମଧ୍ୟ ଶେଷରେ ଛାଡି ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ଗାଡି ଯାଞ୍ଚ ବେଳେ ଛୋଟ ଛୋଟ ପାକେଟରେ ଥିବା ୧୦୦ କେଜି ଗଞ୍ଜେଇ ସହ ଗାଡିକୁ ଜବତ କରିଥିଲା।

# କୁଲିଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବି

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ରେଳପଥ କୁଲି ବା ପୋର୍ଟରଙ୍କ ପକ୍ଷରୁ ସର୍ବଭାରତୀୟ ଦାବି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସେମାନେ ସ୍ଥାୟୀ ନିଯୁକ୍ତି ଦାବି କରିବା ସହ ଦେଶର ସମସ୍ତ ରେଳ ଡିଭିଜନରେ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବତଟ ରେଳପଥ ପୋର୍ଟର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି ସୁର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ(ଡିଆରଏମ୍)ଙ୍କ କାର୍ଯ୍ୟାଳୟରେ ଏହି ଦାବିପତ୍ର ଉପସ୍ଥାପନ କରିଥିଲେ। ପୂର୍ବରୁ ପୋର୍ଟରମାନଙ୍କୁ ପାର୍ସଲ ହାଣ୍ଡେଲିଂ କାମ ଦେବା ସହ ମାସିକ ପ୍ରାପ୍ୟ ପ୍ରଦାନ କରାଯାଉଥିଲା। ରେଳପଥ ଘରୋଇକରଣ ପ୍ରକ୍ରିୟାରେ ପାର୍ସଲ ହାଣ୍ଡେଲିଂ ଘରୋଇ କମ୍ପାନୀ ବା ଠିକାଦାରମାନଙ୍କୁ ଦିଆଗଲା। ଫଳରେ ରେଳ କୁଲିମାନେ କେବଳ ଯାତ୍ରୀଙ୍କ ଲଗେଜ ବୋହବା ସେବା ଦେଇ ଯାତ୍ରୀଙ୍କଠାରୁ କିଛି ପ୍ରାପ୍ୟ ପାଉଥିଲେ। ମାତ୍ର ଷ୍ଟେଶନଗୁଡ଼ିକରେ ଏବେ ବ୍ୟାଟେରି ଗାଡ଼ି ଚଳାଚଳ ପରେ ଏହି କାର୍ଯ୍ୟ ମଧ୍ୟ ବନ୍ଦ ହୋଇଯିବାରୁ ଷ୍ଟେଶନ କୁଲିଙ୍କ ଜୀବନ ଓ ଜୀବିକା ବିପନ୍ନ ହୋଇଯାଇଛି। ପୂର୍ବରୁ ଷ୍ଟେଶନ କୁଲିଙ୍କୁ ରେଳ କର୍ତ୍ତୃପକ୍ଷ ପର୍ଯ୍ୟାୟକ୍ରମେ ଗ୍ରୁପ୍–ଡି କାର୍ଯ୍ୟରେ ସ୍ଥାୟୀ ନିଯୁକ୍ତି ଦେଉଥିଲେ। ବର୍ତ୍ତମାନ ବରିଷ୍ଠତା ଭିତ୍ତିରେ ଗ୍ରୁପ୍–ଡି ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନବେଳେ ୟୁନିୟନର ସାଧାରଣ ସମ୍ପାଦକ ଶିବ ବେହେରା, ରବୀନ୍ଦ୍ର କୁମାର ବିଶ୍ୱାଳ, ପିକେ ଟାଡ଼ା, ବନବିହାରୀ ବିଶାଳ, ସୁକାନ୍ତ ମଲ୍ଲିକ, ବୈକୁଣ୍ଠ ସାହୁ, ଜି କୈଳାସ, ମନୋଜ କୁମାର ସାହୁ, ଓମ୍ ପ୍ରକାଶ ସାହୁ, ସାଗର, ଦେବରାଜ, କେସି. ସାହୁ, ସୁଶାନ୍ତ ବାରିକ, ସନ୍ତୋଷ ବାରିକ ଓ ରାଧାମୋହନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ପୋଷଣ ମାସ




ଜାତୀୟ ପୋଷଣ ମାସ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମଚାରୀମାନେ।

ବାରଙ୍ଗ/ତ୍ରିଶୂଳିଆ,୩୦।୯
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ଅଧୀନରେ ଥିବା 'ଖାଦ୍ୟ ପୋଷଣ ଓ ଡାଏଟିକ୍ସ ବିଭାଗ' ପକ୍ଷରୁ ଜାତୀୟ ପୋଷଣ ମାସ ସୋମବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇସିଏମ୍ଆର୍–ଆର୍ଏମ୍ଆର୍‌ସି ପୋଷଣ ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ଡ. ଗନ୍ଧମ ବୁଲିୟା ଯୋଗଦେଇ 'ସମସ୍ତଙ୍କ ପାଇଁ ପୁଷ୍ଟିକର ଖାଦ୍ୟ' ଶୀର୍ଷକ ବିଷୟ ଉପରେ ଆଲୋଚନା କରିଥିଲେ। ଏଥିସହ ସମସ୍ତ ନାଗରିକଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ଉପଲବ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ରୁଚି ଫୁଡ୍ ଲାଇନ୍‌ର ମାର୍କେଟିଂ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଓ ଗୁଣବତ୍ତା ନିୟନ୍ତ୍ରଣ ମୁଖ୍ୟ ଅଶୋକ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। 'ଉତ୍ପାଦ ଉପସ୍ଥାପନା, ଉତ୍ପାଦନ ପ୍ରକ୍ରିୟା ଏବଂ ଗୁଣବତ୍ତା ମୂଲ୍ୟାୟନ' ଶୀର୍ଷକ ଉପରେ ଅତ୍ୟନ୍ତ ଉପାଦେୟ ଆଲୋଚନା କରାଯାଇଥିଲା। ଉଭୟ ଖାଦ୍ୟ ଉତ୍ପାଦନରେ ଗୁଣବତ୍ତା ନିୟନ୍ତ୍ରଣର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ, ଯାହା ଛାତ୍ରୀଛାତ୍ରଙ୍କୁ ଉତ୍ପାଦର ଦୀର୍ଘାୟୁ ଏବଂ ବଜାର ଉପସ୍ଥାପନା ବିଷୟରେ ଜ୍ଞାନ ପ୍ରଦାନ କରିଥିଲା। ଛାତ୍ରୀଛାତ୍ର ଓ କର୍ମଚାରୀ 'ବିନା ଅଗ୍ନିରେ ସ୍ୱାସ୍ଥ୍ୟକର ପାକଶାଳା' ଶୀର୍ଷକରେ ରୋଷେଇ ଚ୍ୟାଲେଞ୍ଜ ଏବଂ 'ସମସ୍ତଙ୍କ ପାଇଁ ପୁଷ୍ଟିକର ଖାଦ୍ୟ' ଶୀର୍ଷକରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକ ସାମଗ୍ରିକ ଶିକ୍ଷା ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପ୍ରମାଣିତ କରିବା ସହ ବ୍ୟବହାରିକ ଶିକ୍ଷା ଏବଂ ସୃଜନଶୀଳ ଅଭିବ୍ୟକ୍ତିର ସୁନ୍ଦର ମିଶ୍ରଣକୁ ମଧ୍ୟ ଦର୍ଶାଇଥିଲା। ବ୍ୟାପକ ଖାଦ୍ୟ, ପୋଷଣ ଓ ଡାଏଟିକ୍ସ କାର୍ଯ୍ୟକ୍ରମ ପାଇଁ ସ୍ୱୀକୃତିପ୍ରାପ୍ତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପୋଷଣ ବିଜ୍ଞାନ ଶିକ୍ଷାଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। କୃଷି ବିଭାଗର ଡିନ୍ ପ୍ରଫେସର ଡ. ଏସ୍. କୁମାର ସ୍ୱାମୀ ତାଙ୍କ ବକ୍ତବ୍ୟରେ କାର୍ଯ୍ୟକ୍ରମର ସଫଳତାକୁ ପ୍ରଶଂସା କରିଥିଲେ। ଅଚ୍ୟୁତ ବିଶ୍ୱାଳ, ଡ. କୃଷ୍ଣ ମିଶ୍ର, ଚିନ୍ମୟୀ ପଟ୍ଟନାୟକ ଓ ଅନ୍ୱେଷା ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜାତୀୟ ପୋଷଣ ମାସ ପାଳନରେ ଯୋଗ ଦେଇଥିବା ସମସ୍ତଙ୍କ ଉପରେ ଏକ ସକାରାତ୍ମକ ଛାପ ପକାଇବାରେ ସକ୍ଷମ ହୋଇଥିଲା।

### କାକରୁଦ୍ରପୁର ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ

ବାଲିଅନ୍ତା,୩୦।୯(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ପଞ୍ଚାୟତରେ ସୋମବାର ସ୍ୱଚ୍ଛତା ଅଭିଯାନ ପରିପ୍ରେକ୍ଷୀରେ ପଞ୍ଚାୟତ କାର୍ଯ୍ୟାଳୟ ଚତୁଃପାର୍ଶ୍ୱ, ଖମାଙ୍ଗ ବଜାର ରାସ୍ତା, ଦୁର୍ଗା ମଣ୍ଡପ ସମ୍ମୁଖ ରାସ୍ତାକୁ ସଫେଇ କରାଯାଇଥିଲା। ବିଡିଓ ପବିତ୍ର କୁମାର ସାମଲ, ଜିପିଓ ନିଲେସ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ମିଶ୍ର, ସରପଞ୍ଚ ସସ୍ମିତା ମଲ୍ଲିକ, ନାଏବ ସରପଞ୍ଚ ପର୍ଶୁରାମ ମୁଖୀ, ସ୍ନେହାଞ୍ଜଳି ପଣ୍ଡା ଓ ପିକକ୍‌ର ସଂଯୋଜିକା ଉପମା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପରିବେଶକୁ ପରିଷ୍କାର ରଖିବା ଓ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ଦିଗରେ ସଚେତନତା ସୃଷ୍ଟି ପାଇଁ ଶପଥପାଠ କରାଇଥିଲେ।

### ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ ପରିଷଦ ବୈଠକ ଓ ସାମ୍ବିଧାନିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଏମପି ଡ.ରବୀନ୍ଦ୍ର ବେହେରା, ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାଏ ଓ ପୂର୍ବତନ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମ୍ମିଳନୀକୁ ଉଦଘାଟନ କରିଥିଲେ। ନୂତନ ଶିକ୍ଷାନୀତି ୨୦୨୦ର ସଫଳ କାର୍ଯ୍ୟକାରିତା ପାଇଁ ଶିକ୍ଷକ ସଂଗଠନ ଓ ଶିକ୍ଷକଙ୍କ ଭୂମିକା ଉପରେ ଏମପି ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଫେଡେରେଶନର ପୂର୍ବତନ ମହାସଚିବ ସଚ୍ଚିଦାନନ୍ଦ ରାଉତ ସଂଗଠନର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରବିନ୍ଦ୍ର ଜେନା, ସଙ୍ଗୀତା ଦାଶ, ହୃଦାନନ୍ଦ ଦ୍ୱିବେଦୀ ଯୋଗଦେଇଥିଲେ। ମହାସଚିବ ଚାରୁଲତା ମହାପାତ୍ର ଶିକ୍ଷକଙ୍କ ବିଭିନ୍ନ ଦାବି ନିମନ୍ତେ ସରକାରଙ୍କ ସହ ଆଲୋଚନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ସାମ୍ବିଧାନିକ ସଭାରେ ଧୀରେନ୍ଦ୍ର ପଟ୍ଟନାୟକଙ୍କୁ ସଭାପତି ରୂପେ ନିର୍ବାଚିତ କରାଯାଇଛି।

### ଉତ୍କଳ ହସ୍ପିଟାଲରେ ହୃତ୍‌ପିଣ୍ଡ ଦିବସ




ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ନୀଳାଦ୍ରିବିହାରସ୍ଥିତ ଉତ୍କଳ ହସ୍ପିଟାଲରେ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଯାଇଛି। ହୃଦ୍‌ରୋଗକୁ ନେଇ ସଚେତନତା ସୃଷ୍ଟି କରିବା ଓ ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ହସ୍ପିଟାଲଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଗଣଦୌଡ ବା ୱାକାଥନ ଓ ଜୁମ୍ବା ଡ୍ୟାନ୍ସ ମାଧ୍ୟମରେ ସଚେତନ ସୃଷ୍ଟି କରାଯାଇଥିଲା। ଏଥିରେ ୫୦୦ରୁ ଅଧିକ ଜନସାଧାରଣ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ପିଙ୍କି ପ୍ରଧାନ ଏବଂ ଉତ୍କଳ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡା. ପ୍ରଜ୍ଞାନ ରଞ୍ଜନ ଘଡେଇ ପ୍ରମୁଖ ପତାକା ଦେଖାଇ ୱାକାଥନକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡା. ସନତ ସାହୁ, ଡା. ସୁଶାନ୍ତ ପ୍ରଧାନ, ଡା. ମାନଭଞ୍ଜନ ଜେନା, ଡା. ଚନ୍ଦ୍ରଭାନୁ ପରିଜା, ଡା. ବିନୟ ଭୂଷଣ ବିନାକର, ଡା. ନିମାଇଁ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ମ୍ୟାକ୍‌ନିଲ ହସ୍ପିଟାଲ ପକ୍ଷରୁ 'ହାର୍ଟ–ଏ–ଥନ୍'



ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ବିଶ୍ୱ ହୃତ୍‌ପିଣ୍ଡ ଦିବସରେ ଲୋକଙ୍କୁ ସଚେତନ କରିବାକୁ ଭୁବନେଶ୍ୱରସ୍ଥିତ ମ୍ୟାକନିଲ ହସ୍ପିଟାଲ ପକ୍ଷରୁ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଧାବକ ଅଂଶଗ୍ରହଣ କରିଥିବାବେଳେ ହସ୍ପିଟାଲ କର୍ମଚାରୀ ଓ ଅନ୍ୟମାନେ ଯୋଗଦେଇଥିଲେ। ମାରାଥନର ବିଷୟବସ୍ତୁ 'ହାର୍ଟ–ଏ–ଥନ୍' ରଖାଯାଇଥିଲା। ଏହି ମାରାଥନ୍ ହସ୍ପିଟାଲ ପରିସରରୁ ଆରମ୍ଭ ହୋଇ କେଶୁରା ଦେଇ ଫେରିଥିଲା। ପ୍ରାୟ ୫ କିମି ଧରି ରାସ୍ତାରେ ହୃତ୍‌ପିଣ୍ଡର ସୁରକ୍ଷା ଓ ହୃଦ୍‌ରୋଗରୁ ରକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ରୋଟାରିଆନ ଯଜ୍ଞାଶିଷ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଡା. ହିମାଂଶୁ ଶତପଥୀ, ଅଭିନେତା ହରିହର ମହାପାତ୍ର, ବୁଲୁ ପଣ୍ଡା, ରିସି ପଟ୍ଟନାୟକ, ପ୍ରଯୋଜକ ଶ୍ରୀଧର ମାର୍ଥା ପ୍ରମୁଖ ଯୋଗଦେଇଥିଲେ। ମାରାଥନର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଡା. ରଘୁନାଥ ବେଉରା , ଡା. ପୂର୍ଣ୍ଣଚନ୍ଦ୍ର ଓଝା, ଡା. ନୀହାର ରଞ୍ଜନ ପରିଡ଼ା, ଡା. ଆଶୁତୋଷ ଦାସ, ଡା. ସୁମ ସୌରଭ ମିଶ୍ର, ଡା. କାହ୍ନୁ ପଣ୍ଡା, ଡା. ଅମିରୁଲ ଇସଲାମ, ଡା. ଲିପ୍ସା ବିଶୋଇ, ଚିତ୍ତରଞ୍ଜନ ବେଉରା, ଜିତେନ କୁମାର ସାହୁ, ସଞ୍ଜୀବ କୁମାର ରାଉତ, ସେହେବାଜ ଅଲ୍ଲୀ ଖାନ ସାମିଲ ହୋଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

# ଯୁଗ୍ମ ଶ୍ରମ କମିଶନର କାର୍ଯ୍ୟାଳୟ ଘେରିଲା ସିଆଇଟିୟୁ

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ଠିକା ଶ୍ରମିକ ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି, ଶ୍ରମ କାର୍ଡଧାରୀ ନିର୍ମାଣ ଶ୍ରମିକଙ୍କୁ କଲ୍ୟାଣ ବୋର୍ଡ ନିର୍ଦ୍ଧାରିତ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ଓ ମାସକୁ ସର୍ବନିମ୍ନ ୨୬ ହଜାର ଟଙ୍କା ବେତନ ଆଦି ଦାବି ନେଇ ସିଆଇଟିୟୁ ଭୁବନେଶ୍ୱର ଶାଖା ପକ୍ଷରୁ ସୋମବାର ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶ୍ରମିକ ନେତା ପ୍ରଦୀପ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିକ୍ଷୋଭରେ ସଂଘର ରାଜ୍ୟ ଉପ ସଭାପତି ସାଥୀ ସତ୍ୟାନନ୍ଦ ବେହେରା, ସମ୍ପାଦକ ସାଥୀ ରମେଶ ଜେନା, ଖୋର୍ଦ୍ଧାଜିଲା ସଭାପତି ସାଥୀ ସୁରେଶ ରାଉତରାୟ, ନିର୍ମାଣ ବସନ୍ତ ସାହୁ, ମନୋରଞ୍ଜନ ସାହୁ, ପରି ବେହେରାଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଭଉଣୀଭାଇ ଏହି ବିକ୍ଷୋଭରେ ସାମିଲ ହୋଇ ଦାବି ହାସଲ ନିମନ୍ତେ ସ୍ଲୋଗାନ ଦେଇଥିଲେ। ରାଜ୍ୟ ସରକାର ତୁରନ୍ତ ଶ୍ରମିକଙ୍କ ଦାବି ପୂରଣ କରିବାକୁ ନେତାମାନେ ତାଙ୍କ ଭାଷଣରେ ଦାବି କରିଥିଲେ। ଯୁଗ୍ମ ଶ୍ରମ କମିଶନରଙ୍କ ଅନୁପସ୍ଥିତିରେ ସହକାରୀ ଶ୍ରମ ଅଧିକାରୀ ଦାବିପତ୍ର ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଶାରଳା ମହାଭାରତ ଓଡ଼ିଆ ପ୍ରାଚୀନତାର ପରିଚୟ ଦିଏ

ଭୁବନେଶ୍ୱର,୩୦।୯(ବନ୍ଦନା ସେଠୀ)

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ 'ଶାରଳା ମହାଭାରତ: ଲୋକରୁ ଶାସ୍ତ୍ରୀୟ' ସମ୍ପର୍କରେ ଏକ ଆଲୋଚନାଚକ୍ର ସୋମବାର କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ଶାରଳା ମହାଭାରତ ଓଡ଼ିଆ ପ୍ରାଚୀନତାର ଏକ ସମୃଦ୍ଧ ପରିଚୟ ପ୍ରଦାନ କରିଥାଏ ବୋଲି କହିଥିଲେ। ଏଥିସହ ସାରଳା ମହାଭାରତରେ ବ୍ୟବହାର କରାଯାଇଥିବା ଲୋକ ଉପାଦାନ, ଲୋକକଥା ଏବଂ ଲୋକସମାଜର ତତ୍କାଳୀନ ଭାଷା ସହିତ ପାଶ୍ଚାତ୍ୟ କ୍ଲାସିକ୍ ସାହିତ୍ୟ ଓ ପ୍ରାଚ୍ୟ କ୍ଲାସିକ୍ ସାହିତ୍ୟ ସମ୍ବନ୍ଧରେ ଏକ ତୁଳନାତ୍ମକ ଆଲୋଚନା କରିଥିଲେ। ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ସଭାପତିତ୍ୱ କରି କହିଲେ, ଶାରଳା ମହାଭାରତ ପ୍ରାଚୀନତାର ନିଦର୍ଶନ। ଉତ୍କର୍ଷ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଉତ୍କର୍ଷ କେନ୍ଦ୍ରର ଗବେଷକ ଡ. ଅମ୍ବରୀଶ ଶତପଥୀ, ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ, ଡ. ମନସା ଶ୍ରୀଚନ୍ଦନ, ଡ. ଜ୍ୟୋତିପ୍ରଭା ମହାନ୍ତି ଉପସ୍ଥିତ ଥିଲେ। ଗବେଷିକା ଡ. ମିତାଲି ମଧୁସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




'ସାରଳା ମହାଭାରତ: ଲୋକରୁ ଶାସ୍ତ୍ରୀୟ' ଆଲୋଚନାଚକ୍ରରେ ଅତିଥିମାନେ।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

## କମ୍ପ୍ୟୁଟର, ଇନଭର୍ଟର ପୋଡ଼ିଗଲା

ଖୋର୍ଦ୍ଧା,୩୦।୯(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର, ଇନଭର୍ଟର ନଷ୍ଟ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଘଟଣ ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ଖବରପାଇ ଜିଲାପାଳ ଚଞ୍ଚଳ ରାଣା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନା ମୁତାବକ, ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତେଣୁ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିଥିଲା।

ଏହି ସମୟରେ ଭିତରୁ ଇନଭର୍ଟର ଫାଟି ପ୍ରଚଣ୍ଡ ଶବ୍ଦ ହୋଇଥିଲା। ନିକଟରେ ଥିବା କର୍ମଚାରୀମାନେ ଭୟଭୀତ ହୋଇ ସେଠାରୁ ଦୌଡିଥିଲେ। ପ୍ରକୋଷ୍ଠ ଭିତର ଇନଭର୍ଟର ବ୍ୟାଟେରି ପୋଡି ପାଉଁଶ ହୋଇଯାଇଥିଲା। ଆସବାବପତ୍ର, ବିଦ୍ୟୁତ୍ ତାରରେ ମଧ୍ୟ ନିଆଁ ଲାଗିଯାଇଥିଲା। କିଛି ସମୟ ଜିଲାପାଳଙ୍କ କାର୍ଯ୍ୟାଳୟ ଧୂଆଁମୟ ହୋଇଯାଇଥିଲା। ଖବରପାଇ ଅଗ୍ନିଶମ ଏବଂ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏନେଇ ଜିଲାପାଳ ରାଣା କହିଛନ୍ତି, ଇନଭର୍ଟର ବ୍ୟାଟେରି ଫାଟିବାରୁ ଏହି ଘଟଣା ଘଟିଲା। ଏବେ ସ୍ଥିତି ସ୍ୱାଭାବିକ ରହିଛି। ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା, ଏହାକୁ ଅନୁଧ୍ୟାନ କରାଯିବ। ଜିଲାପାଳଙ୍କ କାର୍ଯ୍ୟାଳୟର ସବୁ ବିଭାଗରେ ଇନଭର୍ଟର ଲାଗିଛି। ଆଗକୁ ଏଭଳି ଅଘଟଣ ନ ଘଟିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଇନଭର୍ଟର ଗୁଡିକର ଯାଞ୍ଚ କରାନଗଲେ, ଏହି ଘଟଣା ଘଟିବା ସମ୍ଭାବନା ରହିଛି। ସମୟ ବ୍ୟବଧାନରେ ଏହାର ନିୟମିତ ଯାଞ୍ଚ ସହ ଏହାର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି।

### ବରିଷ୍ଠ ନାଗରିକ କମିଟି କାର୍ଯ୍ୟକ୍ଷମ ହେବା ଆବଶ୍ୟକ

ଭୁବନେଶ୍ୱର, ୩୦।୯ (ବନ୍ଦନା ସେଠୀ)

ଅନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପରିପ୍ରେକ୍ଷୀରେ ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ 'ଜେନେରେସନ୍ସ ଟୁଗେଦର ବା ସବୁ ପିଢି ଏକାଠି' ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ଯୋଗଦେଇ ରାଜ୍ୟର ବରିଷ୍ଠ ନାଗରିକଙ୍କ ସ୍ୱାର୍ଥକୁ ଆଗେଇ ନେବାରେ ସମସ୍ତ ଅଂଶୀଦାରଙ୍କ ଅଂଶଗ୍ରହଣର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ଏଥିସହ ବରିଷ୍ଠ ନାଗରିକଙ୍କ ସମସ୍ୟା ଶୁଣାଣି ଓ ସମାଧାନ ପାଇଁ ଜିଲା ବରିଷ୍ଠ ନାଗରିକ କମିଟି କାର୍ଯ୍ୟକ୍ଷମ ହେବା ଆବଶ୍ୟକ ବୋଲି କହିଥିଲେ। ସୋଆ ବିଶ୍ୱବିଦ୍ୟାଳୟର କମ୍ୟୁନିଟି ମେଡିସିନ୍ ଏଚ୍ଓଡି ଡ. ଆର୍ ଭେଙ୍କଟ ରାଓ ଯୋଗଦେଇ ବରିଷ୍ଠ ନାଗରିକ ନୀତି ଓ ବୟସ୍କଙ୍କ ମାନସିକ ସ୍ୱାସ୍ଥ୍ୟର ଯତ୍ନ ଉପରେ ଆଲୋଚନା କରିଥିଲେ। ଟାଟା ଷ୍ଟିଲ୍ ସିଏସ୍ଆର୍ କାର୍ଯ୍ୟକ୍ରମର ଡ. ଅମ୍ବିକା ପ୍ରସାଦ ନନ୍ଦ, ନାତିନାତୁଣୀଙ୍କ ଜୀବନରେ ଜେଜେ, ଜେଜେମା'ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏଥିସହ ବୟସ୍କଙ୍କ ବିଷୟରେ ଲୋକପ୍ରିୟ କାହାଣୀଗୁଡିକୁ ଶିକ୍ଷାଗତ ଭାବେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ନୀତିର ଏକ ଅଂଶ ହେବା ଉଚିତ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମ୍ କମ୍ ନ୍ୟୁଜ୍ ସର୍ଭିସର ବରିଷ୍ଠ ସମ୍ପାଦିକା ସଙ୍ଗୀତା ଅଗ୍ରୱାଲ ବୟସ୍କଙ୍କ ଅଧିକାର ଓ ଯତ୍ନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରୋଗ୍ରାମ ମ୍ୟାନେଜର ରଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ଅନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ



ପୋଡ଼ିଯାଇଥିବା ଇନ୍‌ଭର୍ଟର, କମ୍ପ୍ୟୁଟର।



ବିଦ୍ୟୁତ୍ କର୍ମଚାରୀ ଏବଂ ଅନ୍ୟମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଖୋର୍ଦ୍ଧା,୩୦।୯(ପ୍ରଭାତ ପାଣିଗ୍ରାହୀ)**

### କମ୍ପ୍ୟୁଟର, ଇନଭର୍ଟର ନଷ୍ଟ

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର, ଇନଭର୍ଟର ନଷ୍ଟ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଘଟଣ ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ଖବରପାଇ ଜିଲାପାଳ ଚଞ୍ଚଳ ରାଣା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନା ମୁତାବକ, ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତେଣୁ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିଥିଲା। ଏହି ସମୟରେ ଭିତରୁ ଇନଭର୍ଟର ଫାଟି ପ୍ରଚଣ୍ଡ ଶବ୍ଦ ହୋଇଥିଲା। ନିକଟରେ ଥିବା କର୍ମଚାରୀମାନେ ଭୟଭୀତ ହୋଇ ସେଠାରୁ ଦୌଡିଥିଲେ। ପ୍ରକୋଷ୍ଠ ଭିତର ଇନଭର୍ଟର ବ୍ୟାଟେରି ପୋଡି ପାଉଁଶ ହୋଇଯାଇଥିଲା। ଆସବାବପତ୍ର, ବିଦ୍ୟୁତ୍ ତାରରେ ମଧ୍ୟ ନିଆଁ ଲାଗିଯାଇଥିଲା। କିଛି ସମୟ ଜିଲାପାଳଙ୍କ କାର୍ଯ୍ୟାଳୟ ଧୂଆଁମୟ ହୋଇଯାଇଥିଲା।

ଖବରପାଇ ଅଗ୍ନିଶମ ଏବଂ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏନେଇ ଜିଲାପାଳ ରାଣା କହିଛନ୍ତି, ଇନଭର୍ଟର ବ୍ୟାଟେରି ଫାଟିବାରୁ ଏହି ଘଟଣା ଘଟିଲା। ଏବେ ସ୍ଥିତି ସ୍ୱାଭାବିକ ରହିଛି। ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା, ଏହାକୁ ଅନୁଧ୍ୟାନ କରାଯିବ। ଜିଲାପାଳଙ୍କ କାର୍ଯ୍ୟାଳୟର ସବୁ ବିଭାଗରେ ଇନଭର୍ଟର ଲାଗିଛି। ଆଗକୁ ଏଭଳି ଅଘଟଣ ନ ଘଟିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଇନଭର୍ଟର ଗୁଡିକର ଯାଞ୍ଚ କରାନଗଲେ, ଏହି ଘଟଣା ଘଟିବା ସମ୍ଭାବନା ରହିଛି। ସମୟ ବ୍ୟବଧାନରେ ଏହାର ନିୟମିତ ଯାଞ୍ଚ ସହ ଏହାର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

**ବୋଲଗଡ଼,୩୦।୯(ଦେବବ୍ରତ ହୋତା)**

ବୋଲଗଡ଼ ଥାନା ବଙ୍କୋଇ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୨୨ତାରିଖରେ ଅପହରଣ କରାଯାଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ନାବାଳିକା ଜଣକ ମାଉସୀ ଘରେ ରହି ନିକଟ କଲେଜରେ ପାଠ ପଢୁଥିବା ବେଳେ ତାଙ୍କୁ ଏହି ଥାନା ଅଧୀନ କୁମ୍ଭାରି ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ନେଇ ନାବାଳିକାଙ୍କ ମାଉସୀ ଅଭିଯୋଗ କରିଥିଲେ। ତଦନ୍ତକାରୀ ଅଧିକାରୀ ତୁଷାରକାନ୍ତ ନାୟକ ତଦନ୍ତ ଚଳାଇ ନାବାଳିକାଙ୍କୁ ରବିବାର ଉଦ୍ଧାର କରି ବୋଲଗଡ଼ ଥାନାରେ ମାଉସୀଙ୍କ ହେପାଜତରେ ରଖିଥିଲେ। ସେଠାରେ ମହିଳା ପୋଲିସ ଅଧିକାରୀ ନାବାଳିକାଙ୍କୁ ପଚରାଉଚରା କରିବାରେ ସେ ଅପହୃତ ହୋଇଥିବା ଘଟଣାକୁ ଅସ୍ୱୀକାର କରିଥିଲେ। ସମ୍ପୃକ୍ତ ଯୁବକଙ୍କୁ ସେ ଭଲପାଉଥିବା ଏବଂ ଘରଲୋକେ ତାର ବିବାହ ଅନ୍ୟତ୍ର କରିବା ପାଇଁ ଯୋଜନା କରୁଥିବାରୁ ସେ ଉକ୍ତ ଯୁବକଙ୍କ ସହାୟତାରେ ସାଙ୍ଗ ଘରକୁ ଯାଇଥିବା କହିଥିଲେ। ସୋମବାର ରାଜସୁନାଖଳାସ୍ଥିତ ଏକ ପେଟ୍ରୋଲପମ୍ପ ନିକଟରୁ ସମ୍ପୃକ୍ତ ଯୁବକକୁ ପୋଲିସ ଗିରଫ କରିଛି। ଉଭୟଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଛି। ନାବାଳିକାଙ୍କୁ ଖୋର୍ଦ୍ଧା କୋର୍ଟରେ ହାଜର କରାଯାଇ ବୟାନ ରେକର୍ଡ ପରେ ମାଉସୀଙ୍କ ହେପାଜତରେ ଘରକୁ ଛଡ଼ାଯାଇଛି। ଅନ୍ୟପକ୍ଷରେ ଯୁବକ ଜଣକୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ନାୟକ ସୂଚନା ଦେଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତ ଗିରଫ

**ଜଟଣୀ,୩୦।୯(ରବୀନ୍ଦ୍ରନାଥ ମହାକୁଡ଼)**

ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ରାକେଶ ବେହେରା ଓରଫ ଶଙ୍କର(୨୫)। ଏନେଇ ଥାନାରେ ଏକ ମାମଲା (ନଂ.୩୯୧/୨୪)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶନିବାର ରାତିରେ ନାବାଳିକା ଜଣଙ୍କୁ ଅଭିଯୁକ୍ତ ଶଙ୍କର ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା।

### ବିଜେଡିର ପଦଯାତ୍ରା ପ୍ରସ୍ତୁତି ବୈଠକ

**ବେଗୁନିଆ,୩୦।୯(ସନ୍ଧ୍ୟାରାଣୀ ମିଶ୍ର)**

ଗାନ୍ଧୀ ଜୟନ୍ତୀରୁ ବିଜୁ ଜନତା ଦଳର ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ବେଗୁନିଆ ପୂର୍ତ୍ତ ବଙ୍ଗଳା ପରିସରରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା, ଶିକ୍ଷାବିତ୍ ଭଗବାନ ପଣ୍ଡା, ସରପଞ୍ଚ ଅସିତ୍ କୁମାର ତ୍ରିପାଠୀ, ପୁରୁଷୋତ୍ତମ ମହାପାତ୍ର, ଜାଗର ମାଝୀ, ବେଗୁନିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ଯୋଗଦେଇ ପଦଯାତ୍ରାର ରୂପରେଖ, କାର୍ଯ୍ୟଶୈଳୀ, ସ୍ଥାନ,ସମୟ ଆଦି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗାନ୍ଧୀବାଦ ନୀତିରେ ବିଜୁ ଜନତା ଦଳକୁ ଆଗକୁ ନେବା ପାଇଁ ଉକ୍ତ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଜଟଣୀ,୩୦।୯(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅଙ୍ଗାରପଡ଼ା ପଞ୍ଚାୟତର ପଞ୍ଚାୟତ ସରକାରୀ ହାଇସ୍କୁଲ ସହକାରୀ ଶିକ୍ଷକ ଶୁଭ୍ରାଂଶୁ ଶେଖର ଶତପଥୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଧୀରେନ୍ଦ୍ର କୁମାର ବାରିକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସାହିତ୍ୟିକ ରମେଶ ମଙ୍ଗରାଜ, ଅକ୍ଷୟ ପାଲଟାସିଂ, ଲୋକନାଥ ମିଶ୍ର, ଦେବେନ୍ଦ୍ର ରଥ, ପ୍ରିୟରଞ୍ଜନ ସାମନ୍ତରାୟ, ବିନୋଦ କୁମାର ଛୁଆଳସିଂ, ବାବାଜୀ ମଙ୍ଗରାଜ, ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ସିଆର୍‌ସିସି ଦେବେନ୍ଦ୍ର ରଥଙ୍କ ରଚିତ କବିତା ପାଠ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସୁଦର୍ଶନ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗାଡ଼ି ଛାଡ଼ି ପଳାଇଲେ ଗଞ୍ଜେଇ ବେପାରୀ

**ଭୁବନେଶ୍ୱର,୩୦।୯(ସୂର୍ଯ୍ୟକାନ୍ତ ବେହେରା)**

### କାର୍ ସହ ୧ କୁଇଣ୍ଟାଲ ଗଞ୍ଜେଇ ଜବତ

କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗଞ୍ଜେଇ ଚୋରା ଚାଲାଣ ଧରିଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ପିଛା କରିଥିଲେ ମଧ୍ୟ ଅଭିଯୁକ୍ତମାନେ ଗାଡି ଛାଡ଼ି ଚମ୍ପଟ ମାରିଛନ୍ତି। ଫଳରେ ପୋଲିସ କେବଳ ଗଞ୍ଜେଇ ଭର୍ତ୍ତି କାର୍‌କୁ ଜବତ କରିଛି। ଜାତୀୟ ରାଜପଥ ନଂ. ୧୫ରୁ ତମାଣ୍ଡୋ-କାଇମାଟି ରାସ୍ତାରେ ପୋଲିସ-ଗଞ୍ଜେଇ ବେପାରିଙ୍କ ମଧ୍ୟରେ ଏଭଳି ଛକାପଞ୍ଝା ଚାଲିଥିଲା। ତେବେ ପୋଲିସ କାର୍ ଡିକିରେ ଥିବା ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଗାଡିର ମାଲିକ ଓ ସମ୍ପୃକ୍ତ ଗଞ୍ଜେଇ ବେପାରୀଙ୍କୁ ଚିହ୍ନଟ କରିଥିବା କହୁଛି।

ସୂଚନାନୁସାରେ, ସୋମବାର ସକାଳେ ଫୁଲବାଣୀରୁ କାର୍ ଯୋଗେ ଭୁବନେଶ୍ୱରକୁ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସ୍ପେଶାଲ କ୍ରାଇମ୍ ୟୁନିଟ ସୂଚନା ପାଇଥିଲା। ଏହାପରେ ସ୍ପେଶାଇ କ୍ରାଇମ ୟୁନିଟ୍‌ର ଏକ ଟିମ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ତମାଣ୍ଡୋ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ.୧୫ ରେ ଜଗି ରହିଥିଲା। ଏକ ସନ୍ଦିଗ୍ଧ କାର୍ ଜାତୀୟ ରାଜପଥରୁ ତମାଣ୍ଡୋ ଓ କାଇମାଟି ରାସ୍ତାରେ ଯାଉଥିବା ଦେଖି ପୋଲିସ ଟିମ୍ ପିଛା କରିଥିଲା। ତେବେ ପୋଲିସ ଗାଡିକୁ ଦେଖି ଅଭିଯୁକ୍ତମାନେ ଗାଡିର ବେଗ ବଢାଇବା ସହ ଏକ ଖେଳ ପଡିଆରେ ଗାଡି ଛାଡି ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ଗାଡି ଯାଞ୍ଚ ବେଳେ ଛୋଟ ଛୋଟ ପାକେଟରେ ଥିବା ୧୦୦ କେଜି ଗଞ୍ଜେଇ ସହ ଗାଡିକୁ ଜବତ କରିଥିଲା।

# ଯୁଗ୍ମ ଶ୍ରମ କମିଶନର କାର୍ଯ୍ୟାଳୟ ଘେରିଲା ସିଆଇଟିୟୁ

**ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)**

ଠିକା ଶ୍ରମିକ ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି, ଶ୍ରମ କାର୍ଡଧାରୀ ନିର୍ମାଣ ଶ୍ରମିକଙ୍କୁ କଲ୍ୟାଣ ବୋର୍ଡ ନିର୍ଦ୍ଧାରିତ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ଓ ମାସକୁ ସର୍ବନିମ୍ନ ୨୬ ହଜାର ଟଙ୍କା ବେତନ ଆଦି ଦାବି ନେଇ ସିଆଇଟିୟୁ ଭୁବନେଶ୍ୱର ଶାଖା ପକ୍ଷରୁ ସୋମବାର ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶ୍ରମିକ ନେତା ପ୍ରଦୀପ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିକ୍ଷୋଭରେ ସଂଘର ରାଜ୍ୟ ଉପ ସଭାପତି ସାଥୀ ସତ୍ୟାନନ୍ଦ ବେହେରା, ସମ୍ପାଦକ ସାଥୀ ରମେଶ ଜେନା, ଖୋର୍ଦ୍ଧାଜିଲା ସଭାପତି ସାଥୀ ସୁରେଶ ରାଉତରାୟ, ନିର୍ମାଣ ବସନ୍ତ ସାହୁ, ମନୋରଞ୍ଜନ ସାହୁ, ପରି ବେହେରାଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଭଉଣୀଭାଇ ଏହି ବିକ୍ଷୋଭରେ ସାମିଲ ହୋଇ ଦାବି ହାସଲ ନିମନ୍ତେ ସ୍ଲୋଗାନ ଦେଇଥିଲେ। ରାଜ୍ୟ ସରକାର ତୁରନ୍ତ ଶ୍ରମିକଙ୍କ ଦାବି ପୂରଣ କରିବାକୁ ନେତାମାନେ ତାଙ୍କ ଭାଷଣରେ ଦାବି କରିଥିଲେ। ଯୁଗ୍ମ ଶ୍ରମ କମିଶନରଙ୍କ ଅନୁପସ୍ଥିତିରେ ସହକାରୀ ଶ୍ରମ ଅଧିକାରୀ ଦାବିପତ୍ର ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# କୁଲିଙ୍କ ଜୀବିକା ବିପନ୍ନ, ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବି



ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକଙ୍କୁ ଦାବିପତ୍ର ଦେବାକୁ ୟୁନିୟନର କର୍ମକର୍ତ୍ତା।

**ଭୁବନେଶ୍ୱର/ଖୋର୍ଦ୍ଧା,୩୦।୯ (ଅନୁରାଧା ମହାରଣା/ପ୍ରଭାତ ପାଣିଗ୍ରାହୀ)**

ରେଳପଥ କୁଲି ବା ପୋର୍ଟରଙ୍କ ପକ୍ଷରୁ ସର୍ବଭାରତୀୟ ଦାବି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସେମାନେ ସ୍ଥାୟୀ ନିଯୁକ୍ତି ଦାବି କରିବା ସହ ଦେଶର ସମସ୍ତ ରେଳ ଡିଭିଜନରେ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବତଟ ରେଳପଥ ପୋର୍ଟର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି ସୁର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ(ଡିଆରଏମ୍)ଙ୍କ କାର୍ଯ୍ୟାଳୟରେ ଏହି ଦାବିପତ୍ର ଉପସ୍ଥାପନ କରିଥିଲେ। ଦାବିପତ୍ରରେ କୁଲିଙ୍କ ଜୀବନଜୀବିକା ଓ ଦୁର୍ଦ୍ଦଶା କଥା ଉଲ୍ଲେଖ କରାଯାଇଛି। ପୂର୍ବରୁ ପୋର୍ଟରମାନଙ୍କୁ ପାର୍ସଲ ହାଣ୍ଡେଲିଂ କାମ ଦେବା ସହ ମାସିକ ପ୍ରାପ୍ୟ ପ୍ରଦାନ କରାଯାଉଥିଲା। ରେଳପଥ ଘରୋଇକରଣ ପ୍ରକ୍ରିୟାରେ ପାର୍ସଲ ହାଣ୍ଡେଲିଂ ଘରୋଇ କମ୍ପାନୀ ବା ଠିକାଦାରମାନଙ୍କୁ ଦିଆଗଲା। ଫଳରେ ରେଳ କୁଲିମାନେ କେବଳ ଯାତ୍ରୀଙ୍କ ଲଗେଜ ବୋହିବା ସେବା ଦେଇ ଯାତ୍ରୀଙ୍କଠାରୁ କିଛି ପ୍ରାପ୍ୟ ପାଉଥିଲେ। ମାତ୍ର ଷ୍ଟେଶନଗୁଡ଼ିକରେ ଏବେ ବ୍ୟାଟେରି ଗାଡ଼ି ଚଳାଚଳ ପରେ ଏହି କାର୍ଯ୍ୟ ମଧ୍ୟ ବନ୍ଦ ହୋଇଯିବାରୁ ଷ୍ଟେଶନ କୁଲିଙ୍କ ଜୀବନ ଓ ଜୀବିକା ବିପନ୍ନ ହୋଇଯାଇଛି। ପୂର୍ବରୁ ଷ୍ଟେଶନ କୁଲିଙ୍କୁ ରେଳ କର୍ତ୍ତୃପକ୍ଷ ପର୍ଯ୍ୟାୟକ୍ରମେ ଗ୍ରୁପ୍-ଡି କାର୍ଯ୍ୟରେ ସ୍ଥାୟୀ ନିଯୁକ୍ତି ଦେଉଥିଲେ। ବର୍ତ୍ତମାନ ବରିଷ୍ଠତା ଭିତ୍ତିରେ ଗ୍ରୁପ୍-ଡି ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନବେଳେ ୟୁନିୟନର ସାଧାରଣ ସମ୍ପାଦକ ଶିବ ବେହେରା, ରବୀନ୍ଦ୍ର କୁମାର ବିଶ୍ୱାଳ, ପିକେ ଟାଡ଼ା, ବନବିହାରୀ ବିଶାଳ, ସୁକାନ୍ତ ମଲ୍ଲିକ, ବୈକୁଣ୍ଠ ସାହୁ, ଜି କୈଳାସ, ମନୋଜ କୁମାର ସାହୁ, ଓମ୍ ପ୍ରକାଶ ସାହୁ, ସାଗର, ଦେବରାଜ, କେସି. ସାହୁ, ସୁଶାନ୍ତ ବାରିକ, ସନ୍ତୋଷ ବାରିକ ଓ ରାଧା ମୋହନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ ପରିଷଦ ବୈଠକ

**ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ ପରିଷଦ ବୈଠକ ଓ ସାମ୍ବିଧାନିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ ପରିଷଦ ବୈଠକ ଓ ସାମ୍ବିଧାନିକ ସମ୍ମିଳନୀ ଉଦଘାଟନୀ ସଭା ପ୍ରଶାସନିକ ଭବନ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯାଜପୁର ଏମପି ଡ.ରବୀନ୍ଦ୍ର ବେହେରା, ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାଏ ଓ ପୂର୍ବତନ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମ୍ମିଳନୀକୁ ଉଦଘାଟନ କରିଥିଲେ। ନୂତନ ଶିକ୍ଷାନୀତି ୨୦୨୦ କିପରି ରାଜ୍ୟରେ ସଫଳ କାର୍ଯ୍ୟକାରୀ ହେବ ଶିକ୍ଷକ ସଂଗଠନ ଓ ଶିକ୍ଷକଙ୍କ ଭୂମିକା ଉପରେ ଏମପି ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ପୂର୍ବତନ ମହାସଚିବ ସଚିଦାନନ୍ଦ ରାଉତ ସଂଗଠନର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସମସ୍ତ ଶିକ୍ଷକ ଏକ ହୋଇ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥୀ ଭାବେ ରବିନ୍ଦ୍ର ଜେନା, ସଙ୍ଗୀତା ଦାଶ, ହୃଦାନନ୍ଦ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ମହାସଚିବ ଚାରୁଲତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିବା ସହ ଶିକ୍ଷକମାନଙ୍କ ଦାବୀ ଯଥା ମୂଳ ଗ୍ରେଡପେ ୪୨୦୦, ପଦୋନ୍ନତି ନିୟମାବଳୀ ସଂଶୋଧନ ତଥା ଖାଲିଥିବା ଶିକ୍ଷକ ପଦବୀ ପୂରଣ ଓ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ମୂଲ୍ୟ ବୃଦ୍ଧି ଆଦି ଦାବୀ ନିମନ୍ତେ ସରକାରଙ୍କ ସହ ଆଲୋଚନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ।

# ଅଟୋ ଚାଳକଙ୍କ ସାଧୁତା, ମହିଳାଙ୍କ ବ୍ୟାଗ୍ ଫେରାଇଲେ



ଅଟୋ ଚାଳକ ଏସ୍.କେ. ଖାଲିଦ ବ୍ୟାଗ୍ ଫେରାଉଛନ୍ତି।

**ଖୋର୍ଦ୍ଧା,୩୦।୯(ପ୍ରଭାତ ପାଣିଗ୍ରାହୀ)**

ଅଟୋ ଚାଳକଙ୍କ ସାଧୁତା ଯୋଗୁ ଜଣେ ମହିଳା ତାଙ୍କ ବ୍ୟାଗ୍ ଫେରିପାଇଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧାରେ ଦେଖିବାକୁ ମିଳିଛି। ଗଡମାଣିତ୍ରୀ ଗ୍ରାମର ଜୟଶ୍ରୀ ମିଶ୍ର ଦେହ ଖରାପ ଥିବାରୁ ଭୁବନେଶ୍ୱରରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଔଷଧ ଏବଂ ଅନ୍ୟାନ୍ୟ କାଗଜପତ୍ର ଥିବା ଏକ ବ୍ୟାଗ୍ ଧରି ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରୁ ତରତୁଆର ଏସ୍.କେ. ଖାଲିଦଙ୍କ ଅଟୋରେ ବସ୍‌ଷ୍ଟାଣ୍ଡରୁ ଷ୍ଟେଟ ବ୍ୟାଙ୍କ ଛକରେ ଓହ୍ଲାଇଥିଲେ। ସେଠାରୁ ଚାଲି ଚାଲି ପୁରୁଣା ବସଷ୍ଟାଣ୍ଡକୁ ଯିବା ବେଳେ ସେ ଅଟୋରେ ବ୍ୟାଗ ଛାଡ଼ିଦେଇଥିବା ମନେପଡ଼ିଥିଲା। ଏହାପରେ ସେ ଥାନାକୁ ଯାଇଥିଲେ। ସେପଟେ ଖାଲିଦ ଘରେ ପହଞ୍ଚିବା ପରେ ଅଟୋର ପଛପଟ ସିଟ୍‌ରେ ଏକ ବ୍ୟାଗ୍ ଥିବା ଦେଖି ଖୋର୍ଦ୍ଧାକୁ ଆସିଥିଲେ। କୌଣସି ସୂତ୍ରରୁ ଖବରପାଇ ଆଦର୍ଶ ଥାନାକୁ ଆସିଥିଲେ। ଜୟଶ୍ରୀ ସେଠାରେ ଥିଲେ। ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ଉପସ୍ଥିତିରେ ତାଙ୍କ ବ୍ୟାଗ୍ ହସ୍ତାନ୍ତର କରିଥିଲେ। ଏନେଇ ଅଟୋ ଚାଳକ ଖାଲିଦ କହିଛନ୍ତି, ପୂର୍ବରୁ ମଧ୍ୟ ଅନ୍ୟ ଜଣେ ଯାତ୍ରୀ ଛାଡ଼ିଯାଇଥିବା ସୁନା, ଟଙ୍କା ଥିବା ବ୍ୟାଗ୍ ପାଇ ଫେରାଇଥିଲେ। ଖାଲିଦଙ୍କ ସାଧୁତା ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

**ବେଗୁନିଆ,୩୦।୯(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତା ହେଲେ ପ୍ରସନ୍ନ କୁମାର ନାୟକଙ୍କ ସ୍ତ୍ରୀ ଜିତାଞ୍ଜଳି। ଏନେଇ ମୃତାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ପ୍ରସନ୍ନଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟପଟେ ପାରିବାରିକ କଳହକୁ କେନ୍ଦ୍ରକରି ଚାଉଳରେ ପୋକ ନ ଲାଗିବା ପାଇଁ ମିଶାଯାଉଥିବା ବିଷ ଖାଇ ଜିତାଞ୍ଜଳି ଆତ୍ମହତ୍ୟା କରିଛନ୍ତି ବୋଲି ଆଲୋଚନା ହେଉଛି।

# ପ୍ରତିଯୋଗିତାରେ ୩୦ ଜିଲାର ୧୨୮ କୃତୀ ଛାତ୍ରୀଛାତ୍ର ସାମିଲ

**ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)**

ସ୍ମାର୍ଟ ଓଡିଶା ହାକାଥନ ୨.୦ 'ଓଡ଼ିଆପ୍ରେନ୍ୟୁର'ର ରାଜ୍ୟସ୍ତରୀୟ ଦୁଇ ଦିନିଆ ସମାରୋହ ଭୁବନେଶ୍ୱରସ୍ଥିତ ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ, ଓସେପା ଏବଂ ଓୟୁଟିଆର୍ ମିଳିତ ଆନୁକୁଲ୍ୟରେ ଷ୍ଟାର୍‌ସ ପ୍ରୋଗ୍ରାମ ଅଧୀନରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ରାଜ୍ୟର ୩୦ ଜିଲାରୁ ମନୋନୀତ ହୋଇଥିବା ୧୨୮ କୃତୀ ଛାତ୍ରୀଛାତ୍ର ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆୟର ଯୋଗଦେଇ ଓଡ଼ିଆପ୍ରେନ୍ୟୁର ସ୍ମାର୍ଟ ଓଡିଶା ହାକାଥନ ଉପରେ ଆଲୋକପାତ କରିଥିଲେ। ସେ କହିଲେ, ୨୦୨୩ ନଭେମ୍ବର ଓ ଡିସେମ୍ବରରୁ ବିଦ୍ୟାଳୟ ଓ ଜିଲାସ୍ତରୀୟ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ମୋଟ ୧୨୮ଟି ପ୍ରୋଜେକ୍ଟକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଲାଗି ମନୋନୀତ କରାଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଯୋଗଦେଇ ଓଡ଼ିଆପ୍ରେନ୍ୟୁର ଛାତ୍ରୀଛାତ୍ରଙ୍କ ପାଇଁ ଏକ ବୃହତ୍ ପ୍ଲାଟଫର୍ମ, ଯାହାକି ସାମାଜିକ କଲ୍ୟାଣ ଓ ସମାଜର ରୂପାନ୍ତରୀକରଣ ଦିଗରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଏହି ହାକାଥନ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଏକ ସୃଜନାତ୍ମକ ଚିନ୍ତାଧାରା ସୃଷ୍ଟି କରିବା ସହ ସେମାନଙ୍କ ମେଧା ଶକ୍ତି ବୃଦ୍ଧି କରି ସମାଜ ବିକାଶ କ୍ଷେତ୍ରରେ ସହାୟକ ହୋଇ ପାରିବ ବୋଲି କହିଥିଲେ। ଓୟୁଟିଆର୍‌ର ଇନୋଭେଟିଭ୍ ସେଲର ନୋଡାଲ ଅଫିସର ପ୍ରଫେସର ରଞ୍ଜନ ପ୍ରଧାନ ଏହି ଦୁଇଦିନିଆ ହାକାଥନ ପ୍ରତିଯୋଗିତା ସମ୍ପର୍କରେ କହିବା ସହ ଏହା ନୂତନତା ଓ ସୃଜନତା ପରି ପ୍ରକାଶ କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ରେଣୁ ପ୍ରଭା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେବା ନୈତିକ ଦାୟିତ୍ୱ




**ଖୋର୍ଦ୍ଧା,୩୦।୯(ପ୍ରଭାତ ପାଣିଗ୍ରାହୀ)**

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧାର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଗୁରୁଜଙ୍ଗ ସ୍ଥିତ ଧବଳେଶ୍ୱର କଲ୍ୟାଣ ମଣ୍ଡପରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦେବ ପ୍ରସାଦ ମଜୁମଦାର ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବରିଷ୍ଠ ନାଗରିକ ପରିବାର ଓ ସମାଜର ପଥ ପ୍ରଦର୍ଶକ। ସେମାନେ ବୋଝ ନୁହନ୍ତି, ବରଂ ଉଚିତ ମାର୍ଗ ପ୍ରଶସ୍ତ କରିଥାନ୍ତି। ସେମାନଙ୍କ ପ୍ରେରଣା, ଆଶୀର୍ବାଦ ଆଗକୁ ବଢ଼ିବାକୁ ଶକ୍ତି ଓ ପରିବାରରେ ଶୃଙ୍ଖଳା ବଜାୟ ରଖିଥାଏ। ବରିଷ୍ଠ ନାଗରିକଙ୍କୁ ସମାଜରେ ଯଥୋଚିତ ସମ୍ମାନ ପ୍ରଦାନ ସମସ୍ତଙ୍କ ନୈତିକ ଉତ୍ତରଦାୟିତ୍ୱ ବୋଲି ମିତ୍ର କହିଥିଲେ। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିଧାନ ଚନ୍ଦ୍ର ମହାନ୍ତି, ଭୀମସେନ ପ୍ରଧାନ, ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଉପସଭାପତି ଅଖିଳ ଚନ୍ଦ୍ର ପ୍ରଧାନ, ହାଜି ନସିମ୍ ଉଦ୍ଦିନ୍ ଖାଁ, ବିପ୍ରଚରଣ ବେହେରା, ଯୁଗ୍ମ ସମ୍ପାଦକ ବସନ୍ତ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚର ସମ୍ପାଦକ ରାମଶଙ୍କର ବୈଠକ ଆଭିମୁଖ୍ୟ ଓ ସ୍ୱାଗତ ଭାଷଣରେ ବିଭିନ୍ନ ପ୍ରସଙ୍ଗର ଉପରେ ଆଲୋକପାତ କରିଥିଲେ। ମଞ୍ଚ ପକ୍ଷରୁ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ବରିଷ୍ଠ ନାଗରିକମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉନାହିଁ। ସରକାରୀ ଅଧିକାରୀମାନେ ସୌଜନ୍ୟତା ଦୃଷ୍ଟିରୁ ବସିବା ପାଇଁ ଚେୟାର ମଧ୍ୟ ଦେବାକୁ ପଛଘୁଞ୍ଚା ଦେଉଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଜଟଣୀ ରୋଟାରୀ କ୍ଲବ ଜିଲାର ଆସିଷ୍ଟାଣ୍ଟ ଗଭର୍ନର ଆଦି ନାରାୟଣ ଖଣ୍ଡୁଆଳ ବରିଷ୍ଠ ନାଗରିକମାନଙ୍କୁ ମାସ୍କ ବଣ୍ଟନ କରିଥିଲେ। ବୈଠକରେ ସନ୍ତୋଷ କୁମାର ଦାସ, ରବୀନ୍ଦ୍ର କୁମାର ସାହୁ, ସତ୍ୟବ୍ରତ ଦାସ, କୃଷ୍ଣଚନ୍ଦ୍ର ସାହୁ, ବିପିନ ବିହାରୀ ମିଶ୍ର, କୃଷ୍ଣ ଚନ୍ଦ୍ର ହରିଚନ୍ଦନ, ଡ.ପ୍ରମୋଦ ଚନ୍ଦ୍ର ଦାଶ, ରତ୍ନାକର ରଣସିଂହ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କ୍ଷେତ୍ରବାସୀ ସାହୁ, ନବ କିଶୋର ମହାପାତ୍ର, ରବିନାରାୟଣ ସେନାପତି, ବଦ୍ରି ନାରାୟଣ ସାହୁ, ସୁରେନ୍ଦ୍ର ପଟ୍ଟନାୟକ, ହେମନ୍ତ କୁମାର ମିଶ୍ର, ଶତ୍ରୁଘ୍ନ ବିଶୋଇ, ସୁବାସ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।


ହରିପୁର ଦୋଳମୁଣ୍ଡାଇ ମା' ବିମଳାଙ୍କ ରୁଦ୍ରାଣୀ ବେଶ।


ମା' ବାସନ୍ତୀଦୁର୍ଗାଙ୍କ ଭୁବନେଶ୍ୱରୀ ବେଶ।


ମା' ଗଡ଼ଚଣ୍ଡୀଙ୍କ କମଳା ବେଶ।


ମା' ଝାଞ୍ଜିରୀ ମଙ୍ଗଳାଙ୍କ ଚାମୁଣ୍ଡା ବେଶ।


ମା' କଟକ ଚଣ୍ଡୀଙ୍କ ନାରାୟଣୀ ବେଶ।


ପଠାପୁର ମା' ଧାକୁଲେଇଙ୍କ କମଳା ବେଶ।

## ସଂକ୍ଷେପରେ

### ବାଇକ୍ ଡିକିରୁ ଟଙ୍କା ଲୁଟ୍

**କଣ୍ଟାପଡା,୩୦।୯(ସୁରନାରାୟଣ ସାହୁ):** ଗୋବିନ୍ଦପୁର ଥାନା ଅଧୀନ ବଡ଼ମୂଳାଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକିରୁ ୨ ଜଣ ଦୁର୍ବୃତ୍ତ ଦେଢ଼ଲକ୍ଷ ଟଙ୍କା ଲୁଟି ନେଇଥିବା ସମ୍ପର୍କରେ ସୋମବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ୨୦୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗରୁ ଜଣାପଡ଼ିଛି, ବଡମୂଳାଇ ଗ୍ରାମର ବୈକୁଣ୍ଠ ରାଉତରାୟ ଅପରାହ୍ନ ୧ଟା ୩୦ ସମୟରେ ଓଲଟପୁର ଥାନା ଅଧୀନ ଅଡଶପୁର କାନାରା ବ୍ୟାଙ୍କରୁ ଦେଢ଼ଲକ୍ଷ ଟଙ୍କା ଉଠାଇ ବାଇକ (ଓଆର୍ ୦୨ ଏଭି ୩୧୯୦)ରେ ଘରକୁ ଫେରୁଥିଲେ। ଉକ୍ତ ଟଙ୍କାକୁ ସେ ଜଣେ ବ୍ୟକ୍ତିଙ୍କୁ ଦେବାର ଥିବାରୁ ଅପରାହ୍ନ ୨ଟାବେଳେ ସେ ଘର ଆଗରେ ବାଇକ୍ ରଖି ମୁହଁ ଧୋଇବାକୁ ଯାଇଥିଲେ। ସେ ଘର ସମ୍ମୁଖରେ ବସିଥିବାବେଳେ ୨ ଜଣ ଦୁର୍ବୃତ୍ତ ହଠାତ୍ ଗାଡ଼ି ନିକଟରେ ପହଞ୍ଚି ବାଇକ୍ ଡିକି ଖୋଲି ଉକ୍ତ ଟଙ୍କା ସମେତ କିଛି ଦରକାରୀ କାଗଜପତ୍ର ଲୁଟି ନେଇ ସେଠାରୁ ଫେରାର ହୋଇ ଯାଇଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**କଟକ ସଦର,୩୦।୯(ସୁଶାନ୍ତ କୁମାର ଜେନା):** କଟକ ସହର ମାଳୀ ସାହିର ଧର୍ମ ପ୍ରାଣ ମହିଳା ଲିଳାମୟୀ ଜେନା(୯୦)ଙ୍କ



ସୋମବାର ନିଜ ବାସ ଭବନରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତା ଜେନା ପୂର୍ବତନ ଜିଲା ଜଜ୍ ତଥା ବାରବାଟୀ ଷ୍ଟାଡିୟମ ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ପୀତାମ୍ବର ଜେନାଙ୍କ ଧର୍ମପତ୍ନୀ ଓ କଟକର ପୂର୍ବତନ ଜିଲାପାଳ ପ୍ୟାରୀମୋହନ ସାମନ୍ତରାୟଙ୍କ ଝିଆରୀ ଥିଲେ। କଟକ ଖାନ ନଗର ଶ୍ମଶାନରେ ତାଙ୍କ ଶବ ସତ୍କାର କରାଯାଇଥିଲା। ପୁତୁରା ତପନ କୁମାର ଜେନା ମୁଖାଗ୍ନି ଦେଇଥିଲେ।

# 'ଲୋକଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବୁ'

**ଭୁବନେଶ୍ୱର,୩୦।୯ (ସୂର୍ଯ୍ୟକାନ୍ତ ବେହେରା)**

## ଦାୟିତ୍ୱ ଗ୍ରହଣ କଲେ ନୂଆ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ



ରାଜ୍ୟ ସରକାର ଆଇପିଏସ୍ ସ୍ତରରେ ଅଦଳବଦଳ କରିବାର ଦିନକ ପରେ ସୋମବାର କଟକ-ଭୁବନେଶ୍ୱରର ନୂଆ ପୋଲିସ କମିଶନର ଭାବେ ୧୯୯୮ ବ୍ୟାଚ୍‌ର ସୁରେଶ ଦେବଦତ୍ତ ସିଂ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗାର୍ଡ ଅଫ୍ ଅନର ପ୍ରଦାନ ପରେ ପୂର୍ବତନ କମିଶନର ସଞ୍ଜୀବ ପଣ୍ଡା ତାଙ୍କୁ ସୋମବାର ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହା ପୂର୍ବରୁ ଆଇପିଏସ୍ ଅଫିସର ଦେବଦତ୍ତ ଏଡିଜିପି (ଅପରେଶନ) ଦାୟିତ୍ୱ ତୁଲାଉଥିଲେ। ମାଓବାଦୀ ଅପରେଶନକୁ ସଫଳତାର ସହ ପରିଚାଳନା ଓ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ହେଉଥିବା ଗଞ୍ଜେଇ ଚାଷକୁ ଡ୍ରୋନ୍ ସାହାଯ୍ୟରେ ଚିହ୍ନଟ କରି ତାହାକୁ ନଷ୍ଟ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଏହାସହ ଚଳିତବର୍ଷ ମାଓବାଦୀ ହିଂସା ମୁକ୍ତ ନିର୍ବାଚନ କରାଇବା ତାଙ୍କର ବଡ ସଫଳତା ବୋଲି ବିବେଚନା କରାଯାଉଛି। ଦାୟିତ୍ୱ ଗ୍ରହଣ କରିବା ପରେ ପୋଲିସ କମିଶନର ସିଂ କହିଛନ୍ତି, ପୋଲିସ ଅପରାଧୀଙ୍କ ପ୍ରତି କଠୋର ଓ ଲୋକଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବ। ଏହାସହ ଥାନାକୁ ଆସୁଥିବା ଲୋକଙ୍କ ପ୍ରତି ପୋଲିସ ସମ୍ବେଦନଶୀଳ ରହିବ। ଆଇନ ପରିସରରେ ରହି ଯଥାସମ୍ଭବ ନ୍ୟାୟ ଦିଆଯିବ ବୋଲି ସେ କହିଛନ୍ତି। ତେବେ କଟକ ଓ ଭୁବନେଶ୍ୱରରେ ଆପରାଧିକ କାର୍ଯ୍ୟକଳାପ ରୋକିବା, ଗଞ୍ଜେଇ ଚୋରା ଚାଲାଣ, ସାଇବର କ୍ରାଇମ୍ ତଥା ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦକ୍ଷତାର ସହ ପରିଚାଳନା କରିବାରେ କମିଶନର ସିଂ କିପରି ଭୂମିକା ନିର୍ବାହ କରୁଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିବ। ଅପରପକ୍ଷେ ବିଦାୟୀ ପୋଲିସ କମିଶନର ସଞ୍ଜୀବ ପଣ୍ଡା ବିଦାୟ ନେବାବେଳେ ସମସ୍ତ ପୋଲିସ ଅଧିକାରୀଙ୍କ ସହ ହାତମିଳାଇଥିଲେ। ଏହି ଅବସରରେ ସେ ଗଣମାଧ୍ୟମ ଆଗରେ ଗତ ୮ ମାସରେ ହାସଲ କରିଥିବା ସଫଳତା ବିଷୟରେ ବଖାଣିଥିଲେ। ସେ କହିଲେ, ବିଗତ ଦିନ ଖୁବ୍ ଚ୍ୟାଲେଞ୍ଜିଂ ଥିଲା। ସମସ୍ତ ଅଧିକାରୀଙ୍କ ସହାୟତାରେ ନିର୍ବାଚନକୁ ସୁପରିଚାଳନା କରିଥିଲୁ। ବହୁ ଚୋରି ସାମଗ୍ରୀ ଫେରାଇ ଆଣିଛୁ। ୨୦୦ ପାଖାପାଖି ସୁନା ଚେନ, ହଜାରେ ବାଇକ ଜବତ କରିପାରିଛୁ ବୋଲି ପଣ୍ଡା କହିଥିଲେ।

# ଆରତି ଷ୍ଟିଲ ଚତୁଃପାର୍ଶ୍ୱରେ ୧୬୩ ଧାରା ଜାରି

**ଖୁଣ୍ଟୁଣୀ,୩୦।୯(ସଚ୍ଚିଦାନନ୍ଦ ପଣ୍ଡା)**

## ଆଜି ହିନ୍ଦ ମଜଦୁର ୟୁନିୟନର ଧାରଣା

ହିନ୍ଦ ମଜଦୁର ସଂଘ ବିଭିନ୍ନ ଦାବି ନେଇ ଅକ୍ଟୋବର ୧ରେ ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲଠାରେ ଥିବା ଆରତି ଷ୍ଟିଲ ଆଣ୍ଡ ପାୱାର କାରଖାନା ଆଗରେ ଧାରଣା ଦେବାର କାର୍ଯ୍ୟକ୍ରମ ଥିଲା। ତେବେ ଧାରଣା ପୂର୍ବରୁ ଆଠଗଡ଼ ପ୍ରଶାସନ କାରଖାନାର ଉଭୟ ୧ ନଂ. ଓ ୨ ନଂ. ଫାଟକ ଓ ତା'ର ଚତୁଃପାର୍ଶ୍ୱରେ ୧ଶହ ମିଟର ଅଞ୍ଚଳରେ ୧ ତାରିଖ ସକାଳଠାରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଧାରା ୧୬୩ ଲାଗୁ କରିଛି। ମଙ୍ଗଳବାର ହିନ୍ଦ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ଆରତି ଷ୍ଟିଲ ଆଣ୍ଡ ପାୱାର ମଜଦୁର ୟୁନିୟନ ପକ୍ଷରୁ ଶ୍ରମିକଙ୍କ ମଜୁରି ବୃଦ୍ଧି, ଧୂଳି ଓ ଉତ୍ତାପ ଭତ୍ତା ଦୈନିକ ୩୦ ଟଙ୍କାକୁ ବୃଦ୍ଧି, ଶ୍ରମିକ କଲ୍ୟାଣ ଆଇନ ଅନୁଯାୟୀ ଠିକା ଶ୍ରମିକଙ୍କୁ ସମସ୍ତ ସୁବିଧା ପ୍ରଦାନ ଆଦି ୧୧ ଦଫା ଦାବି ନେଇ କାରଖାନା ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥାନ୍ତା। ହେଲେ ଧାରଣାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଥିବାରୁ ଆଠଗଡ଼ ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ପ୍ରହ୍ଲାଦ ନାରାୟଣ ଶର୍ମା ଅକ୍ଟୋବର ୧ ସକାଳୁ କାରଖାନା ଓ ତା'ର ଚତୁଃପାର୍ଶ୍ୱର ଶହେ ମିଟରରେ ୧୬୩ ଧାରା ଜାରି କରିଛନ୍ତି। ଏନେଇ ସୋମବାର ରାତିରେ ଖୁଣ୍ଟୁଣୀ ଥାନା ଆଇଆଇସି ରବୀନ୍ଦ୍ର ନାଥ ବେହେରା କହିଛନ୍ତି। ଏହି ସମୟ ମଧ୍ୟରେ ଉକ୍ତ ସ୍ଥାନରେ ୫ରୁ ଅଧିକ ଲୋକ ଏକାଠି ନ ହେବା ଓ ସଭା ସମିତି ନ କରିବାକୁ ପ୍ରଶାସନ ପକ୍ଷରୁ ରୋକ ଲଗାଯାଇଛି। ଏବେ ଖୁଣ୍ଟୁଣୀ ଥାନା ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ଧାରା ୧୬୩ ଲାଗୁ ହେବା ନେଇ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି। ଏଠାରେ ସୋମବାରଠାରୁ ପୋଲିସ ପ୍ରଶାସନ ପକ୍ଷରୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ୪ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ଥାନା ଅଧିକାରୀ ବେହେରା ସୂଚନା ଦେଇଛନ୍ତି।

# 'ବୈଷୟିକ ଶିକ୍ଷାକୁ ନୂତନ ଦିଶା ଦେଇଛନ୍ତି ଧନେଶ୍ୱର'

**କଟକ,୩୦।୯(କାର୍ତ୍ତିକ ସାହୁ)**



## ଧନେଶ୍ୱର ରଥ ସ୍ମୃତି ସମାରୋହ

### ୬ ଜଣଙ୍କୁ ଧନେଶ୍ୱର ରଥ ଶିକ୍ଷାବିତ୍ ସମ୍ମାନ

ଧନେଶ୍ୱର ରଥ ସ୍ମୃତି ସଂସଦ ପକ୍ଷରୁ ସାମାଜିକ କର୍ମୀ ଓ ଶିକ୍ଷାବିତ୍ ଧନେଶ୍ୱର ରଥଙ୍କ ସ୍ମୃତିରେ ସୋମବାର ଶାରଳା ଭବନଠାରେ ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ହାଇକୋର୍ଟର ପୂର୍ବତନ ବିଚାରପତି ଡ. ମଦନମୋହନ ଦାସ ଉଦ୍‌ଘାଟନ କରି କହିଲେ, ଧନେଶ୍ୱର ରଥ ବୈଷୟିକ ଶିକ୍ଷାକୁ ନୂତନ ଦିଶା ଦେଇଛନ୍ତି। ଧନେଶ୍ୱର ବାବୁ ଜଣେ ସମାଜସେବୀ ଓ ଦରଦୀ ମଣିଷ ଥିଲେ।

ସ୍ମୃତି ସଂସଦର ସଭାପତି ଡ. (ଇଂ) ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ୍ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର ଯୋଗଦେଇ କହିଲେ, ଡ୍ରିମ୍‌ସ ଭଳି ଏକ ବିଶାଳ ଅନୁଷ୍ଠାନ ଗଠନ କରି ବୈଷୟିକ ଶିକ୍ଷାର ବିକାଶ ଓ ଉନ୍ନତିସାଧନରେ ଧନେଶ୍ୱର ରଥ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ସେ ଦୁଃଖୀରଙ୍କିଙ୍କ ବନ୍ଧୁ ଥିଲେ। ସେହିପରି ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଫେସର୍ ଡ. ହରେକୃଷ୍ଣ ଶତପଥୀ କହିଲେ, ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ଜାତୀୟ-ଅନ୍ତର୍ଜାତୀୟ ସ୍ତରରେ ସୁଯୋଗ୍ୟ କରିବାରେ ଧନେଶ୍ୱର ରଥ ଥିଲେ ସମର୍ପିତ ମଣିଷ। ସେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ସମ୍ମାନିତ ବକ୍ତା ଡ. ଭାଗବତ ଶୁକ୍ଳ ଧନେଶ୍ୱରଙ୍କ ଜୀବନାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୬ ଜଣ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର୍ ଚିନ୍ମୟୀ ମହାପାତ୍ର, ଡ. ସଂଘମିତ୍ରା ବେହେରା, ଡ. ବିରଞ୍ଚି କୁମାର ସାହୁ, ସୁଧାଂଶୁବାଳା ଦେବୀ, ଗଙ୍ଗୋତ୍ରୀ ରଥ, ମହେନ୍ଦ୍ର କୁମାର ଘଡ଼େଇଙ୍କୁ ଧନେଶ୍ୱର ରଥ ଶିକ୍ଷାବିତ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଡ. ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଧନେଶ୍ୱରଙ୍କୁ ଭାରତୀୟ ଶିକ୍ଷାଜଗତର କିମ୍ବଦନ୍ତୀ ପୁରୁଷ ଭାବେ ଅଭିହିତ କରିବା ସହିତ ତାଙ୍କ ପ୍ରତିଷ୍ଠିତ ଡ୍ରିମସ୍ ଅନୁଷ୍ଠାନ ଆମ ଓଡ଼ିଶାର ଗର୍ବ ଗୌରବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍‌ସ ନିର୍ଦ୍ଦେଶକ ତଥା ଜାମାତା ବଳରାମ କର ଓ ପୁତ୍ର ପ୍ରଦୀପ ଚନ୍ଦ୍ର ରଥ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସଦର ସମ୍ପାଦକ ସଂଜିତ୍ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିରାକାର ସାହୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, ଗୋପୀନାଥ ପଣ୍ଡା, କାନ୍ତିବାଳା ନାୟକ, ଅଧ୍ୟାପକ କ୍ଷୀରୋଦ କୁମାର ସାହୁ ପ୍ରମୁଖ ମାନପତ୍ର ପାଠ କରିଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ଚାଉଳ ବୋଝେଇ ଟ୍ରକ୍

**କଟକ ସଦର, ୩୦।୯ (ସୁଶାନ୍ତ କୁମାର ଜେନା)**

କିଶନନଗର ଥାନା ଅଧୀନ ସୋମପୁର କେନାଲ ବନ୍ଧ ନିକଟରେ ଏକ ସାଧାରଣ ବଣ୍ଟନ (ପିଡିଏସ୍) ଚାଉଳ ବୋଝେଇ ଟ୍ରକ ସୋମବାର ସନ୍ଧ୍ୟାରେ ଓଲଟି ପଡ଼ିଥିଲା। ଫଳରେ ଉକ୍ତ ଟ୍ରକ୍‌ରେ ଥିବା ୨୭୦ ବସ୍ତା ଚାଉଳ ପାଣିରେ ପଡ଼ି ଯାଇଥିଲା। ଏହି ଚାଉଳ ଟ୍ରକ୍‌ଟି ସ୍ଥାନୀୟ ଡିଲରଙ୍କ ଦୋକାନକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା କୁହାଯାଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ୨ ବର୍ଷ ପରେ ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ କରାଗଲା



**ମଙ୍ଗୁଳି-ଜଗତପୁର,୩୦।୯(ମାନସ ସାମଲ)**

ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତର କଣି ପ୍ରାଥମିକ ବିଦ୍ୟାଳୟରେ ଗତ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ବିଦ୍ୟୁତ୍ ସଂଯୋଗ ନ ଥିବାବେଳେ ସୋମବାର ବିଦ୍ୟୁତ୍ ସଂଯୋଗ କରାଯାଇଛି। ଟାଙ୍ଗୀ-ସାଲେପୁରର ଭାଜପା ଯୁବ ସଙ୍ଗଠକ ହିମାଂଶୁ ମହାନ୍ତିଙ୍କ ଉଦ୍ୟମରେ ଏହା ସଫଳ ହୋଇଥିବାରୁ ଅଭିଭାବକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

ସୂଚନାନୁଯାୟୀ, କୌଣସି ଏକ କାରଣ ପାଇଁ ସ୍କୁଲରେ ୨ ବର୍ଷ ହେଲା ବିଦ୍ୟୁତ୍ ସଂଯୋଗ ଦିଆଯାଇ ନ ଥିଲା। ଛାତ୍ରୀଛାତ୍ର ଓ ଅଙ୍ଗନୱାଡ଼ି ପିଲାମାନେ ଗରମରେ ଅସୁସ୍ଥତା ଅନୁଭବ କରୁଥିବାବେଳେ ଏକାଧିକବାର ଚେତାଶୂନ୍ୟ ହୋଇ ପଡୁଥିଲେ। ଏହାର ପ୍ରତିବାଦରେ ଦୀର୍ଘ ୨ ବର୍ଷ ହେବ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିବାବେଳେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା। ଗତ ୭ ଦିନ ହେବ ବିଦ୍ୟାଳୟର ପରିଚାଳନା କମିଟି, ଛାତ୍ରୀଛାତ୍ର ଓ ଅଭିଭାବକ ଫାଟକରେ ତାଲା ପକାଇ ଧାରଣ ଦେଇଥିଲେ। ଏହି ଧାରଣାକୁ ଯୁବ ସଙ୍ଗଠକ ହିମାଂଶୁ ସମର୍ଥନ କରିବା ସହ ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ କୁନ୍ତଳା ଖଟୁଆ ଓ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଭବାନୀ ଶଙ୍କର ଦାସଙ୍କୁ ସାକ୍ଷାତ୍ କରି ୭ ଦିନ ମଧ୍ୟରେ ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି କରିଥିଲେ। ଯଦି ଏହାର ଖିଲାପ ହୁଏ, ଆଗାମୀ ଦିନରେ ବିଦ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇ ଦେବାକୁ ଚେତାବନୀ ଦେଇଥିଲେ। ଯଥାଶୀଘ୍ର ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣାରୁ ଓହରିଥିଲେ। ପ୍ରତିଶ୍ରୁତି ମୁତାବକ, ବିଦ୍ୟୁତ୍ ବିଭାଗ ସୋମବାର ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ କରିଛି। ବିଦ୍ୟାଳୟର ପରିଚାଳନା କମିଟି ଓ ଅଭିଭାବକ ପକ୍ଷରୁ ଏହାର ଶ୍ରେୟ ଯୁବ ସଂଗଠକ ହିମାଂଶୁଙ୍କୁ ଦେବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# 'ଚାନ୍ଦି ଅଳଙ୍କାରରେ ଝଲସିବେ ମା''

**କଟକ,୩୦।୯(ଶିଲ୍ପା ପ୍ରିୟଦର୍ଶିନୀ)**

ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆଗମନ ନେଇ ଉତ୍ସବ ମୁଖର ହୋଇ ଉଠିଲାଣି ପୁରପଲ୍ଲୀ। ମାତ୍ର ଦିନ କେଇଟାର ଅପେକ୍ଷା ପରେ ଧରାବତରଣ କରିବେ ମା'। ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କୁ ଆବାହନ କରିବା ପାଇଁ ପ୍ରସ୍ତୁତି ଚାଲିଛି। ବିନୋଦ ବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଧୁମ୍‌ଧାମ୍‌ରେ ପୂଜା ପାଳନ ନିମନ୍ତେ ପ୍ରସ୍ତୁତି ଜାରି ରହିଛି। ଚଳିତବର୍ଷ କମିଟି ପକ୍ଷରୁ ୧୫ଲକ୍ଷ ଟଙ୍କାର ବଜେଟ୍ ହୋଇଛି। ପୂଜାରେ ୩୫ ଫୁଟ୍ ଉଚ୍ଚତା ବିଶିଷ୍ଟ ୩ଟି ଲାଇଟ ଗେଟ୍ ଲଗାଯିବ। ଏହି ପୂଜା କମିଟି କଟକର ପ୍ରଥମ ବା ସର୍ବପୁରାତନ ପୂଜା ମଣ୍ଡପ ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି।

କିମ୍ବଦନ୍ତୀ ଅନୁଯାୟୀ, ନଦିଆ ନବଦୀପରୁ ପୁରୀ ଯିବା ବାଟରେ ଶ୍ରୀଚୈତନ୍ୟ ଦେବ ମହାନଦୀର ଗଡ଼ଗଡିଆ ଘାଟରେ ଓହ୍ଲାଇଥିଲେ। ତତ୍କାଳୀନ ରାଜା ପ୍ରତାପରୁଦ୍ର ଦେବ ତାଙ୍କୁ ସ୍ୱାଗତ କରିବା ସହ ରାଜବାଟିକୁ ନିମନ୍ତ୍ରଣ କରିଥିଲେ। କିନ୍ତୁ ଶ୍ରୀଚୈତନ୍ୟ ବିନୋଦ ବିହାରୀ ମନ୍ଦିରରେ ଅବସ୍ଥାନ କରିବାକୁ ଚାହିଁଥିଲେ। ରହଣି ସମୟରେ ଶରତ କାଳୀନ ଦୁର୍ଗାପୂଜା ପଡ଼ିବାରୁ ଶ୍ରୀଚୈତନ୍ୟ ନିଜ ହାତରେ ମା'ଙ୍କ ମୂର୍ତ୍ତି ଗଢ଼ି ପୂଜା ଆରମ୍ଭ କରିଥିଲେ। ୧୫୦୯ ମସିହାରୁ ମା'ଙ୍କ ପୂଜାର୍ଚ୍ଚନା କରାଯାଇଆସୁଛି। ୧୦ ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତିକୁ ବାନାର୍ଜୀ ପରିବାର ନିର୍ମାଣ କରିବାରେ ଲାଗିପଡ଼ିଛନ୍ତି। ୨୦୦୨ ମସିହାରେ ୩ କୁଇଣ୍ଟାଲ ୨୦ କେଜି ଓଜନର ଚାନ୍ଦିମେଢ଼ କରାଯାଇଥିଲା। ୧.୬ କୁଇଣ୍ଟାଲ ଓଜନର ଚାନ୍ଦିର ମା' ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ଅଳଙ୍କାର ରହିଛି। ମହାସପ୍ତମୀରୁ ଦଶମୀ ଯାଏ ଅନ୍ନଭୋଗ ଲାଗି କରାଯିବ। ମହାଷ୍ଟମୀରେ ୫ ହଜାର ମହିଳା ଶ୍ରଦ୍ଧାଳୁଙ୍କ ପାଇଁ ବ୍ରତ ପୂଜା କରିବା ନେଇ ବ୍ୟବସ୍ଥା ହୋଇଛି। ନବମୀରେ ୫୦ କେଜି ବୁନ୍ଦି ଭୋଗ ଏବଂ ଦଶମୀରେ ଦହି ପଖାଳ ଭୋଗ ଲାଗି କରାଯାଇ ଦୁଇହଜାର ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ମା'ଙ୍କ ନିକଟରେ ମହିଳାମାନେ ସିନ୍ଦୁର ଖେଳିଥାନ୍ତି। ଭସାଣି ଯାତ୍ରାରେ ବ୍ୟାଣ୍ଡ ପାର୍ଟି ଓ ଝଙ୍କଡ଼ ସାରଳାରୁ ଆସୁଥିବା ଘଣ୍ଟ ବାଦ୍ୟ ସହ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।




ବିନୋଦ ବିହାରୀ ବାଲୁବଜାର ପୂଜା କମିଟି



### ପ୍ଲାଷ୍ଟିକମୁକ୍ତ ପୂଜା ଉପରେ ଗୁରୁତ୍ୱ



"କମିଟି ପକ୍ଷରୁ ପ୍ଲାଷ୍ଟିକମୁକ୍ତ ପୂଜା କରିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁମାନେ ପ୍ଲାଷ୍ଟିକ ସାମଗ୍ରୀରେ ପୂଜା ସାମଗ୍ରୀ ଆଣିବାକୁ ବାରଣ କରାଯିବା ସହ ପ୍ଲାଷ୍ଟିକ ବ୍ୟବହାର ନ କରିବା ନିମନ୍ତେ ସଚେତନ କରାଯିବ।

– ପୃଥ୍ୱୀରାଜ ସାହୁ, ସଭାପତି

### ଶାଢ଼ି ବିଛାଇ ମାନସିକ କଲେ ପୂରଣ ହୁଏ



"ଏକାଦଶୀ ଦିନ ମା'ଙ୍କ ମେଲାଣି ସମୟରେ ଅଞ୍ଚଳବାସୀ ରାସ୍ତାରେ ଶାଢ଼ି ବିଛାଇଥାନ୍ତି ଏବଂ ମା'ଙ୍କ ନିକଟରେ ମାନସିକ କରିଥାନ୍ତି। ଏହାଦ୍ୱାରା ମାନସିକ ପୂରଣ ହେଉଥିବା ନେଇ ବିଶ୍ୱାସ ରହିଛି। ମହାଆଳତି କରାଯାଇ ମା'ଙ୍କୁ ବିଦାୟ ଦିଆଯାଇଥାଏ।

– ଈଶ୍ୱର ଚନ୍ଦ୍ର ବେହେରା, ସମ୍ପାଦକ

## ସଂକ୍ଷେପରେ

### ତରୁଣ ଭାରତର ଶ୍ରେଷ୍ଠ ସୌରଶକ୍ତି ଟେକ୍ନୋ କଣ୍ଟ୍ରିବ୍ୟୁଟର

କାକଟପୁର,୩୦।୯(ଶୁଭଦର୍ଶନ ମିଶ୍ର)



ଇକ୍ୟୁ ମାଗାଜିନର ସର୍ଭେ ଅନୁସାରେ ଭାରତର ଅଗ୍ରଣୀ ସୌରଶକ୍ତି କମ୍ପାନୀ ଜେନେସୋଲର ପ୍ରୋଜେକ୍ଟ ମୁଖ୍ୟ ଏଭିପି ଯୁବ ଇଞ୍ଜିନିୟର ତରୁଣ ପାଢୀ ଭାରତର ଶ୍ରେଷ୍ଠ ସୌରଶକ୍ତି ଟେକ୍ନୋ କଣ୍ଟ୍ରିବ୍ୟୁଟର ହୋଇଛନ୍ତି। ଇଂ. ପାଢୀଙ୍କ ଗବେଷଣା, ପରିଶ୍ରମ ଏବଂ କଠୋର ଅଧ୍ୟବସାୟ ବଳରେ ସୌରଶକ୍ତି କମ୍ପାନୀର ଶ୍ରେଷ୍ଠ ଟେକ୍ନୋ ଅବଦାନ ପାଇଁ ସମ୍ମାନିତ ହେବା ସହ ପ୍ରଶଂସିତ ହୋଇ ସମଗ୍ର ସୌରଶକ୍ତି ପ୍ରକଳ୍ପ ପାଇଁ ଗୌରବ ଆଣିଛନ୍ତି। ସେ କାକଟପୁର ବ୍ଲକ ଓଥକା ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା ରାଏସ୍ ଗ୍ରାମର ଧନେଶ୍ୱର ପାଢ଼ୀଙ୍କ ପୁତ୍ର। ତାଙ୍କର ଏ ସଫଳତା ପାଇଁ ତାଙ୍କୁ କାକଟପୁର ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇବା ସହ ଯୁବ ସାମାଜିକ କର୍ମୀ ସୁକାନ୍ତ ପରିଡ଼ା ତାଙ୍କ ଉତ୍ତୋରତ୍ତର କାମନା କରଛନ୍ତି।

### ବିଧାୟକଙ୍କ ଦ୍ୱାରା ଶ୍ରବଣ ଯନ୍ତ୍ର, ହୁଇଲଚେୟାର ବଣ୍ଟନ

ଯୋଗେଶରପୁର,୩୦।୯(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକଠାରେ ସୋମବାର କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ନୟାହାଟ ଅଞ୍ଚଳର ଧୂମାଳ ପଞ୍ଚାୟତର ଅଭିମନ୍ୟୁ ସାହୁଙ୍କୁ ଶ୍ରବଣ ଯନ୍ତ୍ର ଓ ଭାସ୍କର ସେଠୀଙ୍କୁ ହୁଇଲଚେୟାର, ମନୋରମା ସେଠୀ, ବାସନ୍ତୀ ମଲ୍ଲିକ, ଟିକିଲି ଭୋଇଙ୍କୁ ଭତ୍ତା ବାଣ୍ଟିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷା ବନ ପଟ୍ଟନାୟକ ଓ ଧୂମାଳ ଯୁବ ନେତା ଅଭିମନ୍ୟୁ ସିଂଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମିଳିନି ପୋଷାକ

କଣାସ,୩୦।୯(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକର ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ବର୍ତ୍ତମାନ ସୁଦ୍ଧା ପୋଷକ ମିଳି ନାହିଁ। ଫଳରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖବର ନେବାରେ ଜଣାପଡ଼ିଛି, ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୫ ସୁଦ୍ଧା ଛାତ୍ରୀଛାତ୍ରଙ୍କୁ ନୂତନ ପୋଷାକ ବିଦ୍ୟାଳୟ ପକ୍ଷରୁ ଯୋଗାଇ ଦିଆଯାଇଥାଏ। ଚଳିତବର୍ଷ ସେପ୍ଟେମ୍ବର ସରିଥିଲେ ମଧ୍ୟ ପୋଷାକ ମିଳି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଣାସ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୂର୍ଯ୍ୟ ନାରାୟଣ ନାୟକ କହିଛନ୍ତି, ପ୍ରତିବର୍ଷ ବିଦ୍ୟାଳୟ ପକ୍ଷରୁ ପୋଷାକ କିଣା ଯାଇ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯାଇଥାଏ। ଚଳିତବର୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ପୋଷାକ ଯୋଗାଇବାକୁ ନିର୍ଦ୍ଦେଶ ଥିବାରୁ ମଞ୍ଜୁର ପାଇଁ ଜିଲାପାଳଙ୍କ ପାଖକୁ ଯାଇଛି। ଶୀଘ୍ର ଯୋଗାଇ ଦିଆଯିବ ବୋଲି ନାୟକ କହିଥିଲେ।

# ଚିକିତ୍ସା ଆଳରେ ରୋଗୀଙ୍କୁ ଶୋଷଣ କରୁଛନ୍ତି କ୍ୱାକ୍

ଅସ୍ତରଙ୍ଗ, ୩୦।୯ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଅଞ୍ଚଳରେ ରୋଗୀଙ୍କ ପାଇଁ କାଳ ସାଜିଛନ୍ତି କ୍ୱାକ୍। ଗ୍ରାମାଞ୍ଚଳରେ ଲୋକଙ୍କ ଶିକ୍ଷା ଓ ସଚେତନତାର ଅଭାବ ସାଙ୍ଗକୁ ସରଳତାର ସୁଯୋଗ ନେଇ ଚିକିତ୍ସା ଆଳରେ କ୍ୱାକ୍‌ମାନେ ସେମାନଙ୍କୁ ଲୁଟିବାରେ ଲାଗିଛନ୍ତି। ଅନେକ ରୋଗୀ ପ୍ରଥମେ ଡାକ୍ତରଖାନା ଯିବା ପରିବର୍ତ୍ତେ ପ୍ରଥମେ କ୍ୱାକ୍‌ଙ୍କ ନିକଟକୁ ଆସୁଛନ୍ତି। ଫଳରେ ଆବଶ୍ୟକ ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡୁଛନ୍ତି। ଏ ନେଇ ପ୍ରଶାସନର ନଜର ନ ଥିବାରୁ କଟକଣା ଜାରି କିମ୍ବା ଧରପଗଡ଼ କରାଯାଉନାହିଁ।

ଏବେ ଅନେକ ଗାଁରେ କ୍ୱାକ୍‌ଙ୍କ ରାଜୁତି ଚାଲୁଛି। ଲୋକେ ଅସୁସ୍ଥ ହୋଇ ପଡ଼ିଲେ ଚିକିତ୍ସା ପାଇଁ କ୍ୱାକ୍‌ଙ୍କ ପାଖକୁ ଧାଉଁଛନ୍ତି। ଶିକ୍ଷା ଓ ସଚେତନତାର ଅଭାବ ସାଙ୍ଗକୁ ପରିବାରର ଅସ୍ୱଚ୍ଛଳତା ଏବଂ ଘରୋଇ ମେଡିକାଲରେ ଅତ୍ୟଧିକ ଖର୍ଚ୍ଚ ଏଥିପାଇଁ ଦାୟୀ ବୋଲି ବୁଦ୍ଧିଜୀବୀ ମତ ଦିଅନ୍ତି। ସେହିପରି ଲୋକେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ସେବା ପାଉନାହାନ୍ତି। କେଉଁଠି ଡାକ୍ତର ନାହାନ୍ତି ତ ଆଉ କେଉଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ମିଳୁନି। ତେଣୁ କ୍ୱାକ୍‌ଙ୍କ ଉପରେ ଭରସା କରିବାକୁ ରୋଗୀ ବାଧ୍ୟ ହେଉଛନ୍ତି। ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଶିଶୁଅ, କୋରଣା, ଉଦୟପୁର, ପୋଟଳ ଛକ, ସୁନ୍ଦର, ହୀରାଦେଈପୁର, କେନ୍ଦ୍ରାପଟି, ବାଘମୁଣ୍ଡା, ସରିପୁର, ତାଳଦା, ଆଳସାହି, ଖଣ୍ଡାସାହି ଛକ, ନଗର, ନୂଆଗଡ ଆଦି ଗ୍ରାମଗୁଡ଼ିକରେ କ୍ୱାକ୍‌ମାନେ ଚିକିତ୍ସାକୁ ଆଳ କରି ରୋଗୀଙ୍କୁ ଶୋଷଣ କରୁଛନ୍ତି। ଏ ସମ୍ପର୍କରେ ଅଭିଯୋଗ ହେଉଥିଲେ ବି ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସେହିପରି କ୍ୱାକ୍‌ଙ୍କ ଚିକିତ୍ସା ଉପରେ କଟକଣା ଲଗାଇବାକୁ ବୁଦ୍ଧିଜୀବୀମାନେ ଦାବି କରି ଆସୁଥିଲେ ମଧ୍ୟ ତାହାକୁ ପ୍ରଶାସନ କର୍ଣ୍ଣପାତ କରୁନାହିଁ।

**କଟକଣା କି ଧରପଗଡ଼ ନାହିଁ, ଚୁପ୍ ବସିଛି ପ୍ରଶାସନ**





ଗୋପ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭିନ୍ନକ୍ଷମ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି ।

## ହିତାଧିକାରୀଙ୍କୁ ଭତ୍ତା, ହୁଇଲ୍‌ଚେୟାର ବାଣ୍ଟିଲେ ଉପମୁଖ୍ୟମନ୍ତ୍ରୀ

ଗୋପ,୩୦।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଗୋପ ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେ ୨୬୧ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରିଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବିଡିଓ ଛବିରାଣୀ ସାହୁ, ଅତିରିକ୍ତ ବିଡିଓ ଦୀପକ କୁମାର ଜେନା, ବ୍ଲକ ସାମାଜିକ ଅଧିକାରୀ ମମତା କୁମାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଦଇତାପତି ନିଯୋଗ ପକ୍ଷରୁ ରକ୍ତଦାନ ଶିବିର

ପୁରୀ,୩୦।୯(ଅଜିତ୍ କୁମାର ମହାନ୍ତି)

ଦଇତାପତି ନିଯୋଗ ପକ୍ଷରୁ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସରେ ପୂଜ୍ୟପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ମରଣୀୟ କରିବା ପାଇଁ ନିଯୋଗ ପକ୍ଷରୁ ପ୍ରଥମ ଥର ପାଇଁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୁରୀ ସିଡିଏମଓ ଡା. ରୂପଭାନୁ ମିଶ୍ର, ଦଇତାପତି ନିଯୋଗ ସଭାପତି ଜଗନ୍ନାଥ ଦାସ ମହାପାତ୍ର, ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୁବ, ବରିଷ୍ଠ ଦଇତାପତି ମାନେ ସାମିଲ୍ ହୋଇଥିବା ବେଳେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସେହିପରି ସନ୍ଧ୍ୟାରେ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଦଇତାପତି ସମ୍ପ୍ରଦାୟର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ସିଡିଏମଓ ଡା. ରୁପଭାନୁ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ଅଭିଭାଷଣରେ ନିଯୋଗର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।




ଦଇତାପତି ନିଯୋଗ ପକ୍ଷରୁ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସରେ ଆୟୋଜିତ ପୂଜ୍ୟପୂଜା ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୩୦।୯(ଅଜିତ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଏବଂ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୧୦୯ଟି ଅଭିଯୋଗ ମିଳିଥିଲା। ତନ୍ମଧ୍ୟରୁ ୭୭ଟି ବ୍ୟକ୍ତିଗତ ଓ ୧୪ଟି ଗ୍ରାମ୍ୟ ସମ୍ପର୍କିତ ଅଭିଯୋଗ ରହିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୭ଟି ଆବେଦନ ଓ ରେଡକ୍ରସ୍‌ରୁ ସହାୟତା ସକାଶେ ଗୋଟିଏ ଆବେଦନ ମିଳିଥିଲା। ତନ୍ମଧ୍ୟରୁ ଗୋଟିକର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ଆଇନ ଅନୁଯାୟୀ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ତହସିଲଦାର ଅଭିଷେକ ଦାଶ, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଏହି ଶୁଣାଣିରେ ଯୋଗଦେଇଥିଲେ।

## ପାରିବାରିକ ବିବାଦକୁ କେନ୍ଦ୍ର କରି ମାରପିଟ୍

ନିମାପଡ଼ା,୩୦।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ବଉଳପଦା ସାମିଲ ଲୋକେଇଗୋରଡ଼ା ଗ୍ରାମରେ ପୂର୍ବ ଶତ୍ରୁତା, ପାରିବାର ବିବାଦକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ମାରପିଟ୍, ମହିଳାଙ୍କୁ ଅସଦାଚରଣ ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ଏଥିରେ ପୋଲିସ ଉଭୟ ପରିବାରର ଅଭିଯୋଗକୁ ଭିତ୍ତି କରି ୯ ଜଣଙ୍କ ବିରୋଧରେ ୨୯୨/୨୪ ଏବଂ ୨୯୩/୨୪ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଘଟଣାକୁ କେନ୍ଦ୍ର କରି ଗ୍ରାମରେ ୨ ପରିବାର ବର୍ଗଙ୍କ ମଧ୍ୟରେ ଚାରା ଉତ୍ତେଜନା ଲାଗି ରହିଛି। ଘଟଣାର ତଦନ୍ତ ପରେ ସମ୍ପୃକ୍ତ ଗଣ୍ଡଗୋଳକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ଗୋଟିଏ ପରିବାରର ୩ ଜଣ ଓ ଅନ୍ୟ ପକ୍ଷର ୬ ଜଣଙ୍କ ବିରୋଧରେ ଅଭିଯାଗ ହୋଇଛି।

## ଜାତୀୟ ସେବା ଯୋଜନା, ପ୍ରେରଣା ପ୍ରଦାନ ଉତ୍ସବ

ପିପିଲି,୩୦।୯(ପ୍ରଭାତ କୁମାର ମହାପାତ୍ର)

ପିପିଲି କଲେଜ ପରିସରରେ ଯୁକ୍ତ ୩ ଶ୍ରେଣୀର ଜାତୀୟ ସେବା ଯୋଜନା ତଥା ଏନ୍‌ଏସ୍‌ଏସ୍ ପ୍ରବେଶ କାର୍ଯ୍ୟକ୍ରମ ଓ ପ୍ରେରଣା ପ୍ରଦାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ତପନ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ପ୍ରଶାସକ ପ୍ରାଧ୍ୟାପକ ଭବେଶ ପ୍ରସାଦ ତ୍ରିପାଠୀ ଓ ପ୍ରାଧ୍ୟାପକ ସଦାଶିବ ଦାଶ, ଏନ୍‌ଏସ୍‌ଏସ୍ ପ୍ରାକ୍ତନ ଅଧିକାରୀ ଅଧ୍ୟାପକ ସଂଗ୍ରାମ କେଶରୀ ପରିଡ଼ା, ସଙ୍ଗୀତ ଅଧ୍ୟାପକ ସଚ୍ଚିକାନ୍ତ ନାୟକ, ଏନ୍‌ସିସି ଅଫିସର କ୍ୟାପଟେନ ଆଦିତ୍ୟ ପ୍ରସାଦ ରଥ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱେଚ୍ଛାସେବୀ ହେବାକୁ ପ୍ରେରଣାମୂଳକ ବକ୍ତବ୍ୟ ଦେଇଥିଲେ। ସୁସ୍ଥ ସମାଜ ଗଠନମୂଳକ ଉଦ୍ଦେଶ୍ୟ ରଖି ସମାଜରେ ସେବା ଯୋଗାଇ ଦେବାକୁ କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସୁସ୍ଥ ସମାଜ ଗଠନ ଲାଗି ଚାରାରୋପଣ, ଆବଶ୍ୟକ ସ୍ଥଳରେ ରକ୍ତଦାନ ସେବାରେ ଆଗେଇ ଆସିବାକୁ ଛାତ୍ରୀଛାତ୍ରଙ୍କୁ କଲେଜ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଏହାସହ ଏନ୍‌ଏସ୍‌ଏସ୍‌ର ବିଭିନ୍ନ ସେବା ମନୋଭାବ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ସଭାରେ ଅତିଥିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ବାନାମ୍ବର ସୁବୁଦ୍ଧି ଓ ଅଧ୍ୟାପିକା ସୁଶ୍ରୀ ସଙ୍ଗୀତା ପଶ୍ଚିମକବାଟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ୨ ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ଜ୍ୟୋତିପ୍ରକାଶ ସିଂଗ୍ରାଇନ ଉପସ୍ଥିତ ଥିବାବେଳେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଯୁକ୍ତ ୩ର ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ଚନ୍ଦ୍ରଭାଗା ବେଳାଭୂମି ସଫେଇ




କୋଣାର୍କ,୩୦।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋଣାର୍କର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ସ୍କାଉଟ୍, ଗାଇଡ, ଜାତୀୟ ସବୁଜ ବାହିନୀ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଅତିଥି ଭାବେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ପ୍ରମୁଖ ଯୋଗଦେଇ ସମସ୍ତଙ୍କ ପାଇଁ ସ୍ୱଚ୍ଛତା ଜରୁରୀ। ଆମ ପରିସର ସ୍ୱଚ୍ଛ ରଖିଲେ ସମାଜ ଓ ପରିବେଶ ସୁସ୍ଥ ରହିବ ବୋଲି କହିଥିଲେ। ଏହି ଅବସରରେ କଲ୍ୟାଣ ମଣ୍ଡପ ପରିସରରୁ ସ୍ୱଚ୍ଛ ଓ ସୁସ୍ଥ କୋଣାର୍କ ବାର୍ତ୍ତା ନେଇ ଏକ ସାଇକେଲ ରାଲି ବାହାରି ବଜାର ପରିକ୍ରମା କରି ଚନ୍ଦ୍ରଭାଗାରେ ପହଞ୍ଚିଥିଲା। ଶେଷରେ ଚନ୍ଦ୍ରଭାଗା ବେଳାଭୂମି ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜାତୀୟ ସବୁଜ ବାହିନୀ ସଂଯୋଜକ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ସଞ୍ଚାଳନ କରିଥିଲେ। ପରିମଳ ଯନ୍ତ୍ରୀ ଅଭିଷେକ ସ୍ୱାଇଁ, ଭାଗ୍ୟରଥି ବରାଳ, ଧର୍ମାନନ୍ଦ ପରିଡ଼ା, ପଞ୍ଚାନନ ଲେଙ୍କା ଓ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଧୂମାଳୋ ଗ୍ରାମ ପଞ୍ଚାୟତରେ ସ୍ୱଚ୍ଛତା ଅଭିଯାନ




ନୟାହାଟ/ଯୋଗେଶ୍ୱରପୁର, ୩୦।୯ (ମହମ୍ମଦ ସମସୁଲ ଆରେଫିନ/ରଶ୍ମିରଞ୍ଜନ ସାହୁ)

ଜିଲା ଜଳ ଓ ପରିମଳ ମିଶନ ସୌଜନ୍ୟରେ ସ୍ଥାନୀୟ ଧୂମାଳ ଗ୍ରାମ ପଞ୍ଚାୟତ ପକ୍ଷରୁ ସୋମବାର ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସରପଞ୍ଚ ମୋନାଲିସା ସିଂ, ସମିତି ସଭ୍ୟା ଭାନୁମତୀ ମାଣିକ, ନାଏବ ସରପଞ୍ଚ ଅଶୋକ ସାହୁ, ଅଭିମନ୍ୟୁ ସିଂ, ଆଲୋକ ରାୟ, ମହମ୍ମଦ ସମସୁଲ ଆରଫିନଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଧୂମାଳ ଗାଁ ରାସ୍ତା, ନୂଆମଠ ପରିସର, ନୂଆ ମଠ-ହାଇସ୍କୁଲ ଛକ ରାସ୍ତାକୁ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସାମାଜିକ କର୍ମୀ କରୁଣା କର ପାତ୍ର, ବିପିନ ବିହାରୀ ରାୟ, କାହ୍ନୁ ଚରଣ ନାୟକ, ପର୍ଶୁରାମ ରାୟ, ଦେବେନ୍ଦ୍ର ମହାନ୍ତି, ବ୍ରହ୍ମା ନନ୍ଦ ଦାସ, ଅଙ୍ଗନୱାଡ଼ି କର୍ମୀ, ଆଶା ଦିଦିଙ୍କ ସହିତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ସୁରଭି ହେଉଛି ପ୍ରତିଭା ବିକାଶର ମଞ୍ଚ

ଅସ୍ତରଙ୍ଗ,୩୦।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିବା ସୁରଭି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ଅନୁଷ୍ଠିତ ଆଞ୍ଚଳିକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ଏହା କହିଥିଲେ।

ଏହି ପରିପ୍ରେକ୍ଷୀରେ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ସାଧନ ସଂଯୋଜକ କେନ୍ଦ୍ରଗୁଡ଼ିକରେ ଅନୁରୂପ ଭାବେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରିପୁର ସାଧନକେନ୍ଦ୍ର ଅଧୀନ କେନ୍ଦ୍ରାପଟି ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନୀଳମଣି ମାଣିକ, ମୁଖ୍ୟବକ୍ତା ପ୍ରଧାନଶିକ୍ଷକ ପ୍ରିୟଦର୍ଶୀ ବିଶ୍ୱାଳ ଓ ସାଧନ ସଂଯୋଜକ ରବୀନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅସ୍ତରଙ୍ଗ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିତର୍କ, ବକ୍ତୃତା, ସଙ୍ଗୀତ, ନୃତ୍ୟ, ସୃଜନାତ୍ମକ ଲିଖନ, ହସ୍ତାକ୍ଷର, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା। ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଅତିରିକ୍ତ ଶିକ୍ଷାଧିକାରିଣୀ ସୁଧାଂଶୁବାଳା ଶତପଥୀ, ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ମୋ ବିଦ୍ୟାଳୟ ଉପଦେଷ୍ଟା ଦିବାକର ଛାଟୋଇ, ମୋ ବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ବଡ଼ିଆ, ସାଧନ ସଂଯୋଜକ ସନ୍ତୋଷ ସ୍ୱାଇଁ, ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହା ସହିତ ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ରଗୁଡ଼ିକରେ ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ର ଆଗାମୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ସାଧନ ସଂଯୋଜକ ସନ୍ତୋଷ ସ୍ୱାଇଁ ପ୍ରକାଶ କରିଛନ୍ତି।




ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ କଳାକୁ ବିକଶିତ କରୁଛି ସୁରଭି

ସାକ୍ଷୀଗୋପାଳ,୩୦।୯(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଗୋପୀନାଥ ଦେବ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ପାର୍ଥ ସାରଥି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ଲୁଚିଯାଉଥିବା କଳାକୁ ସୁରଭି ବିକଶିତ କରୁଛି ବୋଲି ଅତିଥି ତ୍ରିପାଠୀ କହିଥିଲେ। ଓଡ଼ିଶୀ ନୃତ୍ୟ ଶିଳ୍ପୀ ଚିରସ୍ରୋତା ଖୁଣ୍ଟିଆ ଓ ମୀରା ଦାଶ ସଙ୍ଗୀତ କାର୍ଯ୍ୟକ୍ରମର ବିଚାରକ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ରଙ୍କ ସହ ଦୀପାମୁଦ୍ରା ଗୁରୁ, ପୂଜା ମିଶ୍ର, ସ୍ମିତାଞ୍ଜଳୀ ପାଟଯୋଶୀ, ଶିକ୍ଷକ ବସନ୍ତ ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସେହିଭଳି ମାଳିସାହି ପି.ୟୁ.ପି. ସ୍କୁଲ ପରିସରେ ୧୧ଟି ବିଦ୍ୟାଳୟକୁନେଇ ମାଳିସାହି କ୍ଲଷ୍ଟରସ୍ତରୀୟ ସୁରଭି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମାଳିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ମଲ୍ଲିକ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ଦିଗନ୍ତ କୁମାର ପତି ଯୋଗ ଦେଇଥିଲେ। ଶକ୍ତିଧର ପାଟଶାଣି, ଦମୟନ୍ତୀ ସିଂ, କୁସୁମଲତା ନାୟକ, ସ୍ମରଣିକା ଦାଶ, ତପନ ମାଝୀ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଧନ୍ୟବାଦ ଦେଇଥିଲେ।



ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ କୃତୀ ଛାତ୍ରୀଛାତ୍ର ।

## ସଂକ୍ଷେପରେ

### ଗୋରାପୁର-ଦର୍ଲିପୁଟ ସେକ୍ସନ ଦୋହରୀକରଣ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)- ପୂର୍ବତଟ ରେଳପଥର ୱାଲ୍‌ଟିୟର ଡିଭିଜନର ୧୨.୬୪୯ କିମି ଗୋରାପୁର-ଦର୍ଲିପୁଟ ସେକ୍ସନ ଦୋହରୀକରଣ କାର୍ଯ୍ୟକ୍ଷମ ହୋଇଛି। କଡ଼ା ସୁରକ୍ଷା ମଧ୍ୟରେ ଯାଞ୍ଚ କରାଯିବା ପରେ ସୋମବାର ରେଳ ସୁରକ୍ଷା କମିଶନର (ଦକ୍ଷିଣ ପୂର୍ବ ସର୍କଲ) ବ୍ରିଜେଶ କୁମାର ମିଶ୍ର ଏହାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ସମୁଦାୟ ୧୨.୬୪୯ କିମି ମଧ୍ୟରୁ ୨ କିମି ଆନ୍ଧ୍ରପ୍ରଦେଶରେ ଥିବା ବେଳେ ଅବଶିଷ୍ଟ ଅଂଶ ଓଡ଼ିଶାରେ ରହିଛି। ୱାଲ୍‌ଟିୟର ରେଳ ମଣ୍ଡଳ ପ୍ରବନ୍ଧକ ସୌରଭ ପ୍ରସାଦଙ୍କ, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଡି ଶ୍ରୀନିବାସ ରାଓ, ସୁଧୀର କୁମାର ଗୁପ୍ତା, ଏଡିଆର୍‌ଏମ (ଇନଫ୍ରା), ମୁଖ୍ୟ ସେତୁ ଯନ୍ତ୍ରୀ ଅଶୋକ କୁମାର, ମୁଖ୍ୟ ସଂକେତ ଯନ୍ତ୍ରୀ ଡି. କେ. ମଲ୍ଲିକ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ରେଳ ସୁରକ୍ଷା କମିଶନର ପରିଚାଳନାଗତ ନିରାପତ୍ତା ଏବଂ ଦକ୍ଷତା ପାଇଁ ବ୍ୟାପକ ଯାଞ୍ଚ ଓ ପରୀକ୍ଷଣର ତଦାରଖ କରିଥିଲେ। ମୋଟର ଟ୍ରଲିର ଟ୍ରାକ ଆକଳନ, ଦର୍ଲିପୁଟ, ଗୋରାପୁର ରେଳ ଷ୍ଟେଶନର ମୂଲ୍ୟାୟନ, ନୂତନ ସିଗ୍‌ନାଲ ବ୍ୟବସ୍ଥାର ଯାଞ୍ଚ, ନବନିର୍ମିତ ଦୁଇଟି ପ୍ରମୁଖ ସେତୁ ଓ ୨୮ଟି କ୍ଷୁଦ୍ର ସେତୁର ଯାଞ୍ଚ କରାଯାଇଥିଲା। ଏହାବ୍ୟତୀତ ନୂତନ ଭାବେ ବିଛାଯାଇଥିବା ଲାଇନରେ ସ୍ପିଡ୍ ଟ୍ରାଏଲ ସଫଳ ଭାବେ କରାଯାଇଥିଲା। ଏହି ଲାଇନ ବର୍ତ୍ତମାନ ଟ୍ରାଫିକ ପରିବହନକୁ ସୁଗମ କରିବା ପାଇଁ କ୍ଷମତା ବୃଦ୍ଧି କରିବା ସହ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

କଟକ ସଦର,୩୦।୯(ସୁଶାନ୍ତ କୁମାର ଜେନା) କଟକ ସହର ମାଳୀ ସାହିର ଧର୍ମ ପ୍ରାଣ ମହିଳା ଲିଳାମୟୀ ଜେନା(୯୦)ଙ୍କ ସୋମବାର ନିଜ ବାସ ଭବନରେ ପରଲୋକ ହୋଇଯାଇଛି। ଦୀର୍ଘଦିନ



ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତା ଜେନା ପୂର୍ବତନ ଜିଲା ଜଜ୍ ତଥା ବାରବାଟୀ ଷ୍ଟାଡିୟମ ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ପୀତାମ୍ବର ଜେନାଙ୍କ ଧର୍ମପତ୍ନୀ ଓ କଟକର ପୂର୍ବତନ ଜିଲାପାଳ ପ୍ୟାରୀମୋହନ ସାମନ୍ତରାୟଙ୍କ ଝିଆରୀ ଥିଲେ। କଟକ ଖାନ ନଗର ଶ୍ମଶାନରେ ତାଙ୍କ ଶବ ସତ୍କାର କରାଯାଇଥିଲା। ପୁତୁରା ତପନ କୁମାର ଜେନା ମୁଖାଗ୍ନି ଦେଇଥିଲେ।

# 'ଲୋକଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବୁ'

## ଦାୟିତ୍ୱ ଗ୍ରହଣ କଲେ ନୂଆ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ

ଭୁବନେଶ୍ୱର,୩୦।୯
(ସୂର୍ଯ୍ୟକାନ୍ତ ବେହେରା)



ରାଜ୍ୟ ସରକାର ଆଇପିଏସ୍ ସ୍ତରରେ ଅଦଳବଦଳ କରିବାର ଦିନକ ପରେ ସୋମବାର କଟକ-ଭୁବନେଶ୍ୱରର ନୂଆ ପୋଲିସ କମିଶନର ଭାବେ ୧୯୯୮ ବ୍ୟାଚ୍‌ର ସୁରେଶ ଦେବଦତ୍ତ ସିଂ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗାର୍ଡ ଅଫ୍ ଅନର ପ୍ରଦାନ ପରେ ପୂର୍ବତନ କମିଶନର ସଞ୍ଜୀବ ପଣ୍ଡା ତାଙ୍କୁ ସୋମବାର ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହା ପୂର୍ବରୁ ଆଇପିଏସ୍ ଅଫିସର ଦେବଦତ୍ତ ଏଡିଜିପି (ଅପରେଶନ) ଦାୟିତ୍ୱ ତୁଲାଉଥିଲେ। ମାଓବାଦୀ ଅପରେଶନକୁ ସଫଳତାର ସହ ପରିଚାଳନା ଓ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ହେଉଥିବା ଗଞ୍ଜେଇ ଚାଷକୁ ଡ୍ରୋନ୍ ସାହାଯ୍ୟରେ ଚିହ୍ନଟ କରି ତାହାକୁ ନଷ୍ଟ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଏହାସହ ଚଳିତବର୍ଷ ମାଓବାଦୀ ହିଂସା ମୁକ୍ତ ନିର୍ବାଚନ କରାଇବା ତାଙ୍କର ବଡ ସଫଳତା ବୋଲି ବିବେଚନା କରାଯାଉଛି। ଦାୟିତ୍ୱ ଗ୍ରହଣ କରିବା ପରେ ପୋଲିସ କମିଶନର ସିଂ କହିଛନ୍ତି, ପୋଲିସ ଅପରାଧୀଙ୍କ ପ୍ରତି କଠୋର ଓ ଲୋକଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବ। ଏହାସହ ଥାନାକୁ ଆସୁଥିବା ଲୋକଙ୍କ ପ୍ରତି ପୋଲିସ ସମ୍ବେଦନଶୀଳ ରହିବ। ଆଇନ ପରିସରରେ ରହି ଯଥାସମ୍ଭବ ନ୍ୟାୟ ଦିଆଯିବ ବୋଲି ସେ କହିଛନ୍ତି। ତେବେ କଟକ ଓ ଭୁବନେଶ୍ୱରରେ ଆପରାଧିକ କାର୍ଯ୍ୟକଳାପ ରୋକିବା, ଗଞ୍ଜେଇ ଚୋରା ଚାଲାଣ, ସାଇବର କ୍ରାଇମ୍ ତଥା ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦକ୍ଷତାର ସହ ପରିଚାଳନା କରିବାରେ କମିଶନର ସିଂ କିପରି ଭୂମିକା ନିର୍ବାହ କରୁଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିବ। ଅପରପକ୍ଷେ ବିଦାୟୀ ପୋଲିସ କମିଶନର ସଞ୍ଜୀବ ପଣ୍ଡା ବିଦାୟ ନେବାବେଳେ ସମସ୍ତ ପୋଲିସ ଅଧିକାରୀଙ୍କ ସହ ହାତମିଳାଇଥିଲେ। ଏହି ଅବସରରେ ସେ ଗଣମାଧ୍ୟମ ଆଗରେ ଗତ ୮ ମାସରେ ହାସଲ କରିଥିବା ସଫଳତା ବିଷୟରେ ବଖାଣିଥିଲେ। ସେ କହିଲେ, ବିଗତ ଦିନ ଖୁବ୍ ଚ୍ୟାଲେଞ୍ଜିଂ ଥିଲା। ସମସ୍ତ ଅଧିକାରୀଙ୍କ ସହାୟତାରେ ନିର୍ବାଚନକୁ ସୁପରିଚାଳନା କରିଥିଲୁ। ବହୁ ଚୋରି ସାମଗ୍ରୀ ଫେରାଇ ଆଣିଛୁ। ୨୦୦ ପାଖାପାଖି ସୁନା ଚେନ, ହଜାରେ ବାଇକ ଜବତ କରିପାରିଛୁ ବୋଲି ପଣ୍ଡା କହିଥିଲେ।



ପୁରୀ ଯାଇ ଶପଥ ନେଇଥିବା ଏକାମ୍ର ଏବଂ ମଧ୍ୟ ନିର୍ବାଚନ ମଣ୍ଡଳୀର ବିଜେଡି କର୍ପୋରେଟର।

## ଅମରେଶ, ବିରଞ୍ଚିଙ୍କ ବିରୋଧରେ ବିଜେଡି କର୍ପୋରେଟରଙ୍କ ମେଳି

### ପୁରୀ ଯାଇ ଶପଥ ନେଲେ

ଭୁବନେଶ୍ୱର,୩୦।୯(ବନ୍ଦନା ସେଠୀ)

ଭୁବନେଶ୍ୱର ବିଜେଡିରେ ଦିନକୁ ଦିନ ବିବାଦ ବଢିବାରେ ଲାଗିଛି। ବିଜେଡିର ଦୁଇ କର୍ପୋରେଟର ଅମରେଶ ଜେନା ଓ ବିରଞ୍ଚି ନାରାୟଣ ମହାସୁପକାରଙ୍କ ବିରୋଧରେ ଭୁବନେଶ୍ୱର ମଧ୍ୟ ଓ ଏକାମ୍ର ନିର୍ବାଚନ ମଣ୍ଡଳୀର ୩୨ କର୍ପୋରେଟର ମେଳି ବାନ୍ଧିଛନ୍ତି। ଶଙ୍ଖଭବନଠାରୁ ଆରମ୍ଭ କରି ବିଏମ୍‌ସି ବୈଠକରେ ବିଦ୍ରୋହ ନଜରକୁ ଆସୁଥିବାବେଳେ ଏବେ ବିରୋଧକୁ ଜୋର୍‌ଦାର କରିବାକୁ ପଣ କରିଛନ୍ତି। ସୋମବାର ଏହି ୩୨ କର୍ପୋରେଟର ଏକ ବସ୍‌ରେ ପୁରୀ ଯାଇ ଲୋକନାଥଙ୍କୁ ଦର୍ଶନ କରିଛନ୍ତି। ଏଥିସହ ପରସ୍ପର ସହିତ ମିଶିକି ଅଛନ୍ତି, ସେମାନଙ୍କ ଭିତରେ କୌଣସି ଦ୍ୱନ୍ଦ୍ୱ ନାହିଁ ଏବଂ ସମସ୍ତେ ଦଳ ସହ ଯୋଡ଼ିହୋଇ ରହିଛନ୍ତି ବୋଲି ଶପଥ ନେଇଛନ୍ତି। ଏନେଇ ଜଣେ କର୍ପୋରେଟର କହିଛନ୍ତି, ଆମେ ସବୁ ଏକାଠି ଅଛୁ। ଯେଉଁମାନେ ବିଦ୍ରୋହୀ ସେମାନେ ଆମଠାରୁ ଦୂରରେ ଅଛନ୍ତି। ଦଳର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଛୁ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଦୁଇ ବିଦ୍ରୋହୀ କର୍ପୋରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦଳର ସଭାପତିଙ୍କୁ ପରୋକ୍ଷରେ ଅବଗତ କରାଇବାକୁ ଏହି ପୁରୀ ଗସ୍ତ ହୋଇଥିବା ଚର୍ଚ୍ଚା ହେଉଛି। ସେହିପରି ଏହା ପଛରେ ଜଣେ ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀ ରହିଥିବା ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ଭୁବନେଶ୍ୱରର ମଧ୍ୟ ଓ ଏକାମ୍ର ନିର୍ବାଚନମଣ୍ଡଳୀ ବିଜେଡିରେ ଚାଲିଥିବା ବିବାଦ ଗତ କିଛିଦିନ ତଳେ ଶଙ୍ଖଭବନରେ ପ୍ରତିଫଳିତ ହୋଇଥିଲା। ସମ୍ପୃକ୍ତ ଦୁଇ କର୍ପୋରେଟରଙ୍କୁ ବିରୋଧ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରି ବାକି କର୍ପୋରେଟରମାନେ ବୈଠକରେ ଯୋଗଦେଇ ନ ଥିଲେ। ଏପରିକି ଅକ୍ଟୋବର ୨ରୁ ହେବାକୁ ଥିବା ପଦଯାତ୍ରାରେ ଏବଂ ଆଗକୁ ହେବାକୁ ଥିବା ଦଳୀୟ କାର୍ଯ୍ୟରେ ଅସହଯୋଗ କରିବେ ବୋଲି କହି ଖୋଲାଖୋଲି ନିଜ ଅସନ୍ତୋଷ ଜାହିର୍ କରିଥିଲେ। ସେହିପରି ଏହି ଦୁଇ କର୍ପୋରେଟରଙ୍କୁ ବିରୋଧ କରି ୩୨ଜଣ ବିଜେଡି କର୍ପୋରେଟର ବିଏମ୍‌ସି ବୈଠକକୁ ଯାଇ ନ ଥିଲେ।

## ଏକ୍ ପ୍ୟାର୍ କା ନଗ୍‌ମା ହେ...

ଭୁବନେଶ୍ୱର, ୩୦।୯
(ବନ୍ଦନା ସେଠୀ)

ଏକ୍ ପ୍ୟାର୍ କା ନଗ୍‌ମା ହେ..., ତେରେ ମେରେ ବିଚ୍ ମେ..., ଧୀରେ ଧୀରେ ବୋଲ୍ କୋଇ ଶୁନ୍ ନା ଲେ... ଭଳି ଲୋକପ୍ରିୟ ସଙ୍ଗୀତରେ ଝୁମି ଉଠିଥିଲା ସୂଚନା ଭବନ ପ୍ରେକ୍ଷାଳୟ। ଅବସର ଥିଲା ଉପାସନା କଲଚରାଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମ। ଭାରତୀୟ ସଙ୍ଗୀତ ଜଗତର ଅମଳିନ ପ୍ରତିଭା ସୁର ସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ଜୟନ୍ତୀ ଅବସରରେ ତାଙ୍କର କାଳଜୟୀ ସଙ୍ଗୀତକୁ ନେଇ ଆୟୋଜିତ ହୋଇଥିଲା ଏହି ସଙ୍ଗୀତ ସନ୍ଧ୍ୟା। କଣ୍ଠଶିଳ୍ପୀ କୈଶିକି ପଟ୍ଟନାୟକ, ବିଜୟଲକ୍ଷ୍ମୀ, ଆରତି ରଥ, ଶେଫାଳି ଦାସ, ଲୋଭା ବିଶ୍ୱାଳ ଲତାଙ୍କ ଚିର ସବୁଜ ସଙ୍ଗୀତ ନାଜାନେ କ୍ୟା ହୁଆ, ଆତେ ଯାତେ ହସଁତେ ଗାତେ, ୟାଦ ଆରହି ହେ ଆଦି ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବରଦା, କିଶୋର, ପ୍ରିୟ, କିରଣ, କାବୁ, ରଞ୍ଜନ, କ୍ରିଷ୍ଣା ପ୍ରମୁଖ ବାଦ୍ୟଶିଳ୍ପୀ ସହଯୋଗ କରିଥିଲେ। ସନ୍ଧ୍ୟାର ଅତିଥି ଭାବେ ସଙ୍ଗୀତ ଗୁରୁ କରୁଣାକର ନାୟକ, ଲାୟନ୍ସ କ୍ଲବ୍ ପୂର୍ବତନ ସଭାପତି ରାମ ପ୍ରସାଦ ପାତ୍ର ପ୍ରମୁଖ ଯୋଗଦେଇ ଲତାଙ୍କର ସ୍ମୃତି ଚାରଣ କରିଥିଲେ। କୁମାର ଗୌରବ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅକ୍ଟୋବର ୫ ସୁଦ୍ଧା ଦ୍ୱୈତନଗରୀ ରାସ୍ତା ମରାମତି ଶେଷ କର: ମନ୍ତ୍ରୀ ହରିଚନ୍ଦନ



ନିର୍ମାଣ ସୌଧଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବରିଷ୍ଠ ଅଧିକାରୀ।

ଭୁବନେଶ୍ୱର,୩୦।୯(ଅନିଲ ଦାସ)

ଦିନ କେଇଟା ପରେ ଦୁର୍ଗାପୂଜା ଅନୁଷ୍ଠିତ ହେବ। ସହରାଞ୍ଚଳରେ ଲୋକଙ୍କ ଭିଡ଼ ଜମିବ। ତେବେ ବର୍ଷା ଯୋଗୁ କଟକ ଓ ଭୁବନେଶ୍ୱର ସହରରେ ରାସ୍ତାଘାଟ ଅବସ୍ଥା ଶୋଚନୀୟ ରହିଛି। ଆସନ୍ତା ଅକ୍ଟୋବର ୫ ତାରିଖ ସୁଦ୍ଧା ଦ୍ୱୈତନଗରୀର ସମସ୍ତ ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଶେଷ କରିବାକୁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ନିର୍ମାଣ ସୌଧଠାରେ ଅନୁଷ୍ଠିତ ପୂର୍ତ୍ତମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ, ପ୍ରମୁଖ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଦୁର୍ଗାପୂଜା ଆଉ ଅଳ୍ପଦିନ ଥିବାରୁ ଖୁବ୍‌ଶୀଘ୍ର ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଶେଷକରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ପ୍ରତ୍ୟେକ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ବିଭାଗ ପକ୍ଷରୁ ତଦାରଖ କମିଟି ଯାଞ୍ଚ କରିବ । ନିମ୍ନମାନର କାର୍ଯ୍ୟ ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ବୈଠକରେ ସୂଚନା ଦେଇଛନ୍ତି। ବୈଠକରେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ ପ୍ରମୁଖ ଯନ୍ତ୍ରୀ ଏବଂ ମୁଖ୍ୟ ନିର୍ମାଣ ଯନ୍ତ୍ରୀମାନଙ୍କୁ କ୍ଷେତ୍ରକୁ ଯାଇ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ପାଇଁ ପରାମର୍ଶ ଦେଇଛନ୍ତି। ରାସ୍ତା ନିର୍ମାଣରେ ବ୍ୟବହୃତ ପେଭର ମେଶିନ ଅଭାବ ପୂରଣ କରିବା ପାଇଁ ଏଜେନ୍ସି ସହିତ ଯୋଗାଯୋଗ କରି ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ହରିଚନ୍ଦନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟରେ କୌଣସି ପ୍ରକାର ଜନ ଅସନ୍ତୋଷକୁ ବରଦାସ୍ତ କରାଯିବ ନାହିଁ। ତେଣୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସଜାଗ ହୋଇ ତ୍ୱରିତ ବେଗରେ କାର୍ଯ୍ୟ ଆଗେଇ ନେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଇଆଇସି (ସିଭିଲ)ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟଯନ୍ତ୍ରୀ ବଶିଷ୍ଠ ପଟ୍ଟନାୟକ ଏବଂ ଧ୍ୟାନଚାନ୍ଦ ନାୟକଙ୍କ ସମେତ କଟକ ଓ ଭୁବନେଶ୍ୱର ଅଞ୍ଚଳର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## 'ଓଡ଼ିଆପ୍ରେନ୍ୟୁର' ଉଦ୍‌ଘାଟିତ

### ୩୦ ଜିଲାର ୧୨୮ ପ୍ରତିଯୋଗୀ ସାମିଲ

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ସ୍ମାର୍ଟ ଓଡିଶା ହାକାଥନ ୨.୦ 'ଓଡ଼ିଆପ୍ରେନ୍ୟୁର'ର ରାଜ୍ୟସ୍ତରୀୟ ଦୁଇଦିନିଆ ସମାରୋହ ଭୁବନେଶ୍ୱରସ୍ଥିତ ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ, ଓସେପା ଏବଂ ଓୟୁଟିଆର୍‌ମିଳିତ ଆନୁକୂଲ୍ୟରେ ଷ୍ଟାର୍‌ସ ପ୍ରୋଗ୍ରାମ ଅଧୀନରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ରାଜ୍ୟର ୩୦ ଜିଲାରୁ ମନୋନୀତ ହୋଇଥିବା ୧୨୮ କୃତୀ ଛାତ୍ରୀଛାତ୍ର ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆୟର ଯୋଗଦେଇ ଓଡ଼ିଆପ୍ରେନ୍ୟୁର ସ୍ମାର୍ଟ ଓଡିଶା ହାକାଥନ ଉପରେ ଆଲୋକପାତ କରିଥିଲେ। ମୋଟ ୧୨୮ଟି ପ୍ରୋଜେକ୍ଟକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଲାଗି ମନୋନୀତ କରାଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଯୋଗଦେଇ ଓଡ଼ିଆପ୍ରେନ୍ୟୁର ଛାତ୍ରୀଛାତ୍ରଙ୍କ ପାଇଁ ଏକ ବୃହତ୍ ପ୍ଲାଟଫର୍ମ, ଯାହାକି ସାମାଜିକ କଲ୍ୟାଣ ଓ ସମାଜର ରୂପାନ୍ତରୀକରଣ ଦିଗରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ଇନୋଭେଟିଭ୍ ସେଲର ନୋଡାଲ ଅଫିସର ପ୍ରଫେସର ରଞ୍ଜନ ପ୍ରଧାନ ଏହି ଦୁଇଦିନିଆ ହାକାଥନ ପ୍ରତିଯୋଗିତା ସମ୍ପର୍କରେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ରେଣୁପ୍ରଭା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅହିଂସାଭିତ୍ତିକ ମାନବୀୟ ମୂଲ୍ୟବୋଧ ଶାନ୍ତି ପ୍ରତିଷ୍ଠାର ବଳିଷ୍ଠ ମାଧ୍ୟମ

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର,୩୦।୯ (ବନ୍ଦନା ସେଠୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଜୈନ ଚେୟାର ପକ୍ଷରୁ 'ଅହିଂସା-ଆହ୍ୱାନ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସାମୟିକ ଯୁଗରେ ଅହିଂସାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଗରତାଲା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଦାର୍ଶନିକ ଡ. ଆଦିତ୍ୟ କୁମାର ମହାନ୍ତି ଦୀକ୍ଷାନ୍ତ ଭାଷଣରେ ମଣିଷ ଜୀବନରେ ଅହିଂସାର ଭୂମିକା ଓ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅହିଂସାଭିତ୍ତିକ ମାନବୀୟ ମୂଲ୍ୟବୋଧ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ଏକମାତ୍ର ବଳିଷ୍ଠ ମାଧ୍ୟମ ବୋଲି ସେ କହିଥିଲେ। ଜୈନଗୁରୁ ଆଚାର୍ଯ୍ୟ ଅରବିନ୍ଦ ମୁନି ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ହିଂସାଭିମୁଖୀ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଜୈନ ଧର୍ମ ଓ ଦର୍ଶନର ମୂଳମନ୍ତ୍ର ଅହିଂସାକୁ ଆପଣେଇବା ପାଇଁ ଆହ୍ୱାନ କରିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଅଧ୍ୟକ୍ଷତା କରି ସତ୍ୟ ଓ ପ୍ରେମର ମୂଳମନ୍ତ୍ର ଭାବେ ଅହିଂସାକୁ ଅଭିହିତ କରିଥିଲେ। ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଦ୍ୱାରା କିପରି ଅହିଂସାର ଶକ୍ତିରେ ସମଗ୍ର ବିଶ୍ୱ ଅଭିମନ୍ତ୍ରିତ ହୋଇଥିଲା ସେ ସମ୍ପର୍କରେ କହିଥିଲେ। କୁଳସଚିବ ଅନାମିକା ଅଧିକାରୀ ସ୍ୱାଗତ ଭାଷଣ ଓ ଜୈନ ଚେୟାରର ସଂଯୋଜିକା ଡ. ସୁଚିତ୍ରା ଦାସ ଆଲୋଚନାଚକ୍ର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦିବସବ୍ୟାପୀ ଏହି ଆଲୋଚନାଚକ୍ରରେ ୪ଟି ଅଧିବେଶନରେ ପ୍ରଫେସର ଦାଶ ବେନୁହୁର, ପ୍ରଫେସର କୁମର ବର ଦାସ, ଡ. ଶୈଳଜ ରବି, ପ୍ରଫେସର କଲ୍ୟାଣୀ ଷଡଙ୍ଗୀ, ଡ. ଯୋଗେନ୍ଦ୍ର ଜୈନ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ଜୈନ ଚେୟାରର ବିବରଣୀ ପୁସ୍ତିକା ଲୋକାର୍ପିତ ହୋଇଥିଲା। ଏଥିସହ ଦୃଶ୍ୟକଳା ବିଭାଗର ଏକ ସ୍ୱତନ୍ତ୍ର ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଆଲୋଚନାଚକ୍ରକୁ ଡ. ସ୍ମୃତିରଞ୍ଜନ ମିଶ୍ର, ଡ. ନିଳାଦ୍ରୀ କଲ୍ୟାଣ ଦାସ, ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।




ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆୟୋଜିତ ଜାତୀୟ ଆଲୋଚନାଚକ୍ରରେ ଅତିଥିମାନେ ଜୈନ ଚେୟାରର ବିବରଣୀ ପୁସ୍ତିକା ଲୋକାର୍ପଣ କରୁଛନ୍ତି।

## ଏଥର ସିକିମ୍ ସ୍ୱର୍ଣ୍ଣ ମନ୍ଦିର ସଦୃଶ ତୋରଣ

### କେଶୁରା ଦୁର୍ଗାପୂଜା ସମିତି



ପୁରୁଣା ଭୁବନେଶ୍ୱର,୩୦।୯
(ସୁବାସ ଚନ୍ଦ୍ର ପ୍ରଧାନ)

ମା'ଙ୍କ ଆଗମନ ପାଇଁ ସହର ଠାରୁ ପୁରପଲ୍ଲୀ ଚଳଚଞ୍ଚଳ ହୋଇପଡିଛି। ମହାଆଡ଼ମ୍ବରରେ ଦୁର୍ଗାପୂଜା ପାଳନ ପାଇଁ ଭୁବନେଶ୍ୱରର ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବାବେଳେ କେଶୁରା ଦୁର୍ଗାପୂଜା ସମିତି ମଧ୍ୟ ପ୍ରସ୍ତୁତି ଜୋର୍‌ଦାର ଚଳାଇଛି। ଚଳିତବର୍ଷ କମିଟି ପକ୍ଷରୁ ସିକିମ୍‌ର ସ୍ୱର୍ଣ୍ଣ ମନ୍ଦିର ସଦୃଶ ତୋରଣ ନିର୍ମାଣ କରାଯିବ। ଏହାର ଓସାର ୭୦ଫୁଟ ହୋଇଥିବା ବେଳେ ଉଚ୍ଚତା ୬୦ଫୁଟ ରହିବ। ଏହି ତୋରଣକୁ ନିର୍ମାଣ କରିବା ପାଇଁ ୨୦ଜଣ କାରିଗର ନିୟୋଜିତ ଅଛନ୍ତି। ସେହିଭଳି ୧୫ଫୁଟ ଉଚ୍ଚତା ବିଶିଷ୍ଟ ମେଢ଼ରେ ୧୨ଫୁଟ ଉଚ୍ଚର ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ। କାରିଗର ସନ୍ତୋଷ ବେହେରା ଏବଂ ତାଙ୍କର ୬ ସହଯୋଗୀ ମୂର୍ତ୍ତି ନିର୍ମାଣରେ ନିୟୋଜିତ ହୋଇଛନ୍ତି। ପୂଜା ମଣ୍ଡପଠାରୁ ୨କିଲୋମିଟର ପର୍ଯ୍ୟନ୍ତ ରାଇଶମାଳ ଆଲୋକରେ ଆଲୋକିତ କରାଯିବା ସହ ୩ ପ୍ରମୁଖ ସ୍ଥାନରେ ୩ଟି ଲାଇଟ୍ ଗେଟ୍ ସ୍ଥାପନ ହେବ। ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ଓ ସଙ୍ଗୀତ, ଭଜନ ପରିବେଷଣ କରାଯିବ। ପୂଜା ମଣ୍ଡପରେ ନବମୀରେ ନବକୁମାରୀ ପୂଜା, ସନ୍ଧିପୂଜାରେ ପାଣିକଖାରୁ ବଳି ଦିଆଯିବ। ସପ୍ତମୀରେ ସାତ, ଅଷ୍ଟମୀରେ ଆଠ, ନବମୀ ଓ ଦଶମୀରେ ଦଶ ପ୍ରକାର ଶଙ୍ଖୁଡ଼ି ଭୋଗ ପୂଜା ହେବ। ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ସହିତ ଭଲ୍ୟୁଣ୍ଟିୟର ନିୟୋଜିତ ହେବେ।



ଚଳିତବର୍ଷ ପୂଜା ପାଇଁ ପ୍ରାୟ ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ କଳାକାର ଭାଗନେବେ। ସୁନାରୁପା ଆଭୂଷଣରେ ମା'ଦୁର୍ଗାଙ୍କୁ ସଜ୍ଜିତ କରାଯିବ। ପୂଜାକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ସଭ୍ୟମାନଙ୍କ ସହିତ ଭଲ୍ୟୁଣ୍ଟିୟର ନିୟୋଜିତ ରହିବେ।

–ପ୍ରହଲ୍ଲାଦ ପ୍ରଧାନ, ସମ୍ପାଦକ



ଲୁଟେରା ଏବଂ ଅପରାଧୀଙ୍କ ଉପରେ ନଜର ରଖିବା ପାଇଁ ବିଭିନ୍ନ ସ୍ଥାନରେ ୧୦ଟି ସିସିଟିଭି କ୍ୟାମେରା ଲଗାଯିବାର ବ୍ୟବସ୍ଥା ହୋଇଛି। ଏହି ଉତ୍ସବକୁ ପରିଚାଳନା କରିବା ପାଇଁ ୫୦ଜଣ ଭଲ୍ୟୁଣ୍ଟିୟର ନିୟୋଜିତ ହେବେ। ପ୍ରାୟ ୧୦ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ରହିଛି।

–କୃତାର୍ଥ ପ୍ରଧାନ, ଉପସଭାପତି



## ସଂକ୍ଷେପରେ

### ପୁନିତ୍ ସାଗର ଅଭିଯାନ

ବାଙ୍କୀ,୩୦।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୁରୁଷ ଏନ୍‌ସିସି ସଂସ୍ଥା ଆନୁକୂଲ୍ୟରେ ପୁନିତ୍ ସାଗର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାନଦୀ କୂଳ ରାସ୍ତା ଓ ଘାଟକୁ କ୍ୟାଡେଟ୍‌ମାନେ ସଫା କରିଥିଲେ। ପୁରୁଷ ଏନ୍‌ସିସି ଅଧିକାରୀ କ୍ୟାପଟେନ ଗୁରୁବାରୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯକ୍ରମରେ କଲେଜ ନିକଟସ୍ଥ ରଣପୁର ଘାଟ, ତୁଠ ଓ ମହାନଦୀ କୂଳ ରାସ୍ତାକୁ କ୍ୟାଡେଟମାନେ ସଫା କରିଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିସହ ନଦୀ,ପୋଖରୀ, ଗାଡିଆ ଆଦିକୁ ସଫା କରିବା ସହିତ ଜନସାଧାରଣଙ୍କୁ ଏଥିରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ ।

### ପୋଲିସକୁ ଦେଖି ଚୋରା ମଦ ବ୍ୟବସାୟୀ ଚମ୍ପଟ

ସାଲେପୁର,୩୦।୯(ଅରବିନ୍ଦ ଭୂୟାଁ):

ନିଜ ଘର ନିକଟରେ ଚୋରାରେ ଦେଶୀ ମଦ ବିକ୍ରି କରୁଥିବାବେଳେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାଇଥିଲା। ଏହା ଦେଖି ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଛନ୍ତି। ସେ ହେଲେ ଏହି ଥାନା ଅନ୍ତର୍ଗତ ଭୀମଦାସପୁର ଗ୍ରାମର ବିଚିତ୍ର ମଲ୍ଲିକ । ପୋଲିସ ସେଠାରୁ ୩ ଲିଟର ଦେଶୀ ମଦ ଜବତ କରିବା ସହ ସାଲେପୁର ଥାନାରେ ମାମଲା (ନଂ.୩୮୯/୨୪) ରୁଜ କରିଛି।

### ସ୍ୱଚ୍ଛତା ପାଇଁ ଶପଥ ନେଲେ ଛାତ୍ରୀଛାତ୍ର

ଟିଗିରିଆ,୩୦।୯(ଜାଫର ଖାଁ )

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନୋଡାଲ ଉପ୍ରା ବିଦ୍ୟାଳୟ ଓ ସାପ୍ତାହିକ ହାଟଠାରେ ଟିଗିରିଆ ବ୍ଲକ ପ୍ରଶାସନ ତରଫରୁ ସ୍ୱଚ୍ଛତା ପକ୍ଷ ପାଳନ ହୋଇଯାଇଛି। ଏହି ଅବସରରେ ସଫେଇ, ସ୍ୱଚ୍ଛତା ପାଇଁ ଶପଥ ପାଠ ଓ ଚାରା ରୋପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ବିଦ୍ୟାଳୟଠାରେ ଟିଗିରିଆ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ସଂଯୋଜିକା ସୁମିତ୍ରା ସାହୁ ଅଧ୍ୟକ୍ଷତା କରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେବା ସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ସେହିପରି ନୂଆପାଟଣା ପଞ୍ଚାୟତର ସାପ୍ତାହିକ ହାଟ ପରିସରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ସିଆର୍‌ପି ମିଳିତଭାବେ ସଫେଇ କରିବା ସହ ଚାରାରୋପଣ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ଲଳିତ ମୋହନ ପ୍ରଧାନ, ପଞ୍ଚାୟତ ଏଡ଼ିଓ ତୃପ୍ତିମୟୀ ଦାସ ଓ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଅକ୍ଟୋବର ୫ ସୁଦ୍ଧା ଦ୍ୱୈତନଗରୀ ରାସ୍ତା ମରାମତି ଶେଷ କର: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର,୩୦।୯(ଅନିଲ ଦାସ)



ନିର୍ମାଣ ସୌଧଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବରିଷ୍ଠ ପଦାଧିକାରୀ ।

ଦିନ କେଇଟା ପରେ ଦୁର୍ଗାପୂଜା ଅନୁଷ୍ଠିତ ହେବ। ସହରାଞ୍ଚଳରେ ଲୋକଙ୍କ ଭିଡ଼ ଜମିବ। ତେବେ ବର୍ଷା ଯୋଗୁ କଟକ ଓ ଭୁବନେଶ୍ୱର ସହରରେ ରାସ୍ତାଘାଟ ଅବସ୍ଥା ଶୋଚନୀୟ ରହିଛି। ଆସନ୍ତା ଅକ୍ଟୋବର ୫ ତାରିଖ ସୁଦ୍ଧା ଦ୍ୱୈତନଗରୀର ସମସ୍ତ ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଶେଷ କରିବାକୁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ନିର୍ମାଣ ସୌଧଠାରେ ଅନୁଷ୍ଠିତ ପୂର୍ତ୍ତମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ, ପ୍ରମୁଖ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଦୁର୍ଗାପୂଜା ଆଉ ଅଳ୍ପଦିନ ଥିବାରୁ ଖୁବ୍‌ଶୀଘ୍ର ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଶେଷକରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ପ୍ରତ୍ୟେକ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ବିଭାଗ ପକ୍ଷରୁ ତଦାରଖ କମିଟି ଯାଞ୍ଚ କରିବ । ନିମ୍ନମାନର କାର୍ଯ୍ୟ ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ବୈଠକରେ ସୂଚନା ଦେଇଛନ୍ତି। ବୈଠକରେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ ପ୍ରମୁଖ ଯନ୍ତ୍ରୀ ଏବଂ ମୁଖ୍ୟ ନିର୍ମାଣ ଯନ୍ତ୍ରୀମାନଙ୍କୁ କ୍ଷେତ୍ରକୁ ଯାଇ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ପାଇଁ ପରାମର୍ଶ ଦେଇଛନ୍ତି। ରାସ୍ତା ନିର୍ମାଣରେ ବ୍ୟବହୃତ ପେଭର ମେଶିନ ଅଭାବ ପୂରଣ କରିବା ପାଇଁ ଏଜେନ୍ସି ସହିତ ଯୋଗାଯୋଗ କରି ମରାମତି କାର୍ଯ୍ୟ ଦ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ହରିଚନ୍ଦନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟରେ କୌଣସି ପ୍ରକାର ଜନ ଅସନ୍ତୋଷକୁ ବରଦାସ୍ତ କରାଯିବ ନାହିଁ। ତେଣୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସଜାଗ ହୋଇ ଦ୍ୱରିତ ବେଗରେ କାର୍ଯ୍ୟ ଆଗେଇ ନେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଇଆଇସି (ସିଭିଲ୍)ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟଯନ୍ତ୍ରୀ ବଶିଷ୍ଠ ପଟ୍ଟନାୟକ ଏବଂ ଧ୍ୟାନଚାନ୍ଦ ନାୟକଙ୍କ ସମେତ କଟକ ଓ ଭୁବନେଶ୍ୱର ଅଞ୍ଚଳର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# କଟକ ଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ କାମ ବିଳମ୍ବ

କଟକ,୩୦।୯(ଶିଳ୍ପା ପ୍ରିୟଦର୍ଶିନୀ):

**ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲା ମନ୍ଦିର ସୁରକ୍ଷା କମିଟି**

କଟକ ଚଣ୍ଡୀମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବିଳମ୍ବ ନେଇ ମା’ କଟକ ଚଣ୍ଡୀ ମନ୍ଦିର ସୁରକ୍ଷା କମିଟି ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି। କମିଟି ପକ୍ଷରୁ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନା ମହନ୍ତଙ୍କୁ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ମା’ କଟକ ଚଣ୍ଡୀ ମନ୍ଦିର ଉନ୍ନତୀକରଣ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ବିବୃତିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସାର୍ବଜନୀନ କରିବା, ପୂର୍ବ ସରକାର ମଞ୍ଜୁର କରିଥିବା ୭୦ କୋଟି ଟଙ୍କାରେ କାର୍ଯ୍ୟ ଦ୍ୱରାନ୍ୱିତ କରିବା, କିଣା ଯାଇଥିବା ଜମିକୁ ମନ୍ଦିର ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହାର କରିବା, ମନ୍ଦିର ପରିସରରେ ନୂତନ ଦେକାନ ଘର ନିର୍ମାଣ ଦ୍ୱାରା ସ୍ଥାନ ସଂକୁଚିତ ହେବା, କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଏକ ଲକ୍ଷ ଟଙ୍କା କ୍ଷତି ପୂରଣ ସହିତ ନୂତନ ଦୋକାନ ଗୃହ ଯୋଗାଇ ଦେବା ପ୍ରତିଶ୍ରୁତି ପାଳନ କରିବା, କୂପ ପରିଷ୍କାର କରାଯିବା, ମନ୍ଦିରକୁ ତତ୍କାଳୀନ କନିକା ରାଜା ଦେଇଥିବା ଜମି ବର୍ତ୍ତମାନ କେଉଁ ପରିସ୍ଥିତିରେ ରହିଛି ତାହାର ତଦନ୍ତ କରାଯିବା, ପୂଜକମାନେ ନେଉଥିବା ଦାନ ଅର୍ଥର ତଦନ୍ତ କରାଯିବା, ସ୍ଥାୟୀ ତଥା ପୂର୍ଣାଙ୍ଗ ଟ୍ରଷ୍ଟ ବୋର୍ଡ ଗଠନ କରାଯିବା, ଆଦି ଦାବି ଉଲ୍ଲେଖ କରାଯାଇଛି। ଅନ୍ୟପଟେ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହନ୍ତ ଏ ଦିଗରେ ସରକାରଙ୍କୁ ଅବଗତ କରାଯିବା ସହ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କମିଟି ଆବାହକ ଦେବାଶିଷ ରାଉତ ସୂଚନା ଦେଇଛନ୍ତି। ଏହି ଅବସରରେ କମିଟି ସଭାପତି କିଶୋର ବେହେରା, ସାଧାରଣ ସମ୍ପାଦକ ଧର୍ମେଶ ନାୟକ, ଅଶୋକ କୁମାର ସାହୁ, ଆଇନଜୀବୀ କ୍ଷୀତିଶ ଜଗତିଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଜନଶୁଣାଣି ଶିବିରରେ ୧୧୬ ଅଭିଯୋଗ



ଶିବିରରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

ବାଙ୍କୀ ୩୦।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

**୧୦୯ ବ୍ୟକ୍ତିଗତ ଓ ୭ ସାମୂହିକ ଅଭିଯୋଗ**

ବାଙ୍କୀ ଡମପଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୧୬ଟି ଅଭିଯୋଗ ହୋଇଥିଲା। ସେଥିରୁ ୧୦୯ ବ୍ୟକ୍ତିଗତ ଓ ୭ ସାମୂହିକ ଅଭିଯୋଗ ହୋଇଥିଲା। ଏଥିସହ ରେଡ୍‌କ୍ରସ୍ ଫଣ୍ଡରୁ ସହାୟତା ପାଇଁ ଗୋଟିଏ ଅଭିଯୋଗ ହୋଇଥିଲା। ଏହି ଅବସରରେ ୨୪ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକାରୀ କୃଷ୍ଣପ୍ରସାଦ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଶିବ ଟପୋ, କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା, ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ଡମପଡା ତହସିଲଦାର ଶୁଚିସ୍ମିତା ଦାଶ, ଏନ୍‌ସିସି ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ବିଜୟାନନ୍ଦ ରାଉତ, ଡମପଡା ବିଡିଓ ଅଂଶୁମାନ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ମୃତିମୟୀ ଜେନା, ସିଡିପିଓ ସଂଯୁକ୍ତା ସାହୁ, ବାଙ୍କୀ ଉପଖଣ୍ଡ ଚିକିତ୍ସା ଅଧୀକ୍ଷକ ବନବାସୀ ବେହେରା, କଟକ ପିଡି ସୁବାସ ଚନ୍ଦ୍ର ରାୟ, ଡମପଡା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଉପସ୍ଥିତ ରହି ଲୋକମାନଙ୍କର ସମସ୍ୟାର ସମାଧାନ କରିଥିଲେ।

# ଡିଜେ, ଏଲଇଡି ଲାଇଟ୍ ଓ ଫାୟାର ଗନ୍ ବ୍ୟବହାର ନିଷେଧ

କଟକ,୩୦।୯ (କାର୍ତ୍ତିକ ସାହୁ):

ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ପାର୍ବଣ ସମୟରେ ଶବ୍ଦ ପ୍ରଦୂଷଣ ରୋକିବା, ସର୍ବସାଧାରଣ ରାସ୍ତା ଓ ଫୁଟ୍‌ପାଥ୍ ଉପରେ ବଡ଼ ବଡ଼ ପୂଜା ମଣ୍ଡପ ତଥା ଇଲେକ୍‌ଟ୍ରିକ୍ ଗେଟ୍ ନିର୍ମାଣ କରିବା ଆଦି ଉପରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତ ମାସ ୨୭ରୁ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ କଟକ ଜିଲାରେ ବିଭିନ୍ନ କଟକଣା ଲାଗୁ କରିଛନ୍ତି। ବିଭିନ୍ନ ପୂଜା ପାଳନ ବେଳେ ପୂଜାମଣ୍ଡପ, ଭସାଣି ଶୋଭାଯାତ୍ରା ଆଦି ସମୟରେ ଡିଜେ ଏବଂ ୬୫ ଡେସିବଲରୁ ଅଧିକ ଶବ୍ଦ କରୁଥିବା ସାଉଣ୍ଡ ସିଷ୍ଟମକୁ ବାରଣ କରାଯାଇଛି। ଏଥିସହ ଫାୟାର ଗନ୍, ନିଆଁ ବାହାରୁଥିବା ଅନ୍ୟ ଉପକରଣ ଓ ଲେଜର ଲାଇଟ୍ କୌଣସି ପୂଜା ପେଣ୍ଡାଲ, ଭସାଣି ଶୋଭାଯାତ୍ରା ବା ପ୍ରୋଶେସନ୍ ଏବଂ ବାଲିଯାତ୍ରା ଉତ୍ସବ ସମୟରେ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ଅଧିକ ଶବ୍ଦ କରୁଥିବା ବାଣ ମଧ୍ୟ ଚଳିତ ପାର୍ବଣ ଏବଂ ବାଲିଯାତ୍ରା ସମୟରେ ନିଷେଧ କରାଯାଇଛି। ସମ୍ପୃକ୍ତ ଥାନାର ଆଇଆଇସିମାନେ ଏହି ନିୟମକୁ କଡ଼ାକଡ଼ି ଲାଗୁ କରିବାକୁ କୁହାଯାଇଛି। ଏହାର ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଆଇନ୍ ଅନୁଯାୟୀ ଦଣ୍ଡବିଧାନ କରାଯିବ ବୋଲି ଜିଲାପାଳ କହିଛନ୍ତି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ମାହାଙ୍ଗା, ୩୦।୯ (ଯଯାତି ସିଂହ):

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହିପୁର ପଞ୍ଚାୟତସ୍ଥିତ ନୋଡାଲ ହାଇସ୍କୁଲ ମଣିଯୋରୀ ପରିସରରେ ଓଷଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସଂଯୋଜକ ନିହାର ରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ପ୍ରଧାନ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୫ଟି ବିଦ୍ୟାଳୟର ୨୫୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସେହିପରି ରାହାଣିଆ ପଞ୍ଚାୟତସ୍ଥିତ ମୋଗଲପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗଙ୍ଗାଧର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସଂଯୋଜକ ରବୀନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାବଗ୍ରାହୀ ଦାଶ, ସମ୍ମାନିତ ଅତିଥିଭାବେ କ୍ରୀଡା ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ବଣ୍ଟନକରି ଥିଲେ । ଏହି କାର୍ଯ୍ୟକ୍ରମରେ ୧୫ଟି ବିଦ୍ୟାଳୟର ୨୫୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ।

ସେହିପରି କୁହୁଣ୍ଡା ପଞ୍ଚାୟତସ୍ଥିତ ଧଉଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୂଳବସନ୍ତ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସଂଯୋଜକ ରାମ ରାମ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଖବରଦାତା ଅଖିଳେଶ ପଦ ମହାନ୍ତି, ମୁଖ୍ୟବକ୍ତାଭାବେ ପୂର୍ବତନ ସିଆର୍‌ସିସି ରବୀନ୍ଦ୍ର କୁମାର ଜେନା, ସମ୍ମାନିତ ଅତିଥିଭାବେ ସରପଞ୍ଚ ନଳିନୀପ୍ରଭା ପ୍ରଧାନ, ବିଦ୍ୟାଳୟ ପ୍ରତିଷ୍ଠାତା ରାଧାନାଥ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧରଣୀଧର ନାୟକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟର ୧୫୦ ଜଣ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ ।

# ବିଜେଡି ଯୁବଛାତ୍ରଙ୍କ ବିରୋଧରେ ଅଭିଯୋଗ ଆଣିଲେ ଦଳୀୟ କର୍ପୋରେଟର

କଟକ, ୩୦।୯(ଶିଳ୍ପା ପ୍ରିୟଦର୍ଶିନୀ):

କଟକ ମେୟର, ବିଜେଡି କର୍ପୋରେଟର ଓ ବିଜେଡି ଯୁବଛାତ୍ରଙ୍କ ମଧ୍ୟରେ ବିବାଦ ଥମିବାର ନାଁ ଧରୁନି। ଭୁବନେଶ୍ୱରସ୍ଥିତ ଶଙ୍ଖଭବନରେ ସୋମବାର କଟକର ବିଜେଡି କର୍ପୋରେଟରମାନେ ପୂର୍ବତନ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କୁ ଭେଟିଛନ୍ତି। ସେମାନେ ସିଏମ୍‌ସି ମେୟର ତଥା ବିଜେଡି ନେତା ସୁବାସ ସିଂଙ୍କୁ ଯୁବଛାତ୍ରର ସଦସ୍ୟମାନେ ଆକ୍ଷେପ କରି ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପୋଷ୍ଟ କରିବା ନେଇ ଅଭିଯୋଗ କରିବା ସହ କେତେଜଣ ସଦସ୍ୟଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅନ୍ୟପଟେ ବିଜେଡି ଯୁବଛାତ୍ର ନେତାଙ୍କ ପକ୍ଷରୁ ମଙ୍ଗଳବାର ଶଙ୍ଖଭବନରେ ମେୟରଙ୍କ ଦଳ ବିରୋଧୀ କାର୍ଯ୍ୟକ୍ରମ ବିରୋଧରେ ଅଭିଯୋଗ କରାଯିବ ବୋଲି ବିଜେଡି ଯୁବ ଛାତ୍ର ରାଜ୍ୟ ଉପସଭାପତି ସନ୍ତୋଷ ମହାପାତ୍ର ସୂଚନା ଦେଇଛନ୍ତି।

# ସଚେତନ ହେଲେ ସାଇବର କ୍ରାଇମ୍ ରୋକାଯାଇପାରିବ

**ଆମ ପୋଲିସ ସମିତିର ବୈଠକ**

ସାଲେପୁର,୩୦।୯(ଅରବିନ୍ଦ ଭୂୟାଁ):




ଆମ ପୋଲିସ ବୈଠକରେ ଯୋଗଦେଇଥିବା ଅଧିକାରୀମାନେ ।

ଆମ ପୋଲିସ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷ କରି ସାଇବର କ୍ରାଇମ ରୋକିବା ଉପରେ ଗୁରୁତ୍ୱାରୋପ ହୋଇଥିଲା। ସଚେତନ ହେଲେ ଏହି ଅପରାଧକୁ ରୋକାଯାଇପାରିବ। ଆମ ପୋଲିସ ସଦସ୍ୟମାନେ ସାଇବର କ୍ରାଇମ୍‌କୁ ରୋକିବାପାଇଁ ସଚେତନତା ସୃଷ୍ଟିକରିବା ଦରକାର ବୋଲି ମତ ପ୍ରକାଶ ପାଇଥିଲା। ସାଲେପୁର ଆଦର୍ଶ ଥାନାର ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାର୍ବଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବିଶେଷ କରି ଶୋଭାଯାତ୍ରାରେ ବ୍ୟବହୃତ ହେଉଥିବା ଶବ୍ଦ ପ୍ରଦୂଷଣ ଓ ଲେଜର ଲାଇଟ୍‌କୁ ରୋକିବାପାଇଁ ସମସ୍ତ ପୂଜା କମିଟିର ସଦସ୍ୟମାନଙ୍କୁ ସଚେତନ କରିବାପାଇଁ ମତ ପ୍ରକାଶ ପାଇଥିଲା। ସମଗ୍ର ଦେଶରେ ସାଇବର କ୍ରାଇମ୍ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ସାଇବର କ୍ରାଇମ୍‌କୁ ରୋକିବାପାଇଁ ନିଜେ ସଚେତନ ହେବା ସହ ଅନ୍ୟକୁ ସଚେତନ କରାଇବାର ଆବଶ୍ୟକତା ରହିଛି ବୋଲି ସ୍ୱାଇଁ ପ୍ରକାଶ କରିଥିଲେ। ବିଶେଷ କରି ଅଜଣା ଫୋନ୍ ନମ୍ବର ରିସିଭ୍ ନ କରିବା, କାହାକୁ ନିଜର ଓଟିପି ନମ୍ବର ନ ଦେବା, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବିଭିନ୍ନ ସାଇବର ଅପରାଧୀମାନେ ବଡ଼ ବଡ଼ ପ୍ରଶାସନିକ ଅଧିକାରୀମାନଙ୍କ ନାମରେ ଫେକ୍ ଆଇଡି ଏବଂ ଫେକ୍ ଫୋନ୍ ମାଧ୍ୟମରେ ବିଭିନ୍ନ ପ୍ରକାର ଭୟଭୀତ କରାଇ ଅର୍ଥ ଲୁଟୁଛନ୍ତି। ତେଣୁ ଏ ଦିଗରେ ବିଶେଷ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ଥାନା ଅଫିସର ନୀଳମାଧବ ପଣ୍ଡା, ଧିରେନ୍ଦ୍ର ମଲ୍ଲିକ, ଏଏସ୍‌ଆଇ. ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିବାବେଳେ ଆମ ପୋଲିସ ସଦସ୍ୟ ଜଗନ୍ନାଥ ବଡ୍ରିଆ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଦାଶ, ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ, ସରପଞ୍ଚ ପ୍ରତିନିଧି ବେଣୁଧର ପ୍ରଧାନ, ସାମାଜିକ କର୍ମୀ ଗୋଲଖ ଚନ୍ଦ୍ର ପରିଡ଼ା, ଖବରଦାତା ହୃଷୀକେଶ ମଲ୍ଲିକ, ଅରବିନ୍ଦ ଭୂୟାଁ, ହେମନ୍ତ ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ନାରାୟଣ ଭୂୟାଁ, ନିଲୁ ବିଶ୍ୱାଳଙ୍କ ସମେତ ଆମ ପୋଲିସ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଗ୍ରାମବାସୀଙ୍କ ମୌଳିକ ଅଧିକାର ଫେରାଇବାକୁ ଦାବି

**ଅଭିଯୋଗ ପାଇ ସ୍ଥିତି ପରଖିଲେ ଏମ୍‌ପି**

ଚୌଦ୍ୱାର,୩୦।୯(ଆଶୁତୋଷ ଦାସ)



ବାଣୀପଦା ଗ୍ରାମବାସୀ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଦାବି ଜଣାଉଛନ୍ତି ।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତରେ କେତେ କମ୍ପାନୀ ଗ୍ରାମ ଜଙ୍ଗଲ, ଗୋଚରଜମି, ଖେଳପଡ଼ିଆ, ମଶାଣି ଜମିକୁ ଅକ୍ତିଆର କରି ନେଇଥିବା ଅଭିଯୋଗ କରି ଏହି ଜବରଦଖଲକୁ ଉଚ୍ଛେଦ କରି ଗ୍ରାମବାସୀଙ୍କ ମୌଳିକ ଅଧିକାରକୁ ଫେରାଇ ଦେବାକୁ ବାଣୀପଦା ଗ୍ରାମବାସୀ କଟକ ଏମ୍‌ପିଙ୍କ ଭର୍ତ୍ତୃହରି ମହତାବ ନିକଟରେ ସୋମବାର ଦାବି କରିଛନ୍ତି। ଏହାପରେ ଏମ୍‌ପି ମହତାବ ଅକ୍ତିୟାର ହୋଇଥିବା ଜମିକୁ ଯାଇ ଲୋକଙ୍କ ସହ ଆଲୋଚନା କରି ସ୍ଥିତି ପରଖିଥିଲେ।

ବାଣୀପଦା ପଞ୍ଚାୟତ ସୁରକ୍ଷା କମିଟି ଆହ୍ୱାନରେ ବାଣୀପଦାରେ ଆୟୋଜିତ ଏକ ସାଧାରଣ ସଭାରେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କିତ ଦାବିପତ୍ର ଗ୍ରହଣ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଗ୍ରାମରେ ୮୦ ପ୍ରତିଶତ ଲୋକ ଚାଷ କାର୍ଯ୍ୟ ଓ ଗୋପାଳନ ଉପରେ ନିର୍ଭରଶୀଳ। ଏଥିପାଇଁ ଗ୍ରାମପାର୍ଶ୍ୱରେ ଥିବା ଗୋଚର, ମଶାଣି, ଖେଳପଡ଼ିଆ, ଗ୍ରାମ ଜଙ୍ଗଲ, ସ୍କୁଲ, ବାତ୍ୟା ଆଶ୍ରୟସ୍ଥଳ ପାଇଁ ଥିବା ଆବାଦଯୋଗ୍ୟ ଅନାବାଦୀ ଓ ବସ୍ତିଯୋଗ୍ୟ ଅନାବାଦୀ ଜମିକୁ ଇଡ୍‌କୋ ନିଜ ଅକ୍ତିଆରକୁ ନେଇ ବିଭିନ୍ନ କମ୍ପାନୀକୁ ପ୍ରଦାନ କରି ଦେଇଛି। ଏପରିକି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ଦୀର୍ଘ ଦିନ ଧରି ବସବାସ କରୁଥିବା ସାହିକୁ ଯିବା ଆସିବାକୁ ରାସ୍ତାକୁ ମଧ୍ୟ ଦଖଲ କରିନିଆଯାଇଛି। ଫଳରେ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଉପସ୍ଥିତ ଜନତା ଅଭିଯୋଗ କରିଥିଲେ। ଏମ୍‌ପି ମହତାବ ଅଭିଯୋଗପତ୍ର ଗ୍ରହଣ କରି ଲୋକଙ୍କ ସମସ୍ୟା ସମାଧାନକୁ ଅଗ୍ରାଧିକାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହିତ ଗ୍ରାମବାସୀଙ୍କ ମୌଳିକ ସୁବିଧାର ସୁରକ୍ଷା ପାଇଁ ପ୍ରଶାସନିକସ୍ତରରେ ଉପଯୁକ୍ତ ପଦକ୍ଷେପ ନେବାକୁ ସଭାରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ। ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଏଡିଏମ୍ ଉମାକାନ୍ତ ରାଜ, ଇଡ୍‌କୋ ଅଧିକାରୀ ପରିକ୍ଷିତ ମହାଲିକ, ସୁସ୍ମାତା ମହାନ୍ତି, ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଆଇଆଇସି ବିଶ୍ୱରଞ୍ଜନ ସାହୁ, ଗ୍ରାମ ସୁରକ୍ଷା କମିଟି ସଭାପତି ଜୟନ୍ତ କୁମାର ସ୍ୱାଇଁ, ସମ୍ପାଦକ ପ୍ରଦୀପ ସ୍ୱାଇଁ, ଭାଜପା ମଣ୍ଡଳ ସମ୍ପାଦକ ବିଜୟ ବଳ, ଅଜିତ୍ ସୁବୁଦ୍ଧିରାୟଙ୍କ ସମେତ ଗ୍ରାମର ବହୁ ସଂଖ୍ୟକ ମହିଳା ଓ ପୁରୁଷ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶରତ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କାଳରାତ୍ରି ବେଶରେ ମା'ବନଦୁର୍ଗା



ନିରାକାରପୁର,୩୦।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଶାରଦୀୟ ପୂଜା ଅବସରରେ ସୋମବାର ରାମେଶ୍ୱର ପଞ୍ଚାୟତ ସ୍ଥିତ ମା'ବନଦୁର୍ଗା କାଳରାତ୍ରି ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା ଏବଂ ପରେ ମା'ଙ୍କର ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକଙ୍କ ପରିବାର ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

### ଖବରଦାତାଙ୍କ ମାତୃ ବିୟୋଗ

ଯାଁଳା,୩୦।୯ (ବୁଲା ବାରିକ)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ଯାଁଳା ଅଞ୍ଚଳର 'ଧରିତ୍ରୀ' ଖବରଦାତା ବୁଲା ବାରିକଙ୍କ ମା' ନୀଳମଣି ବାରିକଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା।



ସେ ଜଣେ ଧର୍ମପରାୟଣା, ମେଳାପୀ ମହିଳା ଥିଲେ। ନୀଳମଣି ଗତ କିଛି ମାସ ହେବ କର୍କଟ ରୋଗରେ ପୀଡ଼ିତ ହୋଇ ସ୍ଥାନୀୟ ଏକ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତେବେ ପୂର୍ବାହ୍ନରେ ତାଙ୍କୁ ଘରକୁ ଅଣାଯାଇଥିବା ବେଳେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ୪ପୁଅ ବୋହୂ, ଦୁଇ ଝିଅ, ଜ୍ୱାଇଁ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ନୃସିଂହ ଚରଣ ବାରିକ ମୁଖାଗ୍ନି ଦେଇଥିଲେ।

### ଗାଡ଼ି ଧକ୍କାରେ ଯୁବକ ମୃତ

ଖୋର୍ଦ୍ଧା,୩୦।୯ (ପ୍ରଭାତ ପାଣିଗ୍ରାହୀ)

ସଦର ଥାନା ଅଧୀନ ଛତ୍ରମା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରହ୍ମପୁର ବଡ଼ବଜାର ଅଞ୍ଚଳର ଶ୍ରୀକାନ୍ତ ଗୌଡ଼। ଏକ ସ୍କୁଟିରେ ଶ୍ରୀକାନ୍ତ ଜଣେ ସହଯୋଗୀଙ୍କ ସହ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଘରକୁ ଫେରୁଥିଲେ। ରାତି ୯ଟାରେ ଛତ୍ରମା ଛକ ରାସ୍ତାପାର୍ଶ୍ୱରେ ଏକ ଗୋରୁ ଆହତ ହୋଇଥିବା ଦେଖି ଗାଡ଼ି ରଖି ଦେଖିବାକୁ ଯାଇଥିଲେ। ସେଠାରୁ ଗାଡି ପାଖକୁ ଆସୁଥିବାବେଳେ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନକୁ ଗୁରୁତ୍ୱ

ଖୋର୍ଦ୍ଧା,୩୦।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ସନ୍ଧ୍ୟାରାଣୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ତାପସ କୁମାର ନାୟକ ପିଲାମାନଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବନ୍ଧୀୟ ସମସ୍ତ ଦକ୍ଷତା ଓ କୌଶଳ ହାସଲ କରିବାରେ ମାତାପିତା, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଜନପ୍ରତିନିଧିଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ଓ ପୌର ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ବ୍ଲକର ୨୨ଟି ପଞ୍ଚାୟତର ସରପଞ୍ଚମାନେ ଯୋଗଦେଇଥିଲେ। ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସଫଳ ରୂପାୟନ ଦିଗରେ ନିଜର ଭୂମିକା ବିଷୟରେ ଅବଗତ ହୋଇଥିଲେ। ଆଗାମୀ ଦିନରେ ନିପୁଣ ଓଡ଼ିଶା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଆଗ୍ରହ ବୃଦ୍ଧି କରିବାରେ ସହାୟକ ହେବେ ବୋଲି ମତବ୍ୟକ୍ତ କରିଥିଲେ। ଏହାକୁ ବିଦ୍ୟାଳୟ ସ୍ତରରେ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ ଫଳପ୍ରଦ କରିବା ପାଇଁ ଶିକ୍ଷକ, ଅଭିଭାବକ, ଜନପ୍ରତିନିଧି, ସାମ୍ବାଦିକ, ପ୍ରଶାସନ ଓ ଶିକ୍ଷା ବିଭାଗର ଅଧିକାରୀଙ୍କ ସହ ସହଭାଗିତାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଅତିଥିଙ୍କ ଦ୍ୱାରା ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚିତ ସହ ବନ୍ଦେ ମାତରଂ ସଙ୍ଗୀତ ଗାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ରବିନାରାୟଣ ପଣ୍ଡା, ଅମୀୟ କୁମାର ପରିଡ଼ା, ରେବତୀ ପଣ୍ଡା, ରବି ସାହୁ, ରବି ପ୍ରଧାନ, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ଅମୀୟ ଜେନା, ବିକାଶ ମୁଦୁଲି, ଧ୍ରୁବଚରଣ ରଣା, ପବିତ୍ର ଦଳେଇ, ପବିତ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଣ୍ଡଳ ସାଧନ ସଂଯୋଜକ ସନ୍ଧ୍ୟାବତୀ ଲେଙ୍କା ଧନ୍ୟବାଦ ଦେଇଥିଲେ।



ମଣ୍ଡଳ ସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଅତିଥି ଏବଂ ଅନ୍ୟମାନେ।

# ଜନ ଶୁଣାଣି ଶିବିରରେ ୧୫୬ ଅଭିଯୋଗ

ଟାଙ୍ଗୀ,୩୦।୯ (ରଘୁନାଥ ସାହୁ)

ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ୍ ୧୫୬ଟି ଅଭିଯୋଗ ହୋଇଥିଲା। ଏଥିମଧ୍ୟରୁ ୧୪୭ଟି ବ୍ୟକ୍ତିଗତ ସମସ୍ୟା ଏବଂ ୬ଟି ଅଭିଯୋଗ ଗୋଷ୍ଠୀଗତ ସମସ୍ୟା ରହିଥିଲା। ଦୁଇଟି ଅଭିଯୋଗର ତୁରନ୍ତ ଫଇସଲା ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଜଣେ ଦିବ୍ୟାଙ୍ଗଙ୍କୁ ତିନିଚକିଆ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଟାଙ୍ଗୀ ବିଡିଓ ରେଶ୍‌ମା ଟେଟେ, ତହସିଲଦାର ମିତାଲି ପାତ୍ର, ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜ୍ୟଶ୍ରୀ ପଟ୍ଟନାୟକ, ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, କୃଷି ଜିଲା ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ଜିଲା ପଦାଧିକାରୀମାନେ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ।



ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ଗଛରୁ ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

ନିରାକାରପୁର,୩୦।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଅଧୀନ ଯାଜପୁର ଗ୍ରାମସ୍ଥିତ ମା'ତୋଟାଭଗବତୀଙ୍କ ପୀଠ ପରିସରରେ ଥିବା ଏକ ଆମ୍ବଗଛରୁ ସୋମବାର ନିରାକାରପୁର ଥାନା ପୋଲିସ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଜଙ୍କିଆ ଥାନା ଓରବରସିଂହ ପଞ୍ଚାୟତ ଅନ୍ତର୍ଗତ କୃଷ୍ଣପୁର ଗ୍ରାମର ସନ୍ତୋଷ କୁମାର ସେଠୀ ଓରଫ ଚନ୍ଦନ(୧୭)। ଏଥିସହ ପୋଲିସ ଘଟଣାସ୍ଥଳରୁ ଏକ ବାଇକ୍ ଜବତ କରିଛି। ଅନ୍ୟପକ୍ଷରେ ଚନ୍ଦନଙ୍କୁ ହତ୍ୟା କରାଯାଇ ଗଛରେ ଝୁଲାଇ ଦିଆଯାଇଛି ବୋଲି ବାପା ନିରଞ୍ଜନ ସେଠୀ ନିରାକାରପୁର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନରେ ଏକ ମାମଲା (ନଂ.୨୫୪/୨୪) ରୁଜୁ ହୋଇଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି।

### ହତ୍ୟା ଅଭିଯୋଗ ଆଣିଲେ ପରିବାର

ନିରଞ୍ଜନଙ୍କ ଅଭିଯୋଗ ମୁତାବକ, ସୋମବାର ଚନ୍ଦନଙ୍କ ବିଟେକ୍ ଆଡ୍‌ମିଶନ ହେବାର ଥିଲା। ଶ୍ରାଦ୍ଧରେ ବ୍ୟସ୍ତ ଥିବାରୁ ଚନ୍ଦନଙ୍କୁ ଏଟିଏମ୍‌ରୁ ଟଙ୍କା ଆଣିବା ପାଇଁ ସକାଳ ୮ଟାରେ ନିରାକାରପୁର ପଠାଇଥିଲି। ହେଲେ ଫେରିବାରେ ବିଳମ୍ବ ହେବାରୁ ତା' ମୋବାଇଲ ନମ୍ବରକୁ ଯୋଗଯୋଗ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲା। କିଛି ସମୟ ପରେ ପଡୋଶୀ ଘରର ଜଣେ ଝିଅ ଚନ୍ଦନଙ୍କ ଗଛରେ ଝୁଲୁଥିବା ନେଇ ମୋବାଇଲରେ ଦେଖାଇଥିଲା। ଦୁଇ ଗୋଡ଼ ତଳେ ଲାଗିଥିବା ବେଳେ ତାକୁ କେହି ମାରି ଝୁଲାଇ ଦେଇଛି ବୋଲି ନିରଞ୍ଜନ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପ୍ୟାକେଟରୁ ଗାଡ଼ି ଚାବି ଓ ମୋବାଇଲ ଜବତ ହୋଇଥିବା ବେଳେ ଏଟିଏମ୍ କାର୍ଡ କୁଆଡ଼େ ଗଲା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଭୂଷଣ୍ଡପୁରରେ ୫ମ ବାର୍ଷିକ ହାଟ ଉତ୍ସବ

ଟାଙ୍ଗୀ,୩୦।୯ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକର ଭୂଷଣ୍ଡପୁରଠାରେ ଚାଲିଆସୁଥିବା ହାଟର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଚିଲିକାର ତଟଦେଶରେ ଅବସ୍ଥିତ ଭୂଷଣ୍ଡପୁର ଏବଂ ବାଲିପାଟପୁର ପଞ୍ଚାୟତର କେନ୍ଦ୍ରସ୍ଥଳୀ ଦୋଳପଡ଼ିଆ ଠାରେ ବ୍ୟବସାୟୀଙ୍କୁ ନେଇ ପାଞ୍ଚ ବର୍ଷ ହେବ ହାଟ ଚାଲିଆସୁଅଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ହାଟ କମିଟିର ସଭାପତି ରବୀନ୍ଦ୍ର ସାମନ୍ତରାୟ, ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପରିଡା, ପୂର୍ବତନ ସରପଞ୍ଚ ତ୍ରିନାଥ ବେହେରା, ବିରଞ୍ଚି ନାରାୟଣ ପ୍ରଧାନ, ସୁରେଶ ଚନ୍ଦ୍ର ବେହେରା, ପ୍ରହଲ୍ଲାଦ ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବ୍ୟବସାୟୀଙ୍କୁ ଗୋଟିଏ ଲେଖାଏ ଛତା ବଣ୍ଟନ କରିଥିଲେ।

# ଡିସେମ୍ବର ୨୨ରୁ ଗିନି କପ୍

ଖୋର୍ଦ୍ଧା,୩୦।୯ (ପ୍ରଭାତ ପାଣିଗ୍ରାହୀ)

ଆସନ୍ତା ଡିସେମ୍ବର ୨୨ରୁ ଗିନି କପ୍-୨୦୨୪ ଟୁର୍ନାମେଣ୍ଟ ଆରମ୍ଭ ହୋଇ ୨୯ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାର ୮ଟି ଦଳ ଅଂଶଗ୍ରହଣ କରିବେ। ସ୍ଥାନୀୟ ଷ୍ଟାଡିୟମ ପରିସରରେ ଏହାର ମ୍ୟାଚ୍ ଖେଳାଯିବ। ଖୋର୍ଦ୍ଧା ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (କେଡିସିଏ) ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଆସୋସିଏଶନ ସଭାପତି ମନୋଜ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ଗିନି କପ୍ ଆୟୋଜନ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ବିଭାବସୁ ମହାନ୍ତି, ସୁରେଶ ଭୂଷଣ ପଟ୍ଟନାୟକ, ସୌରରଞ୍ଜନ ମହାନ୍ତି, ଗଗନ ମହାନ୍ତି, ସୁକାନ୍ତ ଦାସ, ବ୍ରିଜେଶ ପ୍ରଧାନ, ପୃଥ୍ୱୀରାଜ ପ୍ରଧାନ, ସୁଧିର ସାହୁ, ରବି ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୪ରେ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ

ବାଲୁଗାଁ,୩୦।୯ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବଜାର ଦେଇ ଯାଇଥିବା ୫ ନମ୍ବର ଜାତୀୟ ରାଜପଥର ୪ଲେନ ବିଶିଷ୍ଟ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାସ୍ତାପାର୍ଶ୍ୱ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଅକ୍ଟୋବର ୪ ତାରିଖରେ ଆରମ୍ଭ ହେବ ବୋଲି ଚିଲିକା ତହସିଲ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ତହସିଲ ଅଧୀନ ଗୋବର୍ଦ୍ଧନପୁର ମୌଜା ଜୟପୁରଠାରୁ ଇଞ୍ଜନପୁର ମୌଜା ଗବପଦର ପର୍ଯ୍ୟନ୍ତ ୪କି.ମି. ଦୂରତା ରାସ୍ତା ପ୍ରଶସ୍ତୀକରଣ ହେବ। ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଖୋର୍ଦ୍ଧାର କାର୍ଯ୍ୟାଦେଶ ରହିଛି। ତେବେ କିଛିଦିନ ପୂର୍ବେ ତହସିଲ ପକ୍ଷରୁ ମାପଚୁପ କାର୍ଯ୍ୟ ଶେଷ ହୋଇ ୯୭ ଜଣ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଗତ ୨୭ ତାରିଖରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବ ବୋଲି ତହସିଲ ପକ୍ଷରୁ ନୋଟିସ ହୋଇଥିଲା। କିନ୍ତୁ କୌଣସି କାରଣବଶତଃ ଉଚ୍ଛେଦ କାର୍ଯ୍ୟକୁ ସାମୟିକ ଭାବେ ସ୍ଥଗିତ ରଖାଯାଇ ପରବର୍ତ୍ତୀ ସମୟରେ ତାରିଖ ଘୋଷଣା କରାଯିବ ବୋଲି ୨୬ତାରିଖରେ ତହସିଲ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଗକୁ ପାର୍ବଣ ଥିବାରୁ ଅଞ୍ଚଳବାସୀ ଓ ବ୍ୟବସାୟୀ ଆଶ୍ୱସ୍ତ ହୋଇଥିଲେ। ପୁନର୍ବାର ଆସନ୍ତା ୪ ତାରିଖରେ ଜବରଦଖଲ ଉଚ୍ଛେଦ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ୩ ତାରିଖ ସୁଦ୍ଧା ଜବରଦଖଲକାରୀ ଉକ୍ତ ଜାଗାକୁ ଅବରୋଧ ମୁକ୍ତ କରିବା ପାଇଁ ତହସିଲଦାର ଚକ୍ରଧର ପାଢ଼ୀ ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

ଜଟଣୀ,୩୦।୯ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀରେ ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ସୋମବାର ଜଟଣୀ ବ୍ଲକ ସଭାଗୃହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ନଗରପାଳ ଅନନ୍ତ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଖୋର୍ଦ୍ଧା ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରଶିକ୍ଷିକା ବୀଣାପାଣି ପାଢ଼ୀ, ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସବିତା ମହାପାତ୍ରଙ୍କ ସମେତ ସରପଞ୍ଚ, ସିଆର୍‌ସିସି, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ନିପୁଣ ଓଡ଼ିଶା କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ଏହି କାର୍ଯ୍ୟକ୍ରମରେ ପାଢ଼ୀ ନିପୁଣ ଓଡ଼ିଶା ପଞ୍ଚସୂତ୍ର ବିଷୟରେ ଆଲୋକପାତ କରିଥିଲେ। ପ୍ରଥମ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ର କିଭଳି ସର୍ବନିମ୍ନ ଦକ୍ଷତା ହାସଲ କରିବେ ନିପୁଣ ଓଡ଼ିଶାର ମୂଳ ଲକ୍ଷ୍ୟ। ଶେଷରେ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କରୁଛନ୍ତି।

# ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

ବୋଲଗଡ଼,୩୦।୯ (ଦେବବ୍ରତ ହୋତା)

ବୋଲଗଡ଼ ଭାଜପା ପକ୍ଷରୁ ୨୫ ନମ୍ବର ଜୋନ ଅନ୍ତର୍ଗତ ଡାବରଧୂଆ ପାଟଣା ପଞ୍ଚାୟତ ଅଞ୍ଚଳରେ ସଦସ୍ୟତା ଅଭିଯାନ -୨୦୨୪ ସ୍ଥାନୀୟ ବୀଣାପାଣି କ୍ଲବଠାରେ ପଞ୍ଚାୟତ ସଭାପତି ଦାଶରଥି ଜୟସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଇଯାଇଛି। ଏନେଇ ଆୟୋଜିତ ସଭାରେ ଜିଲା ସଦସ୍ୟତା ପ୍ରମୁଖ ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମଣ୍ଡଳ ସଭାପତି ସଞ୍ଜୟ ବେହେରା ଏବଂ ସାଧାରଣ ସମ୍ପାଦକ ଅଜିତ ପଟ୍ଟନାୟକ ଯୋଗଦେଇ ଭାଜପାର ସଦସ୍ୟ ହୋଇ ସଶକ୍ତ ଭାଜପା, ମଜଭୁତ ତଥା ବିକଶିତ ଭାରତର ନାରା ଦେଇଥିଲେ। ମଣ୍ଡଳ ସଦସ୍ୟତା ପ୍ରମୁଖ ସଞ୍ଜୟ ମହାପାତ୍ର କର୍ମୀମାନଙ୍କୁ ମୋବାଇଲ ମାଧ୍ୟମରେ ସଦସ୍ୟତା କରିବାର ପ୍ରଣାଳୀ ଶିଖାଇଥିଲେ। ପଞ୍ଚାୟତର ବରିଷ୍ଠ କାର୍ଯ୍ୟକର୍ତ୍ତା ଶଶାଙ୍କ ଭୁଜବଳ, ବସନ୍ତ ରାଉତ ଉପସ୍ଥିତ ରହି ସଦସ୍ୟତା ପାଇଁ ଉତ୍ସାହିତ କରିଥିଲେ। ପଞ୍ଚାୟତର ପାଖାପାଖି ୮୦ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପଞ୍ଚାୟତକୁ ବୋଲଗଡ ବ୍ଲକରେ ଏକ ନମ୍ବର ଭାଜପା ସଦସ୍ୟ ବିଶିଷ୍ଟ ପଞ୍ଚାୟତ କରିବା ପାଇଁ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ବଳିୟାରସିଂହ, ଜଗବନ୍ଧୁ ମୁଦୁଲି, ଅଭିମନ୍ୟୁ ପଟ୍ଟନାୟକ ଉପସ୍ଥିତ ଥିଲେ। ଶେଷରେ ପଞ୍ଚାୟତ ସମ୍ପାଦକ ରାଧାମୋହନ ପାଇକରାୟ ଧନ୍ୟବାଦ ଦେଇଥିଲେ।

# ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ ଦସ୍ତଖତ ଅଭିଯାନ

ବେଗୁନିଆ,୩୦।୯
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମହାବିଦ୍ୟାଳୟ ପରିସରରେ ସୋମବାର ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଅଭିଯାନରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ପଙ୍କଜ କୁମାର କର, ପ୍ରିୟମ୍ବଦା ବେହେରା, ବିଧୁଭୂଷଣ ରାଉତ, ସ୍ମୃତିମୟୀ ବସନ୍ତିଆ, ସୌମ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅତ୍ୟାଧୁନିକ ଯୁଗରେ ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ସ୍ୱାସ୍ଥ୍ୟ ପ୍ରତି ଘାତକ ସାଜିଛି। ବିଶେଷକରି ଅଣୁ ପ୍ଲାଷ୍ଟିକର ବ୍ୟାପକ ବ୍ୟବହାର ପରିବେଶକୁ ପ୍ରଦୂଷିତ କରିବା ସହ ବିଭିନ୍ନ ସଂକ୍ରାମକ ରୋଗ ଦେଖାଦେଉଛି। ଏହାର ବ୍ୟବହାର ଉପରେ କୌଣସି ଅଙ୍କୁଶ ରହୁନାହିଁ। ଏବେ ସଚେତନ ହେବାର ସମୟ ଆସିଛି। ପ୍ଲାଷ୍ଟିକ ବ୍ୟବହାରକୁ ରୋକିବା ପାଇଁ ସଭିଏ ଅଣ୍ଟା ଭିଡିବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯୁବ ରେଡକ୍ରସ ବିଭାଗର ପରାମର୍ଶଦାତା ଡ.ସତ୍ୟଜିତ ଦାସ ଏବଂ ଉମେଶ କୁମାର ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଇପିଏଫ୍ ପେନସନର୍ସଙ୍କ ଦାବିକୁ ଅଣଦେଖା ନେଇ ଅସନ୍ତୋଷ

ଖୋର୍ଦ୍ଧା,୩୦।୯ (ପ୍ରଭାତ ପାଣିଗ୍ରାହୀ)

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ସଂଘ(ଇପିଏ) ଖୋର୍ଦ୍ଧା ଜିଲାର ସାଧାରଣ ବୈଠକ ସ୍ଥାନୀୟ ଗୀତାଭବନ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ପ୍ରଫୁଲ୍ଲ କୁମାର ଦାସ ସଭାପତିତ୍ୱ କରିଥିଲେ। ବୈଠକରେ ରାଜ୍ୟ କମିଟି ସଭାପତି ବିଜୟ କୁମାର ଜେନା, ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଖୋର୍ଦ୍ଧା ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଉପସଭାପତି ସଚ୍ଚିଦାନନ୍ଦ ସାମନ୍ତରାୟ, ଜଗତସିଂହପୁର ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଖୋର୍ଦ୍ଧା ମଣ୍ଡଳ ସଭାପତି ହରେନ୍ଦ୍ରନାଥ ପାଲ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଇପିଏଫ୍ ପେନସନର୍ସଧାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଓଡ଼ିଶା ସଂଘ ସମେତ କେନ୍ଦ୍ରୀୟ ସଙ୍ଗଠନଗୁଡିକ ଦୀର୍ଘଦିନ ଧରି ସର୍ବନିମ୍ନ ପେନସନ୍ ୯ହଜାର ଟଙ୍କା ବୃଦ୍ଧି, ମହଙ୍ଗା ଭତ୍ତା ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଦାବି ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଅନ୍ୟପକ୍ଷରେ ପୁଞ୍ଜିପତି ମାନଙ୍କୁ ଅଯାଚିତ ଭାବେ ରିହାତି ଓ ଅନୁଦାନ ଦିଆଯାଉଛି। ଇପିଏଫ୍ ପେନସନର୍ସଙ୍କ ଦାବିକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି। ବିଭିନ୍ନ ସରକାରୀ କଳକାରଖାନା ଓ ସରକାରୀ ଅନୁଦାନପ୍ରାପ୍ତ ସଂସ୍ଥା ଗୁଡ଼ିକରେ କାମ କରି ଅବସର ପରେ ସର୍ବନିମ୍ନ ପେନସନ ବିନା ମହଙ୍ଗା ଭତାରେ ଏକ ହଜାର ଟଙ୍କାରେ ପେନସନ ଦିଆଯିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଆଜିର ମହଙ୍ଗା ଯୁଗରେ କିପରି ଚଳିବେ ବୋଲି ପ୍ରଶ୍ନ କରିଛି ସଂଘ। ଦେଶରେ ୭୮ଲକ୍ଷରୁ ଉର୍ଦ୍ଧ୍ୱ ଏବଂ ଓଡ଼ିଶାରେ ୨ଲକ୍ଷ ଇପିଏଫ ପେନସନଧାରୀ ୧ ହଜାର ଟଙ୍କା ପାଉଛନ୍ତି। ପେନସନ ଜଣକଙ୍କ ସାମାଜିକ ଅଧିକାର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେବେ ବାରମ୍ବାର ପେନସନ ବୃଦ୍ଧି ଦାବି ସତ୍ତ୍ୱେ ସରକାର କର୍ଣ୍ଣପାତ କରୁନାହାନ୍ତି। ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଯଥା ଆଇଏନଟିୟୁସି, ସିଟୁ, ଏଆଇଟିୟୁସି, ଏଚଏମଏସ ଓ ବିଏମଏସ ପକ୍ଷରୁ ସମର୍ଥନ ଜଣାଇ ପେନସନ୍ ବୃଦ୍ଧି ଲାଗି କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏହା ସତ୍ତ୍ୱେ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଫଳରେ ଇପିଏଫ ପେନସନ ଭୋଗୀ ବରିଷ୍ଠ ନାଗରିକମାନେ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବଞ୍ଚିବା ପାଇଁ ଆବଶ୍ୟକ ଖାଦ୍ୟ ଓ ଔଷଧ ଖର୍ଚ୍ଚ ଯୋଗାଇଦେବାକୁ ଦାବି ସତ୍ତ୍ୱେ ସରକାର ନୀରବଦ୍ରଷ୍ଟା ସାଜିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଇପିଏଫ୍ ପେନସନଧାରୀ ଅବହେଳିତ ଅବସ୍ଥାରେ ରହୁଛନ୍ତି। କେନ୍ଦ୍ର ସରକାରଙ୍କ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ ସହ ଆଗାମୀ ଦିନରେ ଏହି ଦାବି ହାସଲ ପାଇଁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଅବସରରେ ଖୋର୍ଦ୍ଧା ମଣ୍ଡଳ ସଭାପତି ହରେନ୍ଦ୍ର ନାଥ ପାଲ, ବିନାୟକ ପଟ୍ଟନାୟକ ଓ ନବ କିଶୋର ରାଣା ଉପସଭାପତି, ଗଗନ ବିହାରୀ ପାଇକରାୟ ସମ୍ପାଦକ ଓ ହରିହର ସାହୁ ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ବିଜୟ କୁମାର ପଟ୍ଟନାୟକଙ୍କ ସମେତ ୭ଜଣ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଛନ୍ତି।

### ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ସଂଘ ଖୋର୍ଦ୍ଧା ଜିଲାର ସାଧାରଣ ବୈଠକ




ବୈଠକରେ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ସଂଘର କର୍ମକର୍ତ୍ତା ଏବଂ ଅନ୍ୟମାନେ।

# ପରିତ୍ୟକ୍ତ କୂଅରୁ ବାର୍‌ହା ଉଦ୍ଧାର



ତ୍ରିଶୂଳିଆ,୩୦।୯(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅଧୀନ ବେଲଗଛିଆ ଗ୍ରାମପଞ୍ଚାୟତର ଜୟପୁର ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଗୋଟିଏ ଜଙ୍ଗଲୀ ବାର୍‌ହାକୁ ସୋମବାର ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ଖବରରୁ ପ୍ରକାଶ, ଜଙ୍ଗଲୀ ବାର୍‌ହାଟି ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ପଳେଇ ଆସିଥିଲା। ଅସାବଧାନତା କାରଣରୁ ଜାଣି ନ ପାରି ଜୟପୁର ଗାଁର କଣ୍ଢେଇ ସାହୁଙ୍କ ବାଡ଼ିରେ ଥିବା ପରିତ୍ୟକ୍ତ କୂଅରେ ବାର୍‌ହା ଖସି ପଡ଼ିଥିଲା। ଗ୍ରାମବାସୀ ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବାରୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବାରଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜଙ୍ଗଲୀ ବାର୍‌ହାଟିକୁ ଉଦ୍ଧାର କରି ଛାଡ଼ି ଦେଇଥିବା ଜଣାପଡ଼ିଛି।

# ସାଇବର କାଫେରେ ଓଏସ୍‌ଏସ୍‌ଏସ୍‌ସି ପରୀକ୍ଷାକୁ ବିରୋଧ

## ଉତ୍ତେଜନା ପରେ ହସ୍ତକ୍ଷେପ କଲା ପ୍ରଶାସନ

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ଗ୍ରୁପ୍-ସି ଚାକିରି ପାଇଁ ସାଇବର କାଫେରେ ପରୀକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ସୋମବାର ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଏକ କମ୍ପ୍ୟୁଟର ସେଣ୍ଟରରେ ଆର୍‌ଆଇ, ଏଆର୍‌ଆଇ, ଆଇସିଡିଏସ୍ ସୁପର ଭାଇଜର, ଅମିନ ପରୀକ୍ଷା ଚାଲିଥିବାବେଳେ ବିବାଦ ଦେଖାଦେଇଛି। ଏପରିକି ବିଳମ୍ବରେ ପରୀକ୍ଷା ଆରମ୍ଭ ହେବାକୁ ନେଇ କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥିତି ଏପରି ହୋଇଥିଲା ସେଠାରେ ପୋଲିସ ମୁତୟନ କରାଯାଇଥିଲା।

ସୂଚନାନୁସାରେ, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରୀକ୍ଷାର ପରିଚାଳନା ଦାୟିତ୍ୱ 'ଏସ୍‌ଆଇଏଫ୍‌ୱାଇ' ନାମକ ଏକ ଘରୋଇ କମ୍ପାନୀକୁ ଦିଆଯାଇଛି। ନୟାପଲ୍ଲୀ ଅଞ୍ଚଳର ଏକ ଦୁଇ ମହଲା ବିଶିଷ୍ଟ କୋଠାରେ ଥିବା କମ୍ପ୍ୟୁଟର ସେଣ୍ଟରକୁ ଅନ୍‌ଲାଇନ ପରୀକ୍ଷା କେନ୍ଦ୍ର କରାଯାଇଛି। ସୋମବାର ପ୍ରଥମ ସିଫ୍ଟ ସାଢ଼େ ୮ଟାରେ ଆରମ୍ଭ ହେବାକୁ ଥିବା ବେଳେ ବିଳମ୍ବରେ ହୋଇଥିଲା। ଏହା ସହ ଦ୍ୱିତୀୟ ଓ ତୃତୀୟ ସିଫ୍ଟ ପରୀକ୍ଷା ଆରମ୍ଭରେ ମଧ୍ୟ ବିଳମ୍ବ ହୋଇଥିଲା। ଅପରାହ୍ନ ୧ଟା ୩୦ରେ ତୃତୀୟ ସିଫ୍ଟ ପରୀକ୍ଷାର୍ଥୀଙ୍କ ରିପୋର୍ଟିଂ ସମୟ ରହିଥିବାବେଳେ ଦ୍ୱିତୀୟ ସିଫ୍ଟ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଶେଷ ହୋଇ ନ ଥିବାରୁ ବିବାଦ ସୃଷ୍ଟି ହୋଇଥିଲା। ଏହି କୋଠାରେ ରେଷ୍ଟୁରାଣ୍ଟ, ହୋମିଓପାଥି କ୍ଲିନିକ ଚାଲିଥିବାବେଳେ ପରୀକ୍ଷାକେନ୍ଦ୍ର କରାଯିବା ନେଇ ପରୀକ୍ଷାର୍ଥୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏହାବ୍ୟତୀତ ପରୀକ୍ଷା ପରିଚାଳନାରେ ମଧ୍ୟ ଅବ୍ୟବସ୍ଥା ଦର୍ଶାଇ ପରୀକ୍ଷାର୍ଥୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ଅତିରିକ୍ତ ଉପଜିଲାପାଳ ରୁଦ୍ରନାରାୟଣ ମହାନ୍ତି ପହଞ୍ଚି ପରୀକ୍ଷାର୍ଥୀଙ୍କୁ ବୁଝାଶୁଝା କରିଥିଲେ। ବିଳମ୍ବରେ ପରୀକ୍ଷା ଆରମ୍ଭ ହୋଇଥିଲେ ମଧ୍ୟ ପରୀକ୍ଷାର୍ଥୀଙ୍କୁ ନିର୍ଦ୍ଧାରିତ ସମୟ ପ୍ରଦାନ କରିବାକୁ ପରିଚାଳକଙ୍କ ସହ ଆଲୋଚନା ହୋଇଥିବା ମହାନ୍ତି ଜଣାଇଥିଲେ। ପିଲାଙ୍କ ଭବିଷ୍ୟତ ସହ ଖେଳାଯିବ ନାହିଁ ବୋଲି ସେ କହିଥିଲେ।



ଅସନ୍ତୁଷ୍ଟ ପରୀକ୍ଷାର୍ଥୀମାନେ ଗଣମାଧ୍ୟମ ନିକଟରେ ଅଭିଯୋଗ ଆଣୁଛନ୍ତି।

ରାଜ୍ୟରେ ସରକାରୀ ଚାକିରି ବିକ୍ରି ର୍ୟାକେଟ ସକ୍ରିୟ ହୋଇଥିବା କିଛିଦିନ ତଳେ ଦୁର୍ନୀତିମୁକ୍ତ ଛାତ୍ର ସଂଗଠନ ପକ୍ଷରୁ ଅଭିଯୋଗ ହୋଇଥିଲା। ଏକାଧିକ ଦଲାଲ ଗୋଷ୍ଠୀ ଆଶାୟୀଙ୍କୁ ସରକାରୀ ଚାକିରି ପ୍ରତିଶ୍ରୁତି ଦେଇ ଟଙ୍କା ଆଦାୟ କରୁଛନ୍ତି। ବିଶେଷକରି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସଏସଏସସି) ପକ୍ଷରୁ କରାଯାଉଥିବା ପରୀକ୍ଷାରେ ଆଶାୟୀଙ୍କୁ ନିଯୁକ୍ତି ଦେବାକୁ କହି ଲକ୍ଷଲକ୍ଷ ଟଙ୍କା ଲୁଟୁଥିବା ସଙ୍ଗଠନ କର୍ମକର୍ତ୍ତା କହିଛନ୍ତି। ଫରେଷ୍ଟର୍, ଫରେଷ୍ଟଗାର୍ଡ ଓ ଲାଇଭ-ଷ୍ଟକ ଇନ୍ସପେକ୍ଟର୍ ପାଇଁ ୧୬ଲକ୍ଷରୁ ୨୦ଲକ୍ଷ ନେଉଥିବା ବେଳେ ଆର୍‌ଆଇ, ଅମିନ ଓ ଏସଏଫଏସ ଚାକିରି ପାଇଁ ୧୭ଲକ୍ଷ ଟଙ୍କା ଦାବି କରାଯାଉଥିବା ଜଣେ ଆଶାୟୀ ନାମ ଗୋପନ ରଖି କହିଛନ୍ତି।



ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ ଜଗନ୍ନାଥାୟନ କାର୍ଯ୍ୟକ୍ରମରେ ପୁରୀର ଅନ୍ନପୂର୍ଣ୍ଣା ବି-ଗ୍ରୁପ୍ ପକ୍ଷରୁ ପରିବେଷିତ ନାଟକ 'ଚକା ଆଖି'ର ଏକ ଦୃଶ୍ୟ। (ଫଟୋ-ବିକାଶ ନାୟକ)

# ସ୍ମାର୍ଟ ସ୍କୁଲ ଛାତରୁ ଖସିଲା ପ୍ଲାଷ୍ଟର

## ୩ ଛାତ୍ରୀ, ଜଣେ ଶିକ୍ଷକ ଆହତ

ବୋଲଗଡ଼/କଳାପଥର,୩୦।୯
(ଦେବବ୍ରତ ହୋତା/ଗଙ୍ଗାଧର ସାହୁ)





ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ପଞ୍ଚାୟତରେ ୫-ଟିରେ ରୂପାନ୍ତରିତ ହୋଇଥିବା ଧଳାପଥର-କଳାପଥର ବାଳିକା ଉଚ୍ଚ ବିଦ୍ୟାଳୟ ଛାତରୁ ସୋମବାର ପ୍ଲାଷ୍ଟର ଖଣ୍ଡ ଖସିପଡ଼ିଥିଲା। ଏଥିରେ ଜଣେ ଅତିଥି ଶିକ୍ଷକ ଓ ୩ଜଣ ଛାତ୍ରୀ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ମାର୍ଟସ୍କୁଲର ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଧଳାପଥର-କଳାପଥର ବାଳିକା ଉଚ୍ଚ ବିଦ୍ୟାଳୟରେ ପୂର୍ବାହ୍ନ ୧୦ଟା ୩୦ରେ ଅତିଥି ଶିକ୍ଷକ ମଧୁସୂଦନ ମହାପାତ୍ର ଦଶମ ଶ୍ରେଣୀ ପିଲାଙ୍କୁ ଶିକ୍ଷାଦାନ କରୁଥିବା ବେଳେ ହଠାତ୍ ଛାତରେ ଲାଗିଥିବା ପଙ୍ଖା ନିକଟରୁ ଏକ ପ୍ଲାଷ୍ଟର ଖସିପଡ଼ିଥିଲା। ଛାତ୍ରୀ ପ୍ରିୟଙ୍କା ସାହୁ ଓ ଅନ୍ୟ ଦୁଇ ଛାତ୍ରୀଙ୍କ ଉପରେ ପ୍ଲାଷ୍ଟର ଖଣ୍ଡ ପଡ଼ିବା ସହ ଶିକ୍ଷକଙ୍କ ଉପରେ ମଧ୍ୟ ଛିଟିକି ପଡ଼ିଥିଲା। ଏହାପରେ ଅନ୍ୟ ଛାତ୍ରୀମାନେ ଚିତ୍କାର କରିବା ସହ ଶ୍ରେଣୀଗୃହରୁ ବାହାରକୁ ପଳାଇ ଆସିଥିଲେ। ପରେ ଛାତ୍ରୀ ପ୍ରିୟଙ୍କା କଳାପଥର ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ଅତିଥି ଶିକ୍ଷକ ମହାପାତ୍ର ଓ ଅନ୍ୟ ଦୁଇଛାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଖବରପାଇ ସହ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ମଣ୍ଡଳ ସଂଯୋଜକ କୈଳାସ ନାଥ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱାଇଁଙ୍କ ନିକଟରେ ଅଭିଯୋଗ ହୋଇଛି। ତେବେ ନିମ୍ନମାନର ନିର୍ମାଣ କାର୍ଯ୍ୟ ନେଇ ଏବିଇଓ ସ୍ୱାଇଁ କହିଛନ୍ତି, ଏଥିରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କୌଣସି ଭୂମିକା ନାହିଁ। ଏହା ପ୍ରଶାସନିକ ସ୍ତରରେ ନିର୍ମିତ ହୋଇଛି। ବିଭାଗ ପକ୍ଷରୁ କାମର ମାନ ଯାଞ୍ଚ କରିବା ପାଇଁ କୁହାଯିବ। ସେହିପରି ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାସ ତଦାରଖ କରାଯାଇ ସୁରକ୍ଷିତ ନିର୍ମାଣ ପାଇଁ ମତ ରଖିଛନ୍ତି। ତେବେ ଅପରାହ୍ନରେ ବୋଲଗଡ଼ ବିଡିଓ, ତହସିଲଦାର ଓ ଯନ୍ତ୍ରୀ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ପରଖିଥିଲେ।

# ଦେଶକୁ ଆତ୍ମନିର୍ଭରଶୀଳ କରିବ ବାୟୋ ଇ-ଥ୍ରୀ ନୀତି

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ କେନ୍ଦ୍ର ସରକାରଙ୍କ ବାୟୋ ଇ-ଥ୍ରୀ ନୀତି ଉପରେ ଏକ ବାର୍ତ୍ତାଳପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ ବିଆର୍‌ଆଇସି-ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସେସ (ଆଇଏଲଏସ) ସହଯୋଗରେ ଆଇଏଲ୍‌ଏସ୍ ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ବାୟୋ ଇ-ଥ୍ରୀ (ଅର୍ଥବ୍ୟବସ୍ଥା, ପରିବେଶ ଓ ନିଯୁକ୍ତି ପାଇଁ ଜୈବପ୍ରଯୁକ୍ତି ବା ବାୟୋଟେକ୍ନୋଲୋଜି) - ଉଚ୍ଚ ପ୍ରଦର୍ଶନକାରୀ ଜୈବ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲାଗି ନୀତି'। ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଓ କ୍ଷେତ୍ର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର୍ ଜେନେରାଲ ଅଖିଳ କୁମାର ମିଶ୍ର ଯୋଗଦେଇ କହିଲେ, ଦେଶ ବିକାଶରେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। କେନ୍ଦ୍ର ସରକାର ପତ୍ର ସୂଚନା କାର୍ଯ୍ୟାଳୟର ବାର୍ତ୍ତାଳାପ କାର୍ଯ୍ୟକ୍ରମ ଜରିଆରେ ବିଜ୍ଞାନଭିତ୍ତିକ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଚାହୁଁଥିବା ସେ କହିଥିଲେ। ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ ସ୍ୱାଗତ ଭାଷଣ ଦେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ସାମୁଦ୍ରିକ ଗବେଷଣା ଓ ନୀଳ ଅର୍ଥବ୍ୟବସ୍ଥାର ଆବଶ୍ୟକତା ଉପରେ ମତ ରଖିଥିଲେ। ଭୂବିଜ୍ଞାନ ମନ୍ତ୍ରଣାଳୟ ଅନୁଦାନ ସହାୟତାରେ ବିଆର୍‌ଆଇସି-ଆଇଏଲ୍‌ଏସ୍ ଏକ ଗଭୀର ସାଗର ମିଶନ ପ୍ରକଳ୍ପ ଆରମ୍ଭ କରିଥିବା ସେ ସୂଚନା ଦେଇଥିଲେ। ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗର ଉପଦେଷ୍ଟା ତଥା ବୈଜ୍ଞାନିକ ଡ. ନୀତିନ ଜୈନ ବାୟୋ ଇ-ଥ୍ରୀ ନୀତି ଦେଶକୁ କିଭଳି ସକ୍ରିୟ ଔଷଧୀୟ ଉପାଦାନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ବିଆର୍‌ଆଇସି-ଆଇଏଲ୍‌ଏସ୍‌ର ବୈଜ୍ଞାନିକ ଡ. ପୁନୀତ ପ୍ରସାଦ ସ୍ୱାସ୍ଥ୍ୟସେବା, କୃଷି, ଜୈବଶକ୍ତି କ୍ଷେତ୍ରରେ ବିଭିନ୍ନ ସାମାଜିକ ଆବଶ୍ୟକତାକୁ ପୂରଣ କରିବା ଏବଂ ଦୀର୍ଘସ୍ଥାୟୀ ପରିବେଶକୁ ବଜାୟ ରଖିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ବାତାବରଣରେ ଜଟିଳ ଜୈବବିବିଧତାକୁ ବୁଝିବାରେ ମେଟାଜେନୋମିକ୍ସର ଗୁରୁତ୍ୱ ଉପରେ କହିଥିଲେ। ବୈଜ୍ଞାନିକ ଡ. ରାଜୀବ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।




ବାୟୋ ଇ-ଥ୍ରୀ ନୀତି ଉପରେ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜ୍ୟୋତି



@ ଗୋବର୍ଦ୍ଧନ



@ ରବି



@ ସଞ୍ଜୟ



@ କାହ୍ନୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଲାମ ହେବ ବଳକା ଅର୍ପଣ ଚାଉଳ

## ବିକ୍ରି ଅର୍ଥ ଶ୍ରୀମନ୍ଦିରକୁ ପ୍ରଦାନ କରାଯିବ: ଜିଲାପାଳ

ପୁରୀ,୩୦।୯(ଅଜିତ କୁମାର ମହାନ୍ତି)

ଦୀର୍ଘଦିନ ଧରି ଅର୍ପଣ ଚାଉଳକୁ ନେଇ ଲାଗିରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିବାକୁ ଯାଉଛି। ଅର୍ପଣ ଚାଉଳକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗଚ୍ଛିତ ଥିବା ଅର୍ପଣ ଚାଉଳର ମାନ ପରୀକ୍ଷା କରାଯାଇଛି। ଏହା ଯଦିଓ ମଣିଷ ଖାଦ୍ୟ ଉପଯୋଗୀ ତେବେ ଏହା 'ବି' କାଟେଗୋରିରେ ଆସୁଥିବା ମାନ ଯାଞ୍ଚକାରୀଙ୍କ ସୂତ୍ରରୁ ସୂଚନା ମିଳିଛି। ତେଣୁ ନିଷ୍ପତ୍ତି ଅନୁସାରେ ଏହି ଚାଉଳକୁ ନିଲାମ କରାଯାଇ ତାହାର ବିକ୍ରି ଲବ୍ଧ ଅର୍ଥକୁ ଶ୍ରୀମନ୍ଦିରକୁ ଦାନ କରାଯିବ ବୋଲି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୋମବାର ଆବାସିକ କାର୍ଯ୍ୟାଳୟରେ ସୂଚନା ଦେଇଛନ୍ତି। ଏହି ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ। କାରଣ ଅଧିକ ଦିନ ରହିଲେ ଚାଉଳର ମାନରେ ପ୍ରଭାବ ପଡ଼ିବ। ତେଣୁ ଆବଶ୍ୟକ ପ୍ରକ୍ରିୟା ପାଇଁ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।



ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମୟରେ ତତ୍କାଳୀନ ବିଜେଡି ସରକାରଙ୍କ ପକ୍ଷରୁ ଅର୍ପଣ ରଥ ସାରା ରାଜ୍ୟରେ ବୁଲି ଭକ୍ତଙ୍କ ଠାରୁ ଚାଉଳ, ଗୁଆ, ଟଙ୍କା ଆଦି ଦାନ ସୂତ୍ରରେ ସଂଗ୍ରହ କରାଯାଇଥିଲା। ପରବର୍ତ୍ତୀ ସମୟରେ ସଂଗୃହୀତ ଅର୍ପଣ ଚାଉଳକୁ ନେଇ ବିବାଦ ଦେଖାଦେଇଥିଲା। ଶେଷରେ ସରକାର ଏବଂ ସୁଆର ମହାସୁଆର ନିଯୋଗର ନିଷ୍ପତ୍ତି ଅନୁଯାୟୀ ଉକ୍ତ ଚାଉଳରେ କାନିକା ଓ ଖେଚୁଡ଼ି ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟାଯାଇଥିଲା। ତେବେ ନିର୍ବାଚନ ପରେ ସରକାର ପରିବର୍ତ୍ତନ ହେବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେହି କାନିକା, ଖେଚୁଡ଼ି ବଣ୍ଟନ ବନ୍ଦ କରିଦିଆଯାଇଥିଲା। ଫଳରେ ବଳକା ରହିଥିବା ଚାଉଳ ସେହିପରି ପଡ଼ିରହି ନଷ୍ଟ ହେଉଥିଲା। ବିଭିନ୍ନ ମହଲରେ ଏନେଇ ଅସନ୍ତୋଷ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଉକ୍ତ ଚାଉଳକୁ ମିଲ୍‌କୁ ପଠାଯାଇଥିଲା। ତେବେ ବାକି ରହିଥିବା ଚାଉଳକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ତେବେ ସୋମବାର ଜିଲାପାଳ କହିଛନ୍ତି, ଯେଉଁ ଚାଉଳ ବଳକା ରହିଯାଇଛି ତାହା ମହାପ୍ରସାଦ ହେବା ଯୋଗ୍ୟ ନୁହେଁ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ବୈଠକ କରାଯାଇ ରାଜ୍ୟ ସରକାରଙ୍କୁ କିଛି ପ୍ରସ୍ତାବ ଅନୁମୋଦନ ନିମନ୍ତେ ପ୍ରଦାନ କରାଯାଇଥିଲା। ସରକାର ସମସ୍ତ ଘଟଣାକୁ ଅନୁଧ୍ୟାନ କରି ଅନୁମୋଦନ ଦେଇଛନ୍ତି। ସରକାରଙ୍କ ଅନୁମୋଦନ ଆସିବା ପରେ ରବିବାର ଏକ ବୈଠକ ହୋଇଥିଲା। ଗଚ୍ଛିତ ଥିବା ଅର୍ପଣ ଚାଉଳର ମାନ ପରୀକ୍ଷା କରାଯାଇଥିଲା। ଏହା ଯଦିଓ ମଣିଷ ଖାଦ୍ୟ ଉପଯୋଗୀ ତେବେ ଏହାକୁ କୌଣସି ଅନୁଷ୍ଠାନକୁ ପ୍ରଦାନ କରାଯିବ ନାହିଁ। ନିଷ୍ପତ୍ତି ଅନୁସାରେ ଏହି ଚାଉଳକୁ ନିଲାମ କରାଯାଇ ତାହାର ବିକ୍ରି ଲବ୍ଧ ଅର୍ଥକୁ ଶ୍ରୀମନ୍ଦିରକୁ ଦାନ କରାଯିବ। ଟେଣ୍ଡର ମାଧ୍ୟମରେ ଚାଉଳ ବିକ୍ରି କରାଯିବ। ଖୁବ୍‌ଶୀଘ୍ର ମିଲର୍ କିମ୍ବା ବ୍ୟକ୍ତିବିଶେଷ ଟେଣ୍ଡର ଯୋଗେ କିଣିବା ସହ ସ୍ପଟ୍ ଭିଜିଟ୍ ମଧ୍ୟ କରିପାରିବେ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି, ସରକାର ଯେତିକି ଚାଉଳ ଦେଇଥିଲେ, ସେଥିରୁ ପ୍ରାୟ ୪ହଜାର କୁଇଣ୍ଟାଲ ଚାଉଳରେ କାନିକା ଓ ଖେଚୁଡ଼ି କରି ଭକ୍ତଙ୍କୁ ବଣ୍ଟାଯାଇଛି। ଯାହା କିଛି ରହିଯାଇଥିଲା, ତାହାକୁ ପ୍ରୋସେସିଂ ନିମନ୍ତେ ମିଲକୁ ପଠାଯାଇଥିଲା। ସେଗୁଡ଼ିକ ଭଲ ରହିଛି। ପ୍ରଶାସନ ଯଦି ନିର୍ଦ୍ଦେଶ ଦେବ ସେଥିରୁ କାନିକା, ଖେଚୁଡ଼ି କରି ଭକ୍ତଙ୍କୁ ବଣ୍ଟାଯିବ। ତେବେ ଯେଉଁ ସମୟରେ ଭକ୍ତଙ୍କୁ ବଣ୍ଟାଯାଉଥିଲା, ସେ ସମୟରେ ଯଦି ବନ୍ଦ କରାଯାଇ ନ ଥାନ୍ତା ତେବେ ଚାଉଳରେ କାନିକା ଖେଚୁଡ଼ି ପ୍ରସ୍ତୁତ ହୋଇ ବଣ୍ଟାଯାଇପାରିଥାନ୍ତା। ଭକ୍ତଙ୍କୁ ମହାପ୍ରସାଦ ବଣ୍ଟାଯିବା ନେଇ ବ୍ୟବସ୍ଥା କରିବେ ବୋଲି ଆଇନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନ ଚାହିଁଲେ ପୁଣିଥରେ ତାହା ବଣ୍ଟାଯାଇପାରିବ ବୋଲି ମହାସୁଆର କହିଛନ୍ତି।

# ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ବିପିନ ବିହାରୀଙ୍କ ୨.୧୮ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ବାଜ୍ୟାପ୍ତ ନିର୍ଦ୍ଦେଶ

## ୨୦ ମାସ ଜେଲଦଣ୍ଡ ଭୋଗିଥିଲେ

ଭୁବନେଶ୍ୱର,୩୦।୯(ସୂର୍ଯ୍ୟକାନ୍ତ ବେହେରା)

ଗ୍ରାମୀଣ ଜଳଯୋଗାଣ ଓ ପରିମଳ ସେକ୍ସନ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) କଟକର ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ବିପିନ ବିହାରୀ ପଣ୍ଡାଙ୍କ ୨.୧୮ କୋଟିରୁ ଅଧିକ ସମ୍ପତ୍ତି ବାଜ୍ୟାପ୍ତ ପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ପତ୍ତି ମଧ୍ୟରେ ୨ଟି କୋଠା, ଭୁବନେଶ୍ୱର ଓ ବ୍ରହ୍ମପୁରରେ ଥିବା ୩ ପ୍ଲଟ୍, ନଗଦ ଟଙ୍କା ଓ ଜମାରାଶି ରହିଛି। ଭିଜିଲାନ୍ସ ପକ୍ଷରୁ ସମ୍ପତ୍ତି ବାଜ୍ୟାପ୍ତ ପାଇଁ ଦାଖଲ ଚାର୍ଜସିଟ ଆଧାରରେ ବିଚାରପତି ଆଶାପୂର୍ଣ୍ଣା ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଭିଜିଲାନ୍ସ ପକ୍ଷରୁ ସମ୍ପତ୍ତି ଜବତ କରାଯିବ ବୋଲି ସୂଚନା ମିଳିଛି।

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ୧୯୯୭ରେ ଭିଜିଲାନ୍ସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଅଧୀକ୍ଷଣ ଯନ୍ତ୍ରୀ ବିପିନ ବିହାରୀଙ୍କ ବିପୁଳ ସମ୍ପତ୍ତି ଜବତ କରାଯାଇଥିଲା। ସେଥିମଧ୍ୟରୁ ୨ଟି କୋଠା, ୩ ପ୍ଲଟ, ନଗଦ ଟଙ୍କା ଓ ଜମାରାଶି ଆୟ ବହିର୍ଭୂତ ବୋଲି ପ୍ରମାଣ ମିଳିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ୨୦୦୮ରେ ମାମଲାରେ ଟ୍ରାଏଲ ଚାଲିଥିବାବେଳେ ୨୦୧୫ ଅକ୍ଟୋବର ୩୦ରେ ବିପିନ ବିହାରୀଙ୍କୁ କୋର୍ଟ ଦୋଷୀସାବ୍ୟସ୍ତ କରିବା ସହ ୨୦ ମାସର ଜେଲଦଣ୍ଡ ଓ ୨ ଲକ୍ଷ ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ ପାଇଁ କୋର୍ଟରେ ଆଉ ଏକ ଆବେଦନ କରାଯାଇଥିଲା। ଏହାର ରାୟ କୋର୍ଟ ଶୁଣାଇଥିବାବେଳେ ଓଡିଶା ଭିଜିଲାନ୍ସର ପବ୍ଲିକ ପ୍ରସିକ୍ୟୁଟର ମାନସ ରଞ୍ଜନ ମିଶ୍ର ମାମଲା ପରିଚାଳନା କରୁଥିଲେ।

# ପରିବାରରେ ୭୦୦ ସଦସ୍ୟ

## ମୁଖିଆଙ୍କ ୧୨ ସ୍ତ୍ରୀ, ୧୦୨ ପିଲା



କାମ୍ପାଲା

ପୁରାତନ କାଳରେ ପ୍ରାୟ ସମସ୍ତଙ୍କର ପରିବାର ବଡ଼ ଥିଲା ଏବଂ ପରିବାରରେ ସମସ୍ତେ ମିଳିମିଶି ରହୁଥିଲେ। ସେତେବେଳେ ଘରର ବିଭିନ୍ନ କାର୍ଯ୍ୟକୁ ପରିବାର ସମସ୍ତ ସଦସ୍ୟ ମିଳିମିଶି କରୁଥିଲେ। ତେବେ ପରେ ଆର୍ଥିକ ବୋଝ କମାଇବା ଉଦ୍ଦେଶ୍ୟରେ ଧୀରେ ଧୀରେ ପରିବାରଗୁଡ଼ିକ ଛୋଟ ହେବା ଆରମ୍ଭ ହେଲା। ଲୋକମାନେ କମ୍ ସନ୍ତାନ ଜନ୍ମ କରିବା ଆରମ୍ଭ କଲେ, ଯାହାଦ୍ୱାରା ସେମାନଙ୍କ ଖର୍ଚ୍ଚ ହ୍ରାସ ପାଇଥିଲା। ସମ୍ପ୍ରତି ଅଧିକାଂଶ ଲୋକ କେବଳ ଗୋଟିଏ କିମ୍ବା ଅତିବେଶିରେ ୨ଟି ସନ୍ତାନ ହିଁ ଜନ୍ମ କରିବାକୁ ପସନ୍ଦ କରୁଛନ୍ତି। ଏପରି କରିବା ଦ୍ୱାରା ଅଭିଭାବକ ସେମାନଙ୍କ ପିଲାଙ୍କର ଉତ୍କୃଷ୍ଟ ଲାଳନପାଳନ ସହ ସୁଲଭ ମୂଲ୍ୟରେ ପର୍ଯ୍ୟାପ୍ତ ଶିକ୍ଷା ଯୋଗାଇବାକୁ ସକ୍ଷମ ହୋଇଥାନ୍ତି। ତେବେ ଆଫ୍ରିକୀୟ ଦେଶ ଉଗାଣ୍ଡାରେ ଏପରି ଏକ ପରିବାର ଅଛି, ଯେଉଁଥିରେ ପ୍ରାୟ ୭୦୦ ଲୋକ ବସବାସ କରନ୍ତି ।

ଭାରତୀୟ ଟ୍ରାଭେଲ ବ୍ଲଗର୍ ହର୍ଷ ରାୟ ସମ୍ପ୍ରତି ଉଗାଣ୍ଡାରେ ପହଞ୍ଚିଥିଲେ। ସେଠାରେ ସେ ମୁସା ହାସିୟା କାସେରା(୬୭)ଙ୍କୁ ଭେଟିଥିଲେ। ମୁସାଙ୍କ ପରିବାରରେ ୭୦୦ରୁ ଅଧିକ ସଦସ୍ୟ ରହିଛନ୍ତି। ତାଙ୍କର ୧୨ ଜଣ ସ୍ତ୍ରୀ, ୧୦୨ ପିଲା ଓ ୫୭୮ ଜଣ ନାତିନାତୁଣୀ ରହିଛନ୍ତି। ହର୍ଷଙ୍କ ଅନୁଯାୟୀ, ମୁସାଙ୍କ ପରିବାର ହେଉଛି ବିଶ୍ୱର ସବୁଠାରୁ ବଡ଼ ପରିବାର। ତେବେ ଏହି ବ୍ଲଗରେ ହର୍ଷ ମୁସାଙ୍କ ବାସସ୍ଥାନ ନିକଟକୁ ଯାଇ ତାଙ୍କ ସହ ଆଲୋଚନା କରିଛନ୍ତି। ଉକ୍ତ ସ୍ଥାନରେ କେବଳ ମୁସାଙ୍କର ୩୦ରୁ ଅଧିକ ଘର ଥିବା ହର୍ଷ କହିଛନ୍ତି। ଏହି ସବୁ ଘରେ ମୁସାଙ୍କ ପୁଅ, ବୋହୂ, ନାତି ନାତୁଣୀମାନେ ରହୁଛନ୍ତି।

# ପ୍ରଥମ ପ୍ରଯୋଜିତ ଫିଲ୍ମକୁ ନେଇ ଆଶାବାଦୀ କ୍ରିତି



କ୍ରିତି ସାନନ

ମୁମ୍ବାଇ

ବଲିଉଡ ଅଭିନେତ୍ରୀ କ୍ରିତି ସାନନଙ୍କ ପାଇଁ ଚଳିତବର୍ଷ ବେଶ୍ ଆଶାଜନକ ରହିଛି। 'କ୍ରୁ' ଏବଂ 'ତେରି ବାତୋଂ ମେ ଏସା ଉଲଜା ଜିଆ' ଭଳି ହିଟ୍ ଚଳଚ୍ଚିତ୍ରରେ ନଜର ଆସିଥିବା କ୍ରିତି ବର୍ତ୍ତମାନ ପ୍ରଯୋଜକ ସାଜିଛନ୍ତି। ବର୍ତ୍ତମାନ ତାଙ୍କ ପ୍ରଡକ୍ସନ ହାଉସ୍‌ର ପ୍ରଥମ ଫିଲ୍ମ 'ଦୋ ପତି' ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିବାକୁ ଯାଉଛି। ଏହି ଚଳଚ୍ଚିତ୍ର ଏକ କ୍ରାଇମ୍ ଥ୍ରୀଲର ଅଟେ, ଯେଉଁଥିରେ କାଜୋଲ ଜଣେ ପୋଲିସ ଭୂମିକାରେ ନଜର ଆସିବେ। ଶଶାଙ୍କ ଚତୁର୍ବେଦୀଙ୍କ ଏହି ଚଳଚ୍ଚିତ୍ରରେ କ୍ରିତି ଏବଂ କାଜୋଲଙ୍କ ସହ ଅଭିନେତା ଶାହିର ଶେଖ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଫିଲ୍ମର ଟିଜର ପୂର୍ବରୁ ପ୍ରକାଶ ପାଇଥିଲା ବେଳେ ଏବେ ଏହାର ରିଲିଜ ତାରିଖ ଘୋଷଣା କରାଯାଇଛି। ଅକ୍ଟୋବର ୨୫ରେ ଏହି ଫିଲ୍ମ ରିଲିଜ ହେବ।

# ବୟସ୍କଙ୍କୁ ମର୍ଯ୍ୟାଦା



## ଆଜି ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଅଧିକାର ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୧ ଅକ୍ଟୋବରରେ 'ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ' ପାଳନ କରାଯାଏ। ଏହି ଦିନ ସମାଜରେ ବୟସ୍କ ବ୍ୟକ୍ତିଙ୍କ ଅବଦାନକୁ ସମ୍ମାନ ଦେବା, ସେମାନଙ୍କ ପ୍ରତି ସମର୍ଥନ ଏବଂ ଯତ୍ନର ଭାବନା ବଢ଼ାଇବାକୁ ଏକ ସୁଯୋଗ ପ୍ରଦାନ କରେ। ୧୯୯୧ରେ ଜାତିସଂଘ ପକ୍ଷରୁ ପ୍ରଥମେ ଏହି ଦିବସ ପାଳିତ ହୋଇଥିଲା। ଯାହାକି ବିଶ୍ୱର ବୟସ୍କ ବ୍ୟକ୍ତି ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଯେପରିକି ସ୍ୱାସ୍ଥ୍ୟସେବା ଅଭାବ, ସାମାଜିକ ବିଚ୍ଛିନ୍ନତା ଏବଂ ଅର୍ଥନୈତିକ ଅସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିଥିଲା। ତେବେ ବୟସ୍କ ବ୍ୟକ୍ତିଙ୍କ ସମ୍ମାନ ରକ୍ଷା ଏବଂ ସେମାନଙ୍କ କଲ୍ୟାଣ ପାଇଁ ସାମାଜିକ ସମର୍ଥନ ନିଶ୍ଚିତ କରିବା ଏହି ଦିନର ଲକ୍ଷ୍ୟ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି, 'ବୟସ୍କଙ୍କୁ ମର୍ଯ୍ୟାଦା: ବିଶ୍ୱବ୍ୟାପୀ ବୟସ୍କ ବ୍ୟକ୍ତିଙ୍କ ପାଇଁ ଯତ୍ନ ଏବଂ ସହାୟତା ପ୍ରଣାଳୀକୁ ଦୃଢ଼ କରିବା ଲାଗି ଗୁରୁତ୍ୱ'। ଯାହା ସାମାଜିକ, ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟର ସମାଧାନ ପାଇଁ ଏକ ସମନ୍ୱିତ ତଥା ନିରନ୍ତର କାର୍ଯ୍ୟ ପାଇଁ ସାରା ବିଶ୍ୱରେ ସରକାର, ନୀତି ନିର୍ମାତା ଏବଂ ସାମାଜିକ ସେବାକାର୍ଯ୍ୟରେ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିଙ୍କୁ ଉତ୍ସାହିତ କରେ।

# ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ




ପ୍ରତିବର୍ଷ ଅକ୍ଟୋବର ୧ରେ ସାରା ଦେଶରେ 'ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ' ପାଳନ କରାଯାଏ। ଏହି ଅବସରରେ ସାଧାରଣ ଜନତାଙ୍କୁ ରକ୍ତଦାନ ବିଷୟରେ ଠିକ୍ ସୂଚନା ପ୍ରଦାନ କରିବା ଏବଂ ଅଧିକରୁ ଅଧିକ ଲୋକଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଉତ୍ସାହିତ କରିବା ପାଇଁ ସଚେତନ କରାଯାଇଥାଏ। ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ଭୟ ଏବଂ ସୂଚନା ଅଭାବ ସାଧାରଣତଃ ରକ୍ତଦାନ ସଂଖ୍ୟା ହ୍ରାସ ହେବାର କାରଣ ବୋଲି ବିବେଚନା କରାଯାଏ। ସାଧାରଣତଃ ଲୋକମାନଙ୍କର ଏକ ବିଶ୍ୱାସ ଅଛି ଯେ, ରକ୍ତଦାନ କରୁଥିବା ବ୍ୟକ୍ତି ଦୁର୍ବଳ ହୋଇପାରନ୍ତି, ତାଙ୍କ ଶରୀରରେ ରକ୍ତ ଅଭାବ ହୋଇପାରେ କିମ୍ବା ସେ ଅନ୍ୟ କେତେକ ରୋଗର ଶିକାର ହୋଇପାରନ୍ତି। ପ୍ରକୃତରେ ଏହା ଠିକ୍ ନୁହେଁ। ମାନଦଣ୍ଡ ଅନୁଯାୟୀ, ସମ୍ପୂର୍ଣ୍ଣ ନିରାପତ୍ତା ସହିତ ରକ୍ତ ଠିକ୍ ଭାବରେ ଦାନ କରି ରକ୍ତଦାତା କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି ନାହିଁ। ଡାକ୍ତରଙ୍କ କହିବାନୁସାରେ, ଏକ ୟୁନିଟ ଦାନ ରକ୍ତରୁ ପ୍ରାୟ ତିନିରୁ ଚାରି ଜଣଙ୍କ ଜୀବନ ରକ୍ଷା କରାଯାଇପାରିବ। କିନ୍ତୁ ସାଧାରଣତଃ ରକ୍ତଦାନ ମାଧ୍ୟମରେ ଆବଶ୍ୟକତାଠାରୁ କମ୍ ୟୁନିଟ୍ ସଂଗ୍ରହ କରାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଭାରତରେ ପ୍ରତିବର୍ଷ ପ୍ରାୟ ଏକ କୋଟି ୟୁନିଟ୍ ରକ୍ତ ଆବଶ୍ୟକ ହୁଏ, କିନ୍ତୁ ବିଭିନ୍ନ ଶିବିର ତଥା ଅନ୍ୟାନ୍ୟ ଉପାୟରେ କେବଳ ୭୫ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥାଏ।

# ବଢୁଛି କଫି କ୍ରେଜ୍



## ଅନ୍ତର୍ଜାତୀୟ କଫି ଦିବସ

ପୃଥିବୀର ସବୁଠାରୁ ଲୋକପ୍ରିୟ ପାନୀୟ ମଧ୍ୟରୁ କଫି ଅନ୍ୟତମ। ଭାରତ ଭଳି ଦେଶରେ କଫି ଏବଂ ଚା ବିନା ସକାଳ ଯେମିତି ଆରମ୍ଭ ହୁଏ ନାହିଁ। ତେବେ ପ୍ରତିବର୍ଷ ଅକ୍ଟୋବର ୧ରେ ଅନ୍ତର୍ଜାତୀୟ କଫି ଦିବସ ପାଳନ କରାଯାଏ। ନିକଟରେ ହୋଇଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡିଛି ଯେ, କଫିର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି।

ଗତ କିଛି ବର୍ଷ ମଧ୍ୟରେ, କଫି ପିଇବାର କ୍ରେଜ୍ ଲୋକଙ୍କ ମଧ୍ୟରେ ବୃଦ୍ଧି ପାଇଛି। ଭାରତରେ କଫି ପିଇବା ସଂଖ୍ୟା ମଧ୍ୟ ଢେର ବଢିଛି। କେବଳ ଏତିକି ନୁହେଁ ଭାରତରେ କଫି ଚାଷ ପୂର୍ବ ତୁଳନାରେ ବହୁଗୁଣ ବୃଦ୍ଧି ପାଇଛି। ସୂଚନାନୁସାରେ, ଭାରତରେ ଘରୋଇ କଫି ଉତ୍ପାଦନ ୫ରୁ ୬ ପ୍ରତିଶତ ବୃଦ୍ଧି ପାଇଛି। କୁହାଯାଏ, ପେଟ୍ରୋଲିୟମ ପରେ ସାରା ବିଶ୍ୱରେ କଫିର ଚାହିଦା ଅଧିକ।


DEPARTMENT OF P.R & D.W
No.i-209:

INVITATION FOR BIDS (IFB)

IDENTIFICATION No: - KANB- 03 / 2024-25

E-mail address: - ori-kanhia@nic.in

1.The Block Development Officer, Kaniha on behalf of the Governor of Orissa invites Percentage rate civil bid in single cover system for the works as detailed in the table, from the class of eligible contractors as mentioned in Col.4(four), registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of Building (Civil Work).The proof of registration from the appropriate authority shall be enclosed along with the bid. If successful the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No. | Name of works | Approx. Value of work. (Rs. in lakhs) | Class of Contractor | Bid Security (Rs.) | Cost of documents (Non-refundable) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Construction of GPLF Building at Kuluma | 22.87 | 'B' or 'C' | 23000 | 10000.00 | Six Calendar Months |
| 02 | Construction of GPLF Building at Talapada | 22.87 | 'B' or 'C' | 23000 | 10000.00 | Six Calendar Months |
| 03 | Construction of GPLF Building at Hariharpur | 22.87 | 'B' or 'C' | 23000 | 10000.00 | Six Calendar Months |
| 04 | Construction of GPLF Building at Arkil | 22.87 | 'B' or 'C' | 23000 | 10000.00 | Six Calendar Months |
| 05 | Construction of GPLF Building at Parabil | 22.87 | 'B' or 'C' | 23000 | 10000.00 | Six Calendar Months |

The detailed advertisement is available in District Web Portal www.angul.odisha.gov.in.

Sd./- Block Development Officer, Kaniha

DEPARTMENT OF P.R & D.W

INVITATION FOR BIDS (IFB)

IDENTIFICATION No: - KANB- 04 / 2024-25

E-mail address: - ori-kanhia@nic.in

1.The Block Development Officer, Kaniha on behalf of the Governor of Orissa invites Percentage rate civil bid in single cover system for the works as detailed in the table, from the class of eligible contractors as mentioned in Col.4(four), registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of Building (Civil Work).The proof of registration from the appropriate authority shall be enclosed along with the bid. If successful the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No. | Name of works | Approx. Value of work. (Rs. in lakhs) | Class of Contractor | Bid Security (Rs.) | Cost of documents (Non-refundable) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Construction of Additional Class Room Secondary School at Badagunduri UPS | 12.68 | 'C' or 'D' | 13000 | 10000.00 | Six Calendar Months |
| 02 | Construction of Additional Class Room Secondary School at Gaham UPS | 12.68 | 'C' or 'D' | 13000 | 10000.00 | Six Calendar Months |

The detailed advertisement is available in District Web Portal www.angul.odisha.gov.in.

OIPR-19318/11/0001/2425 Sd./- Block Development Officer, Kaniha

No.CAD-1227

NOTICE INVITING TENDER

Office of Chief CSO / CSO-cum-District Manager

State Civil Supplies Corporation Ltd., Odisha

District - Subarnapur

Tender No. : 1542 Dated : 27.09.2024

Cost of Tender Document is Rs.1000/- inclusive of GST for each CLUSTER (through online mode)

Online tenders are invited from eligible bidders for selection and appoitment of transport contractors for transporation of (i) Paddy from Paddy Purchase Centers (PPCs) / Mandis to Rice Mill points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centers (RRCs)/Depots (within or outside district) for Birmaharajpur Sub-Division.

| | | |
|---|---|---|
| 1 | Availability of tender documents | From Date 01.10.2024 Downloadable from website : www.gem.gov.in, https://subarnapur.odisha.gov.in |
| 2 | Date, time and venue for pre-bid Conference | On dt. 03.10.2024 at 11.00 A.M. in the Conference hall of Collectorate, Subarnapur |
| 3 | Last date and time for online submission of complete Tender Documents with enclosures | Through gem Portal : www.gem.gov.in up to 11.00 A.M. of dt. 17.10.2024 |
| 4 | Date, time and venue for opening of Technical Bid by the Tender Committee | On dt. 17.10.2024 at Conference hall of Collectorate, Subarnapur at 11.30 A.M. |
| 5 | Date, time and venue of submission of original documents in support of scanned Copies uploaded in the portal for verification | On dt. 18.10.2024 At 11.30 A.M. onwards At Conference hall of Collectorate, Subarnapur |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Language of the tender | The tender should be prepared by the bidder in English language only |

N.B :
1. If the Office happens to be closed on the date of opening of tenders, tenders will be opened on the next working day in the same time.

NOTICE INVITING TENDER

Office of Chief CSO / CSO-cum-District Manager

State Civil Supplies Corporation Ltd., Odisha

District - Subarnapur

Tender No. : 1541 Dated : 27.09.2024

Cost of Tender Document is Rs.1000/- inclusive of GST for each CLUSTER (through online mode)

Online tenders are invited from eligible bidders for selection and appoitment of transport contractors for transporation of (i) Paddy from Paddy Purchase Centers (PPCs) / Mandis to Rice Mill points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centers (RRCs)/Depots (within or outside district) for Sonepur Sub-Division.

| | | |
|---|---|---|
| 1 | Availability of tender documents | From Date 01.10.2024 Downloadable from website : www.gem.gov.in, https://subarnapur.odisha.gov.in |
| 2 | Date, time and venue for pre-bid Conference | On dt. 03.10.2024 at 11.00 A.M. in the Conference hall of Collectorate, Subarnapur |
| 3 | Last date and time for online submission of complete Tender Documents with enclosures | Through gem Portal : www.gem.gov.in up to 11.00 A.M. of dt. 17.10.2024 |
| 4 | Date, time and venue for opening of Technical Bid by the Tender Committee | On dt. 17.10.2024 at Conference hall of Collectorate, Subarnapur at 11.30 A.M. |
| 5 | Date, time and venue of submission of original documents in support of scanned Copies uploaded in the portal for verification | On dt. 18.10.2024 At 11.30 A.M. onwards At Conference hall of Collectorate, Subarnapur |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Language of the tender | The tender should be prepared by the bidder in English language only |

N.B :
1. If the Office happens to be closed on the date of opening of tenders, tenders will be opened on the next working day in the same time.

By Order of Collector
Sd./- Chief CSO-cum-District Manager
OSCSC Ltd., Subarnapur

OIPR-07030/11/0002/2425

NOTIFIED AREA COUNCIL, PATNAGARH

Ph.No.-06658-222247, e-mail:nac_ptg@yahoo.co.in

Website: www.nacpatnagarh.in

Letter No.1882/ Dated 26/09/2024

1st Corrigendum

Financial BID

No.C-689:For Providing smooth sanitation services, the Tender committee has decided that each bidder must quote his rate not less than 3.85% and not more than 7% on T & P and Contractor Profit only, unless bid shall be rejected. Also, wrong computation in finance bid will be liable for rejection.

For reference Estimate is enclosed.

Detail Estimate for Sweeping of Streets, Collection of garbage, cleaning of drains & lifting of garbage from Ward No.1 to 15 of Patnagarh NAC

| | |
|---|---|
| Population as per 2011 census | 21024 |
| Current Population (Approx.) | 27000 |
| Total Nos. of labour required | (88) Nos. |
| Length of drain | 25 km |
| Length of Road | 38 km |
| No. of Households | 5528 |
| No. of commercial units, Govt. and Private institutions | |

| Sl. No. | Details | Required Labour | Rate | No. of Days | Cost (In Rs.) |
|---|---|---|---|---|---|
| 1 | Sweeping of Road (Lane/by-lane) as per requirement, bush cutting and shifting of dead animals, transportation of solid waste, (Un-skilled) | 80 | 450.00 | 1 | 36,000.00 |
| 2 | Labour (Semi-Skilled) Supervisor | 4 | 500.00 | 1 | 2,000.00 |
| | Labour (Skilled) Driver | 4 | 550.00 | 1 | 2,200.00 |
| 3 | TOTAL | 88 | | | 40,200.00 |
| 4 | EPF (13%) | | | | 5226 |
| 5 | ESI (3.25%) | | | | 1306.5 |
| 6 | Tools & Plants and Contractor profit (5%+5%= 10%) | | | | 4,020 |
| 7 | Vehicle (Tractor) with driver along with fuel 4 Nos. Tractor (Detained hour 8 hrs. & working hours 6 hours) @ 357.55 per hours | | | 1 | 8581.20 |
| 8 | GRAND TOTAL (Per Day) | | | 365 | 59,333.70 |
| 9 | Annual Cost | | | Days | 2,16,56,801.00 |

Sd./- Executive Officer, NAC, Patnagarh
OIPR-13102/11/0005/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, CUTTACK

Mail I.D. - rw_cuttack@yahoo.co.in
Ph. No. : 0671-2440662/Fax No. : 0671-2440653

Cancellation of Tender Call Notice No. Tender-Online-RWD Ctc-04/2024-25 dt.21.09.2024

No.O-332 : Due to unavoidable circumstances all 3 (three) works of the Tender Call Notice No. Tender-Online-RWD Ctc-04/2024-25 date. 21.09.2024 is here by cancelled.

Sd./- Executive Engineer
Rural Works Division, Cuttack

OIPR-25053/11/0007/2425

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

No.PP-31:ତା.୧୩.୦୮.୨୦୨୪ ରିଖ, ତା.୦୪.୦୯.୨୦୨୪ ରିଖ ଓ ତା.୧୩.୦୯.୨୦୨୪ ରିଖରେ ଦୈନିକ ସମାଜ, ସମ୍ବାଦ, ଧରିତ୍ରୀ ଓ ପ୍ରମେୟରେ ପ୍ରକାଶିତ ବିଜ୍ଞାପନ ଦ୍ୱାରା ହସ୍ତଶିଳ୍ପ କ୍ଷେତ୍ରରେ ବିଭିନ୍ନ ଯୋଜନା ପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ କରିବାର ଅନ୍ତିମ ତାରିଖ ୧୫ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ଏଣୁ ସମସ୍ତଙ୍କୁ ଅନୁରୋଧ, ସେମାନେ ଉପରୋକ୍ତ ବିଜ୍ଞାପନରେ ପ୍ରକାଶିତ ଯୋଜନା ଗୁଡିକରେ ସହାୟତା ପାଇଁ ଅନଲାଇନ୍ ମାଧ୍ୟମରେ https://crafts.odisha.gov.in କିମ୍ବା https://spdp.odisha.gov.in ୱେବ୍‌ସାଇଟ୍ ପରିଦର୍ଶନ କରି ତା.୧୫.୧୦.୨୦୨୪ରିଖ ସୁଦ୍ଧା ଆବେଦନ କରିପାରିବେ । ଉପରୋକ୍ତ ସମସ୍ତ ଯୋଜନାଗୁଡ଼ିକର ସବିଶେଷ ତଥ୍ୟ ପାଇଁ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ କରିଥିବା ଆବେଦନକାରୀମାନେ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ହସ୍ତଶିଳ୍ପ ବିକାଶ ଅଧିକାରୀ କିମ୍ବା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା-୧୮୦୦ ୩୪୫ ୭୮୫୦ରେ ଯୋଗାଯୋଗ କରିବାକୁ ଅନୁରୋଧ ।
ବି.ଦ୍ର.:ଚଳିତ ବର୍ଷ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ "ମୃତ୍ତିକା-୨୦୨୪" ନିମନ୍ତେ ଅନଲାଇନ୍ ମାଧ୍ୟମରେ ଆବେଦନ କରିବାର ଶେଷ ତାରିଖ ୫ ଅକ୍ଟୋବର ୨୦୨୪ ।

ସ୍ୱା./- ନିର୍ଦ୍ଦେଶିକା

OIPR-31042/11/0016/2425

No.AA-09

ଓଡ଼ିଶା ସରକାର

OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)

POWER HOUSE SQUARE, UNIT-V, BHUBANESWAR
TEL. NO. 0674-2394873, FAX : 2391255/2391024
Email : sdaorissa@nic.in/eic-epcei@nic.in

Expression of Interest (EOI) for "Empanelment of firms for conducting Market Surveillance, Retailer Training Programme, Investment Bazar for Energy Efficiency, awareness programmes & workshops for diffierent IEC activities and field survey & analysis as part of the Energy Conservation & Energy Efficiency and other programmes of the office".

Expression of Interest (EoI) is invited for the purpose of "Empanelment of firms for conducting Market Surveillance, Retailer Training Programme, Investment Bazart for Energy Efficiency, awareness programmes & workshops for different IEC activities and field survey & analysis as part of the Energy Conservation & Energy Efficiency and other programmes of the office". The last date of receipt of completed applications is 14.10.2024.
For further details and to download the EoI forms, please visit the website: eicelectricityodisha.nic.in.
The authority reserves the right to accept / reject any application without assigning any reasons thereof.

Sd./- EIC (E)-cum-PCEI & SDA (Odisha)
OIPR-04066/11/0009/2425

"Conserve energy today ; secure it for tomorrow"

See Career Appointment on every Wednesday & Saturday

# ‘ସାହିତ୍ୟରେ ଅନୁବାଦ ବିବିଧତାରେ ଏକତା ବହନ କରେ’

**ବାଲେଶ୍ୱର,୩୦।୯(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ଅନୁବାଦ ସାହିତ୍ୟର ମିଳିତ ସହଯୋଗରେ ଆୟୋଜିତ ତୃତୀୟ ଜାତୀୟ ଅନୁବାଦକ ସମ୍ମିଳନୀ-୨୦୨୪ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପୌରୋହିତ୍ୟ କରି ଉପସ୍ଥିତ ୧୦ଟି ରାଜ୍ୟର ୫୦ଜଣ ଅନୁବାଦକ, ୨୫ଜଣ ଓଡ଼ିଆ ଯୁବ କବି, ଗବେଷଣାରତ ଛାତ୍ରୀଛାତ୍ର ଓ ଆମନ୍ତ୍ରିତ ଅତିଥିମାନଙ୍କୁ ଉଦ୍‌ବୋଧନ ଦେଇ ଭବିଷ୍ୟତରେ ବିଶ୍ୱବିଦ୍ୟାଳୟରେ ଏକ ଅନୁବାଦ କେନ୍ଦ୍ରର ପ୍ରତିଷ୍ଠା ସହ ‘ଫକୀରମୋହନ ଶବ୍ଦକୋଷ’ର ସଂକଳନ ନିମିତ୍ତ ଆୟୋଜନ କରାଯିବାର ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରସିଦ୍ଧ ଅନୁବାଦକ ଓ କବି ଡ. ଡି. ମନୋହର ମୂଲେ ଯୋଗଦେଇ ସାହିତ୍ୟ ଓ ଏହାର ଅନୁବାଦନ ହିଁ ବିବିଧତାରେ ଏକତା ବହନ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଲେଖକ ତଥା ଅନୁବାଦକ ଡ. ଗୌରହରି ଦାସ ମୂଳଲେଖାର ଅସ୍ତିତ୍ୱକୁ ସମ୍ମାନ ଦେଇ ସମସ୍ତେ ଅନୁବାଦନର ଦାୟିତ୍ୱ ନେବା ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଭାରତୀୟ ଅନୁବାଦ ସାହିତ୍ୟ ସଂସ୍ଥାନର ସେକ୍ରେଟାରୀ ଶରତ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାରୁ ପ୍ରଫେସର ବିଜୟ କୁମାର ମହାନ୍ତି ଓ ଆସାମର କବିତା ଦତ୍ତ ଗୋସ୍ୱାମୀଙ୍କୁ ଭାରତୀୟ ଅନୁବାଦ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ୧୦ଟି ଅନୁବାଦ ପୁସ୍ତକକୁ ଉନ୍ମୋଚନ ଓ ଲୋକାର୍ପଣ କରାଯାଇଥିଲା।

ପ୍ରଥମ ଦିନରେ ଅନୁବାଦ ଓ ଅନୁବାଦ ଅଧ୍ୟୟନରେ ପ୍ରଯୁକ୍ତିର ପ୍ରଭାବ, ଅନୁବାଦ ତଥା ଅନୁବାଦକର ସମସ୍ୟା-ସାମର୍ଥ୍ୟ ଓ ସମ୍ଭାବନା, ଫକୀରମୋହନଙ୍କ ସାହିତ୍ୟ କୃତିର ଅନୁବାଦ, ପ୍ରଭାବଶାଳୀ ଅନୁବାଦ ସାହିତ୍ୟକୁ ସମୃଦ୍ଧ କରେ, ବହୁଭାଷୀ ଅନୁଦିତ କାବ୍ୟପାଠ ଆଦି ଆଲୋଚନା ହୋଇଥିଲା।

# ଛତୁଆର ବିକଳ୍ପ ସାଜିପାରେ ମିଲେଟ୍

## ‘ସୁଭଦ୍ରା’ର ପ୍ରଥମ ଓ ୧ କୋଟି ନମ୍ବର ହିତାଧିକାରୀଙ୍କୁ ମିଳିବ ପୁରସ୍କାର

**ଭୁବନେଶ୍ୱର,୩୦।୯ (ବନ୍ଦନା ସେଠୀ)**

ରାଜ୍ୟରୁ ଅପପୁଷ୍ଟି ଦୂର ହେବ, ପିଲାଙ୍କୁ ଉତ୍ତମ ମାନର ପୁଷ୍ଟିକର ଖାଦ୍ୟ ମିଳିବ। ଏଥିପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ପୁଷ୍ଟିକର ଛତୁଆ ବା ଇନ୍‌ଷ୍ଟାଣ୍ଟ ଫୁଡ୍ ଦେବା ଦିଗରେ ବିଭାଗ କାମ କରୁଛି। ଖୁବ୍‌ଶୀଘ୍ର ଛତୁଆକୁ ଆହୁରି ପୁଷ୍ଟିକର କରି ପିଲାଙ୍କୁ ଯୋଗାଇ ଦିଆଯିବ। ତେବେ ଆଞ୍ଚଳିକତା ପୁଷ୍ଟିହୀନତା, ରକ୍ତହୀନତା ଓ ଅପପୁଷ୍ଟିର ତାରତମ୍ୟ ରହିଥିବାରୁ ସେସବୁ ଅଞ୍ଚଳରେ ଛତୁଆର ବିକଳ୍ପ ଆଣିବାକୁ ଚିନ୍ତା କରାଯାଉଛି। ସବୁଆଡ଼େ ଛତୁଆ ନୁହେଁ, ବରଂ ଆଞ୍ଚଳିକତା ଅନୁଯାୟୀ ପିଲାଙ୍କୁ ଖାଦ୍ୟ ଦିଆଯିବ। ଯେଉଁଠି ମିଲେଟ୍ ବା ମାଣ୍ଡିଆ ସମ୍ଭବ ସେଠାରେ ଉନ୍ନତ ପୁଷ୍ଟିଯୁକ୍ତ ମାଣ୍ଡିଆ ଦିଆଯାଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୋମବାର ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ ଉପମୁଖ୍ୟମନ୍ତ୍ରୀ କହିଲେ, ଅପପୁଷ୍ଟିକୁ ଦୂରେଇବା ପାଇଁ ଜିଲାସ୍ତରର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଳସ୍ତରରୁ ଫିଡ୍‌ବ୍ୟାକ୍ ଆସିବା ପରେ ଯେଉଁମାନେ ଖାଦ୍ୟତତ୍ତ୍ୱ ଉପରେ ଗବେଷଣା କରୁଛନ୍ତି ସେମାନଙ୍କ ସହ ଆଲୋଚନା କରାଯିବ। ଓଡ଼ିଶାରେ ପିଲାଙ୍କ ଖାଦ୍ୟକୁ ଆହୁରି ସୁଷମ ପୁଷ୍ଟିକର ଖାଦ୍ୟ କରି ଯୋଗାଇ ଦିଆଯିବ। ଛତୁଆର ମାନ ଏବଂ ଅନ୍ୟାନ୍ୟ ଦିଗକୁ ନେଇ ବିଭାଗ ନିନ୍ଦା ସହୁଛି। ବିଧାନସଭାରେ ବାଚସ୍ପତି ୫ବର୍ଷର ଛତୁଆର ରେକର୍ଡ ମାଗିଛନ୍ତି। ଖରାପ ଛତୁଆକୁ ନେଇ ବିଧାନସଭାରେ ଯେଉଁ ଉଦ୍‌ବେଗ ପ୍ରକାଶ ପାଇଛି, ତା’ ଉପରେ କ୍ରିୟାନ୍ୱୟନ କରିବା ପାଇଁ ବିଭାଗ ପ୍ରତିଶ୍ରୁତିବଦ୍ଧ ରହିଛି। ତେଣୁ ଆଗକୁ ଯେପରି ଛତୁଆ କେଳେଙ୍କାରି ହେବନାହିଁ ସେ ନେଇ ସରକାର ଗୁରୁତ୍ୱ ଦେଉଛନ୍ତି।

ଅପରପକ୍ଷେ ‘ସୁଭଦ୍ରା’ ଯୋଜନା ନେଇ ମଧ୍ୟ ଉପମୁଖ୍ୟମନ୍ତ୍ରୀ ମତ ରଖିଛନ୍ତି। ଅକ୍ଟୋବର ୯ରେ ୪୦ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଦିଆଯିବ। ଏହାପରେ ବିସ୍ତୃତ ରିପୋର୍ଟ ବାହାରିବ। ତେବେ ଅକ୍ଟୋବର ୭ ସୁଦ୍ଧା ୧କୋଟି ଆପ୍ଲିକେଶନ୍ ବା ଆବେଦନ ହୋଇଯାଇଥିଲେ, ପ୍ରଥମ ବା ୧ନମ୍ବର ଓ ୧କୋଟି ନମ୍ବରର ହିତାଧିକାରୀଙ୍କୁ ପୁରସ୍କୃତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ମୃତଦେହ ସତ୍କାର ପାଇଁ ପାର ହେବାକୁ ପଡୁଛି ଭରା ନଈ



ଗ୍ରାମବାସୀ ମୃତଦେହ ସତ୍କାର ପାଇଁ ନେଉଛନ୍ତି।

**ଦଶମନ୍ତପୁର,୩୦।୯(ଅରବିନ୍ଦ ନାୟକ)**

## ଦୁର୍ଦ୍ଦଶାରେ ୩ ଗ୍ରାମ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡା ପଞ୍ଚାୟତ ଅଧୀନ ବଗେଇ ପଦର ଗାଁ ଲୋକେ ଭରା ନଈ ପାର ହୋଇ ଜଣେ ମହିଳାଙ୍କ ମୃତଦେହ ଶ୍ମଶାନକୁ ନେଉଥିବା ଏକ ଅଭାବନୀୟ ଦୃଶ୍ୟ ନଜରକୁ ଆସିଛି। ସୋମବାର ଗ୍ରାମର ମାଲିନି ଗରଡା(୫୦)ଙ୍କ ମୃତଦେହକୁ ସତ୍କାର ପାଇଁ ଗାଁଠାରୁ ୫୦୦ମିଟର ଦୂର ଶ୍ମଶାନକୁ ଯିବାକୁ ଭରା ନଈ ପାର ହେବାକୁ ପଡ଼ିଥିଲା।

ସ୍ଥାୟୀ ପୋଲ ନ ଥିବାରୁ ଲୋକେ ବର୍ଷ ବର୍ଷ ଧରି ଏଭଳି ସଙ୍କଟାପନ୍ନ ଅବସ୍ଥାରେ ଯାତାୟାତ କରୁଥିବା ଅଭିଯୋଗ ହୋଇଛି। ମୃତଦେହ ଭରା ନଈ ପାର ହୋଇ ଶ୍ମଶାନକୁ ନେବା ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମର ବୃନ୍ଦାବନ ଗରଡା,ବିପୁଳ ଖରା, ସୁରେନ୍ଦ୍ର ଖରା,ଲୋକନାଥ ଡଙ୍ଗି,ଚକ୍ର ଗରଡା ଓ ଲବ ଭତ୍ରା ପ୍ରମୁଖ କହିଛନ୍ତି। ଗାଁ ନିକଟସ୍ଥ ମୁରାନା ନଦୀରେ ଅଧିକ ଜଳ ପ୍ରବାହିତ ହେଉଥିବାରୁ ବେକ ଓ ମୁଣ୍ଡ ଯାଏ ବୁଡ଼ି, ଜୀବନକୁ ବାଜି ଲଗାଇ ନଈ ପାର ହେବାକୁ ପଡୁଛି। ତେବେ ଏଭଳି ସମସ୍ୟା କେବଳ ଗୋଟିଏ ଗ୍ରାମର ନୁହେଁ। ତଳଗଦ୍ରି ଓ ପରଜା ଗଦ୍ରି ଗ୍ରାମର ଅବସ୍ଥା ମଧ୍ୟ ସମାନ। ଲୋକେ ଦଶନ୍ଧି ଦଶନ୍ଧି ଧରି ଦୁର୍ଦ୍ଦଶା ଭୋଗୁଥିବା ଗ୍ରାମବାସୀ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଲୋକମାନେ ଭୂତରେ ନଦୀ ଆରପାରିରେ ଶ୍ମଶାନ କରିଥିଲେ। ସେହି ସମୟରୁ ଏ ପର୍ଯ୍ୟନ୍ତ ସେହି ସ୍ଥାନରେ ମୃତଦେହ ଦାହ କରାଯାଉଛି। ବର୍ଷା ଦିନେ ନଦୀରେ ଅଧିକ ପାଣି ପ୍ରବାହିତ ହେଉଥିବାରୁ ମୃତଦେହ ଧରି ଏପରି ଶ୍ମଶାନକୁ ଯିବା ପାଇଁ ବହୁତ ସମସ୍ୟା ହେଉଛି ବୋଲି ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

# ଆନ୍ତଃସ୍କୁଲ ଫୁଟବଲ: କିସ୍ ଚାମ୍ପିୟନ




ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩୦।୯ (ସରୋଜ ଜେନା)**

ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ସୋମବାର କିସ୍ ସ୍କୁଲ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଓଡ଼ିଏମ ପବ୍ଲିକ୍ ସ୍କୁଲକୁ ଦଳ ୨-୦ ଗୋଲରେ ହରାଇଥିଲା। ଦଳ ପକ୍ଷରୁ ବଳରାମ ହେମ୍ବ୍ରମ ଓ ସମାରାମ ସୋରେନ୍ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ତୃତୀ ସ୍ଥାନ ପ୍ଲେ ଅଫ୍ ମ୍ୟାଚରେ ଲୋୟଲା ଓଡ଼ିଆ ସ୍କୁଲ ଟାଇବ୍ରେକରରେ ସୟଦ ସେମିନାରୀକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍‌ଟି ୨-୨ରେ ଅମୀମାଂସିତ ରହିଥିଲା। ଫାଇନାଲ ପାଇଁ ଅତିଥି ଭାବରେ ବିଧାୟକ ବାବୁ ସିଂ, ଜଗନ୍ନାଥ ପ୍ରଧାନ, ୟୁନିଲାଇଟ୍ ଏମ୍‌ଡି ବିଶ୍ୱଜିତ ମହାନ୍ତି,ଦୀଲିପ କୁମାର ସାମନ୍ତରାୟ, ଦେବାଶିଷ ଜେନା, ରଞ୍ଜିତ ପଟ୍ଟନାୟକ ଓ ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର, ରନର ଅପ୍ ଦଳକୁ ୧୦ ହଜାର, ତୃତୀୟ ସ୍ଥାନରେ ଥିବା ଦଳକୁ ୭୦୦୦ ଓ ଚତୁର୍ଥ ସ୍ଥାନରେ ଥିବା ଦଳୁ ୫ ହଜାର ଟଙ୍କାର ପୁରସ୍କାର ମିଳିଥିଲା। ବିକାଶ ମିଡିୟମ ସ୍କୁଲକୁ ଫେୟାର ପ୍ଲେ ପୁରସ୍କାର ମିଳିଥିଲା। କିସ୍ ସ୍କୁଲର ବିରାମ ମାଝୀଙ୍କୁ ଶ୍ରେଷ୍ଠ ଗୋଲ୍‌କିପର, ରାମଚନ୍ଦ୍ର ହାଂସଦାଙ୍କୁ ଶ୍ରେଷ୍ଠ ଡିଫେଣ୍ଡର, ଓଡିଏମ୍‌ର ଦିବ୍ୟାଂଶୁ ପ୍ରଧାନଙ୍କୁ ଶ୍ରେଷ୍ଠ ମିଡ୍ ଫିଲ୍ଡର ଓ କିସ୍‌ର ବଳରାମ ପ୍ରଧାନଙ୍କୁ ଶ୍ରେଷ୍ଠ ଫରୱାର୍ଡ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଏମ୍‌ର ଶ୍ରୀୟଜ କିସ୍କୁଙ୍କୁ ଶ୍ରେଷ୍ଠ ଅଲରାଉଣ୍ଡ ଖେଳାଳି ଭାବରେ ଘୋଷଣା କରାଯାଇଥିଲା।

# କେନାଲ ହ୍ୟୁମ୍‌ପାଇପ୍‌ରେ ପଶି ଯୁବକ ମୃତ

**ମୁରିବାହାଲ, ୩୦।୯ (ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ପତ୍ରପାଲି(କ) ଗ୍ରାମପଞ୍ଚାୟତ ଅଁଇଳାଭଟା ଗ୍ରାମ ନିକଟରେ ଯାଇଥିବା ତିଖାଲି ପ୍ରକଳ୍ପର କେନାଲରେ ଭାସି ହ୍ୟୁମ୍‌ପାଇପ୍‌ରେ ପଶି ସୋମବାର ମଧ୍ୟାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁରିବାହାଲ ବ୍ଲକ ଡୁପାଉଡାର ଗ୍ରାମପଞ୍ଚାୟତ ଜାମକାନି ଗ୍ରାମର ମାନ ମାଝି ( ୩୨)।

ମାନ ପୁଅଜିଉଁଠିଆ ବ୍ରତ କରିବା ପାଇଁ ସ୍ତ୍ରୀ ସହ ଶ୍ୱଶୁର ଘର ଅଁଇଳାଭଟା ଆସିଥିଲେ। ତାଙ୍କର ଅନ୍ୟ ଦୁଇ ଶଳୁ ମଧ୍ୟ ଆସିଥିଲେ। ତିନିଜଣ ଏକାସାଙ୍ଗରେ ଅଁଇଳାଭଟା ଗ୍ରାମ ନିକଟରେ ଯାଇଥିବା କେନାଲକୁ ଗାଧୋଇବାକୁ ଯାଇଥିଲେ। ୩ଜଣ ହ୍ୟୁମ୍‌ପାଇପ୍ ପାଖ କେନାଲରେ ଗାଧୋଉଥିବାବେଳେ ହଠାତ୍ ମାନ ଭାସିଯାଇ ହ୍ୟୁମ୍‌ପାଇପ୍ ଭିତରକୁ ଚାଲିଯାଇଥିଲେ। ବାହାରେ ଥିବା ୨ ଶଳୁ ବାହାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପ୍ରଖର ସ୍ରୋତ ମାନଙ୍କୁ ଭିତରକୁ ଟାଣି ନେଇଥିଲା। ଖବରପାଇ ମୁରିବାହାଲ ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ଅମରେଶ ପଧାନ ଓ ତାଙ୍କ ସହକର୍ମୀ ପ୍ରାୟ ୨ ଘଣ୍ଟା ଖାନତଲାସ କରିବା ପରେ ମନଙ୍କ ମୃତଦେହ ବାହାର କରାଯାଇଥିଲା।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ମଇଁଷି ଆକ୍ରମଣ: ୩ ଛାତ୍ରୀ ଗୁରୁତର



ଡାକ୍ତରଖାନାରେ ଜଣେ ଛାତ୍ରୀ ଚିକିତ୍ସିତ ହେଉଛନ୍ତି।

**ନାଉଗାଁ,୩୦।୯(ସୁଧା ବେହୁରା)**

ଜଗତ୍‌ସିଂହପୁର ଜିଲା ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ ଚାଲିଥିବାବେଳେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ମଇଁଷି ଆକ୍ରମଣରେ ୩ ଛାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଅନ୍ୟ ଛାତ୍ରୀଛାତ୍ରମାନେ ଉଦ୍ଧାର କରି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଚାଲୁରହିଛି। ଏହି ପରିପ୍ରେକ୍ଷୀରେ ଜାତୀୟ ସେବା ଯୋଜନାର ଜିଲା ଅଧିକାରିଣୀ ଅଧ୍ୟାପିକା ବିଜୟିନୀ ପଡିହାରୀଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ର ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଫେଇ କରିବାକୁ ଯାଇଥିଲେ। ସେମାନଙ୍କ ସହ ଜଗତ୍‌ସିଂହପୁର ନେହେରୁ ଯୁବକେନ୍ଦ୍ରର କର୍ମଚାରୀ ପବିତ୍ରମୋହନ ସୁବୁଦ୍ଧି, ପୁରାତନ ବ୍ଲକ ଜାତୀୟ ଯୁବ ସଂଯୋଜକ ତପନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ମୁଖ ପାଚେରି ପାର୍ଶ୍ୱକୁ ସଫେଇ କରୁଥିବାବେଳେ ରାସ୍ତାରେ ଯାଉଥିବା ଏକ ମଇଁଷି ସେମାନଙ୍କୁ ଅଚାନକ ଆକ୍ରମଣ କରିଥିଲା। ଫଳରେ ଉପରୋକ୍ତ ୩ ଛାତ୍ରୀ ଗୁରୁତର ହୋଇଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ କଳା କୋଇଲି କଳା**
**କଳା କଜଳପାତି**
**ହାଣ୍ଡି କଳା ବୋଇତ କଳା**
**କଳା ରାଜାଙ୍କ ହାତୀ।**

ପ୍ରତ୍ୟେକ ରଙ୍ଗର କିଛି ନା କିଛି ବିଶେଷତ୍ୱ ରହିଛି। କଳା ରଙ୍ଗରେ ବିମଣ୍ଡିତ କେତେକ ପଶୁପକ୍ଷୀ, ବ୍ୟବହାର୍ଯ୍ୟ ଦ୍ରବ୍ୟ ଏବଂ ଯାନର ସୂଚନା ଏଠାରେ ପ୍ରଦାନ କରାଯିବା ସହ କଳା ରଙ୍ଗର ଶ୍ରେଷ୍ଠତ୍ୱକୁ ଏଠାରେ ପ୍ରତିପାଦନ କରାଯାଇଛି।

**କେତେ ଥାନାବାଲା ଗଲେଣି**
**ଫାଣ୍ଡି ପଡ଼ି ରହିଛି,**
**କେତେ ରାଜା ଏଠୁ ଗଲେଣି**
**ସିଂହାସନ ପଡ଼ିଛି।**

ପଦ ଓ ଆସନ ଖାଲି ପଡ଼େ ନାହିଁ। ପଦାଧିକାରୀ ଆସନ ଖାଲି କରି ଚାଲିଯାଆନ୍ତି, ପୁଣି ନୂଆ ବ୍ୟକ୍ତି ଆସି ସେଇ ପଦ ଅଲଙ୍କୃତ କରିଥାନ୍ତି। ପଦବୀଧାରୀ ପରିବର୍ତ୍ତିତ ହୁଏ, କିନ୍ତୁ ପଦାସନ ଯେମିତି ଅଛି ସେମିତି ପଡ଼ିରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

# ପୁରୁଣାକଟକ ରେଳଷ୍ଟେଶନକୁ ଗଡ଼ିଲା ଇଞ୍ଜିନ




ପୁରୁଣାକଟକ ରେଳଷ୍ଟେଶନରେ ଇଞ୍ଜିନ ପହଞ୍ଚିଛି।

**ବୌଦ୍ଧ, ୩୦।୯ (ଅଜିତ କୁମାର ବାରିକ)**

ଗଡଜାତ ବୌଦ୍ଧ ଜିଲାବାସୀଙ୍କ ଦୀର୍ଘଦିନର ପ୍ରତିକ୍ଷା ପୂରଣ ହେବାକୁ ଯାଉଛି। ସୋମବାର ପୁରୁଣାକଟକ ରେଳଷ୍ଟେଶନକୁ ପରୀକ୍ଷାମୂଳକ ଭାବରେ ରେଳଇଞ୍ଜିନ ଗଡ଼ିଛି। ପୂର୍ବରୁ ତେଲ ନଦୀ ଉପରେ ପୋଲ ନିର୍ମାଣ ପରେ ସୁବର୍ଣ୍ଣପୁର ପଟରୁ ପୁରୁଣାପାଣି ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ରେଳ ଇଞ୍ଜିନ ଗଡ଼ିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବୌଦ୍ଧ ଜିଲାର ଖାରମୁଣ୍ଡା ପର୍ଯ୍ୟନ୍ତ ଇଞ୍ଜିନ ଗଡ଼ିଥିବାବେଳେ ତୃତୀୟ ପର୍ଯ୍ୟାୟରେ ବୌଦ୍ଧ ରେଳଷ୍ଟେଶନ ପର୍ଯ୍ୟନ୍ତ ଗତ ଅଗଷ୍ଟ ୧୪ରେ ରେଳ ବିଭାଗ ପରୀକ୍ଷାମୂଳକ ଭାବେ ଇଞ୍ଜିନ ଗଡାଇବାକୁ ସଫଳ ହୋଇଥିଲା। ପୁଣି ଚତୁର୍ଥ ପର୍ଯ୍ୟାୟ ସୋମବାର ରେଳ ବିଭାଗ ଆଉ ପାଦେ ଆଗକୁ ଯାଇ ପୁରୁଣାକଟକ ପର୍ଯ୍ୟନ୍ତ ରେଳଇଞ୍ଜିନ ଗଡ଼ାଇବାରେ ସଫଳ ହୋଇଛି। ପ୍ରକାଶ ଥାଉକି ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପରେ ବୌଦ୍ଧ ଜିଲାରେ ସର୍ବାଧିକ ନିର୍ମାଣ କାର୍ଯ୍ୟ ରହିଛି। ପ୍ରକଳ୍ପର ୧୦୭ କିଲୋମିଟର ରେଳପଥ କେବଳ ବୌଦ୍ଧ ଜିଲାରେ ନିର୍ମାଣ ହେବାକୁ ଥିବାବେଳେ ତାହାରି ମଧ୍ୟରେ ୪ଟି ବଡ ଟନେଲ ରହିଛି। ପୁରୁଣାକଟକଠାରେ ରେଳ ଇଞ୍ଜିନ ପହଞ୍ଚିବା ପରେ ଲୋକଙ୍କ ମଧ୍ୟରେ ଉତ୍ସାହ ଖେଳିବା ସହ ନଡ଼ିଆ ଭାଙ୍ଗି ଜୟ ମା’ ଭୈରବୀ ନାରା ଦେଇଥିଲେ।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଟ୍ରକ୍ ପଛରେ ପିଟି ହେଲା ବସ୍: ଜଣେ ମୃତ, ୨୦ ଆହତ

**ଧର୍ମଶାଳା/କାଏମା,୩୦।୯ (ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଧର୍ମଶାଳା ଥାନା ୧୬ନଂ. ଜାତୀୟ ରାଜପଥର ଜାରକା ଛକ ନିକଟ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରକ ପଛରେ ଏକ ଯାତ୍ରୀବାହୀ ବସ୍ ପିଟି ହେବାରୁ ହେଲପରଙ୍କ ମୃତ୍ୟୁ ଘଟିଛି। ୨୦ ଜଣ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ରାଜା ନାମକ ଏକ ବସ୍(ନଂ.ଓଡି୧୧ପି୬୩୯୯) ୫୦ ଜଣ ଯାତ୍ରୀଙ୍କୁ ନେଇ ୧୬ନଂ. ଜାତୀୟ ରାଜପଥରେ ବାରିପଦାରୁ ଭୁବନେଶ୍ୱର ଯାଉଥିଲା। ରବିବାର ବିଳମ୍ବିତ ରାତିରେ ଜାରକା ଓଭରବ୍ରିଜ ପୂର୍ବରୁ ରାସ୍ତା କଡରେ ଛିଡ଼ା ହୋଇଥିବା ଏକ ସାର ବୋଝେଇ ଟ୍ରକ(ନଂ. ଓଡି ଜେ୨୫୭୯)ପଛକୁ ବସ୍‌ଟି ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବସ ହେଲପର ତଥା ଉଦଳା ଲୁଣିବାରୀ ଅଞ୍ଚଳର ସାରଦା ସତୀଶ ହାଂସଦା (୩୬)ଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ୨୦ ଜଣ ଯାତ୍ରୀ ଆହତ ହୋଇଥିଲେ।

# ୨୦୩୬ବେଳକୁ ଓଡ଼ିଶା ୧.୫ ଟ୍ରିଲିୟନ ଡଲାର ଆର୍ଥିକ ଶକ୍ତି ଭାବେ ଉଭା ହେବ: ମନ୍ତ୍ରୀ ବିଭୂତି

**ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର)**




କାର୍ଯ୍ୟକ୍ରମରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଅନ୍ୟ ବ୍ୟକ୍ତିବିଶେଷ।

ଓଡ଼ିଶାକୁ ଏକ ପ୍ରଭାବୀ ଆର୍ଥିକ ଶକ୍ତିରେ ପରିଣତ କରିବାକୁ ରାଜ୍ୟ ସରକାର ସଂକଳ୍ପବଦ୍ଧ । ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ଓଡ଼ିଆମାନେ ଏହି ବିକାଶ ଯାତ୍ରାରେ ସାମିଲ ହେବାକୁ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ରବିବାର ଚେନ୍ନାଇଠାରେ ମାନ୍ଦ୍ରାଜ ଉତ୍କଳ ଆସୋସିଏଶନ୍‌ର ବାର୍ଷିକୋତ୍ସବ ତଥା ଉତ୍କଳ ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଜେନା କହିଛନ୍ତି, ଗୌରବମୟ ଇତିହାସ, ସାମୁଦ୍ରିକ ବାଣିଜ୍ୟ, କଳା-ଭାସ୍କର୍ଯ୍ୟ, ବିପୁଳ ଖଣିଜ ସମ୍ପଦ, ଦୀର୍ଘ ବେଳାଭୂମି ଓ ପର୍ଯ୍ୟଟନ ବିଭବ ପାଇଁ ଓଡ଼ିଶାର ଅର୍ଥନୀତି ଦୃଢ଼ ହୋଇପାରିବ। ୨୦୩୬ ରେ ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ବେଳକୁ ଓଡ଼ିଶା ୧.୫ ଟ୍ରିଲିୟନ୍ ଡଲାର ଆର୍ଥିକ ଶକ୍ତି ଭାବେ ଉଭା ହେବ ।

ରାଜା ଆନ୍ନାମଲାଇପୁରମ୍‌ସ୍ଥିତ ଇମେଜ୍ ଅଡିଟୋରିୟମ୍‌ରେ ଆୟୋଜିତ ଏହି ସମାବେଶରେ ମନ୍ତ୍ରୀ ଜେନା କହିଛନ୍ତି, ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ଆତ୍ମପରିଚିତିର ସୁରକ୍ଷା ଏବଂ ପ୍ରସାର ପାଇଁ ପ୍ରବାସୀ ଓଡ଼ିଆମାନଙ୍କ ଉଦ୍ୟମ ତଥା ଯତ୍ନର ଆବଶ୍ୟକତା ରହିଛି। ଏହି ଅବସରରେ ଓଡ଼ିଶାରେ ନୂତନ ସରକାର ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ସୂଚନା ଦେଇ ରାଜ୍ୟର ଖଣିଜ ସମ୍ପଦ, ପରିବହନ, ଯୋଗାଯୋଗ ଓ ଶିଳ୍ପ କ୍ଷେତ୍ରରେ ସଙ୍ଗଠିତ ଉନ୍ନତି ସାଙ୍ଗକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ପ୍ରାୟୋଜିତ ବିଭିନ୍ନ କଲ୍ୟାଣକର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଛନ୍ତି। ମନ୍ତ୍ରୀ ଜେନା ତାମିଲନାଡୁରେ ଥିବା ପ୍ରାୟ ୧୦ ଲକ୍ଷ ଓଡ଼ିଆଙ୍କ ପ୍ରତିନିଧିତ୍ୱ କରୁଥିବା ଏହି ଆସୋସିଏଶନ୍‌ର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ଆସୋସିଏଶନ୍ ସଭାପତି ପବିତ୍ର ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ନ୍ୟାଶନାଲ୍ କମ୍ପାନୀ ଲ ଆପିଲେଟ୍ ଟ୍ରିବ୍ୟୁନାଲ୍‌ର ବୈଷୟିକ ସଦସ୍ୟ ଯତୀନ୍ଦ୍ର ନାଥ ସ୍ୱାଇଁ, ଇଣ୍ଡିଆନ୍ ବ୍ୟାଙ୍କର ଏକ୍‌ଜ୍ୟୁଟିଭ୍ ଡାଇରେକ୍ଟର ଆଶୁତୋଷ ଚୌଧୁରୀ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ କୁମାର ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖି ମାନ୍ଦ୍ରାଜସ୍ଥିତ ଓଡ଼ିଆମାନେ ସବୁବେଳେ ଆନ୍ତଃରାଜ୍ୟ ସାମାଜିକ-ସାଂସ୍କୃତିକ ଓ ବୌଦ୍ଧିକ ସମ୍ପର୍କକୁ ଦୃଢ଼ କରିବାରେ ପ୍ରୟାସୀ ରହିବେ ବୋଲି ଆଶା ପ୍ରକଟ କରିଛନ୍ତି।

# ସିସିଟିଭି ଲଗାଇବାରେ ମନ୍ଥରତାକୁ ନେଇ ପଶ୍ଚିମବଙ୍ଗ ସରକାରଙ୍କୁ ଭର୍ତ୍ସନା

**ନୂଆଦିଲ୍ଲୀ,୩୦ା୯:** ପଶ୍ଚିମବଙ୍ଗର ସରକାରୀ ମେଡିକାଲ କଲେଜଗୁଡ଼ିକରେ ସିସିଟିଭି ଲଗାଇବା, ପାଇଖାନା ଓ ଅଲଗା ରେଷ୍ଟିଂ ରୁମ୍ ନିର୍ମାଣରେ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ସୋମବାର ଅସନ୍ତୋଷ ପ୍ରକାଶ କରିଛନ୍ତି। ସର୍ବୋଚ୍ଚ ଅଦାଲତ ଏଥିପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ଭର୍ତ୍ସନା କରିବା ସହ ଅକ୍ଟୋବର ୧୫ ସୁଦ୍ଧା ଏହି ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋଲକାତା ଆର୍.ଜି. କର ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାକୁ ସୁପ୍ରିମକୋର୍ଟ ନିଜଆଡ୍ରୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। କୌଣସି ସ୍ଥାନରେ କାର୍ଯ୍ୟ ଅଧାରୁ ଅଧିକ ଶେଷ ହୋଇ ନ ଥିବା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି. ପର୍ଡିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। କାର୍ଯ୍ୟରେ ମନ୍ଥରତା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି ବୋଲି ଖଣ୍ଡପୀଠ ପଶ୍ଚିମବଙ୍ଗ ସରକାରଙ୍କ ଓକିଲ ରାକେଶ ଦ୍ୱିବେଦୀଙ୍କୁ ପ୍ରଶ୍ନ କରିଥିଲେ। ୬,୧୭୮ଟି ସିସିଟିଭି କ୍ୟାମେରା ଲାଗିବାକୁ ଥିବାବେଳେ ମାତ୍ର ୨୬ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି ଏବଂ ଅକ୍ଟୋବର ୧୦ ସୁଦ୍ଧା ଅବଶିଷ୍ଟ ଲାଗିଯିବ ବୋଲି ଦ୍ୱିବେଦୀ କହିଥିଲେ। ସୋସିଆଲ ମିଡିଆରେ ମୃତା ଡାକ୍ତରଙ୍କ ନାମ ଓ ଫଟୋ ବାରମ୍ବାର ପ୍ରକାଶ ପାଉଥିବା ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ଅଦାଲତଙ୍କୁ ଜଣାଇଥିଲେ। ନାମ ଓ ଫଟୋ ହଟାଇବା ପାଇଁ ଅଦାଲତ ପୂର୍ବରୁ ନିର୍ଦ୍ଦେଶ ଦେଇଥିବାବେଳେ କାର୍ଯ୍ୟକାରୀ କରିବା ଦାୟିତ୍ୱ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର ବୋଲି ଖଣ୍ଡପୀଠ କହିଥିଲେ। ପୀଡ଼ିତାଙ୍କ ନାମ ଓ ଫଟୋ ହଟାଇବା ପାଇଁ ୱିକିପିଡିଆକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏହା ସବୁ ସୋସିଆଲ ମିଡିଆ ପାଇଁ ଉଦ୍ଦିଷ୍ଟ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।



ସୁପ୍ରିମକୋର୍ଟରେ ସୋମବାର ଆର୍.ଜି. କର ହସ୍ପିଟାଲ ମାମଲାର ଶୁଣାଣି ଚାଲିଥିବାବେଳେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀମାନେ କୋଲକାତାସ୍ଥିତ ସିବିଆଇ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ରାମରହିମଙ୍କୁ ପାରୋଲ, ହରିୟାଣା ମନା

ନୂଆଦିଲ୍ଲୀ,୩୦ା୯

ଅକ୍ଟୋବର ୫ ହରିୟାଣା ନିର୍ବାଚନ ପୂର୍ବରୁ ଡେରା ସଚା ସୌଦାର ବିବାଦୀୟ ମୁଖ୍ୟ ଗୁରମିତ ରାମରହିମ ସିଂଙ୍କୁ ସୋମବାର ପାରୋଲ ଅନୁମତି ମିଳିଛି। ନିର୍ବାଚନ କମିଶନ ତାଙ୍କୁ ସସର୍ତ୍ତ ପାରୋଲ ଅନୁମତି ଦେଇଛନ୍ତି। ତଦନୁଯାୟୀ ରାମରହିମ ନିର୍ବାଚନ ସମୟ ମଧ୍ୟରେ ହରିୟାଣାକୁ ପ୍ରବେଶ କରିପାରିବେ ନାହିଁ। ରାମରହିମ କୌଣସି ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟକ୍ତିଗତ କିମ୍ବା ସୋସିଆଲ ମିଡିଆ ଜରିଆରେ ନିୟୋଜିତ ହେବେ ନାହିଁ। ସେ ଏଭଳି କୌଣସି ଉଲ୍ଲଂଘନ କରିବେ ନାହିଁ, ଯଦ୍ୱାରା ତାଙ୍କ ପାରୋଲ ତତ୍କାଳ ରଦ୍ଦ ହେବ ବୋଲି ଇସି ସର୍ତ୍ତ ରଖିଛନ୍ତି। ଇସିଙ୍କ ଏହି ଅନୁମତି ପରେ ହରିୟାଣାର ଭାଜପା ସରକାର ତାଙ୍କ ମୁକ୍ତି ପାଇଁ ଖୁବ୍‌ଶୀଘ୍ର ନିର୍ଦ୍ଦେଶନାମା ଜାରି କରିପାରନ୍ତି। ନିର୍ବାଚନ ବେଳେ ରାମରହିମ ନିଜ ଅନୁଗାମୀମାନଙ୍କୁ ପ୍ରଭାବିତ କରୁଥିବା ଅଭିଯୋଗ



ଗୁରମିତ ରାମରହିମ ସିଂ

ଆସିବା ପରେ ଇସି ସେଥିରେ ଅଙ୍କୁଶ ଲଗାଇବା ପାଇଁ ଉପରୋକ୍ତ କଟକଣା ଜାରି କରିଛନ୍ତି। ପ୍ରକାଶ ଯେ, ହତ୍ୟା ଓ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହୋଇ ୨୦୨୦ରୁ ଜେଲଦଣ୍ଡ ଭୋଗୁଥିବା ରକ୍‌ଷ୍ଟାର ବାବା ଅଦ୍ୟାବଧି ୧୪ ଥର ପାରୋଲରେ ଆସି ୨୫୯ ଦିନ ବାହାରେ ରହିଲେଣି।

# ସ୍କୁଲରେ ୫ ବର୍ଷର ଛାତ୍ରୀଙ୍କୁ ବଳାତ୍କାର

ଭୋପାଳ,୩୦ା୯

ମଧ୍ୟପ୍ରଦେଶର ରତଲାମ ସହରରେ ଜଣେ ୫ ବର୍ଷୀୟା ୟୁକେଜି ଛାତ୍ରୀଙ୍କୁ ସ୍କୁଲ୍ ପରିସରରେ ଜଣେ ୧୦ମ ଶ୍ରେଣୀ ଛାତ୍ର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ନାବାଳକଙ୍କୁ ପୋଲିସ ଅଟକ ରଖିଛି। ସେ ଉକ୍ତ ଘରୋଇ ସ୍କୁଲର ଜଗୁଆଳିଙ୍କ ପୁଅ। ସ୍କୁଲ ବିଲ୍ଡିଂର ତୃତୀୟ ମହଲାରେ ଜଗୁଆଳିଙ୍କୁ ରୁମ୍ ମିଳିଥିବାବେଳେ ସେଠାରେ ତାଙ୍କ ପୁଅ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଛାତ୍ରୀ ମାଆଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# କାର୍ଯ୍ୟ ଚାପରୁ ବଜାଜ କର୍ମଚାରୀଙ୍କ ଆତ୍ମହତ୍ୟା

ଲକ୍ଷ୍ନୌ,୩୦ା୯

ଉତ୍ତରପ୍ରଦେଶର ଝାନ୍‌ସୀରେ ବଜାଜ ଫାଇନାନ୍ସର ଏରିଆ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ଜଣେ ୪୨ ବର୍ଷୀୟ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ଦୁଇମାସ ହେଲା ଟାର୍ଗେଟ ପୂରଣ କରିବା ପାଇଁ ସିନିୟରମାନେ ତାଙ୍କ ଉପରେ ଅତ୍ୟଧିକ ଚାପ ପକାଉଥିଲେ। ଟାର୍ଗେଟ ପୂରଣ ନ କରିପାରିଲେ ଛଟେଇ କରାଯିବ ବୋଲି ସେମାନେ ଧମକ ଦେଉଥିଲେ। ଅତ୍ୟଧିକ କାର୍ଯ୍ୟଚାପ ଯୋଗୁ ତରୁନ ସାକ୍ସେନା ଆତ୍ମହତ୍ୟା କରିଥିବା ଏକ ଚିଠିରେ ଲେଖିଛନ୍ତି। ତେବେ ବଜାଜ ଫାଇନାନ୍ସ ଉକ୍ତ ଅଭିଯୋଗ ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ତରୁନ୍ ଆତ୍ମହତ୍ୟା କରିଥିବା ତାଙ୍କ ଘରୋଇ ସହାୟକ ସୋମବାର ସକାଳେ ଜାଣିବାକୁ



ତରୁନ ସାକ୍ସେନା

ପାଇଥିଲେ। ତରୁନ ତାଙ୍କ ମାଆବାପା, ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ରହୁଥିବାବେଳେ ସେମାନଙ୍କୁ ଅନ୍ୟ ଏକ ରୁମ୍‌ରେ ତାଲା ପକାଇ ଦେଇଥିଲେ। ସ୍ତ୍ରୀଙ୍କୁ ଲେଖିଥିବା ୫ ପୃଷ୍ଠାର ଚିଠିରେ ତରୁନ କହିଛନ୍ତି, ସମସ୍ତ ଉଦ୍ୟମ ସତ୍ତ୍ୱେ ସେ ଟାର୍ଗେଟ ପୂରଣ କରିପାରି ନ ଥିଲେ। ତାଙ୍କୁ ବଜାଜ ଫାଇନାନ୍ସ ଋଣ କିସ୍ତି ଆଦାୟ ଦାୟିତ୍ୱ ଦିଆଯାଇଥିଲା। ଟାର୍ଗେଟ ପୂରଣ ହେଉ ନ ଥିବାରୁ ଚାକିରି ହରାଇବା ନେଇ ସେ ଚିନ୍ତାରେ ରହୁଥିଲେ। ଋଣ କିସ୍ତି ଆଦାୟ କରି ନ ପାରିଲେ, ନିଜେ ଭରିବାକୁ ପଡୁଥିଲା। ବରିଷ୍ଠ ଅଧିକାରୀଙ୍କୁ ଅସୁବିଧା ସମ୍ପର୍କରେ ଜଣାଇଲେ ମଧ୍ୟ ସେ ଶୁଣିବାକୁ ପ୍ରସ୍ତୁତ ନ ଥିଲେ। ତରୁନ୍ ୪୫ ଦିନ ହେଲା ଶୋଇ ନ ଥିବାବେଳେ ଖାଇବା ଏକପ୍ରକାର ଛାଡ଼ିଦେଇଥିଲେ ବୋଲି ଚିଠିରେ ଲେଖିଛନ୍ତି।

# ସିଦ୍ଧାରାମାୟାଙ୍କ ନାଁରେ ଇଡି ମାମଲା

## ଜମି ଫେରାଇଦେବାକୁ ସ୍ତ୍ରୀ ରାଜି

ବେଙ୍ଗାଲୁରୁ/ନୂଆଦିଲ୍ଲୀ,୩୦ା୯(ପି.ଟି.)

ମହୀଶୂର ଅର୍ବାନ ଡେଭେଲପମେଣ୍ଟ ଅଥରିଟି (ଏମ୍‌ୟୁଡିଏ) ଜମି ଆବଣ୍ଟନ ଦୁର୍ନୀତିରେ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ମାମଲା ରୁଜୁ କରିଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ତାଙ୍କ ସ୍ତ୍ରୀ ଓ ଅନ୍ୟ କେତେଜଣଙ୍କ ବିରୋଧରେ ମଧ୍ୟ ମନିଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ବଳରେ ମାମଲା ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ଏନ୍‌ଫୋର୍ସମେଣ୍ଟ କେସ୍ ଇନ୍‌ଫର୍ମେଶନ ରିପୋର୍ଟ (ଇସିଆଇଆର୍) ଦାଖଲ ହେବା ପରେ ବର୍ତ୍ତମାନ ଇଡି ଅଭିଯୁକ୍ତମାନଙ୍କୁ ଜେରା ପାଇଁ ଡାକିପାରିବ। ଏପରିକି ସେମାନଙ୍କ ସମ୍ପତ୍ତି ମଧ୍ୟ ବାଜ୍ୟାପ୍ତ କରିପାରିବ।

୭୬ ବର୍ଷୀୟ ସିଦ୍ଧାରାମାୟାଙ୍କ ବିରୋଧରେ ତାଙ୍କ ସ୍ତ୍ରୀଙ୍କ ନାଁରେ ଆବଣ୍ଟିତ ଜମି ଅନିୟମିତତା ମାମଲାରେ କେନ୍ଦ୍ରୀୟ ଏଜେନ୍ସିର ତତ୍ପରତାକୁ



ଦେଖି କର୍ନାଟକର ଶାସକ କଂଗ୍ରେସ କେନ୍ଦ୍ରର ଭାଜପା ସରକାରଙ୍କୁ ଟାର୍ଗେଟ କରିଛି। ଅଣଜୈବିକ ପ୍ରଧାନମନ୍ତ୍ରୀ ନିଜ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ରାସ୍ତାରୁ ହଟାଇ ସେମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଏଭଳି ପଦକ୍ଷେପ ନେଉଥିବା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ସମାଲୋଚନା କରିଛନ୍ତି। ମୁଖମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି, ବିରୋଧୀଙ୍କୁ ହଇରାଣ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଡିକୁ ହାତବାରିସି କରିଛନ୍ତି। ଇତିମଧ୍ୟରେ ସିଦ୍ଧାରାମାୟାଙ୍କ ସ୍ତ୍ରୀ ବି.ଏନ୍. ପାର୍ବତୀ ବିବାଦୀୟ ପ୍ଲାଟଗୁଡ଼ିକୁ ଫେରାଇଦେବାକୁ ରାଜି ହୋଇଛନ୍ତି। ଏନେଇ ସେ ଏମ୍‌ୟୁଡିଏକୁ ଏକ ପତ୍ର ଲେଖିଛନ୍ତି। ଆବଣ୍ଟିତ ୧୪ ପ୍ଲଟ୍‌ର ଦଲିଲ ରଦ୍ଦ କରିବା ସହ ସେଗୁଡ଼ିକୁ ଦଖଲ ହସ୍ତାନ୍ତର କରିବା ପାଇଁ ଆଗ୍ରହୀ ଥିବାରୁ ଏମ୍‌ୟୁଡିଏ ଆବଶ୍ୟକ ପଦକ୍ଷେପ ନେଉ ବୋଲି ପାର୍ବତୀ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଅଷ୍ଟ୍ରିଆ ଜାତୀୟ ନିର୍ବାଚନରେ ଫ୍ରିଡମ୍ ପାର୍ଟି ବିଜୟୀ

ଭିଏନା,୩୦ା୯

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅଷ୍ଟ୍ରିଆ ନ୍ୟାଶନାଲ ପାର୍ଲାମେଣ୍ଟାରି ନିର୍ବାଚନରେ ପ୍ରଥମ ଥର ପାଇଁ ଫ୍ରିଡମ୍ ପାର୍ଟି ବିଜୟୀ ହୋଇଛି। ଏହି ଦଳକୁ ୨୯.୨ ପ୍ରତିଶତ ଭୋଟ ମିଳିଥିବାବେଳେ ଚାନ୍‌ସେଲର କାର୍ଲ ନେହାମେରଙ୍କ ଅଷ୍ଟ୍ରିଆନ୍ ପିପୁଲ୍ସ ପାର୍ଟି ୨୬.୫ ପ୍ରତିଶତ ଭୋଟ ସହ ଦ୍ୱିତୀୟ ସ୍ଥାନରେ ଏବଂ ସୋସିଆଲ ଡେମୋକ୍ରାଟ ପାର୍ଟି ୨୧ ପ୍ରତିଶତ ଭୋଟ ସହ ତୃତୀୟ ସ୍ଥାନରେ ରହିଛି। ପାର୍ଲାମେଣ୍ଟ ନିମ୍ନ ସଦନରେ ମେଣ୍ଟ ସରକାର ସଂଖ୍ୟାଗରିଷ୍ଠତା ହରାଇଥିଲେ। ପୂର୍ବତନ ଗୃହମନ୍ତ୍ରୀ ହେର୍ବେର୍ଟ କିକ୍‌ଲ ଚାନ୍‌ସେଲର ହେବାକୁ ଚାହୁଁଛନ୍ତି। ତେବେ ଅଷ୍ଟ୍ରିଆର ନୂଆ ନେତା ହେବା ପାଇଁ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ହାସଲ ନିମନ୍ତେ ତାଙ୍କୁ ଅନ୍ୟ ଦଳ ସହ ମେଣ୍ଟ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ବିପକ୍ଷ ଦଳଗୁଡ଼ିକ ତାଙ୍କ ସହ ଏକାଠି କାମ କରିବେ ନାହିଁ ବୋଲି କହିଥିବାରୁ ସରକାର ଗଠନ ନେଇ ଅନିଶ୍ଚିତତା ଦେଖାଦେଇଛି।

# ଏମର୍ଜେନ୍ସି: କଇଁଚି ପାଇଁ କଙ୍ଗନା ରାଜି



ମୁମ୍ବାଇ,୩୦ା୯

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଆଧାରିତ ଫିଲ୍ମ 'ଏମର୍ଜେନ୍ସି'ର କେତେକ ଦୃଶ୍ୟରେ କାଟଛାଣ୍ଟ ପାଇଁ ଅଭିନେତ୍ରୀ ତଥା ପ୍ରଯୋଜିକା କଙ୍ଗନା ରାଣାୱତ୍ ରାଜି ହୋଇଛନ୍ତି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି) ସୋମବାର ବମ୍ବେ ହାଇକୋର୍ଟଙ୍କୁ ଏହା ଅବଗତ କରାଇଛି।

ସେପ୍ଟେମ୍ବର ୬ରେ 'ଏମର୍ଜେନ୍ସି' ମୁକ୍ତିଲାଭ କରିବା ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ସେଥିରେ ଐତିହାସିକ ତଥ୍ୟର ଭୁଲ୍ ଅବତାରଣା କରାଯାଇଥିବା ଅଭିଯୋଗ ଆଣି ପଞ୍ଜାବର ଶିରୋମଣି ଅକାଳୀ ଦଳ ସମେତ କେତେକ ଶିଖ୍ ସଙ୍ଗଠନ ଆପତ୍ତି ଉଠାଇଥିଲେ। ଫଳରେ ଏହି ବିବାଦୀୟ ଫିଲ୍ମ ରିଲିଜ୍ ହୋଇପାରି ନାହିଁ। ତେଣୁ ଫିଲ୍ମର ସହପ୍ରଯୋଜକ ଜି ଏଣ୍ଟରଟେନ୍‌ମେଣ୍ଟ ଏଣ୍ଟରପ୍ରାଇଜେସ୍ ସିବିଏଫ୍‌ସିକୁ ପ୍ରମାଣପତ୍ର ଜାରି ସକାଶେ ନିର୍ଦ୍ଦେଶ ଦେବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସେନ୍‌ସର ବୋର୍ଡ ପ୍ରମାଣପତ୍ର ଜାରି ନ କରି ଫିଲ୍ମର ରିଲିଜ୍‌କୁ ଅଟକାଇ ଦେଇଛି ବୋଲି ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା କଙ୍ଗନା ଅଭିଯୋଗ ଆଣିଥିଲେ। ଜଷ୍ଟିସ୍ ବି.ପି. କୋଲାବାୱାଲା ଏବଂ ଫିର୍ଦୋଶ ପୁନିୱାଲାଙ୍କ ଖଣ୍ଡପୀଠରେ ସୋମବାର ଏହାର ଶୁଣାଣି ହୋଇଛି। ଶୁଣାଣି ବେଳେ ପ୍ରଯୋଜନା ସଂସ୍ଥାର ଓକିଲ ଶରଣ ଜଗତିଆନି କହିଥିଲେ, ବିବାଦୀୟ ଦୃଶ୍ୟଗୁଡ଼ିକୁ ଫିଲ୍ମରୁ ବାଦ୍ ଦେବା ପାଇଁ କଙ୍ଗନା ଏବଂ ସିବିଏଫ୍‌ସି ମଧ୍ୟରେ ସହମତିପ୍ରକାଶ ପାଇଛି। ଖଣ୍ଡପୀଠ ଏହା ଶୁଣିବା ପରେ ଅକ୍ଟୋବର ୩ରେ ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।

# ନେତାନ୍ୟାହୁଙ୍କ ସହ କଥାହେଲେ ମୋଦି

ନୂଆଦିଲ୍ଲୀ,୩୦ା୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ତାଙ୍କ ଇସ୍ରାଏଲ୍ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ଉଭୟ ନେତା ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଆମ ବିଶ୍ୱରେ ଆତଙ୍କବାଦର କୌଣସି ସ୍ଥାନ ନାହିଁ। ଆଞ୍ଚଳିକ ଉତ୍ତେଜନାକୁ ରୋକିବା ଗୁରୁତ୍ୱପୂର୍ଣ୍ଣ। ସମସ୍ତ ପଣବନ୍ଦୀଙ୍କ ସୁରକ୍ଷିତ ମୁକ୍ତିକୁ ସୁନିଶ୍ଚିତ କରାଯାଉ। ତୁରନ୍ତ ଶାନ୍ତି ଓ ସ୍ଥିରତା ଫେରାଇଆଣିବା ଉଦ୍ୟମକୁ ସମର୍ଥନ ପାଇଁ ଭାରତ ପ୍ରତିବଦ୍ଧ ବୋଲି ନେତାନ୍ୟାହୁଙ୍କୁ ମୋଦି କହିଥିବା ଏକ୍ସ'ରେ ପୋଷ୍ଟ କରିଛନ୍ତି। ଗତବର୍ଷ ଅକ୍ଟୋବରରେ ହମାସ୍ ଆତଙ୍କବାଦୀ ଇସ୍ରାଏଲୀ ନାଗରିକଙ୍କୁ ଅପହରଣ କରିନେବାରୁ ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ କରିଥିଲା। ବର୍ଷେ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଇରାନ ସମର୍ଥିତ ହେଜ୍‌ବୋଲ୍ଲା ଏବଂ ହୁଟିବିଦ୍ରୋହୀ ଇସ୍ରାଏଲ୍‌କୁ ଟାର୍ଗେଟ କରିବାରୁ ଜେରୁଜେଲମ୍ ଏହାର କଡ଼ା ଜବାବ ଦେଇଛି। ଫଳରେ ସମଗ୍ର ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି।

# ବ୍ରିଟେନରେ ଶେଷ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ବନ୍ଦହେଲା

ଲଣ୍ଡନ,୩୦ା୯

ବ୍ରିଟେନରେ କୋଇଲାରେ ଚାଲୁଥିବା ଶେଷ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ସୋମବାର ବନ୍ଦ ହୋଇଛି। ଫଳରେ ବ୍ରିଟେନରେ ଶିଳ୍ପ ବିପ୍ଳବକୁ ପ୍ରୋତ୍ସାହିତ କରି ୧୪୨ ବର୍ଷ ହେଲା ଚାଲିଆସିଥିବା କୋଇଲାରୁ ବିଦ୍ୟୁତ୍ ଉତ୍ପାଦନର ଯୁଗ ଶେଷ ହୋଇଛି। କେନ୍ଦ୍ରୀୟ ଇଂଲଣ୍ଡରେ ଥିବା ରାଟ୍‌କ୍ଲିଫ୍-ଅନ୍-ସୋର ଷ୍ଟେଶନ ମଧ୍ୟରାତ୍ରରେ ଏହାର ଚୂଡ଼ାନ୍ତ ଶିଫ୍ଟ ଶେଷ କରିଛି। ଏହି ପ୍ଲାଣ୍ଟରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେଲା କୋଇଲାରୁ ବିଦ୍ୟୁତ୍ ଉତ୍ପାଦନ ହେଉଥିଲା। ୨୦୩୦ ସୁଦ୍ଧା ବ୍ରିଟେନ୍‌ର ସମସ୍ତ ବିଦ୍ୟୁତ୍ ପୁନଃନବୀକରଣଯୋଗ୍ୟ ଉତ୍ସରୁ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ କୋଇଲାଭିତ୍ତିକ ଶେଷ ବିଦ୍ୟୁତ୍ ପ୍ଲାଣ୍ଟ ବନ୍ଦ ହେବା ଏହି ଦିଗରେ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଏହା ଏକ ଭାବାବେଗର ଦିନ ବୋଲି ପ୍ଲାଣ୍ଟ ମ୍ୟାନେଜର ପିଟର ଓ'ଗ୍ରାଡି କହିଛନ୍ତି। ପରିବେଶ ସୁରକ୍ଷା ପାଇଁ କୋଇଲା ବ୍ୟବହାରକୁ ପର୍ଯ୍ୟାୟକ୍ରମେ



ବନ୍ଦ କରିବା ଲକ୍ଷ୍ୟ ରଖିଥିବା ଜି-୭ ରାଷ୍ଟ୍ରଗୋଷ୍ଠୀ ମଧ୍ୟରୁ ବ୍ରିଟେନ ପ୍ରଥମ ଦେଶ, ଯିଏ ସମସ୍ତ କୋଇଲାଭିତ୍ତିକ ବିଦ୍ୟୁତ୍ ପ୍ଲାଣ୍ଟ ବନ୍ଦ କରିଦେଇଛି। ସ୍ୱିଡେନ୍, ବେଲ୍‌ଜିୟମ ଭଳି ୟୁରୋପୀୟ ରାଷ୍ଟ୍ର ମଧ୍ୟ ପୂର୍ବରୁ ଏଭଳି ପଦକ୍ଷେପ ନେଇଛନ୍ତି।

ତେବେ ଭାରତ ଏତେଶୀଘ୍ର କୋଇଲା ନିର୍ଭରଶୀଳତାରୁ ମୁକୁଳିପାରିବନି ବୋଲି ନୀତି ବିଶାରଦମାନେ କହିଛନ୍ତି। ଭାରତ ଏକ ବିକାଶଶୀଳ ରାଷ୍ଟ୍ର ହୋଇଥିବାବେଳେ ଶକ୍ତି ଆବଶ୍ୟକତା ଯଥେଷ୍ଟ ଅଧିକ ରହିଛି। ତେଣୁ ଆଗାମୀ କେତେ ଦଶନ୍ଧି ପର୍ଯ୍ୟନ୍ତ ଭାରତକୁ କୋଇଲାରୁ ଶକ୍ତି ଉତ୍ପାଦନ କରିବାକୁ ହେବ।

ବିଶ୍ୱର ପ୍ରଥମ କୋଇଲାଚାଳିତ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ୧୮୮୨ରେ ଲଣ୍ଡନରେ ସ୍ଥାପନ ହୋଇଥିଲା। ୨୦୧୨ ପର୍ଯ୍ୟନ୍ତ ବ୍ରିଟେନ୍ ବିଦ୍ୟୁତ୍ ଉତ୍ପାଦନର ୩୯ ପ୍ରତିଶତ କୋଇଲାରୁ ମିଳୁଥିଲା। ବ୍ରିଟେନ୍‌ରେ ଶେଷ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ବନ୍ଦ ହେବା ସହ ଓଇସିଡି (ଆର୍ଥିକ ସହଯୋଗ ଓ ବିକାଶ ସଂଗଠନ) ଦେଶଗୁଡ଼ିକର ଏକ-ତୃତୀୟାଂଶରୁ ଅଧିକ କୋଇଲା ମୁକ୍ତ ହୋଇପାରିଛନ୍ତି। ୨୦୩୦ ସୁଦ୍ଧା ତିନି-ଚତୁର୍ଥାଂଶ ଦେଶ କୋଇଲାମୁକ୍ତ ହେବେ ବୋଲି ଆଶା କରାଯାଉଛି।

# ଅନୁପମ୍‌ଙ୍କ ଫଟୋ ଥିବା ନୋଟ୍ ଦେଇ ୧.୩ କୋଟିର ଠକେଇ




ଅହମଦାବାଦ,୩୦ା୯

ଗୁଜରାଟର ଅହମଦାବାଦରେ ଜଣେ ସୁନା ଓ ରୁପା ବ୍ୟବସାୟୀ ୧.୩ କୋଟି ଟଙ୍କା ଠକେଇର ଶିକାର ହୋଇଛନ୍ତି। ତାଙ୍କୁ ଠକିଥିବା ବ୍ୟକ୍ତି ଜଣକ ବଲିଉଡ୍ ଅଭିନେତା ଅନୁପମ ଖେର୍‌ଙ୍କ ଫଟୋ ଥିବା ୫୦୦ ଟଙ୍କିଆ ଜାଲ୍ ନୋଟ୍ ବିଡ଼ା ଧରାଇଦେଇ ଫେରାର ହୋଇଯାଇଛନ୍ତି। ଅହମଦାବାଦର ମେହୁଲ ଠକ୍କର ସେପ୍ଟେମ୍ବର ୨୩ରେ ଲକ୍ଷ୍ମୀ ଜୁଏଲର୍ସ ମ୍ୟାନେଜରଙ୍କ ଫୋନ୍ କଲ୍ ରିସିଭ୍ କରିଥିଲେ। ତୃତୀୟ ପକ୍ଷଙ୍କ ପାଇଁ ତାଙ୍କୁ ୨ କେ.ଜି. ସୁନା କିଣିବାର ଅଛି। ଏହାର ଦାମ୍ କେତେ ହେବ ବୋଲି ସେ ମେହୁଲଙ୍କୁ ପଚାରିଥିଲେ। ଲକ୍ଷ୍ମୀ ଜୁଏଲର୍ସ ସହ ୧୫ ବର୍ଷ ଧରି ବ୍ୟବସାୟ କରିଆସୁଥିବା ଠକ୍କର ୧.୬ କୋଟି ଟଙ୍କା ପଡ଼ିବ ବୋଲି କହିଥିଲେ। ଏହା ପରଦିନ ମ୍ୟାନେଜର ଠକ୍କରଙ୍କୁ ତତ୍କାଳ ସୁନା ଆବଶ୍ୟକ ଅଛି କିନ୍ତୁ ରିଅଲ ଟାଇମ୍ ଗ୍ରସ୍ ସେଟେଲ୍‌ମେଣ୍ଟ (ଆର୍‌ଟିଜିଏସ୍)ରେ ବୈଷୟିକ ତ୍ରୁଟି ଯୋଗୁ ଅଗ୍ରୀମ ଟଙ୍କା ନଗଦରେ ଏବଂ ଅବଶିଷ୍ଟ ଅର୍ଥ ଅନ୍‌ଲାଇନରେ ଟ୍ରାନ୍ସଫର କରାଯିବ ବୋଲି କହିଥିଲେ। ନବରଙ୍ଗପୁରା ଅଞ୍ଚଳରେ ମଧ୍ୟସ୍ଥତା କରୁଥିବା ସଂସ୍ଥା ଅଙ୍ଗାଡିଆ ଜରିଆରେ ସୁନା ବିନିମୟ କରାଯିବା ପାଇଁ ସ୍ଥିର ହୋଇଥିଲା। ଠକ୍କର ନିଜର ଜଣେ କର୍ମଚାରୀଙ୍କୁ ସୁନା ଦେବା ପାଇଁ ସେଠାକୁ ପଠାଇଥିଲେ। ସେଠାରେ ୩ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ, ଯାହାଙ୍କ ମଧ୍ୟରୁ ଜଣେ ନୋଟ୍ ଗଣା ମେଶିନ୍ ବ୍ୟବହାର କରୁଥିଲେ। ସୁନା ହସ୍ତାନ୍ତର କରିବା ପରେ ଠକ୍କରଙ୍କ କର୍ମଚାରୀ ଅଗ୍ରୀମ ନେଇଥିବା ୧.୩ କୋଟି ଟଙ୍କା ଜାଲ୍ ହୋଇଥିବା ସନ୍ଦେହ କରିଥିଲେ। ବିଡ଼ା ଭିତରୁ ନୋଟ୍‌ଗୁଡ଼ିକୁ କାଢ଼ି ଦେଖିଲା ବେଳକୁ ସେଥିରେ ମହାତ୍ମା ଗାନ୍ଧୀଙ୍କ ସ୍ଥାନରେ ଅନୁପମ ଖେର୍‌ଙ୍କ ଫଟୋ ରହିଥିଲା। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କ ପରିବର୍ତ୍ତେ ଷ୍ଟାର ବ୍ୟାଙ୍କ ଅଫ୍ ଇଣ୍ଡିଆର ଷ୍ଟାମ୍ପ ରହିଥିଲା। ଠକାମୀରେ ପଡ଼ିଥିବା ଜାଣିବା ପରେ ଠକ୍କର ଓ ତାଙ୍କ ମ୍ୟାନେଜର ଡିଲ୍ ହୋଇଥିବା ସ୍ଥାନକୁ ଯାଇଥିଲେ। ବୁଝାବୁଝି ପରେ ସେମାନେ ଜାଣିବାକୁ ପାଇଥିଲେ, ଅଙ୍ଗାଡ଼ିଆ ଫାର୍ମ ସେଠାରେ ୨ ଦିନ ତଳେ ଖୋଲାଯାଇଥିଲା। ଲକ୍ଷ୍ମୀ ଜୁଏଲର୍ସ ପକ୍ଷରୁ କଲ୍ କରିଥିବା ବ୍ୟକ୍ତିଙ୍କ ଫୋନ୍ ସୁଇଚ୍‌ଅଫ୍ ବତାଇବାରୁ ଥାନାରେ ଏତଲା ଦିଆଯାଇଛି। ଅନୁପମ ଏହା ଜାଣି ଆଶ୍ଚର୍ଯ୍ୟ ହୋଇ କହିଛନ୍ତି, ୫୦୦ ଟଙ୍କିଆ ନୋଟ୍‌ରେ ଗାନ୍ଧିଜୀଙ୍କ ପରିବର୍ତ୍ତେ ମୋ ଫଟୋ ? କିଛି ବି ଘଟିପାରେ ବୋଲି ସେ ଟୁଇଟରରେ ପ୍ରତିକ୍ରିୟା ରଖିଛନ୍ତି।

# ସୁପ୍ରିମକୋର୍ଟଙ୍କ ଯୋଗୁ ଆଇଆଇଟି ସିଟ୍ ପାଇଲେ ଦଳିତ ଛାତ୍ର

## ୧୭,୫୦୦ ଟଙ୍କା ଯୋଗାଡ଼ରେ ବିଳମ୍ବ ହେବାରୁ ନାମ ଲେଖାଇପାରି ନ ଥିଲେ

**ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଧାନବାଦରେ ନିର୍ଦ୍ଧାରିତ ସମୟରେ ଫିଜ୍ ଜମା କରି ନ ପାରି ନାମଲେଖାରୁ ବଞ୍ଚିତ ହୋଇଥିବା ଜଣେ ଦଳିତ ଛାତ୍ରଙ୍କୁ ସୋମବାର ସୁପ୍ରିମକୋର୍ଟ ସହଯୋଗର ହାତ ବଢ଼ାଇଛନ୍ତି। ବି.ଟେକ୍ ପାଠ୍ୟକ୍ରମରେ ତାଙ୍କୁ ସିଟ୍ ଯୋଗାଇଦେବାକୁ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଇନ୍‌ଷ୍ଟିଚ୍ୟୁଟ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ଦେଶବ୍ୟାପୀ ପ୍ରଶଂସା କରାଯାଉଛି।**




ଅତୁଲ କୁମାର

ନୂଆଦିଲ୍ଲୀ,୩୦ା୯

ଉତ୍ତରପ୍ରଦେଶର ମୁଜାଫରପୁର ଜିଲା ତିତୋରା ଗ୍ରାମର ବାସିନ୍ଦା ଅତୁଲ କୁମାରଙ୍କ ବାପା ଜଣେ ଶ୍ରମିକ। ମଜୁରି ଲାଗି ଦୈନିକ ୪୫୦ ଟଙ୍କା ରୋଜଗାର କରନ୍ତି। ଏଥିରେ ସେ ଦାରିଦ୍ର୍ୟ ସୀମାରେଖା (ବିପିଏଲ୍) ତଳେ ଥିବା ନିଜ ପରିବାରକୁ ଚଳାନ୍ତି। ୧୮ ବର୍ଷୀୟ ଅତୁଲ ଆଇଆଇଟି ଧାନବାଦରେ ବି.ଟେକ୍ ପଢ଼ିବା ପାଇଁ ଚାହୁଁଥିବାବେଳେ ନାମଲେଖା ଲାଗି ଆବଶ୍ୟକ ୧୭,୫୦୦ ଟଙ୍କା ଠୁଳ କରିପାରି ନ ଥିଲେ। ଫଳରେ ସେ ନିର୍ଦ୍ଧାରିତ ତାରିଖ ଜୁନ୍ ୨୪ ସନ୍ଧ୍ୟା ୫ଟା ସୁଦ୍ଧା ଫି' ଦାଖଲ କରିବାରେ ବିଫଳ ହୋଇ ସିଟ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଇତିମଧ୍ୟରେ ତାଙ୍କ ବାପା ଗ୍ରାମବାସୀଙ୍କ ସହାୟତାରେ ଅପରାହ୍ନ ୪ଟା ୪୫ ସୁଦ୍ଧା ଟଙ୍କା ଯୋଗାଡ଼ କରିଥିଲେ। ଅତୁଲ ନିଜ ଦସ୍ତାବିଜ ଅପ୍‌ଲୋଡ୍ କରିବା ପରେ ସମୟ ଗଡ଼ିଯାଇଥିଲା। ସେ ପରୀକ୍ଷା କେନ୍ଦ୍ର 'ଝାଡ଼ଖଣ୍ଡର ଏକ କେନ୍ଦ୍ର' ବୋଲି ଉଲ୍ଲେଖ କରିଥିବାରୁ ଏନେଇ ଝାଡ଼ଖଣ୍ଡ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ଦ୍ୱାରସ୍ଥ ହୋଇ ସବୁ କଥା ଜଣାଇଥିଲେ। ତେବେ ଆଇଆଇଟି ମାଡ୍ରାସ୍ ଅଧୀନରେ ପରୀକ୍ଷା କରାଯାଉଥିବାରୁ ପ୍ରାଧିକରଣ ତାଙ୍କୁ ମାଡ୍ରାସ୍ ହାଇକୋର୍ଟ ଯିବାକୁ ପରାମର୍ଶ ଦେଇଥିଲେ। ହାଇକୋର୍ଟ ଅତୁଲଙ୍କୁ ସୁପ୍ରିମକୋର୍ଟ ଯିବାକୁ କହିଥିଲେ।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଅତୁଲଙ୍କ ଆବେଦନର ଶୁଣାଣି କରି କହିଛନ୍ତି, ଏପରି ଜଣେ ଯୁବ ମେଧାବୀ ଛାତ୍ରଙ୍କ କ୍ୟାରିୟର ଖରାପ ହେବାକୁ ଦିଆଯିବ ନାହିଁ। ଆବେଦନକାରୀ ବଞ୍ଚିତ ବର୍ଗର ହୋଇଥିବା ସତ୍ତ୍ୱେ ନାମଲେଖା ପାଇଁ ସବୁ ପ୍ରକାର ଉଦ୍ୟମ କରିଥିଲେ। ଉଚିତ ସମୟରେ ସେ ଫି' ଦାଖଲ କରି ନ ପାରିବାରୁ ସିଟ୍ ପାଇପାରି ନାହାନ୍ତି। ଆମକୁ ଏହା ଦେଖିବାକୁ ପଡ଼ିବ। ସିଜେଆଇ ଅତୁଲଙ୍କୁ ଅଲ୍ ଦି ବେଷ୍ଟ୍। ଭଲ କର କହିବା ସହ ସମ୍ବିଧାନର ଅନୁଚ୍ଛେଦ ୧୪୨ ଅଧୀନରେ ସୁପ୍ରିମକୋର୍ଟଙ୍କ ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରି ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବି.ଟେକ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଇଆଇଟି ଧାନବାଦକୁ ନିର୍ଦ୍ଦେଶ ଦେଇଛନ୍ତି। ଅତୁଲ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଦେବା ସହ ଏବେ ଟ୍ରେନ୍ ଟ୍ରାକ୍‌କୁ ଫେରିଛି ଏବଂ ସେ ଭଲ ପାଠ ପଢ଼ିବେ ବୋଲି କହିଛନ୍ତି।

**ଦୀପାଳିଙ୍କୁ ହାଇକୋର୍ଟରେ ଆଗୁଆ ଜାମିନ**

କଟକ, (କାର୍ତ୍ତିକ ସାହୁ): ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କୁ ସୋମବାର ହାଇକୋର୍ଟ ଆଗୁଆ ଜାମିନ ମଞ୍ଜୁର କରିଛନ୍ତି। ଠେଲିକୋଲେଇ ଥାନା ମାମଲାରେ ତାଙ୍କୁ ଏହି ଆଗୁଆ ଜାମିନ ମିଳିଛି। ସେ ଆଗାମୀ ୩ ସପ୍ତାହ ମଧ୍ୟରେ ନିମ୍ନ ଅଦାଲତରେ ହାଜର ହୋଇ ଜାମିନରେ ଯାଇପାରିବେ। ଏଥିସହ ସମାନ ଅପରାଧରେ ସାମିଲ ନ ହେବାକୁ ହାଇକୋର୍ଟ ସର୍ତ୍ତ ରଖିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନାଁ ନ ଥିବାରୁ ଫଳକ ଭାଙ୍ଗିଲେ ଅଧ୍ୟକ୍ଷା

ଗୋପ,୩୦।୯(ଭାରତୀ ଭୂଷଣ ଉପାଧ୍ୟାୟ)

■ଗୋପ: ଭାଜପା- ବିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି
■ରିବନ କାଟି ଭିସି ଗୃହ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ
■ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ପକ୍ଷରୁ ଥାନାରେ ପୃଥକ୍ ଏତଲା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସୋମବାର ଗୋପ ବ୍ଲକ ଗସ୍ତର ୧୦-୨୦ ମିନିଟ୍ ପୂର୍ବରୁ ତାଙ୍କ ନାମ ଥିବା ଏକ ଫଳକକୁ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଭାଙ୍ଗିଦେବା ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ଏହାକୁ ନେଇ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ସହିତ ବ୍ଲକ କାର୍ଯ୍ୟାଳୟ ପରିସର ରଣକ୍ଷେତ୍ର ପାଲଟିଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଆସି ଭିଡିଓ କନ୍‌ଫରେନ୍ସ ଗୃହର ଫଳକ ଭଙ୍ଗାଯାଇଥିବା ଦେଖିବା ପରେ ରିବନ୍ କାଟି ଉଦ୍‌ଘାଟନ କରିଥିଲେ। ଅନ୍ୟପକ୍ଷରେ ଏ ନେଇ ବ୍ଲକ ଅଧ୍ୟକ୍ଷା ମଲ୍ଲିକଙ୍କ ନାମରେ ଗୋପ ଥାନାରେ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଏତଲା ଦେଇଛନ୍ତି। ସେହିପରି ଅଧ୍ୟକ୍ଷା ମଲ୍ଲିକ ମଧ୍ୟ ଉପାଧ୍ୟକ୍ଷ ପଟ୍ଟନାୟକଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି।



ପୁରୀ ଜିଲା ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଫଳକକୁ ଭାଙ୍ଗୁଛନ୍ତି ।

ପ୍ରକାଶ ଯେ, ଗୋପ ବ୍ଲକ କାର୍ଯ୍ୟାଳୟ ପରିସରରେ ଭିସି ଗୃହ ଉଦ୍‌ଘାଟନ ସମେତ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କର ଆଉ କେତେକ କାର୍ଯ୍ୟକ୍ରମ ରହିଥିଲା। ଏହି କାର୍ଯ୍ୟକ୍ରମକୁ କାକଟପୁର ବିଧାୟକ, ପୁରୀ ସଦର ବିଧାୟକଙ୍କ ସହ ଅନ୍ୟ ଅତିଥିଙ୍କୁ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଭିସି ଗୃହ ନିକଟରେ ଉଦ୍‌ଘାଟନ ଫଳକ ଲଗାଯାଇଥିଲା। ଏହି ଫଳକରେ କେବଳ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନାମ ଥିବା ବେଳେ ଅନ୍ୟ ଅତିଥିମାନଙ୍କ ନାମ ନ ଥିଲା। ଏ ସଂକ୍ରାନ୍ତରେ ଅଧ୍ୟକ୍ଷା ମଲ୍ଲିକ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇପାରି ନ ଥିଲେ। ଫଳରେ ସେ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ଏହାକୁ ନେଇ ରାଜନୀତି ଆରମ୍ଭ ହେବା ସହ ଅଧ୍ୟକ୍ଷା ମଲ୍ଲିକ ଓ ତାଙ୍କର କେତେଜଣ ସହଯୋଗୀ ଫଳକକୁ ଇଟା ଦ୍ୱାରା ଭାଙ୍ଗିଦେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ବ୍ଲକ ଉପାଧ୍ୟକ୍ଷ ପଟ୍ଟନାୟକ ଏବଂ ଅନ୍ୟ ଭାଜପା କର୍ମୀମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଭାଜପା ଓ ବିଜେଡି କର୍ମୀମାନଙ୍କ ମଧ୍ୟରେ କଥା କଟାକଟି ଓ ଧସ୍ତାଧସ୍ତି ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ପରିଡ଼ା ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା କ୍ଷଣି କାକଟପୁର ବିଧାୟକଙ୍କ ସମର୍ଥକମାନେ ନବୀନ ପଟ୍ଟନାୟକ ଜିନ୍ଦାବାଦ ଦେବାରୁ ଭାଜପା କର୍ମୀମାନେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜିନ୍ଦାବାଦ ନାରା ପକାଇଥିଲେ। ଏହାକୁ ନେଇ ରାଜନୈତିକ ଉଷ୍ମତା ଦେଖାଦେଇଥିଲା।

# ଶଙ୍ଖଭବନରେ ଭଦ୍ରକ କଳି



ଶଙ୍ଖଭବନଠାରେ ସୋମବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଭଦ୍ରକ ଜିଲାର ନେତୃବୃନ୍ଦ।

ଭୁବନେଶ୍ୱର,୩୦।୯(ଅନୀଲ ଦାସ)

ବିଜେଡି କ୍ଷମତାରୁ ଯିବାପରେ ଦଳୀୟ କନ୍ଦଳ ବଢ଼ିବାରେ ଲାଗିଛି। ଏହାକୁ ପ୍ରଶମିତ କରିବା ପାଇଁ ଗତ କିଛିଦିନ ହେବ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଭିନ୍ନ ଜିଲାର କର୍ମକର୍ତ୍ତାଙ୍କୁ ଶଙ୍ଖଭବନକୁ ଡାକି ଆଲୋଚନା କରୁଛନ୍ତି। ଏହା ସତ୍ତ୍ୱେ ମଧ୍ୟ ପୂର୍ବତନ ବିଧାୟକ ଏବଂ ସଂଗଠନ କର୍ମକର୍ତ୍ତାଙ୍କ ମଧ୍ୟରେ ଛକାପଞ୍ଝା ଜାରି ରହିଛି। ଦଳୀୟ ପରାଜୟ ପାଇଁ ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ଭୁବନେଶ୍ୱର ଜିଲା ବିଜେଡି କନ୍ଦଳ ପରେ ଭଦ୍ରକ ଜିଲା ବିଜେଡିରେ ଗୋଷ୍ଠୀ କନ୍ଦଳ ଦେଖିବାକୁ ମିଳିଛି। ଜିଲାର ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏବଂ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ମଧ୍ୟରେ ଗତ ନିର୍ବାଚନ ବେଳୁ ବାଦବିବାଦ ଲାଗି ରହିଛି। ଉଭୟ ଗୋଷ୍ଠୀ ପରସ୍ପରକୁ ବିରୋଧ କରୁଛନ୍ତି। ତେବେ ଏହି ଗୋଷ୍ଠୀକନ୍ଦଳ ଭଦ୍ରକ ଜିଲାରୁ ଆସି ଶଙ୍ଖଭବନରେ ପହଞ୍ଚିଛି। ସୋମବାର ଶଙ୍ଖଭବନରେ ଅନୁଷ୍ଠିତ ଭଦ୍ରକ ଜିଲା ସମୀକ୍ଷା ବେଳେ ଜିଲାର ଦୁଇଗୋଷ୍ଠୀ ପରସ୍ପର ମୁହାଁମୁହିଁ ହୋଇଛନ୍ତି। ପରିସ୍ଥିତି ଏମିତି ହୋଇଛି ଯେ ଜିଲା ବୈଠକ ଚାଲିଥିବା ବେଳେ ଗୋଟିଏ ଗୋଷ୍ଠୀ ବୈଠକ ବର୍ଜନ କରି ବାହାରକୁ ପଳାଇ ଚାଲିଯାଇଥିଲେ। ପରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ସେମାନଙ୍କୁ ବୁଝାଶୁଝା କରି ପୁଣି ବୈଠକକୁ ଫେରାଇ ନେଇଥିଲେ।

ବୈଠକରେ ନବୀନ ଭଦ୍ରକ ଜିଲାର କାର୍ଯ୍ୟକର୍ତ୍ତା, କର୍ମୀ ଓ ନିର୍ବାଚିତ ପ୍ରତିନିଧିଙ୍କୁ ଏକଜୁଟ୍ ହୋଇ ଲୋକଙ୍କ ପାଇଁ କାମ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ସଭାରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ଭଦ୍ରକ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବିଧାୟକ ବ୍ୟୋମକେଶ ରାୟ, ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସଙ୍କ ସହ ଜିଲାର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ଦଳୀୟ ସଙ୍ଗଠନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

# ୨ କର୍ପୋରେଟରଙ୍କ ସହ ୪ ଜଣଙ୍କୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର,୩୦।୯(ଅନୀଲ ଦାସ)

**ଭୁବନେଶ୍ୱର ବିଜେଡିରେ କନ୍ଦଳ**

ଭୁବନେଶ୍ୱର ବିଜେଡିରେ ଗୋଷ୍ଠୀ କନ୍ଦଳ ଦେଖାଦେବା ପରେ ବିଜେଡି କର୍ପୋରେଟର ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୂପକାର, ଏକାମ୍ର ବିଜୁ ଯୁବ ବିଜେଡି ସଭାପତି ରାଜେଶ ପାତ୍ର ଏବଂ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ବିବେକ ସ୍ୱାଇଁଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଭୁବନେଶ୍ୱର ଜିଲା ବିଜେଡି ସଭାପତି ସୁଶାନ୍ତ ରାଉତ ଏହି ନୋଟିସ ଜାରି କରିବା ସହ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ତା'ର ଉତ୍ତର ୧୫ ଦିନ ଭିତରେ ଦେବାକୁ ଉଲ୍ଲେଖ କରିଛନ୍ତି।

ସୋମବାର ପୂର୍ବାହ୍ନରେ ଭୁବନେଶ୍ୱର ମହାନଗର ନିଗମର ୩୦ରୁ ୩୨ ବିଜେଡି କର୍ପୋରେଟର ଅମରେଶ ଜେନା ଓ ବିରଞ୍ଚି ମହାସୂପକାରଙ୍କୁ ବିରୋଧ କରି ବସ୍‌ରେ ପୁରୀ ଲୋକନାଥ ଦର୍ଶନ ପାଇଁ ଯାଇଥିବା କୁହାଯାଉଛି। ଏହି କର୍ପୋରେଟରମାନେ ଗତ ବିଏମ୍‌ସି କର୍ପୋରେଶନ ବୈଠକକୁ ମଧ୍ୟ ବର୍ଜନ କରିଥିଲେ। ଦଳରେ ବାରମ୍ବାର ଗୋଷ୍ଠୀ କନ୍ଦଳ ଘଟଣା ହେଉଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜେଡି କର୍ପୋରେଟର ଅମରେଶ ଜେନା କାରଣ ଦର୍ଶାଅ ନୋଟିସ ପରେ ଗଣମାଧ୍ୟମକୁ କହିଛନ୍ତି, ଆମେ କେବେ ଦଳରେ ଫାଟ ସୃଷ୍ଟି କରିନୁ। ସବୁବେଳେ ଫେଭିକଲ୍ ଲଗାଇ ରଖିଛୁ। ଭୁବନେଶ୍ୱରରେ ଯାହା କିଛି ଘଟିଛି ସମସ୍ତଙ୍କୁ ଜଣାଅଛି। ଭୁବନେଶ୍ୱରରେ କେହି ଏକା ଠିକା ନେଇନାହାନ୍ତି। ସମସ୍ତଙ୍କ ସହଯୋଗରେ ଦଳ ଏତେ ଉପରକୁ ଉଠିପାରିଛି। କାରଣ ଦର୍ଶାଅର ଜବାବ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିରଞ୍ଚି ମହାସୂପକାର କହିଛନ୍ତି, ନୋଟିସର ଜବାବ ଆମେ ୧୫ ଦିନ ଭିତରେ ନିଶ୍ଚୟ ଦେବୁ। ଆମେ ଦଳ ବିରୋଧୀ କାର୍ଯ୍ୟ କରି ନାହୁଁ। ଦଳ ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇ ଅଛୁ। ଦଳ ପାଇଁ କାମ କରିଛୁ। ଦଳ ଦେଖୁଛି କିଏ ଦଳବିରୋଧୀ କାର୍ଯ୍ୟ କରୁଛି। ତେବେ ଏହି ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଆଜିଠୁ ଭାଜପାର ୨ୟ ପର୍ଯ୍ୟାୟ ସଦସ୍ୟତା ଅଭିଯାନ



ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ବୈଠକରେ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର)

ଜାତୀୟତାବାଦରେ ବିଶ୍ୱାସ କରୁଥିବା ଭାଜପା ହେଉଛି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତି ୬ ବର୍ଷରେ ସଦସ୍ୟ ସଂଗ୍ରହ କରାଯାଏ। ଚଳିତ ଥର ସଦସ୍ୟତା ଅଭିଯାନ-୨୦୨୪ ଗତ ସେପ୍ଟେମ୍ବର ୨ ତାରିଖରୁ ଦେଶବ୍ୟାପୀ ଆରମ୍ଭ ହୋଇଛି। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ଜରିଆରେ ସଦସ୍ୟ ସଂଗ୍ରହ କରାଯାଉଛି। ସଦସ୍ୟତା ଅଭିଯାନକୁ ୨ଟି ପର୍ଯ୍ୟାୟରେ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକର୍ତ୍ତାମାନେ ନିଜ ବୁଥ୍‌ରେ ସଦସ୍ୟତା ଅଭିଯାନରେ ସାମିଲ ହୋଇଥିଲେ। ଏହି ଅଭିଯାନକୁ ସର୍ବସ୍ପର୍ଶୀ ଓ ସର୍ବସମାବେଶୀ କରିବା ପାଇଁ ୨ୟ ପର୍ଯ୍ୟାୟ ଅଭିଯାନକୁ ଆହୁରି ଗତିଶୀଳ କରାଯିବ। ଏହି ପରିପ୍ରେକ୍ଷୀରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟର ସମୀକ୍ଷା ହେବା ସହିତ ମଙ୍ଗଳବାରଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ସଦସ୍ୟତା ଅଭିଯାନ ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ସୁଶ୍ରୀଲତା ଉସେଣ୍ଡି, ମନ୍ତ୍ରୀ ରବି ନାରାୟଣ ନାଏକ, ମୁକେଶ ମହାଲିଙ୍ଗ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସଦସ୍ୟତା ଅଭିଯାନ ଦାୟିତ୍ୱରେ ଥିବା ସମସ୍ତ ପଦାଧିକାରୀ, ସାଂସଦ, ବିଧାୟକ, ବିଭିନ୍ନ ମୋର୍ଚ୍ଚା ଓ ପ୍ରକୋଷ୍ଠର ପଦାଧିକାରୀମାନେ ଉପସ୍ଥିତ ଥିଲେ।

**Classified Everyday**
0674-2580101, 2549949



**REAL ESTATE**

**SALE**

**Prime location Sthitiban Land for Sale Plot- 1 Location- Chandanpur Bypass Road, Area- 0.25 Decimal, Frontage to Road (N.H 316)- 120 ft., Plot- 2 Location- Chandanpur main market, Area- 0.30 Decimal, Frontage to Road (S.H)- 200 ft. Contact Number- 9337399239.** D-1501

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-1510

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

High Profile Three Storied building at Jaydurga Nagar, Bomikhal, Bhubaneswar for 2.40crores. Brokers excuse. Call- 8917520527. D-1515

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

Plots Acharyavihar, Jayadevbihar, Nayapalli, Patia, Pahala, Chhatabar, Balakati. Contact: 7742796328. D-1448

**କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତାଥାଇ ଘରବାରି ପ୍ଲଟ୍ କିଣନ୍ତୁ- 6371200121.** D-75994

ନଖରା Grandbazar Oppositeରେ, Biswalapadaରେ, Sum Hospital ଘଙ୍ଗାପାଟଣାରେ 30' ରାସ୍ତା ଥାଇ plot କିଣନ୍ତୁ। 6372851880. D-71078

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9938015048.** D-1512



3BHK flat Keshari Palace, Delta Square for 19K Rent. 9000004523. D-1511

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790

**LOST**

I, Rajesh Sahoo, S/o- Bhagaban Sahoo, At- Souri, P.S.- Salipur, Cuttack, declare that while travelling to Salipur, I, lost my B.Tech Certificate Sl.No.- D10180182960 & Gradesheet No.- 00798698, 00798699, 00798700 issued by (BPUT) Odisha. If anybody found please Contact- 8144258542. D-1509

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**AFFIDAVIT**

I, Mrs. SANJUKTA KUMARI SAHU, D/o. Sri Upendra Nath Sahu, Wife of Sri Pradipta Kumar Sahu, resident of House No.588, Saraswati Nagar, Semiliguda, in the Dist. of Koraput, Odisha, Pin-764036 by this affidavit No.- 1544 dated:29.09.2024. That now onwards I shall be known as SANJUKTA SAHU for all purposes. D-1517

By virtue of an affidavit sworn before the Court of Executive Magistrate, Puri that I, Ajaya Kumar Beura aged 50 years son of late Narayan Beura and Charumitra Beura wife of Ajaya Kumar Beura permanent resident of village post Borikhi, P/S Kujanga, Dist.- Jagatsinghpur presently Residing at Balighat, Puri 2, P/S Talabania hereby solemnly affirms declare that my correct name is Ajaya Kumar Beura instead of Ajay Kumar Beura. Hereby I declare that Ajaya Kumar Beura and Ajay Kumar Beura is one and same person for all future purposes. D-1516

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ପ୍ରଶାନ୍ତ କୁମାର ସାମନ୍ତରାୟ**
ପ୍ଲଟ୍ ନଂ.- ୧୨୦, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୧।୧୯୪୯
ତିରୋଧାନ: ୨୫।୦୯।୨୦୧୪
ଚାହୁଁ ଚାହୁଁ ଦଶବର୍ଷ ହୋଇଗଲା। ତୁମର ନିଷ୍ଠା, ଶ୍ରଦ୍ଧା ଓ ତ୍ୟାଗ ଆମମାନଙ୍କ ମାନସପଟରେ ଉଜ୍ଜୀବିତ ହୋଇ ରହିବା ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମମାନଙ୍କର ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ତ୍ରୀ- ସ୍ନେହପ୍ରଭା, ଝିଅ- ସୁଲକ୍ଷଣା, ଜ୍ୱାଇଁ- ବିଶ୍ୱଜିତ, ବଡ଼ପୁଅ- ଉତ୍ତମ, ସାନପୁଅ- ଉଜ୍ଜ୍ୱଳ, ସାନବୋହୂ- ଶ୍ରଦ୍ଧା, ନାତି- ଅଙ୍କିତ, ନାତୁଣୀ- ଆଦିଶ୍ରୀ, ପିହୁ।
ଧ-୧୫୧୪

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଇଂ.ଫକୀର ମୋହନ ସାହୁ**
ଆବିର୍ଭାବ: ୦୧।୦୬।୧୯୩୮
ତିରୋଧାନ: ୧୮।୦୯।୨୦୧୭
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
**-:ଶୋକସନ୍ତପ୍ତ:-**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, ପୁତ୍ର: ସିନୁ (ଶ୍ରୀନିବାସ ସାହୁ)
ଧ-୧୫୧୩

# ହୋଇପାରିଲାନି ଅନାସ୍ଥା ଭୋଟ

ପାଟଣା,୩୦।୯(ବୀରକିଶୋର ଦାଶ)

■ପଦ ବଜାୟ ରଖିଲେ ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀଙ୍କ ବିରୋଧରେ ସୋମବାର ଅନାସ୍ଥା ଭୋଟ ଲାଗି ଦିନ ଧାର୍ଯ୍ୟ ହୋଇଥିଲା। ୧୨ ଜଣ ସଦସ୍ୟଙ୍କ ମଧ୍ୟରୁ ୨ ତୃତୀୟାଂଶ ଉପସ୍ଥିତ ନ ଥିବାରୁ ଅନାସ୍ଥା ଲାଗି ଭୋଟ ହୋଇପାରିଲା ନାହିଁ। ଫଳରେ ସରପଞ୍ଚଙ୍କ ସଦସ୍ୟ ପଦ ବଜାୟ ରହିଥିବା ନିର୍ବାଚନ ଅଧିକାରୀ ତଥା ସାହାରପଡ଼ା ବିଡିଓ ମାଧବ ଚନ୍ଦ୍ର ବିରୁଆ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପୂର୍ବ ନିର୍ଦ୍ଧାରିତ ସମୟ ମଧ୍ୟରେ ସରପଞ୍ଚଙ୍କ ସମେତ ୧୧ ୱାର୍ଡ ସଦସ୍ୟଙ୍କ ମଧ୍ୟରୁ ନାଏବ ସରପଞ୍ଚ ଉମାକାନ୍ତ ମହାନ୍ତ ଓ ତାଙ୍କ ୭ ସମର୍ଥକ ସଦସ୍ୟ ପହଞ୍ଚିଥିଲେ। ମାତ୍ର ସରପଞ୍ଚ ପାର୍ବତୀ ଓ ତାଙ୍କ ୪ ସମର୍ଥକ ସଭାକକ୍ଷକୁ ଆସି ନ ଥିଲେ। ତେଣୁ ଅନାସ୍ଥା ଭୋଟ ହୋଇ ପାରିଲାନାହିଁ। ତେବେ ଏସମ୍ପର୍କରେ ଉପ ଜିଲାପାଳ ଉମାଶଙ୍କର ଦଳେଇ କହିଛନ୍ତି, ଏ ନେଇ ସେ ଜିଲାପାଳଙ୍କ ମତାମତ ନେବେ। ୱାର୍ଡ ମେମ୍ବରଙ୍କୁ ଆଉ ଏକ ୧୫ ଦିନିଆ ନୋଟିସ୍ ଦିଆଯିବ କି ନାହିଁ ସେ ବିଷୟରେ ଆଲୋଚନା କରିବେ। ନ ହେଲେ ଅନାସ୍ଥା ପ୍ରସ୍ତାବକୁ ବାତିଲ କରିଦିଆଯିବ ବୋଲି ସେ କହିଛନ୍ତି। ନିର୍ବାଚନ ଲାଗି ମାଜିଷ୍ଟ୍ରେଟ ଭାବେ ପାଟଣା ତହସିଲଦାର ଲୀଳାବତୀ ନାୟକ, ପାଟଣା ଥାନା ଅଧିକାରୀ ଉଦୟ ବୀର କୁଲୁ, ପଞ୍ଚାୟତ ଉନ୍ନୟନ ଅଧିକାରୀ ରଶ୍ମି ରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନକୁ ପିଇଓ ରିମ୍ପା ନାଏକ, ଏଡିଇଓ ଯଦୁମଣୀ ମହାନ୍ତ ପରିଚାଳନା ଲାଗି ଦାୟିତ୍ୱ ଦିଆଯାଇଥିଲା। ଅପରପକ୍ଷେ ଆଜିର ଘଟଣା ପରେ ସରପଞ୍ଚଙ୍କ ସମର୍ଥକଙ୍କ ମହଲରେ ଖୁସି ପ୍ରକାଶ ପାଇଛି। ଏ ନେଇ ନାଏବ ସରପଞ୍ଚ ଉମାକାନ୍ତ ମହାନ୍ତ କହିଛନ୍ତି, ୭ ଜଣ ସଦସ୍ୟ ଦିନ ୧୧ ଟାରୁ ୧୨ଟା ପର୍ଯ୍ୟନ୍ତ ସଭାଗୃହରେ ରହିଥିଲେ। କିନ୍ତୁ ସରପଞ୍ଚ ହାରିବା ଭୟରେ ତାଙ୍କ ୪ ସମର୍ଥକଙ୍କ ସହ ସଭାକୁ ଆସି ନ ଥିଲେ। ଏ ନେଇ ସରପଞ୍ଚଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ପଦବୀ ହରାଇଲେ କାଦୁଆ ସରପଞ୍ଚ

କାମାକ୍ଷାନଗର,୩୦।୯(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାଦୁଆ ପଞ୍ଚାୟତର ସରପଞ୍ଚ ପ୍ରତିମା ସେଠୀ ସୋମବାର ଅନାସ୍ଥା ଭୋଟରେ ପରାଜିତ ହେବା ସହ ସରପଞ୍ଚ ପଦବୀ ହରାଇଛନ୍ତି। ପ୍ରକାଶ ଯେ, କାଦୁଆ ପଞ୍ଚାୟତର କେତେଜଣ ୱାର୍ଡମେମ୍ବର ସରପଞ୍ଚଙ୍କ ବିରୋଧରେ କାମାକ୍ଷାନଗର ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ପାଇଁ ଆବେଦନ କରିଥିଲେ। ତେଣୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପଞ୍ଚାୟତ କାର୍ଯ୍ୟାଳୟରେ ଏଥିପାଇଁ ଭୋଟିଂ ହୋଇଥିଲା। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଏହି ଭୋଟ ହୋଇଥିବା ବେଳେ ତହସିଲଦାର ପ୍ରିୟବ୍ରତ ଦାଶ ନିର୍ବାଚନ ଅଧିକାରୀ ଓ ପରଜଙ୍ଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ପଞ୍ଚାୟତର ମୋଟ ୧୫ଟି ୱାର୍ଡ ମଧ୍ୟରୁ ଗତ ନିର୍ବାଚନରେ ୧୨ ଜଣ ନିର୍ବାଚିତ ହୋଇଥିବା ବେଳେ ପ୍ରାର୍ଥୀ ଅଭାବରୁ ୩ଟି ୱାର୍ଡରେ ନିର୍ବାଚନ ହୋଇ ନ ଥିଲା। ତେଣୁ ୧୨ ଜଣ ୱାର୍ଡମେମ୍ବରଙ୍କ ମଧ୍ୟରୁ ଭୋଟିଂ ବେଳେ ଜଣେ ଅନୁପସ୍ଥିତ ଥିଲେ। ଅବଶିଷ୍ଟ ୧୧ ଜଣଙ୍କ ମଧ୍ୟରୁ ୧୦ ଜଣ ଅନାସ୍ଥା ସପକ୍ଷରେ ଭୋଟ ଦେଇଥିଲେ। ଫଳରେ ଅନାସ୍ଥାରେ ହାରି ସରପଞ୍ଚ ସେଠୀ ତାଙ୍କ ପଦ ହରାଇଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ପଞ୍ଚାୟତରେ ଦୀର୍ଘଦିନ ଧରି ଚାଲିଥିବା କୁଶାସନର ଅନ୍ତ ହେଲା ବୋଲି ଅନାସ୍ଥା ଆଣିଥିବା ୱାର୍ଡମେମ୍ବରମାନେ କହିଥିବା ବେଳେ ଅର୍ଥ ଲୋଭରେ ୱାର୍ଡମେମ୍ବରମାନେ ବିଶ୍ୱାସଘାତ କାର୍ଯ୍ୟ କରିଛନ୍ତି ବୋଲି ବିଦାୟୀ ସରପଞ୍ଚ ପ୍ରତିମା ପ୍ରକାଶ କରିଛନ୍ତି।

# ଦିନକରେ ନିବେଶକ ହରାଇଲେ ୩.୫ ଲକ୍ଷ କୋଟି

■ସେନ୍‌ସେକ୍ସ ୧୩୦୦ ପଏଣ୍ଟ
■୨୫,୮୦୦ ଅଙ୍କ ଉପରେ ନିଫ୍ଟି

ମୁମ୍ବାଇ,୩୦।୯



ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ସାଙ୍ଗକୁ ଦରବୃଦ୍ଧି ଜନିତ ମାନ୍ଦାବସ୍ଥାର ପ୍ରଭାବ ଭାରତୀୟ ପୁଞ୍ଜି ବଜାରର କାରବାର ଉପରେ ବଡଧରଣର ପଡିଛି। ଫଳରେ ଘରୋଇ ଶେୟାର ବଜାରର ନିବେଶକମାନେ ଏକ ବୃହତ କ୍ଷତି ସହିଛନ୍ତି। ଏପରିକି ଦିନକରେ ଶେୟାର ବଜାର ନିବେଶକ ୩.୫ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୭୭.୯ ଲକ୍ଷ କୋଟି ଥିଲା। ସୋମବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୩.୫ ଲକ୍ଷ କୋଟି ହ୍ରାସ ହୋଇ ୪୭୪.୪ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାରର ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର କାରବାର ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ବଡ ହ୍ରାସ ଘଟିଛି। ଏପରିକି ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସ ପ୍ରାୟ ୧୩୦୦ ( ୧୨୭୨.୦୭) ପଏଣ୍ଟ ହ୍ରାସ ଘଟି ୮୪, ୨୯୯,୭୮ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି-୫୦ରେ ମଧ୍ଯ କାରବାର ୧.୪୧% କମି ୨୫,୮୧୧ (୨୫,୮୧୦.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ମିଡକ୍ୟାପର କାରବାର ୦.୮୧% କମି ୪୯,୦୮୬.୭୮ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପର କାରବାର ୦.୭୫% ହ୍ରାସ ଘଟି ୫୬,୬୬୨.୪୬ ଅଙ୍କରେ ରହିଛି। ସେହିଭଳି ନିଫ୍ଟି ମିଡକ୍ୟାପ କାରବାର ୦.୩୮% କମି ୬୦,୧୫୩.୮୦ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ ୦.୨୬% ହ୍ରାସ ଘଟି ୯୨୦୬.୮୫ ଅଙ୍କରେ ପହଞ୍ଚିଛି। ସେହିପରି ନିଫ୍ଟି ବ୍ୟାଙ୍କର କାରବାର ୧.୫୯% କମି ୫୨,୯୭୮.୧୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୨୭୨ (୧୨୭୨.୦୭) ପଏଣ୍ଟ କମି ୮୪,୩୦୦(୮୪,୨୯୯.୭୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ଯ ୩୬୮ (୩୬୮.୧୦) ପଏଣ୍ଟ ହ୍ରାସ ଘଟି ୨୫,୮୧୧ (୨୫,୮୧୦.୮୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## କଳାମନ୍ଦିରକୁ ଟାଇମ୍ସ ଆଇକନ୍ ଅଫ୍ ଓଡ଼ିଶା ପୁରସ୍କାର




ଭୁବନେଶ୍ବର,୩୦।୯

ରାଜ୍ୟର ଅଗ୍ରଣୀ ଫ୍ୟାଶନ ଶୋ'ରୁମ୍ କଳାମନ୍ଦିରକୁ ନିକଟରେ ଟାଇମ୍ସ ଆଇକନ୍ସ ଅଫ୍ ଓଡ଼ିଶା-୨୦୨୪ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ବତନ୍ତ୍ର ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳାମନ୍ଦିରର ପରିଚାଳନା ନିର୍ଦ୍ଦେଶକ ରାଜିନ୍ଦର ସିଂଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ।

ଉଲ୍ଲେଖଯୋଗ୍ୟ, କଳାମନ୍ଦିର ଫ୍ୟାଶନ ଶୋ'ରୁମ୍ ଗ୍ରାହକମାନଙ୍କ ମଧ୍ୟରେ ଏହାର ଏକ ସ୍ବତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

## ଅରୁନ୍ଧତୀକୁ ଟାଇମ୍ସ ଆଇକନ୍ ଅଫ୍ ଓଡ଼ିଶା ଆୱାର୍ଡ




ଭୁବନେଶ୍ବର,୩୦।୯

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସକୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ 'ଟାଇମ୍ସ ଆଇକନ ଅଫ ଓଡିଶା ଆୱାର୍ଡ'ରେ ସମ୍ମାନିତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଟାଇମ୍ସ ଅଫ ଇଣ୍ଡିଆ ଗ୍ରୁପ ପକ୍ଷରୁ ନିକଟରେ ଆୟୋଜିତ ଟାଇମ୍ସ ଆଇକନ ଅଫ ଓଡିଶା-୨୦୨୪ ସମ୍ମାନ ସମାରୋହ ଉତ୍ସବରେ ଅରୁନ୍ଧତୀ ଜୁଏଲର୍ସକୁ ଉକ୍ତ ପୁରସ୍କାର ଦିଆଯାଇଛି। ଏପରିକି ଦୀର୍ଘ ୨୫ ବର୍ଷ ଧରି ଅଳଙ୍କାର ବଜାରରେ ଉଲ୍ଲେଖନୀୟ ସଫଳତା ପାଇଁ ଅରୁନ୍ଧତୀ ଜୁଏଲର୍ସକୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ବରର ହୋଟେଲ କ୍ରାଉନଠାରେ ଆୟୋଜିତ ଏକ ସ୍ବତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅରୁନ୍ଧତୀ ଜୁଏଲର୍ସର ଏମଡି ତଥା ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେରଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ଏମଡି ତଥା ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଥିଲେ, ଆଗାମୀ ଦିନରେ ମଧ୍ୟ ଆମେ ଆମର କର୍ତ୍ତବ୍ୟପରାୟଣଭାବକୁ ବଜାୟ ରଖିବା ସହିତ ଓଡିଶା ଓ ଓଡ଼ିଆ ଜାତି, ଐତିହ୍ୟକୁ ସର୍ବଦା ଉନ୍ନତି ପଥରେ ଅଗ୍ରସର କରାଇବା ପାଇଁ ଆବଶ୍ୟକ କାର୍ଯ୍ୟ ଜାରି ରଖିବୁ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

## ଭୁବନେଶ୍ୱର 'ସୂତା' ଆଉଟଲେଟର ବାର୍ଷିକ ଉତ୍ସବ



ଭୁବନେଶ୍ବର,୩୦।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ହାଣ୍ଡଲୁମ ଷ୍ଟାର୍ଟଅପ ବ୍ରାଣ୍ଡ 'ସୂତା' (ଭୁବନେଶ୍ବରର ସୂତା ଆଉଟଲେଟ) ର ପ୍ରଥମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସୂତାର ସହ ପ୍ରତିଷ୍ଠାତା ତଥା ଏମଡି ତାନିଆ ବିଶ୍ୱାସ, ପ୍ରତିଷ୍ଠାତା ତଥା ଏମ୍‌ଡି ସୁଜାତା ବିଶ୍ୱାସ ଏବଂ ପ୍ରାଞ୍ଚାଇଜ ପାର୍ଟନର ସୋମା ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ହ୍ୟାଣ୍ଡଲୁମ ବ୍ରାଣ୍ଡର ଏକ୍ସକ୍ଲୁସିଭ ଷ୍ଟୋର 'ସୂତା' ସବୁ ବର୍ଗର ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ହାଣ୍ଡଲୁମ ପୋଷାକ ସମେତ ଫ୍ୟାଶନ ଡିଜାଇନ ପ୍ରଡକ୍ଟ ଓ ବିଭିନ୍ନ ବର୍ଗର ଉତ୍ପାଦମାନ ଯୋଗାଇ ଦେଇଥାଏ। ଏପରିକି ଅଭିଜ୍ଞ କାରିଗର ଓ ଡିଜାଇନରଙ୍କ ଦ୍ୱାରା ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ପୁରୁଷ, ମହିଳା ଓ ଶିଶୁଙ୍କ ପୋଷାକ ବେଶ୍ ଆକର୍ଷଣୀୟ ଏବଂ ଗୁଣାତ୍ମକ ହୋଇଥିଲାବେଳେ ସୁଲଭ ମୂଲ୍ୟରେ ଉଚ୍ଚସ୍ତରୀୟ ଉତ୍ପାଦ ଗ୍ରାହକଙ୍କୁ ଏହା ଯୋଗାଇ ଦେଇଥାଏ। ସେହିଭଳି ବାର୍ଷିକ ଉତ୍ସବ ଅବସରରେ ବ୍ରାଣ୍ଡ ଆକର୍ଷଣୀୟ ରିହାତି ଓ ବାର୍ଷିକ ସେଲ ସମ୍ପର୍କରେ ମଧ୍ୟ ଘୋଷଣା କରିଛି। ସ୍ୱଳ୍ପ ଅବଧି ପାଇଁ ଉପଲବ୍ଧ ଥିବା ଏହି ଅଫରର ଲାଭ ଉଠାଇବା ପାଇଁ ସୂତା ପକ୍ଷରୁ କୁହାଯାଇଛି।

## ବେଦାନ୍ତର ନୂତନ ଅଭିଯାନ

ଭୁବନେଶ୍ବର,୩୦।୯

ଭାରତର ସ୍ମେଲଟର ଗ୍ରେଡ୍ ଆଲୁମିନା ଏବଂ ବେଦାନ୍ତ ଆଲୁମିନିୟମ୍‌ର ଏକ ଉତ୍ପାଦନକାରୀ ୟୁନିଟ୍ ବେଦାନ୍ତ ଲାଞ୍ଜିଗଡର ନୂତନ ଅଭିଯାନ 'ରନ୍ ଫର ଜିରୋ ହଙ୍ଗର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଭିଯାନ ଜରିଆରେ କମ୍ପାନୀ ୪ଲକ୍ଷରୁ ଅଧିକ ମିଲ୍ସ ଯୋଗାଇ ଦେଇଛି, ଯାହାକି ଦେଶରୁ ପୁଷ୍ଟିହୀନତା ଦୂର କରିବା ଦିଗରେ କମ୍ପାନୀର ପ୍ରୟାସର ଏକ ଅଂଶ ପାଲଟିଛି। ସେହିଭଳି ୨୦୨୪ ଅକ୍ଟୋବର ୨୦ରେ ବେଦାନ୍ତ ଦିଲ୍ଲୀ ଅର୍ଦ୍ଧ ମାରାଥନର ତୃତୀୟ ସଂସ୍କରଣ ସହିତ ଏହି ଅଭିଯାନ ଶେଷ ହେବ। ଚଳିତ ସଂସ୍କରଣରେ ବେଦାନ୍ତର କର୍ମଚାରୀ, ସ୍ଥାନୀୟ ତଥା କ୍ରୀଡ଼ା ଉତ୍ସାହୀମାନଙ୍କୁ ଏକତ୍ର କରି ସମଗ୍ର ଦେଶରେ ଏକ କୋଟି ଭୋଜନରେ ଯୋଗଦାନ କରିବାକୁ ଲକ୍ଷ ରଖିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀ ଏକ ମୋବାଇଲ୍ ଆପ୍ଲିକେଶନ୍ ମାଧ୍ୟମରେ ସେମାନଙ୍କର ଚାଲିବା କିଲୋମିଟରକୁ ତଦାରଖ କରିବେ। ପ୍ରତ୍ୟେକ କିଲୋମିଟର ଗୋଟିଏ ଭୋଜନ ସହିତ ସମାନ ହୋଇଥାଏ। ଏହି ଅଭିଯାନ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ସହଭାଗୀ ପ୍ରୟାସରେ ଏକ ହେବାର ସୁଯୋଗ ପ୍ରଦାନ କରିଥାଏ, ଯେଉଁଥିରେ ୱାକାଥନ୍, ମିନି-ମାରାଥନ୍, ଐତିହ୍ୟ ପଦଯାତ୍ରା ଇତ୍ୟାଦି କାର୍ଯ୍ୟକଳାପ ସହିତ ଜଡିତ ରହିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମର କାର୍ଯ୍ୟକ୍ଷମ କ୍ଷେତ୍ରରେ ସମ୍ପ୍ରଦାୟକୁ ପରିବର୍ତ୍ତନ କରିବା ପାଇଁ ଆମର ପ୍ରତିବଦ୍ଧତା ବେଦାନ୍ତ ଦିଲ୍ଲୀ ଅର୍ଦ୍ଧ ମାରାଥନର 'ଭୋଜନ ସମସ୍ତଙ୍କ ପାଇଁ' ଲକ୍ଷ୍ୟ ସହିତ ସମାନ ରହିଛି। ଏପରିକି ଆମର ଚେୟାରମ୍ୟାନ୍‌ଙ୍କ ସହିତ ଆମେ ଗଭୀର ଭାବେ ସମନ୍ୱିତ ରହିଛୁ, ସମାନ ଭବିଷ୍ୟତ ଗଠନ ପାଇଁ ଅନିଲ ଅଗ୍ରୱାଲଙ୍କ ମିଶନ ଯାହାକି ଏକ ବିକାଶ ଭାରତର ଦର୍ଶନକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଆଜି, ସ୍ଥାୟୀ ଜୀବିକା ସୁଯୋଗ ଯୋଗୁଁ କାଳାହାଣ୍ଡିର ଲୋକମାନେ ଉନ୍ନତ ସାମାଜିକ-ଅର୍ଥନୈତିକ ଅବସ୍ଥା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି।

## ବିକ୍ରି ପରବର୍ତ୍ତୀ ସେବାକୁ ଗୁରୁତ୍ୱ

ଭୁବନେଶ୍ବର,୩୦।୯

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ଭାରତର ଶୀର୍ଷ ସ୍ମାର୍ଟଫୋନ୍ ବ୍ରାଣ୍ଡଗୁଡିକ ମଧ୍ୟରେ ଏକ ସର୍ବେକ୍ଷଣ କରିଥିଲାବେଳେ ସେମାନଙ୍କର ବିକ୍ରି-ପରବର୍ତ୍ତୀ ସେବା ଅନୁଭୂତିକୁ ଜାଣିବା ପାଇଁ ୨୦୦୦ରୁ ଅଧିକ ଗ୍ରାହକଙ୍କୁ ନେଇ ଏକ ସର୍ଭେ କରାଯାଇଥିଲା। ଏହି ସର୍ଭେ ଚଳିତ ବର୍ଷ ଅଗଷ୍ଟରେ ଦେଶର ପ୍ରମୁଖ ୧୩ଟି ଟିୟର-୧ ଓ ଟିୟର୨ ସହରର ଓପୋ ଇଣ୍ଡିଆ, ରିଅଲ୍‌ମି, ସାମ୍‌ସଙ୍ଗ, ଭିଭୋ ଓ ସାଓମିର ଗ୍ରାହକଙ୍କ ମଧ୍ୟରେ ପରିଚାଳନା କରାଯାଇଥିଲା। ସେହିଭଳି ଅତୁଳନୀୟ ବିକ୍ରି ପରବର୍ତ୍ତୀ ସେବା ଅନୁଭୂତି ଓ ପ୍ରତିବଦ୍ଧତା ପାଇଁ ଓପୋ ଇଣ୍ଡିଆ ଗ୍ରାହକ ସନ୍ତୁଷ୍ଟୀକରଣ କ୍ଷେତ୍ରରେ ୧ନମ୍ବର ସ୍ଥାନ ହାସଲ କରିଥିବାବେଳେ ବ୍ରାଣ୍ଡର ୬୨% ଗ୍ରାହକ ନିଜର ଇନ୍ ଷ୍ଟୋର୍ ବିକ୍ରି ପରବର୍ତ୍ତୀ ସେବାକୁ 'ଅତ୍ୟଧିକ ସନ୍ତୋଷଜନକ'ବୋଲି ରେଟିଂ ଦେଇଛନ୍ତି। ସେହିପରି ଓପୋ ଇଣ୍ଡିଆ ମରାମତି ଗୁଣବତ୍ତା, ଖର୍ଚ୍ଚ, ସମସ୍ୟା ସମାଧାନର ବେଗ, ସ୍ୱଚ୍ଛତା, କର୍ମଚାରୀ ଅଭିଜ୍ଞତା ଓ ବହୁଭାଷୀୟ ଯୋଗାଯୋଗ ଭଳି ପ୍ରମୁଖ କ୍ଷେତ୍ରଗୁଡିକରେ 'ଅତ୍ୟଧିକ ସନ୍ତୁଷ୍ଟ' ଗ୍ରାହକଙ୍କ ସହିତ ଏକ ଫ୍ରଣ୍ଟ ରନର୍ ଭାବେ ଉଭା ହୋଇଛି। ଏପରିକି ବିକ୍ରି ପରବର୍ତ୍ତୀ ସେବା କ୍ଷେତ୍ରରେ ଭିଭୋ ଓ ସାମ୍‌ସଙ୍ଗର ସ୍ଥାନ ଯଥାକ୍ରମେ ୫୮% ଓ ୫୭% ରହିଥିଲା। ଏପରିକି ୭୮% ମରାମତି କାର୍ଯ୍ୟ ଗ୍ରାହକଙ୍କ ଉପସ୍ଥିତିରେ କରାଯିବା ସହିତ ସ୍ୱଚ୍ଛତା କ୍ଷେତ୍ରରେ ଓପୋ ଇଣ୍ଡିଆ ଆଗରେ ଥିଲାବେଳେ ୭୭% ସହ ସାଓମି ୨ୟ ସ୍ଥାନରେ ରହିଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆ ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ସାଭିଓ ଡି'ସୁଜା କହିଛନ୍ତି, ଆମେ ସର୍ଭିସ୍ ସେଣ୍ଟର ୩.୦ ଓ ଓପୋ ସେଲ୍ଫ-ହେଲ୍‌ପ ଆସିଷ୍ଟାଣ୍ଟ ଭଳି ପଦକ୍ଷେପଗୁଡିକ ମାଧ୍ୟମରେ ଆମର ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମର ବିକ୍ରି ପରବର୍ତ୍ତୀ ସେବା ମଡେଲକୁ ପରିବର୍ତ୍ତନ କରିଛୁ। ଏପରିକି ବିକ୍ରି ପରବର୍ତ୍ତୀ ସେବା ପାଇଁ ଗ୍ରାହକ ସନ୍ତୁଷ୍ଟୀକରଣ କ୍ଷେତ୍ରରେ ଭାରତରେ ଏକ ନମ୍ବର ବ୍ରାଣ୍ଡ ଭାବେ ସ୍ୱୀକୃତି ପାଇବା, ଆମର ଉପଭୋକ୍ତାଙ୍କୁ ଏକ ସମୟାନୁବର୍ତ୍ତୀ, ସ୍ୱଚ୍ଛତା, ନିର୍ଭରଯୋଗ୍ୟ ଓ ମୂଲ୍ୟ ସାପେକ୍ଷ ଅନୁଭୂତି ପ୍ରଦାନ କରିବା ପ୍ରତି ଆମର ପ୍ରୟାସଗୁଡିକର ଏକ ବୈଧତା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଗ୍ରାହକଙ୍କୁ ଉତ୍କୃଷ୍ଟ ସେବା ଯୋଗାଇବ ବ୍ୟାଙ୍କ




ଭୁବନେଶ୍ବର, ୩୦।୯

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ବା ପିଏନ୍‌ବି ସମ୍ବଲପୁର ମଣ୍ଡଳ ପକ୍ଷରୁ ଏକ ଗ୍ରାହକ ସମ୍ମିଳନୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ପିଏନ୍‌ବି ଭୁବନେଶ୍ବର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ରାଜେଶ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲାବେଳେ ପିଏନ୍‌ବି ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ରାଜେଶ କୁମାର ବ୍ୟାଙ୍କର ଗ୍ରାହକମାନଙ୍କୁ ବ୍ୟାଙ୍କିଙ୍ଗ୍ ସେବାର ଗୁଣବତ୍ତା, ଗ୍ରାହକଙ୍କ ସୁବିଧା, ଅସୁବିଧା ଏବଂ ଭବିଷ୍ୟତରେ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ବ୍ୟାଙ୍କିଙ୍ଗ୍ ସେବା ଉପଲବ୍ଧ କରାଇବା ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏପରିକି ବ୍ୟାଙ୍କର ପୁରୁଣା ଓ ପ୍ରତିଷ୍ଠିତ ଗ୍ରାହକମାନଙ୍କୁ ସମ୍ମାନ ଜଣାଇ ରାଜେଶ କୁମାର ବ୍ୟାଙ୍କ ତା'ର ଗ୍ରାହକମାନଙ୍କୁ ଉତ୍କୃଷ୍ଟ ଗ୍ରାହକ ସେବା ଯୋଗାଇ ଦେବା (ଉପଲବ୍ଧ କରାଇବା) ପାଇଁ ପ୍ରତିବଦ୍ଧ ରହିଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ ବ୍ୟାଙ୍କ ପକ୍ଷରୁ ସମାଜର ସମସ୍ତ ବର୍ଗର ଗ୍ରାହକଙ୍କ ପାଇଁ ନାନା ପ୍ରକାରର ଉତ୍ପାଦ ଉପଲବ୍ଧ ରହିଛି,ଯାହାର ଉପଯୋଗ ଦ୍ୱାରା ଶିକ୍ଷାର୍ଥୀ, କୃଷକ, ଉଦ୍ୟୋଗୀ ଓ ମହିଳା ଉଦ୍ୟୋଗୀମାନେ ଦେଶର ଆର୍ଥିକ ପରିସ୍ଥିତିକୁ ସୁଦୃଢ଼ କରିବା ସହ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସେ କହିଥିଲେ।

ଉଲ୍ଲେଖଯୋଗ୍ୟ, ପିଏନବି ଭୁବନେଶ୍ବର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ରାଜେଶ କୁମାର ନିକଟରେ ଝାରସୁଗୁଡ଼ା ଗସ୍ତ କରିଥିଲେ।

## ସିଜେ ଡାର୍ସଲ୍ ସହ ଜେଏସ୍‌ଏଲ୍‌ର ବୁଝାମଣା

ଭୁବନେଶ୍ବର,୩୦।୯


ଅଭ୍ୟୁଦୟ ଜିନ୍ଦଲ

ଭାରତର ଅନ୍ୟତମ ଅଗ୍ରଣୀ ଲଜିଷ୍ଟିକ୍ ପ୍ରଦାନକାରୀ ସିଜେ ଡାର୍ସଲ୍ ଲଜିଷ୍ଟିକ୍ ଲିମିଟେଡ୍ ଏବଂ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ (ଜେଏସ୍‌ଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଚ୍ଚ ଶକ୍ତି ବିଶିଷ୍ଟ ଜେଟି ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲରେ (ବିଆଇଏସ୍ ୬୯୯୧ ସ୍ପେସିଫିକେଶନ୍ ଅନୁଯାୟୀ ଏନ୍‌୭ ନାମରେ ପରିଚିତ) ନିର୍ମିତ ଏହି କଣ୍ଟେନରଗୁଡ଼ିକ ପଲିମର ବ୍ୟାଟେରି ଏବଂ ରବର ସମେତ ବିଭିନ୍ନ ସାମଗ୍ରୀ ପରିବହନ ପାଇଁ ଡିଜାଇନ୍ କରାଯାଇଛି। ଏ ସମ୍ପର୍କରେ ଜେଏସଏଲର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି,ଭାରତର ଅଭିବୃଦ୍ଧିଶୀଳ ଅର୍ଥନୀତିର ମୂଳଦୁଆ ସାଜିଥିବା ଲଜିଷ୍ଟିକ୍ କ୍ଷେତ୍ରରେ ସ୍ଥାୟିତ୍ୱର ଆବଶ୍ୟକତା ରହିଛି। ଲଜିଷ୍ଟିକ୍ସ ଏବଂ ଗତିଶକ୍ତିରେ ଷ୍ଟେନଲେସ୍ ଷ୍ଟିଲ୍ ସମାଧାନ ଏକ ସବୁଜ ଭବିଷ୍ୟତ ଦିଗରେ ଏକ ଆଶାଜନକ ମାର୍ଗ ପ୍ରଶସ୍ତ କରିଛି। ଜେଟି ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲର ବ୍ୟବହାର କେବଳ କଣ୍ଟେନରର ଓଜନ ହ୍ରାସ କରେ ନାହିଁ ବରଂ ଇନ୍ଧନ ଦକ୍ଷତାରେ ଉନ୍ନତି ଆଣିଥାଏ। ସର୍ବନିମ୍ନ ରକ୍ଷଣାବେକ୍ଷଣ ସହିତ ଏକ ଦୀର୍ଘ ଜୀବନକାଳ ସୁନିଶ୍ଚିତ କରେ ଏବଂ ସର୍ବନିମ୍ନ କାର୍ବନ ଫୁଟପ୍ରିଣ୍ଟ ସହିତ ସବୁଠାରୁ ସ୍ଥାୟୀ ସମାଧାନ ପ୍ରଦାନ କରିଥାଏ। ସେହିଭଳି ସିଜେ ଡାର୍ସଲ ଲଜିଷ୍ଟିକ୍ସ ଲିମିଟେଡର ଅଧ୍ୟକ୍ଷ ପ୍ରଦୀପ ବଂଶଲ୍ କହିଛନ୍ତି, ଏହି ପଦକ୍ଷେପ ଷ୍ଟେନଲେସ୍ ଷ୍ଟିଲର ଶକ୍ତି, ହାଲୁକା ଓଜନ ଏବଂ ସ୍ଥାୟିତ୍ୱକୁ ଉପଯୋଗ କରି ଲଜିଷ୍ଟିକ୍ ଶିଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ସବୁଜ ଲଜିଷ୍ଟିକ୍ସର ଚାହିଦା ବୃଦ୍ଧି ପାଉଥିବାରୁ ଭାରତୀୟ ଲଜିଷ୍ଟିକ୍ କ୍ଷେତ୍ର ସଷ୍ଟେନେବଲ୍ ଅଭ୍ୟାସକୁ ଅଧିକରୁ ଅଧିକ ଆପଣେଇବାରେ ଲାଗିଛି।

## କାନାରା ବ୍ୟାଙ୍କର ପୁରସ୍କାର ବିତରଣ ସମାରୋହ

ଭୁବନେଶ୍ବର,୩୦।୯




କାନାରା ବ୍ୟାଙ୍କର ଭୁବନେଶ୍ବର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ପଖୱାଡା ଦିବସ ଓ ପୁରସ୍କାର ବିତରଣ ସମାରୋହ-୨୦୨୪ ନିକଟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ (ଗୃହମନ୍ତ୍ରୀ ଭାରତ ସରକାର) ଙ୍କ ସନ୍ଦେଶ ସହିତ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସନ୍ଦେଶ କର୍ମଚାରୀମାନଙ୍କୁ ପଢି ଶୁଣାଯାଇଥିଲା। ସେହିଭଳି ବ୍ୟାଙ୍କର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭୁବନେଶ୍ବର କମଳା ନେହେରୁ ମହାବିଦ୍ୟାଳୟର ହିନ୍ଦୀ ରିଡର ବେଦୁଲା ରାମଲକ୍ଷ୍ମୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବେଦୁଲା ମହାଲକ୍ଷ୍ମୀ ଭାଷା ଆଦାନ ପ୍ରଦାନର ମାଧ୍ୟମ ହୋଇଥିବାବେଳେ ଏହା କୌଣସି ଦେଶର ସଂସ୍କୃତି, ପରମ୍ପରା ଓ ମୂଲ୍ୟବୋଧର ଧରୋହର ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ଜଗଦୀଶ ଚନ୍ଦର ସମସ୍ତଙ୍କୁ ସମ୍ବୋଧନ କରି ରାଜଭାଷା ହିନ୍ଦୀର ପ୍ରୟୋଗ ଅଧିକରୁ ଅଧିକ କରିବା ଆମର ସାମ୍ବିଧାନିକ ଦାୟିତ୍ୱ ବୋଲି କହିଥିଲେ। ଭୁବନେଶ୍ବର ଅଞ୍ଚଳ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଡ.ମୋନିକାଶ୍ରୀ ସ୍ୱାଗତ ସମ୍ବୋଧନ କରିଥିଲାବେଳେ ରାଜଭାଷାର ବରିଷ୍ଠ ପ୍ରବନ୍ଧକ ଡି ବାଲକୃଷ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ବର ଅଞ୍ଚଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୪ ସେପ୍ଟେମ୍ବର ୧୪ରୁ ୨୯ ପର୍ଯ୍ୟନ୍ତ କାନାରା ବ୍ୟାଙ୍କର ହିନ୍ଦୀ ପଖୱାଡା ସମାରୋହ ନିକଟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ହିନ୍ଦୀ ପ୍ରତିଯୋଗିତା ମାନ ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀମାନଙ୍କୁ ପ୍ରୋତ୍ସାହିତ ଓ ପୁରସ୍କୃତ କରିବା ଉଦ୍ଦେଶ୍ୟରେ ପୁରସ୍କାର ବିତରଣ ସମାରୋହର ଆୟୋଜନ କରାଯାଇଥିଲାବେଳେ ମୁଖ୍ୟ ଅତିଥି ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ପରିଶେଷରେ ଅଶୋକ କୁମାର ମେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆକର୍ଷଣୀୟ ମୂଲ୍ୟରେ ପ୍ରିମିୟମ ସିଲ୍କ ଉତ୍ପାଦ

ଭୁବନେଶ୍ବର,୩୦।୯



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶ୍ରୀ ଗଣପତି ସିଲ୍କ (ଗଣେଶ ସିଲ୍କ) ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୪ରେ ସାମିଲ ହୋଇଛି। ଏହି ମେଳାରେ ଗଣେଶ ସିଲ୍କ ତାମିଲନାଡୁର ପ୍ରିମିୟମ ସିଲ୍କ ଉତ୍ପାଦ ବେଶ ଆକର୍ଷଣୀୟ ହୋଇଥିଲାବେଳେ ଗ୍ରାହକଙ୍କୁ ଆକୃଷ୍ଟ କଲାଭଳି ନୂତନ ସଂଗ୍ରହ ଓ ଡିଜାଇନ ସାଙ୍ଗକୁ ଆକର୍ଷଣୀୟ ରିହାତି ଅଫର ଷ୍ଟଲରେ ଭିଡ ଜମାଉଛି। ବିଶେଷ କରି କାଞ୍ଚିପୁରମ ସିଲ୍କ, ଧର୍ମାଭରମ ସିଲ୍କ, ଉପଡା ସିଲ୍କ, ପ୍ରିଣ୍ଟେଡ ସିଲ୍କ ଏବଂ ମୈସୁର ସିଲ୍କ ଭଳି ଅନେକ ବ୍ରାଣ୍ଡର ସିଲ୍କ ଉତ୍ପାଦର ବ୍ୟାପକ ଡିଜାଇନ ଓ ମନଲୋଭା ସିଲ୍କ ଶାଢି ଗ୍ରାହକଙ୍କ ପସନ୍ଦ ପାଲଟିଛି। ସେହିଭଳି ଜାତୀୟସ୍ତରୀୟ ହସ୍ତତନ୍ତ ମେଳାର ଷ୍ଟଲ ନଂ ୭ରେ ଶ୍ରୀ ଗଣପତି ସିଲ୍କର ଶତ ପ୍ରତିଶତ ଶୁଦ୍ଧ ସିଲ୍କ ଉତ୍ପାଦ ମେଳାର ଚାହିଦାକୁ ଦ୍ୱିଗୁଣିତ କରିଥିବାବେଳେ ପ୍ରାୟ ୩୦% ଆକର୍ଷଣୀୟ ରିହାତି କାରବାରକୁ ୨ଗୁଣା ବଢାଇ ଦେଇଥିବା ଗଣପତି ସିଲ୍କ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ବେଙ୍ଗାଲୁରୁର ପ୍ରତିଷ୍ଠିତ ବୁଣାକାର ପ୍ରତିଷ୍ଠାନ ଶ୍ରୀ ଗଣପତି ସିଲ୍କ ବର୍ଷରେ ୩ ମାସ ଉତ୍ପାଦ ପ୍ରସ୍ତୁତି କରିଥିଲାବେଳେ ବଳକା ୯ମାସ ସରକାରୀ ମେଳାରେ ସାମିଲ ହୋଇ ସାମଗ୍ରୀ ବିକ୍ରୟ କରିଥାଏ। ବିଶେଷ କରି ସିଲ୍କ ଶାଢିର ବ୍ୟାପକ ସମ୍ଭାର ସାଙ୍ଗକୁ ଆକର୍ଷଣୀୟ ରିହାତି ଗ୍ରାହକଙ୍କୁ ବେଶ୍ ସୁହାଉଥିଲାବେଳେ ଗ୍ରାହକଙ୍କ ଆବଶ୍ୟକତା ଓ ବଜାର ଚାହିଦା ଅନୁଯାୟୀ ପ୍ରତିଷ୍ଠାନ ଉତ୍ପାଦ ପ୍ରସ୍ତୁତି କରିଥାଏ। ସେହିଭଳି ବୟନିକା ପକ୍ଷରୁ ଆୟୋଜିତ ଏହି ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଅକ୍ଟୋବର ପ୍ରଥମ ସପ୍ତାହର ଶେଷ ହେବ।

## କାର୍ଯ୍ୟନିର୍ବାହୀ କମିଟିକୁ ଉଷାଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୩୦।୯ (ପି.ଟି.):** ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପିଟି ଉଷା ଓ ଏହାର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନଙ୍କ ମଧ୍ୟରେ ଚାଲିଥିବା ବିବାଦ ଅବ୍ୟାହତ ରହିଛି। ବିଭିନ୍ନ ପ୍ରସଙ୍ଗରେ ଉଭୟ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରିବାରେ ଲାଗିଛନ୍ତି। ଆସୋସିଏଶନରେ ଉଷା ମନମୁଖି ଶାସନ ଚଳାଇଛନ୍ତି ବୋଲି ଦର୍ଶାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନେ ଇତିମଧ୍ୟରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)କୁ ଚିଠି ଲେଖିଛନ୍ତି। ଏଣେ ଉଷା ସୋମବାର ସେମାନଙ୍କୁ ସମାଲୋଚନା କରିଛନ୍ତି। କାର୍ଯ୍ୟନିର୍ବାହୀ କମିଟି ଅଲିମ୍ପିକ ପଦକ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବାରେ ବିଫଳ ହୋଇଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ୟାରିସ ଗେମ୍ସ ପାଇଁ ଭାରତୀୟ ଆଥ୍‌ଲେଟମାନଙ୍କୁ ସହାୟତା ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ଆର୍ଥିକ କମିଟି ରୋକି ଦେଇଥିବା ଅଭିଯୋଗ ମଧ୍ୟ କରିଛନ୍ତି। ପ୍ୟାରିସ ଗେମ୍ସରେ ଶୁଟର ମନୁଭାକରଙ୍କ ଦ୍ୱାରା ଦୁଇଟି ଐତିହାସିକ ବ୍ରୋଞ୍ଜ ସମେତ ଭାରତ ୬ଟି ପଦକ ଜିତିବାରେ ସଫଳ



ହୋଇଥିଲା। ଏଥିପାଇଁ ସଫଳତା ଉତ୍ସବ ପାଳନ କରା ନ ଯିବା ତାଙ୍କୁ ବ୍ୟଥିତ କରିଛି। ପଦକ ଜିତି ଦେଶକୁ ଫେରିବା ପରେ ଆଥ୍‌ଲେଟମାନଙ୍କୁ ଆଇଓଏ ତରଫରୁ ସମ୍ମାନିତ କରାଯିବା ଉଚିତ। ମାତ୍ର କାର୍ଯ୍ୟନିର୍ବାହୀ କମିଟି ଏହି ପ୍ରସଙ୍ଗରେ କୌଣସି ଆଲୋଚନା କରି ନ ଥିଲା କିମ୍ବା ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି କୌଣସି ପଦକ୍ଷେପ ନେଇ ନ ଥିଲା। ଉଷା ସୂଚନା ଦେଇ କହିଥିଲେ, ଅଲିମ୍ପିକ୍ସରେ ଭାଗ ନେବାକୁ ଯିବା ପୂର୍ବରୁ ଆଥ୍‌ଲେଟମାନଙ୍କୁ ପ୍ରସ୍ତୁତି ସକାଶେ ଜଣ ପିଛା ୨ ଲକ୍ଷ ଟଙ୍କା ଏବଂ ପ୍ରତ୍ୟେକ କୋଚଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପାଇଁ ପ୍ରସ୍ତାବ ରହିଥିଲା। କିନ୍ତୁ ଆଇଓଏ କୋଷାଧ୍ୟକ୍ଷ ସହଦେବ ଯାଦବଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ଥିକ କମିଟି ଏହାକୁ ରୋକି ଦେଇଥିଲା।

# ଟେଷ୍ଟରେ ଦ୍ରୁତତମ ୫୦, ୧୦୦, ୨୦୦ ରନ୍




ଚିତ୍ତାକର୍ଷକ କ୍ୟାଚ ନେବା ଅବସରରେ ମହମ୍ମଦ ସିରାଜ।

**କାନପୁର,୩୦।୯(ପି.ଟି.)**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତୀୟ ବ୍ୟାଟର ମାନେ ଟି୨୦ ଷ୍ଟାଇଲରେ ବ୍ୟାଟିଂ କରିଥିବା ବେଳେ ଦଳ ଦ୍ରୁତତମ ୫୦, ୧୦୦ ଓ ୨୦୦ ରନ ରେକର୍ଡ କରିଛି। ବର୍ଷାରେ ୨ ଦିନ ଧୋଇ ଯାଇଥିବା ବେଳେ ସମ୍ପୂର୍ଣ୍ଣ ସକାରାତ୍ମକ ଭାବନା ସହ ଭାରତୀୟ ବ୍ୟାଟର ପଡିଆକୁ ଓହ୍ଲାଇଥିଲେ। ମାତ୍ର ୩ ଓଭରରେ ୫୦ ରନ୍ ସ୍କୋର କରିବା ସହ ଇଂଲଣ୍ଡର ରେକର୍ଡ ଭାଙ୍ଗିଥିଲା ଭାରତ। ଇଂଲଣ୍ଡ ଚଳିତବର୍ଷ ଟ୍ରେଣ୍ଟବ୍ରିଜ୍‌ରେ ୪.୨ ଓଭରରେ ୫୦ ରନ୍ ଅତିକ୍ରମ କରିଥିଲା। ରୋହିତ ଶର୍ମା ଆଉଟ ହୋଇଥିଲେ ମଧ୍ୟ ଯଶସ୍ୱୀ ଜୟସ୍ୱାଲ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖିଥିଲେ। ଫଳରେ ମାତ୍ର ୧୦.୧ ଓଭରରେ ଭାରତ ୧୦୦ ରନ୍ ପୂରଣ କରିଥିଲା। ପୂର୍ବରୁ ଦ୍ରୁତତମ ଶତକର ରେକର୍ଡ ଭାରତ ନାମରେ ରହିଥିଲା। ୨୦୨୩ରେ ପୋର୍ଟ ଅଫ୍ ସ୍ପେନ୍‌ରେ ଖେଳା ଯାଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ରେ ଦଳ ୧୨.୨ ଓଭରରେ ଏହି ରେକର୍ଡ କରିଥିଲା।

ସେହିପରି ଜୟସ୍ୱାଲଙ୍କ ଉଇକେଟ ପତନ ପରେ ବିରାଟ କୋହଲି ଓ ଲୋକେଶ ରାହୁଲ ଦ୍ରୁତ ବ୍ୟାଟିଂ କରି ଦଳୀୟ ସ୍କୋର ୨୦୦ ରନ୍ ପାର କରାଇଥିଲେ। ୨୪.୨ ଓଭରରେ ଭାରତ ୨୦୦ ରନ୍ ପାର କରିବା ସହ ଅଷ୍ଟ୍ରେଲିଆର ରେକର୍ଡ ଭାଙ୍ଗିଥିଲା। ପାକିସ୍ତାନ ବିପକ୍ଷ ସିଡ୍‌ନୀ ଟେଷ୍ଟରେ ଦ୍ରୁତତମ ୨୦୦ ରନ୍‌ର ରେକର୍ଡ ଅଷ୍ଟ୍ରେଲିଆ ନାମରେ ରହିଥିଲା।

## ୨୭୦୦୦ ରନ୍ କ୍ଲବରେ କୋହଲି

**କାନପୁର,୩୦।୯(ପି.ଟି.)**

ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ବିରାଟ କୋହଲି ଆଉ ଏକ ରେକର୍ଡ ନିଜ ନାମରେ କରିଛନ୍ତି। କୋହଲି ବିଶ୍ୱର ଚତୁର୍ଥ ଖେଳାଳି ଭାବରେ ୨୭ ହଜାର ରନ୍ ସ୍କୋର କରିଛନ୍ତି। ଚତୁର୍ଥ ଦିନରେ ବିରାଟ କୋହଲି ଦ୍ରୁତ ବ୍ୟାଟିଂ କରି ୪୭ ରନ୍ କରିଥିଲେ। କୋହଲି ୩୫ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିବା ବେଳେ ୨୭ ହଜାର ରନ୍‌ରେ ପହଞ୍ଚିଥିଲେ। ଏହି ତାଲିକାରେ ଭାରତୀୟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ୩୪,୩୫୭ ରନ୍ ସହ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର କୁମାର ସାଙ୍ଗାକାରା ୨୮,୦୧୬ ରନ୍ ସହ ଦ୍ୱିତୀୟ ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୨୭,୪୮୩ ରନ୍ ସହ ତୃତୀୟ ସ୍ଥାନରେ ରହିଛନ୍ତି। କୋହଲି ଟେଷ୍ଟରେ ୮୮୭୦ ରନ୍ ସ୍କୋର କରିଥିବା ବେଳେ ଦିନିକିଆରେ ୧୩୯୦୬ ରନ୍ ସ୍କୋର କରିଛନ୍ତି। ଅନ୍ୟପକ୍ଷରେ ଟି୨୦ରେ ସେ ୪୧୮୮ ରନ୍ ସ୍କୋର କରିଛନ୍ତି। ନିକଟରେ ଭାରତକୁ ବିଶ୍ୱକପ ଜିତାଇବା ପରେ ଟି୨୦ରୁ କୋହଲି ଅବସର ଘୋଷଣା କରିଥିଲେ। ବିସିସିଆଇ ସମ୍ପାଦକ ଜୟ ଶାହା ଏକ୍ସରେ ପୋଷ୍ଟ କରିବା ସହ ୨୭ ହଜାର ରନ୍ ପୂରଣ ପାଇଁ କୋହଲିଙ୍କୁ ବଧେଇ ଜଣାଇଛନ୍ତି।

## ଜାଡେଜାଙ୍କୁ ୩୦୦ ଉଇକେଟ୍

**କାନପୁର,୩୦।୯(ପି.ଟି.):** ସପ୍ତମ ଭାରତୀୟ ବୋଲର ଭାବରେ ୩୦୦ ଟେଷ୍ଟ ଉଇକେଟ ହାସଲ କରିଛନ୍ତି ରବୀନ୍ଦ୍ର ଜାଡେଜା। ବାଂଲାଦେଶର ଖାଲେଦ ମହମୁଦଙ୍କୁ ଆଉଟ କରି ସେ ଏହି ସଫଳତା ହାସଲ କରିଛନ୍ତି। ଭାରତୀୟ ବୋଲରଙ୍କ ମଧ୍ୟରେ ଅନିଲ କୁମ୍ବଲେ ୬୧୯ ଉଇକେଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରବିଚନ୍ଦ୍ରନ ଅଶ୍ୱିନ(୫୨୪), କପିଳ ଦେବ(୪୩୪), ହରଭଜନ ସିଂ(୪୧୭), ଇଶାନ୍ତ ଶର୍ମା(୩୧୧) ଓ ଜାହିର ଖାନ୍ (୩୧୧) ପରବର୍ତ୍ତୀ ୫ ସ୍ଥାନରେ ରହିଛନ୍ତି।

## ରୋଚକ ସ୍ଥିତିରେ ଦ୍ୱିତୀୟ ଟେଷ୍ଟ



ଶଟ୍ ଖେଳୁଛନ୍ତି ଯଶସ୍ୱୀ ଜୟସ୍ୱାଲ।

କାନପୁରର ଗ୍ରୀନପାର୍କରେ ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟ ମ୍ୟାଚ ବେଶ୍ ରୋଚକ ସ୍ଥିତିରେ ରହିଛି। ଲଗାତର ଦୁଇ ଦିନ ବର୍ଷାରେ ଧୋଇଯିବା ପରେ ସୋମବାର ଚତୁର୍ଥ ଦିନର ଖେଳ ସମ୍ଭବ ହୋଇଥିଲା। ଭାରତ ଟି୨୦ ଫର୍ମାଟର ନିର୍ଭୀକ କ୍ରିକେଟ ଖେଳିଥିବା ବେଳେ ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ ବାଂଲାଦେଶ ହାତରେ ୮ ଉଇକେଟ ରହିଥିବା ବେଳେ ଏହା ୨୬ ରନ୍ ପଛରେ ରହିଛି। ପ୍ରଥମେ ବୋଲରମାନେ ବାଂଲାଦେଶକୁ ୨୩୩ ରନ୍‌ରେ ସୀମିତ ରଖିବା ପରେ ବ୍ୟାଟରମାନେ ୩୪ ଓଭର ଖେଳି ୨୮୫ ରନ୍ କରିଥିଲେ। ୫୨ ରନ୍‌ରେ ପଛୁଆ ରହିଥିବା ବାଂଲାଦେଶ ଚତୁର୍ଥ ଦିନର ଷ୍ଟମ୍ପସ୍ ଅପସାରଣ ବେଳକୁ ୨ ଉଇକେଟ ହରାଇ ୨୬ ରନ୍ ସ୍କୋର କରିଛି।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୦୭/୩ରୁ ଖେଳ ଆରମ୍ଭ କରିଥିଲା ବାଂଲାଦେଶ। ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲେ ମଧ୍ୟ ପୂର୍ବଦିନର ଅନ୍ୟତମ ଅପରାଜିତ ବ୍ୟାଟର ମୋମିନୁଲ୍ ହକ୍ ଲଢୁଆ ଶତକ ହାସଲ କରିଥିଲେ। ଶେଷ ଯାଏ ଅପରାଜିତ ରହିଥିବା ମୋମିନୁଲ ୧୯୪ ବଲ୍ ଖେଳି ୧୦୭ ରନ୍ କରିଥିଲେ। ଏହି ଇନିଂସରେ ୧୭ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ମେହିଦୀ ହସନ ମିରାଜ ୨୦ ଓ ଲିଟନ୍ ଦାସ ୧୩ ରନ୍ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍ରା ସର୍ବାଧିକ ୩, ମହମ୍ମଦ ସିରାଜ, ରବିଚନ୍ଦ୍ରନ ଅଶ୍ୱିନ ଓ ଆକାଶ ଦୀପ ୨ଟି ଲେଖାଏ ଓ ଜାଡେଜାଙ୍କ ଖାତାକୁ ୧ ଉଇକେଟ ଆସିଥିଲା।

ଦୁଇ ଦିନର ଖେଳ ଧୋଇ ଯାଇଥିବା ବେଳେ ଭାରତ ଫଳାଫଳ ପାଇଁ ସମ୍ପୂର୍ଣ୍ଣ ଆକ୍ରମଣାତ୍ମକ କ୍ରିକେଟ ଖେଳିଥିଲା। ଅଧିନାୟକ ରୋହିତ ଶର୍ମା (୨୩) ଓ ଯଶସ୍ୱୀ ଜୟସ୍ୱାଲ(୭୨) ପ୍ରଥମ ଉଇକେଟରେ ୨୩ ବଲ୍ ଖେଳି ୫୬ ରନ୍ ଯୋଡି ଭାରତର ଅଭିମୁଖ୍ୟ ସ୍ପଷ୍ଟ କରିଥିଲେ। ରୋହିତ ୧୧ ବଲ୍ ଖେଳି ୧ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟପକ୍ଷରେ ଟପ୍ ସ୍କୋରର ରହିଥିବା ଜୟସ୍ୱାଲ ୫୧ ବଲ୍ ଖେଳି ୧୨ ଚୌକା ଓ ୨ ଛକା ମାରିଥିଲେ। ପରବର୍ତ୍ତୀ ବ୍ୟାଟର ଶୁବମାନ ଗିଲ୍ ୩୯ ଓ ରିଷଭ ପନ୍ତ ୯ ରନ୍ କରି ଆଉଟ ହୋଇଥିଲେ। ବିରାଟ କୋହଲି ଦ୍ରୁତ ବ୍ୟାଟିଂ କରି ୪୭ ରନ୍ କରିଥିଲେ। କୋହଲି ୩୫ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। କୋହଲି ଅର୍ଦ୍ଧଶତକ ପୂର୍ବରୁ ଆଉଟ ହୋଇଥିବା ବେଳେ ଲୋକେଶ ରାହୁଲ ଦ୍ରୁତ ଅର୍ଦ୍ଧଶତକ ହାସଲ କରି ୪୩ ବଲ୍‌ରୁ ୬୮ ରନ୍ କରିଥିଲେ। ରାହୁଲଙ୍କ ଇନିଂସରେ ୭ ଚୌକା ଓ ୨ ଛକା ସାମିଲ ଥିଲା। ଭାରତ ୯ ଉଇକେଟ ହରାଇ ୨୮୫ ରନ୍ କରିଥିବା ବେଳେ ଦଳ ଇନିଂସ ଘୋଷଣା କରିଥିଲା। ବାଂଲାଦେଶର ସମସ୍ତ ବୋଲରଙ୍କ ଇକୋନୋମି ୬ ଉପରେ ରହିଥିଲା। ମେହିଦୀ ହସନ ମିରାଜ ଓ ଶକିବ ଅଲ ହସନ ୪ଟି ଲେଖାଏ ଉଇକେଟ ନେଇଥିବା ବେଳେ ହସନ ମେହମୁଦ ଗୋଟିଏ ଉଇକେଟ ନେଇଥିଲେ।

୫୨ ରନ୍ ପଛରେ ରହିଥିବା ବାଂଲାଦେଶ ଦ୍ୱିତୀୟ ଇନିଂସ ସତର୍କତାର ସହ ଆରମ୍ଭ କରିଥିଲା। ୧୮ ଓଭର ଖେଳ ବାକି ରହିଥିବା ବେଳେ ଖରାପ ଆଲୋକ କାରଣରୁ ୧୧ ଓଭରର ଖେଳ ହୋଇପାରିଥିଲା। ଶଦମାନ ଇସଲାମ(୭*) ଓ ଜାକିର ହସନ(୧୦) ପ୍ରଥମ ଉଇକେଟରେ ୧୮ ରନ୍ ଯୋଡିଥିଲେ। ଜାକିରଙ୍କୁ ଆଉଟ କରି ଅଶ୍ୱିନ ଏହି ଯୋଡି ଭାଙ୍ଗିଥିଲେ। ହସନ ମେହମୁଦ ନାଇଟ ୱାଚମ୍ୟାନ ଭାବରେ ଆସି ଅଶ୍ୱିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ ୭୪.୨ ଓଭରରେ ୨୩୩/୧୦ (ମୋମିନୁଲ ହକ୍ ୧୦୭*, ନଜମୁଲ ହୋସେନ ଶାନ୍ତୋ–୩୧, ଶଦମାନ ଇସଲାମ–୨୪, ଯଶପ୍ରୀତ୍ ବୁମ୍ରା–୩/୫୦, ଆକାଶ ଦୀପ୍–୨/୪୩, ରବିଚନ୍ଦ୍ରନ ଅଶ୍ୱିନ–୨/୪୫)। ଭାରତ ପ୍ରଥମ ଇନିଂସ ୩୪.୪ ଓଭରରେ ୨୮୫/୯ (ଘୋଷଣା)(ଯଶସ୍ୱୀ ଜୟସ୍ୱାଲ–୭୨, ଲୋକେଶ ରାହୁଲ–୬୮, ବିରାଟ କୋହଲି–୪୭, ମେହିଦୀ ହସନ ମିରାଜ–୪/୪୧, ଶକିବ୍ ଅଲ ହସନ–୪/୭୮, ହସନ ମେହମୁଦ–୧/୬୬)। ବାଂଲାଦେଶ ଦ୍ୱିତୀୟ ଇନିଂସ ୧୧ ଓଭରରେ ୨୬/୨(ଜାକିର ହସନ–୧୦, ରବିଚନ୍ଦ୍ରନ ଅଶ୍ୱିନ–୨/୧୪)।

## ଗୋଟିଏ ମଞ୍ଚରେ ଅଲିମ୍ପିକ, ପାରାଲିମ୍ପିକ ଆଥଲେଟ୍



ଆଥଲେଟ୍‌ଙ୍କ ଗହଣରେ ନୀତା ଅମ୍ବାନୀ।

**ମୁମ୍ବାଇ, ୩୦।୯**

ନୀତା ଏମ୍ ଅମ୍ବାନୀଙ୍କ ନେତୃତ୍ୱରେ ରିଲାଏନ୍ସ ଫାଉଣ୍ଡେଶନ ତରଫରୁ ରବିବାର ରାତିରେ ଆଣ୍ଟିଲିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଥର ୧୪୦ ଅଲିମ୍ପିକ ଓ ପାରାଲିମ୍ପିକ ଆଥଲେଟ୍‌ମାନେ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ଇଭେଣ୍ଟରେ ତାଙ୍କ ଅଭିଭାଷଣରେ ଭାରତୀୟ ଖେଳ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ନୀତା କହିଥିଲେ। ଗତ ଦୁଇମାସ ମଧ୍ୟରେ ଆମ ଅଲିମ୍ପିଆନ ଓ ପାରାଲିମ୍ପିଆନମାନେ ବିଶ୍ୱରେ ଜାତୀୟ ପତାକାର ଟେକ ରଖି ଆମକୁ ଗର୍ବିତ କରିଛନ୍ତି। ପ୍ରଥମ ଥର ସେମାନେ ଗୋଟିଏ ଛାତ ତଳେ ଏକାଠି ହୋଇଛନ୍ତି। ନୀତା କ୍ରୀଡ଼ାର ପରିବର୍ତ୍ତନଶୀଳ ଶକ୍ତି ଉପରେ ମଧ୍ୟ ତାଙ୍କର ବକ୍ତବ୍ୟ ରଖିଥିଲେ। ଦେଶର ଅଲିମ୍ପିକ ସଫଳତା ପଛରେ ଭାରତର ମହିଳା ଆଥଲେଟଙ୍କ ଭୂମିକାର ସେ ଉଚ୍ଚ ପ୍ରଶଂସା କରିଥିଲେ। ଜଣେ ପେଶାଦାର କ୍ରୀଡ଼ାବିତ୍ ହେବାଲାଗି ମହିଳାମାନଙ୍କୁ ବହୁ ବାଧାବିଘ୍ନ ଅତିକ୍ରମ କରିବାକୁ ପଡ଼ିଥାଏ। କେବଳ ଆର୍ଥିକ ଚ୍ୟାଲେଞ୍ଜ ନୁହେଁ ସେମାନଙ୍କ ପରିବାରରୁ ଅନୁମତି ନେବାକୁ ପଡ଼ିଥାଏ। ଉପଯୁକ୍ତ ଟ୍ରେନିଂ, ଫିଜିଓ, କୋଚ୍ ଅବା ରିହାବିଲିଟେଶନ କେନ୍ଦ୍ରର ସୁବିଧା ପାଇବା ପାଇଁ କେତେକଙ୍କୁ ନିଜ ଗ୍ରାମ ଛାଡ଼ିବାକୁ ହୋଇଥାଏ। ଏସବୁ ସତ୍ତ୍ୱେ ଆମ ମହିଳା ଆଥଲେଟମାନେ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି। ଛୋଟ ଛୋଟ ବାଳିକାଙ୍କ ଲାଗି ସେମାନେ ପ୍ରେରଣାର ଉତ୍ସ ପାଲଟିଯାଇଛନ୍ତି। ସେମାନଙ୍କ ପାଇଁ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଆଥଲେମାନଙ୍କୁ ଆକାଶ ଅମ୍ବାନୀ ରିଲାଏନ୍ସ ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ। ଇଭେଣ୍ଟରେ ଯୋଗ ଦେଇଥିବା ପ୍ରମୁଖ ଆଥଲେଟମାନଙ୍କ ମଧ୍ୟରେ ନୀରଜ ଚୋପ୍ରା, ମନୁ ଭାକର ଓ ଭାରତର ପ୍ରଥମ ପାରାଲିମ୍ପିକ ସ୍ୱର୍ଣ୍ଣ ବିଜେତା ମୁରଲୀକାନ୍ତ ପେଟକର ଏବଂ ପ୍ରଥମ ଭାରତୀୟଭାବେ ପାରାଲିମ୍ପିକ୍ସରେ ୨ ସ୍ୱର୍ଣ୍ଣପଦକ ଜିତିଥିବା ଦେବେନ୍ଦ୍ର ଝାଝାରିଆ ଅନ୍ୟତମ ଥିଲେ।

## ଭିନୁ ମଙ୍କଡ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୩୦।୯ (ତପନ ସ୍ୱାଇଁ):** ବିସିସିଆଇର ଘରୋଇ କ୍ରିକେଟ ସିଜନ ଅନ୍ତର୍ଗତ ଏକଦିବସୀୟ ଭିନୁ ମଙ୍କଡ ଟ୍ରଫି (୧୯ ବର୍ଷରୁ କମ୍) ପାଇଁ ସୋମବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ଜୁନିୟର ଚୟନ କମିଟି ସଦସ୍ୟ ଶୁଭ୍ରଜିତ ସାହୁ ଓ ମୁଖ୍ୟ କୋଚ୍ ପ୍ରଭଞ୍ଜନ ମଲିକ କଟକରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ୧୭ ଜଣିଆ ଦଳ ଘୋଷଣା କରିଛନ୍ତି। ଜୟପୁରଠାରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୪ରେ ମିଜୋରାମ ସହିତ ଖେଳିବ। ଏହାପରେ ୬ ତାରିଖରେ ପଞ୍ଜାବ, ୮ରେ ତାମିଲନାଡୁ, ୧୦ରେ ତ୍ରିପୁରା ଓ ୧୨ରେ ଜମ୍ମୁ-କଶ୍ମୀରକୁ ଭେଟିବ। ଓଡ଼ିଶା ଦଳ: ସମ୍ବିତ କୁମାର ବେଜ (ଅଧିନାୟକ), ଶ୍ରେୟାଂଶ ଭରଦ୍ୱାଜ, ହେମନ୍ତ ରାଠି, ସୟଦ ଟି. ଅହମଦ, ପନକାଲା ମୋକ୍ଷିତ, ଆକାଶ ମହାପାତ୍ର, ଆୟୁଷ ଚାନ୍ଦ, ସୌଭାଗ୍ୟ ଓଝା, ଅଭିନିତ ପଟ୍ଟନାୟକ, ଆୟୁଷ କୁମାର ସୂତାର, ପନକାଲା ଶଶାଙ୍କ, ରୁଦ୍ର ପ୍ରସାଦ ମଲିକ, ଉଦିତ ନାରାୟଣ ଜଟ, ଶ୍ରୀରାଜ ପଟ୍ଟନାୟକ, କ୍ରିଷ୍ଣା ମହାନ୍ତି, ଅର୍ଣ୍ଣବ ପଟ୍ଟନାୟକ, ରୋହିତ ପ୍ରଧାନ।

## ଲକ୍ଷ୍ମୀ, ଅନିମେଶ, ଯଶ୍‌ବୀରଙ୍କୁ ସ୍ୱର୍ଣ୍ଣ







ସ୍ୱର୍ଣ୍ଣ ପଦକ ସହ ଲକ୍ଷ୍ମୀପ୍ରିୟା କିଶାନ, ଯଶ୍‌ବୀର ସିଂ ଓ ଅନିମେଶ କୁଜୁର।

**ଭୁବନେଶ୍ୱର, ୩୦।୯ (ତପନ ସ୍ୱାଇଁ)**

ବିହାରରେ ଚାଲିଥିବା ୨୩ ବର୍ଷରୁ କମ୍ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଲକ୍ଷ୍ମୀପ୍ରିୟା କିଶାନ, ଯଶବୀର ସିଂ ଓ ଅନିମେଶ କୁଜୁର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଓଡ଼ିଶା ସ୍ପ୍ରିଣ୍ଟର ଲକ୍ଷ୍ମୀପ୍ରିୟା ମହିଳା ୮୦୦ମି ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସେହିପରି ଯଶବୀର ପୁରୁଷ ଡେକାଥଲନରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ୭୦୬୫ ପଏଣ୍ଟ ହାସଲ କରି ନୂତନ ମିଟ୍ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେହିପରି ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର ୨୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ସେ ମଧ୍ୟ ନୂତନ ମିଟ୍ ରେକର୍ଡ ସ୍ଥାପନ କରିଛନ୍ତି। ପୂର୍ବରୁ ଏହି ପ୍ରତିଯୋଗିତାର ୧୦୦ ମିଟର ବର୍ଗରେ ଅନିମେଶ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଲକ୍ଷ୍ମୀପ୍ରିୟା ୧୫୦୦ ମିଟର ରେସ୍‌ରେ ରୌପ୍ୟ ପଦକ ଅର୍ଜନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟତମ ଆଥଲେଟ୍ ଗ୍ରେସନ ଜିଭା ୧୧୦ ମିଟ ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ସାହାଣୀ କପ୍: କନ୍ଧମାଳ, ବଲାଙ୍ଗୀର ବିଜୟୀ

**ବରଗଡ଼, ୩୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଓ ବରଗଡ଼ ଜିଲା କ୍ରୀଡ଼ା ସଂସଦର ମିଳିତ ଆୟୋଜନରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ବଲାଙ୍ଗୀର ଓ କନ୍ଧମାଳ ଦଳ ବିଜୟୀ ହୋଇଛନ୍ତି।

କନ୍ଧମାଳ ଓ ନୂଆପଡା ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ଅତି ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ କନ୍ଧମାଳ ଦଳ ୨–୧ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ଦଳ ପକ୍ଷରୁ ଶଙ୍ଖଶେଖର ହେମ୍ବ୍ରମ ଦୁଇଟି ଗୋଲ ଦେଇଥିବା ବେଳେ ନୂଆପଡ଼ା ଦଳର ତରୁଣ ମାଝୀ ଏକମାତ୍ର ଗୋଲ କରିଥିଲେ। ସେହିପରି ବଲାଙ୍ଗୀର ଓ କଳାହାଣ୍ଡି ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ବଲାଙ୍ଗୀର ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା।




ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ ଅବସରରେ ଅତିଥିବୃନ୍ଦ।

**୧୭ ବର୍ଷରୁ କମ୍ ସାଫ୍ ଫୁଟବଲ**

## ଟାଇଟଲ ବଜାୟ ରଖିଲା ଭାରତ

**ଥିମ୍ପୁ, ୩୦।୯ (ପି.ଟି.):** ଭାରତ ୧୭ ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ ଟାଇଟଲ ବଜାୟ ରଖିଛି। ସୋମବାର ଅନୁଷ୍ଠିତ ଫାଇନାଲରେ ଦଳ ବାଂଲଦେଶକୁ ୨–୦ ଗୋଲ୍‌ରେ ପରାସ୍ତ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ୍‌ଶୂନ୍ୟ ରହିଥିଲା। ମହମ୍ମଦ କୈଫ ୫୮ତମ ମିନିଟ୍‌ରେ ହେଡର ଜରିଆରେ ଗୋଲ ସ୍କୋର କରି ଭାରତକୁ ୧–୦ ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ ଗୋଲ୍‌ଟିକୁ ମହମ୍ମଦ ଅର୍ବାଶ ୯୦+୫ତମ ମିନିଟରେ ସ୍କୋର କରି ବିଜୟ ବ୍ୟବଧାନକୁ ବୃଦ୍ଧି କରାଇଥିଲେ।

## ହୁଇଲଚେୟାର ରଗ୍‌ବୀରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୩୦।୯**
**(ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଅକ୍ଟୋବର ୧ରୁ ୩ ପର୍ଯ୍ୟନ୍ତ ହୁଇଲଚେୟାର ରଗ୍‌ବୀ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦଳରେ ୮ ଖେଳାଳି, ୨ କୋଚ, ଜଣେ ମ୍ୟାନେଜର ଓ ୨ ଏସ୍‌କର୍ଟ ସାମିଲ ଅଛନ୍ତି। ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶା ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛି। ପାରା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି କମଳାକାନ୍ତ ରଥ, ସମ୍ପାଦକ ଲୋକନାଥ ମହାନ୍ତି ଓ କୋଷାଧ୍ୟକ୍ଷ ସୁନୀଲ ପ୍ରଧାନ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ଓମ୍ ପ୍ରକାଶ ବେହେରା, ଗୌତମ ସିଂ, ଆକାଶ ବନଛୋର, ଗୁମଡା ବାର୍ଲା, ସୁଜିତ କୁମାର ନନ୍ଦ, ଦେବଦତ୍ତ, ରୁଦ୍ର ନାରାୟଣ ବେହେରା, ପ୍ରଶାନ୍ତ କୁମାର ନାୟକ। କୋଚ୍: ସୁରେନ୍ଦ୍ର ଜେନା ଓ ବିଶ୍ୱଜିତ ଶତପଥୀ। ମ୍ୟାନେଜର: ଉଦୟ ରାଉତ।

# ଇଣ୍ଡୋ ୱେଷ୍ଟର୍ନ ଡ୍ରେସ୍

**ପାର୍ବଣ ସମୟରେ ଷ୍ଟାଇଲିସ୍ ଦେଖାଯିବା ପାଇଁ ଚାହୁଁଥିଲେ ଇଣ୍ଡୋ ୱେଷ୍ଟର୍ନ ଡ୍ରେସ୍ ପିନ୍ଧିପାରିବେ। ଏହି ସବୁ ଷ୍ଟାଇଲ୍ ସମ୍ପର୍କରେ ଜାଣି ରଖନ୍ତୁ...**



-ଇଣ୍ଡୋ ୱେଷ୍ଟର୍ନ ଷ୍ଟାଇଲର ହ୍ୱାଇଟ୍ ଲେୟାର ଗାଉନ୍ ଜ୍ୟାକେଟ୍ ବେଶ୍ ସୁନ୍ଦର ଲାଗିବ। ଏହି ଡ୍ରେସ ସାଙ୍ଗକୁ ଝୁମ୍କା ପିନ୍ଧିଲେ ଏକ ସୁନ୍ଦର ଲୁକ୍ ମିଳିବ।

– ପେଷ୍ଟଲ ରଙ୍ଗର ୱାନ ସୋଲ୍ଡର ଡ୍ରେସ ମଧ ଫ୍ୟାଶନେବଲ ଓ ସୁନ୍ଦର ଲାଗିବ। ଏଭଳି ଡ୍ରେସ ଏକ ଗ୍ଲାମରସ୍ ଓ ଏଲିଗାଣ୍ଟ ଲୁକ୍ ଦେବ।

– ଫ୍ଲୋରାଲ୍ ପ୍ରିଣ୍ଟ ଲେହେଙ୍ଗା ସହିତ କଣ୍ଟ୍ରାଷ୍ଟ ଅରେଞ୍ଜ କଲରର ଟପ୍ ପିନ୍ଧନ୍ତୁ। ପାର୍ବଣ ସମୟରେ ଏହା ବହୁତ ସୁନ୍ଦର ଲାଗିବ।

– ଏଥେନିକ୍ ଲୁକ୍ ସହିତ ଷ୍ଟାଇଲିସ୍ ଦେଖାଯିବା ପାଇଁ ହେଲେ ଗୋଲ୍ଡେନ ଅନାରକଲି ଡ୍ରେସ ଖୁବ୍ ସୁନ୍ଦର ଅପସନ୍ ହୋଇପାରିବ। ପୁରୁଣା ଓ ନୂଆ ଫ୍ୟାଶନ୍ ଟ୍ରେଣ୍ଡରେ ଗାଉନ୍ ବହୁତ ସୁନ୍ଦର ଲାଗିବ। ବିଶେଷକରି ବିଭିନ୍ନ ଫ୍ଲୋରାଲ୍ ପ୍ରିଣ୍ଟର ଗାଉନ୍ ଅଧିକ ଭଲ ଲାଗିବ।

– କାଜୁଆଲ ୱେୟରରେ ଆପଣ ଯଦି କିଛି ଷ୍ଟାଇଲିସ୍ ପିନ୍ଧିବାକୁ ଚାହୁଁଛନ୍ତି ତେବେ ପେଷ୍ଟଲ ପିଙ୍କ ଜ୍ୟାକେଟ୍ ସହିତ କ୍ରପ-ଟପ୍ ଡ୍ରେସ ବହୁତ ଭଲ ଲାଗିବ। ଏହି ଡିଜାଇନ୍‌ର ବିଭିନ୍ନ ରଙ୍ଗର ପୋଷାକ ପିନ୍ଧିପାରିବେ।

# ଜଏଣ୍ଟ ପେନ୍ ଥିଲେ...

**ବୟସ ବଢ଼ିଲେ ପ୍ରାୟତଃ ହାଡ଼ ଦୁର୍ବଳ ହୋଇଥାଏ। ତେଣୁ କେତେଜଣଙ୍କ କ୍ଷେତ୍ରରେ ଆଣ୍ଠୁଗଣ୍ଠି ଦରଜ ସମସ୍ୟା ଦେଖାଯାଇଥାଏ। ଏହି ସମସ୍ୟାର ଅନ୍ୟ କାରଣ ବି ରହିଛି। ତେବେ ଦରଜ ଅଧିକ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ହୋଇଥାଏ। ଅନେକ ସମୟରେ ଘରୋଇଭାବେ ମଧ ଏହି ସମସ୍ୟାର ଉପଚାର କରାଯାଇଥାଏ।**



- ଆଣ୍ଠୁଗଣ୍ଠି ଦରଜ ବା ଜଏଣ୍ଟ ପେନ୍ ସମସ୍ୟା ନ ହେବା ପାଇଁ ଆରମ୍ଭରୁ ସବୁବେଳେ ପୌଷ୍ଟିକ ଆହାର ଖାଆନ୍ତୁ ଓ ନିୟମିତ ବ୍ୟାୟାମ କରନ୍ତୁ। ଏପରି କଲେ ବୟସ ବଢ଼ିବା ବେଳକୁ ପ୍ରାୟତଃ ଆଣ୍ଠୁ ଦରଜ ସମସ୍ୟା ହୋଇ ନ ପାରେ।
- ଜଏଣ୍ଟ ପେନ୍ ହେଲେ ସେହି ସ୍ଥାନରେ ଗରମ ସେକ ଦିଅନ୍ତୁ। ଗରମ ପାଣିରେ କପଡ଼ା ବୁଡାଇ ବାମ୍ଫ ଦେଇପାରିବେ, ନଚେତ୍ ହିଟ୍ ପ୍ୟାଡ୍ ମଧ ଲଗାଇପାରିବେ। ସେହିଭଳି ଦରଜ ହେଉଥିବା ସ୍ଥାନରେ ବରଫ ଖଣ୍ଡର ଥଳି ରଖନ୍ତୁ, ଆରାମ ଲାଗିବ। କିନ୍ତୁ ଆର୍ଥ୍ରାଇଟିସ୍ ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ କେଉଁ ସେକ ଦେବାକୁ ହେବ ଜାଣିବା ଦରକାର।
- ଭୋଜନରେ ଆଣ୍ଟି-ଇନ୍ଫ୍ଲମେଣ୍ଟାରି ଖାଦ୍ୟ ସାମିଲ କରନ୍ତୁ। ହଳଦୀ ଓ ଅଦାରେ ଏଭଳି ଗୁଣ ରହିଛି। ଏହିସବୁ ଖାଦ୍ୟ ଦରଜ କମ୍ କରିଥାଏ। ଗରମ କ୍ଷୀରରେ ହଳଦୀ ମିଶାଇ ପିଅନ୍ତୁ।
- ନିୟମିତ ବ୍ୟାୟାମ ଓ ଯୋଗ କରନ୍ତୁ। ଅଧିକ ସମୟ ଗୋଟିଏ ସ୍ଥାନରେ ବସନ୍ତୁ ନାହିଁ। ପ୍ରତିଦିନ କିଛି ସମୟ ଚାଲିବା ପରେ ଏହି ସମସ୍ୟାରୁ ଆରାମ ଲାଗିଥାଏ।

# ବିଶ୍ୱାସ ଜିତିବା ପାଇଁ...

**ସମ୍ପର୍କର ମୂଳ ଆଧାର ହେଉଛି ବିଶ୍ୱାସ। ପର୍ସନାଲ ହେଉ କି ପ୍ରଫେଶନାଲ ସବୁ ସ୍ଥାନରେ ବିଶ୍ୱାସ ହିଁ ସମ୍ପର୍କକୁ ମଜଭୁତ କରିଥାଏ। ତେବେ ଏହା ସମ୍ଭବ କେବଳ ନିଜର ବ୍ୟବହାରରେ। ବିଶ୍ୱାସ ଜିତିବା ପାଇଁ କ'ଣ କରିବା ଦରକାର ଜାଣନ୍ତୁ ସେ ସମ୍ପର୍କରେ...**



ପରିବାରରେ ସବୁ ସମ୍ପର୍କରେ ବାନ୍ଧିହୋଇ ରହିବା ପାଇଁ ପ୍ରଥମେ ଦରକାର ବିଶ୍ୱାସ। ଥରେ ବିଶ୍ୱାସ ଭାଙ୍ଗିଲେ ତାହା ପୁଣି ଥରେ ଯୋଡ଼ିହେବା ଅତ୍ୟନ୍ତ କଷ୍ଟକର। ବିବାହ ପରେ ସମସ୍ତଙ୍କ ବିଶ୍ୱାସଭାଜନ ହେବା ପାଇଁ ଗୃହିଣୀମାନଙ୍କୁ ବହୁ କିଛି କରିବାକୁ ପଡ଼ିଥାଏ। ଆଉ ଯଦି ବିଶ୍ୱାସ ହରେଇଛନ୍ତି ତେବେ କଥା ସରିଲା। ସମ୍ପର୍କରେ ଫାଟ ସୃଷ୍ଟିହେବା ସହ ବହୁ କିଛି ସମସ୍ୟା ଦେଖାଦିଏ। ତେବେ କୌଣସି ଏକ ସମ୍ପର୍କରେ ଏତେ ସହଜରେ ହଠାତ୍ ବିଶ୍ୱାସ କରିହୁଏନି। ଏଥିପାଇଁ ଢେର ଦିନ ଆଗରୁ ସେଭଳି କାମ ସବୁ କରିବାକୁ ପଡ଼ିଥାଏ। ଜଣଙ୍କର ବିଶ୍ୱାସର ପାତ୍ରୀ ହେବାପାଇଁ କ'ଣ ସବୁ ନିହାତି କରିବାକୁ ହେବ ଜାଣିରଖନ୍ତୁ।

**ସମ୍ବେଦନଶୀଳ ସଚ୍ଚୋଟପଣିଆ:** ପ୍ରତି ସମ୍ପର୍କରେ ବିଶ୍ୱାସ ସୃଷ୍ଟିକରିବା ପାଇଁ ହେଲେ ପ୍ରଥମେ ନିଜେ ସଚ୍ଚୋଟ ହେବା ଦରକାର। ସଚ୍ଚୋଟପଣିଆ ହିଁ ବିଶ୍ୱାସଭାବକୁ ଦୃଢ଼ କରିଥାଏ। କିନ୍ତୁ ଛଳନାର ସମ୍ପର୍କ ଆଦୌ ବେଶି ଦିନ ତିଷ୍ଠି ରହିପାରେନାହିଁ। ଅର୍ଥାତ୍ ବାରମ୍ବାର ମିଛ କହିବା କିମ୍ବା ସେଭଳି ଆଚରଣ କରିବା ଫଳରେ ଆନ୍ତରିକ ଭାବ ସୃଷ୍ଟି ହୋଇପାରେନାହିଁ। ତେଣୁ କୌଣସି କଥାରେ ତାଙ୍କୁ ଭରସାକରି ହେବନାହିଁ। ଏହି ଦୃଷ୍ଟିରୁ ଯେଉଁ ପ୍ରକାରର ସମ୍ପର୍କ ହେଲେ ବି ସେଥିରେ ସଚ୍ଚୋଟପଣିଆ ରହିବା ଦରକାର।

**ଯାହା କହୁଛନ୍ତି ବୁଝନ୍ତୁ:** ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ପାଇଁ ହେଲେ ଶବ୍ଦ ହିଁ ମୁଖ୍ୟ ମାଧ୍ୟମ। ତେଣୁ ଆପଣଙ୍କୁ କିଏ କ'ଣ କହୁଛନ୍ତି ସେକଥାକୁ ଭଲଭାବେ ବୁଝିବା ଦରକାର। ବିଶେଷକରି ସାଥୀ ଯଦି ଆପଣଙ୍କୁ କିଛି କହୁଛନ୍ତି ତେବେ ସେ କେଉଁ ଅର୍ଥରେ କହୁଛନ୍ତି ବା ତାଙ୍କ କଥାର କ'ଣ ଉଦ୍ଦେଶ୍ୟ ସେକଥା ଜାଣିବାକୁ ଚେଷ୍ଟାକରନ୍ତୁ। କୌଣସି ନୂଆ ସମ୍ପର୍କରେ ପ୍ରତିଶ୍ରୁତି ଦେବା ହୁଏତ ବହୁ ସହଜ, କିନ୍ତୁ ତାହା ପୂରଣ କରିବା ବହୁତ କଷ୍ଟ। ତେଣୁ ସାଥୀଙ୍କ କଥା ପୂରଣ କରିବା ସହ ନିଜେ ଯାହା ବି କହୁଛନ୍ତି ତାହା ଠିକ୍ ଭାବେ ପାଳନ କରନ୍ତୁ। ଯଦି କୌଣସି ପ୍ରତିଶ୍ରୁତି ପୂରଣ କରିପାରିବେନାହିଁ ତେବେ ସେଭଳି କଥା ଦିଅନ୍ତୁ ନାହିଁ ଏବଂ ନିଜ କଥା ରଖିବା କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ଆସୁଥିଲେ ସେନେଇ ସାଥୀଙ୍କ ସହ ଖୋଲାଖୋଲି କଥା ହୁଅନ୍ତୁ।

**ନିଜ କଥା ସ୍ପଷ୍ଟ କୁହନ୍ତୁ:** ଉଭୟ ପ୍ରଫେସନାଲ ଓ ପର୍ସନାଲ ଲାଇଫ୍‌ରେ ନିଜ କଥାକୁ ସ୍ପଷ୍ଟଭାବେ ଜଣାଇବା ଜରୁରୀ। ବିଶେଷକରି ପ୍ରଫେସନାଲ କ୍ଷେତ୍ରରେ ଏହା ଅଧିକ ଗୁରୁତ୍ୱ ରଖେ। କାରଣ ନିଜ କଥା ସ୍ପଷ୍ଟଭାବେ ନ କହିଲେ ତାହାର କୌଣସି ମୂଲ୍ୟ ରହେ ନାହିଁ। କାରଣ ଅଫିସରେ କେହି ଆପଣଙ୍କ ମନ ବୁଝି କିଛି କାମ କରିବେ ନାହିଁ। ତେଣୁ ନିଜର କାମ କିମ୍ବା କୌଣସି ଇଚ୍ଛା ସମ୍ପର୍କରେ ନିଜକୁ ହିଁ ଜଣାଇବାର ମାଧ୍ୟମ ଖୋଜିବାକୁ ହେବ। ସେହିପରି ବ୍ୟକ୍ତିଗତ ଜୀବନରେ ପାରିବାରିକ ସମ୍ପର୍କରେ ନିଜ କଥାକୁ ଅବଶ୍ୟ ମାପିଚୁପି କହିବାକୁ ହୁଏ କିନ୍ତୁ ଏପରି ବୁଲାଇ ବଙ୍କାଇ କିଛି କୁହନ୍ତୁ ନାହିଁ ଯାହା ବିପରୀତ ପ୍ରଭାବ ପକାଇବ।

**ଭୁଲ୍ ମାନନ୍ତୁ:** ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା। ଯଦି ଆପଣ ଅନ୍ୟର ବିଶ୍ୱାସର ପାତ୍ରୀ ହେବାକୁ ଚାହୁଁଛନ୍ତି ତେବେ ନିଜ ଭୁଲ୍ ସ୍ୱୀକାର କରିବା ଶିଖନ୍ତୁ। ବିଶେଷକରି ନିଜ ସାଥୀଙ୍କ ପାଖରେ ଏହା ଅତ୍ୟନ୍ତ ଜରୁରୀ। ତେଣୁ କୌଣସି ଭୁଲ୍ କରିଥିଲେ ତାହା ସ୍ୱୀକାର କରନ୍ତୁ ଏବଂ ପୁଣି ଥରେ ସେପରି ଭୁଲ୍ କରିବେ ନାହିଁ ବୋଲି ନିଜେ କମିଟମେଣ୍ଟ କରନ୍ତୁ। କୌଣସି ଭୁଲ୍‌କୁ ଯଦି ବାରମ୍ବାର କରନ୍ତି ତେବେ ତାହା ଜାଣି ଜାଣି କରିବା ଭଳି ମନେହେବ ଓ ସାଥୀଙ୍କର ବିଶ୍ୱାସ ରହିବ ନାହିଁ।

**କଥା ହୁଅନ୍ତୁ:** ସବୁ ବିଷୟରେ ଖୋଲାଖୋଲି କଥାହେବା ହିଁ ସମ୍ପର୍କକୁ ମଜଭୁତ କରିଥାଏ। ତେଣୁ କୌଣସି ପ୍ରକାର ଚିନ୍ତା କିମ୍ବା ଅନୁଶୋଚନା ସମ୍ପର୍କରେ ଖୋଲାଖୋଲି କଥା ହେବା ଜରୁରୀ। ଯଦି କୌଣସି କାରଣରୁ ସାମ୍ନାରେ କହିବା ପାଇଁ ସୁଯୋଗ ମିଳୁନାହିଁ ତେବେ କଥା କହିବାର ବିଭିନ୍ନ ମାଧ୍ୟମକୁ ଆପଣାଇ ହେବ। ଏଥିପାଇଁ ଫୋନ୍ , ମେସେଜ୍, ଇମେଲ୍ କିମ୍ବା ଚିଠି ମାଧ୍ୟମରେ ବି କଥା କହିହେବ। ତେବେ ସାଥୀଙ୍କୁ କେଉଁ ମାଧ୍ୟମରେ କହିଲେ ଅଧିକ ଭଲ ଲାଗିବ ତାହା ନିଜେ ଅନୁଭବ କରିବାକୁ ହେବ। ପରିସ୍ଥିତି ଅନୁସାରେ ହିଁ ଏହି ନିଷ୍ପତ୍ତି ନିଅନ୍ତୁ। ଆପଣଙ୍କର ଏହି ପଦକ୍ଷେପ ସାଥୀଙ୍କୁ ନିଶ୍ଚୟ ଭଲ ଲାଗିବ ଓ ତାଙ୍କର ବିଶ୍ୱାସ ମଧ ରହିବ।

**ଚିନ୍ତା ଅନୁଶୋଚନା:** ନିଜର କୌଣସି ପ୍ରକାର ଚିନ୍ତା ବା ଅସୁବିଧା ଥିଲେ ତାହା ମଧ ନିଃସଙ୍କୋଚରେ ସାଥୀଙ୍କ ଆଗରେ ପ୍ରକାଶ କରନ୍ତୁ। ଏହା ତାଙ୍କୁ ବହୁତ ଭଲ ଲାଗିବ ଓ ତାଙ୍କ ଉପରେ ଆପଣ ବିଶ୍ୱାସ କରିପାରୁଛନ୍ତି ବୋଲି ସେ ଅନୁଭବ କରିପାରିବେ। ଆପଣ ତାଙ୍କ ଉପରେ ଭରସା କରିପାରୁଛନ୍ତି ବୋଲି ସାଥୀ ଅନୁଭବ କରିପାରିଲେ ତାଙ୍କର ମଧ ବିଶ୍ୱାସ ବଢ଼ିବ। ତେଣୁ ସବୁ କ୍ଷେତ୍ରରେ ଏସବୁ ଛୋଟ ଛୋଟ କଥାକୁ ଦୃଷ୍ଟିଦେଇପାରିଲେ ତାହା ଏକ ସୁନ୍ଦର ସମ୍ପର୍କ ଗଢ଼ିତୋଳିବାରେ ସାହାଯ୍ୟ କରିବ।







## ଏମାନେ କ'ଣ କରନ୍ତି...

### କଥାବାର୍ତ୍ତା ହୁଏ



ଘରେ ସମସ୍ତଙ୍କ ମନ ବୁଝି ସବୁ କାମ କରେ। ସ୍ୱାମୀଙ୍କ ସହ ସବୁ କଥା ଶେୟାରକରେ। କାହାକୁ କେଉଁ କଥା କହିବା ଦରକାର ସେନେଇ ବିଚାରକରି କଥା କହେ। ଘରେ କାହାର ମନ ଦୁଃଖ ଥିଲେ ଏକୁଟିଆ ତାଙ୍କ ସହ କଥା ହୁଏ। ଯଦି କିଛି ସମସ୍ୟା ଥାଏ ତେବେ ମୋ ଦ୍ୱାରା ସମ୍ଭବ ହେଲେ ସଜାଡ଼ିବା ପାଇଁ ବି ଚେଷ୍ଟାକରେ। କିନ୍ତୁ ସବୁ ଭଲ ମନ୍ଦ ବିଷୟରେ ସ୍ୱାମୀଙ୍କ ସହ କଥା ହୁଏ। ଯଦି ତାଙ୍କ ପାଖରେ ସମୟ ନ ଥାଏ ତେବେ ଏସ୍‌ଏମ୍‌ଏସ୍ କରି ନଚେତ୍ ଫୋନ୍ କରି କଥା ହୁଏ। ସବୁ ପରିବାରରେ ପରସ୍ପର ଉପରେ ବିଶ୍ୱାସ ରହିବା ଦରକାର।

*-ଲକ୍ଷ୍ମୀପ୍ରିୟା ନାୟକ, ଗୃହିଣୀ, ଭିଏସଏସନଗର, ଭୁବନେଶ୍ୱର*

### ଭଲପାଇବା ଦରକାର



ବାହାଘର ପରେ ମୋ ଶାଶୁଙ୍କ ମନ ଜିଣିବା ପାଇଁ ମତେ ଅନେକ ଦିନ ଲାଗିଥିଲା। ମୋର ବହୁତ କାମ ଭୁଲ୍‌ଭାଲ୍ ହୋଇଯାଉଥିଲା। ତାଙ୍କ ଘରେ କାହା ପାଇଁ କ'ଣ କରିବାକୁ ହେବ କେମିତି କଥା ହେବାକୁ ପଡ଼ିବ ଏସବୁ ଜାଣିବା ପାଇଁ ମତେ ଟିକେ ସମୟ ଲାଗିଥିଲା, ହେଲେ ଏବେ ସବୁ ଠିକ୍ ହୋଇଯାଇଛି। ମୋ ମତରେ ମନରେ ପବିତ୍ର ଭାବନା ଆଉ ଭଲପାଇବା ଥିଲେ ସବୁ କାମ ଠିକ୍ ହୋଇପାରିବ। ତା'ଛଡ଼ା ପରିବାର ପାଇଁ କିଛିଟା ତ୍ୟାଗକରିବାକୁ ତ ହେବ। ଆଉ ସମସ୍ତଙ୍କ ଭଲପାଇବା ମିଳିଲେ ବିଶ୍ୱାସ ବି ଆପେ ବଢ଼ିଯିବ।

*-ସୁରଶ୍ରୀ ପ୍ରିୟଦର୍ଶିନୀ, ଗୃହିଣୀ, ସିଡିଏ, କଟକ*

## ସୌନ୍ଦର୍ଯ୍ୟ

# ମୁଗଡ଼ାଲି ଫେସ୍ ପ୍ୟାକ୍

**ତ୍ୱଚାକୁ ଉଜ୍ଜ୍ୱଳ କରିବା ପାଇଁ ବିଭିନ୍ନ ପ୍ରକାରର ଫେସ୍ ପ୍ୟାକ୍ ବ୍ୟବହାର କରାଯାଏ। ତେବେ ମୁଗ ଡାଲିକୁ ବ୍ୟବହାର କରି ବେଶ୍ ସହଜରେ ତ୍ୱଚାର ବିଭିନ୍ନ ସମସ୍ୟା ଦୂର କରି ହେବ।**



- ମୁଗ ଡାଲିକୁ ରାତି ସାରା ଭିଜାଇ ସକାଳୁ ଏହାର ପେଷ୍ଟ ତିଆରି କରି ଦିଅନ୍ତୁ। ଏହି ପେଷ୍ଟରେ କିଛି ବାଦାମ ତେଲ ଓ ମହୁ ମିଶାଇ ମୁହଁରେ ଲଗାନ୍ତୁ। ପ୍ରାୟ ୨୦ ମିନିଟ୍ ପରେ ମୁହଁକୁ ଖାଲି ପାଣିରେ ଧୋଇ ଦିଅନ୍ତୁ।
- ମୁଗ ଡାଲିକୁ ରାତି ସାରା କଞ୍ଚା କ୍ଷୀରରେ ଭିଜାଇ ରଖନ୍ତୁ। ସକାଳୁ ଏହାର ପେଷ୍ଟ ତିଆରି କରି ମୁହଁରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। ଏହାପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ।
- ୪ ଚାମଚ ମୁଗକୁ ରାତି ସାରା ଭିଜାଇ ତା'ର ପେଷ୍ଟ ତିଆରି କରନ୍ତୁ। ସେଥିରେ କମଳା ଚୋପାର ଗୁଣ୍ଡ ୨ ଚାମଚ ଏବଂ ୨ ଚାମଚ ଚନ୍ଦନ ପାଉଡର ମିଶାଇ ସ୍କ୍ରବ୍ ତିଆରି କରି ଲଗାନ୍ତୁ। ଏହି ପେଷ୍ଟ ଅଧିକ ଗାଢା ହୋଇଗଲେ ଏଥିରେ କିଛି କ୍ଷୀର ମିଶାନ୍ତୁ। ଏହାକୁ ଅତି କମରେ ୧୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ସ୍କ୍ରବ କରି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ବାରମ୍ବାର ଏପରି ସ୍କ୍ରବ କରିବା ଫଳରେ ମୁହଁରେ ଥିବା ଅନାବଶ୍ୟକ ଲୋମ ସବୁ ବାହାରି ଯାଇଥାଏ ଓ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।
- ମୁଗ ଡାଲିର ପେଷ୍ଟରେ ଦହି ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ।
- ମୁଗ ଡାଲିର ପେଷ୍ଟରେ ୨ ଚାମଚ ଘିଅ ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ପ୍ରତିଦିନ ଏଭଳି ପେଷ୍ଟ ତିଆରି କରି ଲଗାଇବା ଫଳରେ ମୁହଁରେ ଥିବା ବ୍ରଣ ସମସ୍ୟା ରହି ନ ଥାଏ ଓ କିଛି ଦିନ ପରେ ତ୍ୱଚା କୋମଳ ତଥା ସୁନ୍ଦର ହୋଇଥାଏ।



## ଖାଦ୍ୟରୁଚି // ମସ୍‌ରୁମ୍ କୋଫ୍‌ତା କରି

**ଆବଶ୍ୟକ ସାମଗ୍ରୀ**

ଛତୁ (ମସ୍‌ରୁମ୍)- ୨ ରୁ ୩ କପ୍, ବେସନ-୧ କପ୍, ଅଦା- ଖଣ୍ଡେ, କଞ୍ଚାଲଙ୍କା- ୨ଟି, ଲଙ୍କାଗୁଣ୍ଡ-୧ ଚାମଚ, ଧନିଆଗୁଣ୍ଡ- ୧ ଚାମଚ, ଟମାଟୋ- ୨ଟି, ଜିରା- ଅଧା ଚାମଚ, ତେଜପତ୍ର- ଅଳ୍ପ, କ୍ରିମ୍- ଅଧା କପ୍, ଆବଶ୍ୟକ ଅନୁସାରେ ତେଲ, ଲୁଣ ଓ ହଳଦୀ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ମସ୍‌ରୁମ୍‌କୁ ଭଲଭାବେ ଧୋଇ ଛୋଟ ଛୋଟ ଖଣ୍ଡକରି କାଟିରଖନ୍ତୁ। ଅଦାକୁ ପେଷ୍ଟକରି ରଖନ୍ତୁ। କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ରଖନ୍ତୁ। ଏବେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ। ସେଥିରେ ୨ ଚାମଚ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ଅଦା ପେଷ୍ଟ ଓ କଞ୍ଚାଲଙ୍କା ପକାଇ କଷନ୍ତୁ। କିଛି ସମୟ ପରେ ସେଥିରେ ଲଙ୍କାଗୁଣ୍ଡ, ଧନିଆ ଗୁଣ୍ଡ ଓ ହଳଦୀ ପକାନ୍ତୁ। ଏହି ମସଲା ଭଲଭାବେ କଷିହୋଇଗଲେ ସେଥିରେ ଛତୁ ପକାନ୍ତୁ। କମ୍ ଆଞ୍ଚରେ ଏହାକୁ କିଛି ସମୟ ଭାଜିବା ପରେ ତଳକୁ ଓହ୍ଲାଇ ଦିଅନ୍ତୁ। ଥଣ୍ଡା ହେବା ପରେ ସେଥିରେ ବେସନ ଓ ଲୁଣ ମିଶାଇ ଚକଟି ଛୋଟ ଛୋଟ ଗୁଳା କରି ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମକରି ଏହାକୁ ଛାଣିନିଅନ୍ତୁ। ବର୍ତ୍ତମାନ ଟମାଟୋରେ ଖଣ୍ଡେ ଅଦା ଓ କଞ୍ଚାଲଙ୍କା ପକାଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। କଡ଼େଇରେ ୨ ଚାମଚ ତେଲ ପକାଇ ସେଥିରେ ତେଜପତ୍ର ଓ ଜିରା ପକାନ୍ତୁ। ଏହାପରେ ମସଲା ପକାଇ ସେଥିରେ ଲଙ୍କାଗୁଣ୍ଡ, ହଳଦୀ, ଧନିଆ ଗୁଣ୍ଡପକାନ୍ତୁ। ମସଲା କଷି ହୋଇଗଲେ ସେଥିରେ ପାଣି ଦେଇ ଫୁଟାନ୍ତୁ। ଗ୍ରେଭି ପ୍ରସ୍ତୁତ ହୋଇଯିବା ପରେ ସେଥିରେ ଛତୁ କୋଫ୍‌ତାଗୁଡ଼ିକୁ ପକାନ୍ତୁ। ଏହାପରେ ଆଉ କିଛି ସମୟ ଫୁଟାଇ ଓହ୍ଲାଇ ଦିଅନ୍ତୁ।



## ଗ୍ରୀଜମ୍ୟାନଙ୍କ ଅବସର

**ପ୍ୟାରିସ୍,୩୦।୯(ପି.ଟି.):** ଫ୍ରାନ୍ସ ଫୁଟବଲ ଦଳର ଫରୱାର୍ଡ ଖେଳାଳି ଆଣ୍ଟୋନିଓ ଗ୍ରୀଜମ୍ୟାନ ସୋମବାର ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷୀୟ ଗ୍ରୀଜମ୍ୟାନ୍ ଫ୍ରାନ୍ସ ପକ୍ଷରୁ ୧୩୭ ମ୍ୟାଚ୍ ଖେଳି ୪୪ ଗୋଲ ସ୍କୋର କରିଛନ୍ତି। ଜଣେ ଫରୱାର୍ଡ ଭାବରେ କ୍ୟାରିୟର ଆରମ୍ଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଆଟାକିଂ ମିଡଫିଲ୍ଡର ଭୂମିକାରେ ଗ୍ରୀଜମ୍ୟାନଙ୍କୁ ଦେଖିବାକୁ ମିଳିଥିଲା। ବିଶ୍ୱର ଅନ୍ୟତମ ପ୍ରତିଭାବାନ ଫରୱାର୍ଡ କୋଚ୍ ଡିଡିଏର ଡେସଚାମ୍ପଙ୍କ



ପରାମର୍ଶ କ୍ରମେ ମିଡଫିଲ୍ଡରେ ଖେଳିବା ସହ ଆସିଷ୍ଟ କରୁଥିଲେ। ଅଲିଭର ଜିରୁଡ୍, ଥିଏରୀ ହେନରୀ ଓ କିଲିଆନ୍ ଏମ୍ବାପେଙ୍କୁ ସୁଯୋଗ ଦେବା ପାଇଁ ଗ୍ରୀଜମ୍ୟାନଙ୍କୁ ଫରୱାର୍ଡ ପୋଜିଶନ ଖାଲି କରିବାକୁ ପଡିଥିଲା। ୨୦୧୮ ବିଶ୍ୱକପ ବିଜୟୀ ଫ୍ରାନ୍ସ ଦଳର ସେ ସଦସ୍ୟ ରହିଥିଲେ। ସୋମବାର ଇନ୍ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଅବସର ସମ୍ପର୍କରେ ସୂଚନା ଦେଇଥିଲେ ଗ୍ରୀଜମ୍ୟାନ। ଦୀର୍ଘ ୧୦ ବର୍ଷ ଧରି ଜାତୀୟ ଦଳର ସଦସ୍ୟ ଭାବରେ ସେବା କରିଛି। ଏମିତି ଅଭୂତପୂର୍ବ ସମ୍ମାନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ବୋଲି ସେ ଉଲ୍ଲେଖ କରିଥିଲେ। ତେବେ ସେ କ୍ଲବ୍ ଫୁଟବଲ ଜାରି ରଖିବେ ବୋଲି ସୂଚନା ଦେଇଛନ୍ତି।

# ଦ୍ୱିତୀୟ ଦିବସରେ ବଲାଙ୍ଗୀରର ସ୍ୱର୍ଣ୍ଣ ସୁଇପ୍



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩୦।୯ (ତପନ ସ୍ୱାଇଁ)**

**ରାଜ୍ୟ ଲନ୍‌ବଲ୍**

କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ ସେଣ୍ଟରରେ ଚାଲିଥିବା ଓଡ଼ିଶା ରାଜ୍ୟ ଲନ୍‌ବଲ୍ ପ୍ରତିଯୋଗିତାରେ ବଲାଙ୍ଗୀରର ପ୍ରାଧାନ୍ୟ ଜାରି ରହିଛି। ସୋମବାର ଦ୍ୱିତୀୟ ଦିବସରେ ଶେଷ ହୋଇଥିବା ୫ଟି ଇଭେଣ୍ଟରୁ ୫ଟି ଯାକ ସ୍ୱର୍ଣ୍ଣ ପଦକ ବଲାଙ୍ଗୀର ଜିଲାର ଖେଳାଳିମାନେ ପୋଛି ନେଇଛନ୍ତି। ଢେଙ୍କାନାଳ ୨ ରୌପ୍ୟ ଜିତି ଦ୍ୱିତୀୟ ସ୍ଥାନରେ ଏବଂ ସମ୍ବଲପୁର ୩ଟି ବ୍ରୋଞ୍ଜ ପଦକ ଜିତି ତୃତୀୟ ଶ୍ରେଷ୍ଠ ଦଳ ହୋଇଛି। ମଙ୍ଗଳବାର ଆଉ ୫ଟି ଇଭେଣ୍ଟର ଫାଇନାଲ୍ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସରେ ବଲାଙ୍ଗୀରର ଶ୍ୱେତଲାନା ବକ୍ସି, ଢେଙ୍କାନାଳର ରୋନାଲି ସାହୁ, ବଲାଙ୍ଗୀର କ୍ଲବର ସାଇନା ନାଏକ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ମହିଳା ଫୋର୍ସରେ ବଲାଙ୍ଗୀର (ପଦ୍ମାସିନୀ ପୁଟେଲ୍, ବିଷ୍ଣୁପ୍ରିୟା ବହିଦାର, ରାଜେଶ୍ୱରୀ ସେଠ୍, ରୋଶନୀ ସାହୁ) ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଢେଙ୍କାନାଳ ପାଇଁ ହିମାଦ୍ରୀ ତନୟା ବାର୍ଗେ, ବେଷ୍ଟୋ ନନ୍ଦା ରଥ, ଶ୍ରାବଣୀ ସେଠୀ, ଶିବାନୀ ବେହେରା ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ଚିନ୍ମୟୀ ମିଶ୍ର, ସାଇସରଣ୍ୟା ଦୋରା, ସୁଶ୍ରୀ ସ୍ୱପ୍ନଜା ପଣ୍ଡା, ଶ୍ରୀମନ୍ତିନୀ ମୁଣ୍ଡାଙ୍କୁ ନେଇ ଗଠିତ ସମ୍ବଲପୁର ଦଳ ବ୍ରୋଞ୍ଜ ପଦକ ପାଇଥିଲା। ପୁରୁଷ ପେୟାର୍ସରେ ବଲାଙ୍ଗୀର କ୍ଲବ୍ (ସିଦ୍ଧାର୍ଥ ଆର୍ଯ୍ୟନ ସାହୁ, ସୁଜ୍ଞାନେନ୍ଦ୍ର ଷଡ଼ଙ୍ଗୀ) ଓ ବଲାଙ୍ଗୀର ଜିଲା (କୈଳାସ ମାଝୀ, ସେରଭ ରଞ୍ଜନ ମହାରଣା) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବାବେଳେ ଜେଏସ୍‌ଏମ୍ କ୍ଲବ୍ (ଅଜୟ ସାହୁ, ମହମ୍ମଦ ସାହିଲ) ବ୍ରୋଞ୍ଜ ପଦକ ସହ ବଲାଙ୍ଗୀର ପାଇଁ ଏହି ଇଭେଣ୍ଟରେ କ୍ଲିନ୍ ସୁଇପ୍ କରିଛନ୍ତି। ପୁରୁଷ ଟ୍ରିପଲରେ ବଲାଙ୍ଗୀର (ନରସିଂହ ରାଣା, ଦିନେଶ କୁମାର ମହାନନ୍ଦ, ପ୍ରମୋଦ ପୁଟେଲ୍), ବଲାଙ୍ଗୀର କ୍ଲବ୍ (ଆୟୁଷ୍ମାନ ବାଗ, ସୋଭିତ କୁମାର ସାହୁ, ସୁକାନ୍ତ ସେଠ୍) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛି। ବ୍ରୋଞ୍ଜ ପଦକ ପାଇଛି ସମ୍ବଲପୁର ଦଳ (ବିଜୟ କୁମାର ଦୋରା, ତନ୍ମୟ କୁମାର ସମ୍ବଦ, ସନ୍ଦୀପ କୁମାର ସାହାଣୀ)। ବାଳକ ସିଙ୍ଗଲ୍ସରେ ବଲାଙ୍ଗୀରର ଅଙ୍କିତ ନାଏକ, ବଲାଙ୍ଗୀର କ୍ଲବର ବାବୁଲା ଗଡ଼ତିଆ, ସମ୍ବଲପୁରର ସାଇ ପ୍ରୀତମ ପଟ୍ଟନାୟକ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୋପ୍ୟ, ବ୍ରୋଞ୍ଜ ପଦକ ଜିତିଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଓଏସ୍‌ଡି ଧୀରଜ ପଟ୍ଟନାୟକ, ଓଡ଼ିଶା ହକି ସଂଘ ସମ୍ପାଦକ ସନାତନ ସାହୁ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଛନ୍ତି।

## ଓଡ଼ିଶାରେ ହେବ ଜାତୀୟ ସିନିୟର କବାଡ଼ି

**ଭୁବନେଶ୍ୱର, ୩୦।୯ (ସରୋଜ ଜେନା):** ଓଡ଼ିଶାରେ ୭୧ ତମ ସିନିୟର ଜାତୀୟ କବାଡି ଚାମ୍ପିୟନଶିପ୍ ଆୟୋଜନ ହେବ। ସୋମବାର ବାରବାଟୀ ଷ୍ଟାଡିୟମରେ ରାଜ୍ୟ କବାଡି ସଂଘ ସାଧାରଣ ପରିଷଦ ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। କଟକର ଜବାହର ଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୨୦୨୫ ଫେବୃଆରୀ ୨୦ରୁ ୨୩ ଯାଏ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥି ନିମନ୍ତେ ୧.୦୫ କୋଟି ଟଙ୍କାର ବ୍ୟୟ ଅଟକଳ ମଧ୍ୟ କରାଯାଇଛି। ସାଧାରଣ ପରିଷଦ ବୈଠକରେ ସଭାପତି ଶରତ କୁମାର ସାହୁଙ୍କ ସ୍ୱାସ୍ଥ୍ୟଗତ କାରଣ ଦୃଷ୍ଟିରୁ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅଜୟ କୁମାର ବେହେରା ବିବରଣୀ ପାଠ କରିବା ସହ ଆସନ୍ତା ବର୍ଷ ପାଇଁ ପ୍ରସ୍ତୁତ ୯ ଲକ୍ଷ ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁରୀ ମିଳିଥିଲା। ନଭେମ୍ବର ୧୪ରୁ ୧୭ ମଧ୍ୟରେ ୭୨ ତମ ଆନ୍ତଃଜିଲା ସିନିୟର ପୁରୁଷ ଓ ମହିଳା କବାଡି ଟୁର୍ଣ୍ଣାମେଣ୍ଟ ଆସିକାରେ ହେବ।

## କ୍ୟାପିଟାଲ୍ସ-ଟାଇଗର୍ସ ମ୍ୟାଚ୍ ବାତିଲ




**ସୁରଟ,୩୦।୯**

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ସୁରଟ ସଂସ୍କରଣରେ କ୍ରମାଗତ ଚତୁର୍ଥ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଯାଇଛି। ସୋମବାର ଇଣ୍ଡିଆ କ୍ୟାପିଟାଲ୍ସ ଓ ମଣିପାଲ ଟାଇଗର୍ସ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ବର୍ଷା କାରଣରୁ ଧୋଇ ଯାଇଛି। ଲଗାଣ ବର୍ଷା କାରଣରୁ ଆଉଟଫିଲ୍ଡ ଓଦା ଥିବା କାରଣରୁ ମ୍ୟାଚ୍ ସମ୍ଭବ ହୋଇ ନ ଥିଲା। ଫଳରେ ଉଭୟ ଦଳ ୧ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ଇଣ୍ଡିଆ କ୍ୟାପିଟାଲ୍ସ ୪ ମ୍ୟାଚ୍‌ରୁ ୧ ବିଜୟ ସହ ୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ଥିବା ବେଳେ ମଣିପାଲ ୩ ମ୍ୟାଚରୁ ୨ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି। ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ ସଦର୍ନ ସୁପରଷ୍ଟାର୍ସ ୩ ମ୍ୟାଚ୍‌ରୁ ୩ ବିଜୟ ସହ ପ୍ରଥମ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ୩ ମ୍ୟାଚ୍‌ରୁ ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି।

# ଭାରତୀୟ ଦଳର ଗସ୍ତ ନେଇ ନିଷ୍ପତ୍ତି ନେବେ ସରକାର

**କାନପୁର, ୩୦।୯ (ପି.ଟି.)**

**ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ**

ଆସନ୍ତା ବର୍ଷ ପାକିସ୍ତାନରେ ହେବାକୁଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ କରିବା ଲାଗି ଜାତୀୟ କ୍ରିକେଟ ଦଳ ପାକିସ୍ତାନ ଗସ୍ତ କରିବ କି ନା ତାହା ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପସଭାପତି ରାଜୀବ ଶୁକ୍ଳା ପ୍ରକାଶ କରିଛନ୍ତି। ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ଏହି ମର୍ଯ୍ୟାଦାପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ପାକିସ୍ତାନରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ଳା ଏଠାରେ ଖବରଦାତାମାନଙ୍କୁ କହିଛନ୍ତି, କୌଣସି ଅନ୍ତର୍ଜାତୀୟ ଟୁର୍ ପାଇଁ ଆମେ ସରକାରଙ୍କଠାରୁ ଅନୁମତି ନେଇଥାଉ। କୌଣସି ଦେଶକୁ ଆମ ଦଳ ଗସ୍ତ କରିବ କି ନା ସେ ସମ୍ପର୍କରେ ସରକାର ନିଷ୍ପତ୍ତି ନେଇଥାନ୍ତି। ସୂଚନାଯୋଗ୍ୟ, ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୧୫୦ ଲୋକ ନିହତ ହେବାପରଠାରୁ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ କ୍ରିକେଟ ବନ୍ଦ ରହିଛି। କେବଳ ଆଇସିସି ଇଭେଣ୍ଟଗୁଡ଼ିକରେ ଦୁଇ ଦେଶ ପରସ୍ପର ସହିତ ଖେଳୁଛନ୍ତି। ପାକିସ୍ତାନ ଦୀର୍ଘ ୭ ବର୍ଷ ବ୍ୟବଧାନରେ ଗତବର୍ଷ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳିବା ଲାଗି ଭାରତ ଆସିଥିଲା ପାକିସ୍ତାନ। ଭାରତ ଚାମ୍ପିୟନ୍ସ ଟ୍ରଫି ଖେଳିବା ଲାଗି ପାକିସ୍ତାନ ଯାଇ ନ ପାରେ ବୋଲି ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପାକିସ୍ତାନରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ନ କରି ଏହାକୁ ଶ୍ରୀଲଙ୍କା କିମ୍ବା ଦୁବାଇକୁ ସ୍ଥାନାନ୍ତର କରିବା ଲାଗି ବିସିସିଆଇ ହୁଏତ ପାକିସ୍ତାନକୁ ଅନୁରୋଧ କରିପାରେ।

**GANGADHAR MEHER UNIVERSITY**
AMRUTA VIHAR, SAMBALPUR (ODISHA)- 768004
Letter No.4298/GMU Date-30.09.2024
**WALK-IN-INTERVIEW**
**For empanelment of Contractual faculty and Guest faculty**
Interested eligible candidates are invited to attend **Walk-In-Interview at 10.00 AM on dt.07.10.2024** for empanelment of Contractual faculty and Guest faculty. Please visit the University website **www.gmuniversity.ac.in** for details.
**Sd./- Registrar**




Down payment Starts from ₹7 999* | Rate of Interest Starts from 7.99%* | HDFC BANK Up to ₹ 6 250# Instant Discount using EasyEMI on Credit Card | Finance Partners: TVS CREDIT, IDFC FIRST Bank ALWAYS YOU FIRST, L&T Finance, TATA CAPITAL Two Wheeler Loans

* T&C apply. Finance schemes are mutually exclusive and cannot be clubbed with each other. Finance will be at the sole discretion of the financier. # Scheme valid till 31st October, 2024. +5 yr. warranty without any additional charges.

Toll free No.: 1800 315 7117 ALWAYS WEAR A HELMET WHILE RIDING. www.tvsmotor.com/tvs-ntorq/ntorq-xp | @tvs_ntorq | @tvsntorq

5 YEAR WARRANTY+ FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 9938039070, CUTTACK: LAXMI TVS: 7077774420, ARNAPURNA TVS: 9778422980, KENDRAPADA: SAMIR TVS: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: Rohibank: 6371229226, Kalapathar: 9937844941, Ranpur: 9778520193, Khandapada: 7008659421, Purunakatak: 9439071610, Chandpur: 9337112565, Raj Sunakhela: 9437637421, Narasinghpur: 9658410027, Odogaon: 7815050701, Bhapur: 7389040805, Daspalla: 9938375040, Baghamari: 9437015363, Gothopatna: 8249710415, Jatani: 7077588558, 9124605556, Balugaon: 9937886712, Nirakarpur: 7735402179, 8658517804, Bhubaneshwar: 9337022334, Khurda: 7008412374, Balipatna: 9776036999, Mendhasala: 9437072019, Pipili: 9861150706, Sakhigopal: 8249769742, Nimapara: 7381765800, Delang: 9090214582, Brahmagiri: 8480928882, 6370937155, Chari Chowk: 8327783765, Panaspada: 6372608810, Kanas: 9090214582, Mangalpur: 9853486660, Bari: 9437510237, Binjharpur: 9090503379, Kuakhia: 9348035630, Singhpur: 9040646458, Pattamundai: 9938602209, Marshaghai: 9938837705, Rajnagar: 9439650236, Garadapur: 9437527214, Balichandrapur: 7978388298, Brahmabarada: 7894020786, Raipur: 9937963372, Chhatia: 7328005678, Athagarh: 9853429148, Abhimanpur Post: 9937019555, Banki: 9437666687, Badamba: 9337135769, Niali: 9437307967, Phulnakhara, Cuttack: 7440037801, Nischintakoili: 9337438686, Kandarpur: 9090098000, Sisua: 8018556514, Erasama: 8658421889, Naugoan: 8339939725, Krushnanandapur: 9237066573, Raghunathpur: 6371724757, Paradeep: 9938810126.
dentsu/dha dha/07/24

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ